R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୦୪
ତିଥି : ପଞ୍ଚମୀ
୨୯ ଏପ୍ରିଲ ୨୦୨୪, ସୋମବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 204
29 April 2024, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

# ନିର୍ବାଚନରେ ଶିଶୁଙ୍କୁ ନିୟୋଜିତ ମନା

## ନିର୍ଦ୍ଦେଶ ଉଲ୍ଲଘଂନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୮।୪(ସବ୍ୟୁ): ନିର୍ବାଚନ ସମ୍ପର୍କିତ କୌଣସି ପ୍ରକାର କାର୍ଯ୍ୟକଳାପରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଦ୍ୱାରା ଶିଶୁମାନଙ୍କୁ ନିୟୋଜିତ କରିବା ଉପରେ ଭାରତର ନିର୍ବାଚନ କମିଶନ ନିଷେଧାଦେଶ ଜାରି କରିଛନ୍ତି । ଏହି ମର୍ମରେ ବିଭିନ୍ନ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଦ୍ୱାରା ଶୋଭାଯାତ୍ରା, ପ୍ରଚାର ଆଦି କାର୍ଯ୍ୟରେ ଶିଶୁମାନଙ୍କୁ ନିୟୋଜିତ କରାଯାଉଥିବା ନେଇ ମୁଖ୍ୟ ନିର୍ବାଚନୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନେକ ଅଭିଯୋଗ ଆସି ପହଞ୍ଚିଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ପ୍ରକାଶ କରିଛନ୍ତି ଯେ, ଶିଶୁମାନଙ୍କୁ କୌଣସି ନିର୍ବାଚନ ସମ୍ପର୍କିତ କାର୍ଯ୍ୟକଳାପରେ ନିୟୋଜିତ ନକରିବା ପାଇଁ ଓ




ନିର୍ବାଚନ ଆୟୋଗଙ୍କ ନିୟମାବଳୀ ମାନିବାକୁ ରାଜ୍ୟରେ ସମସ୍ତ ସ୍ୱୀକୃତିପ୍ରାପ୍ତ ଜାତୀୟ ଓ ରାଜ୍ୟସ୍ତରୀୟ ରାଜନୈତିକ ଦଳ, ସ୍ୱୀକୃତିପ୍ରାପ୍ତ ଅଣପଞ୍ଜିକୃତ ରାଜନୈତିକ ଦଳର ସଭାପତି ଓ କର୍ମକର୍ତ୍ତାମାନେ ଏଥିପ୍ରତି ସଚେତନ ରହିବା ନିହାତି ଜରୁରୀ । ନିର୍ବାଚନ କାର୍ଯ୍ୟକଳାପରେ ଶିଶୁମାନଙ୍କୁ ନିୟୋଜିତ କରିବା ସମ୍ପର୍କରେ ବମ୍ବେ ହାଇକୋର୍ଟ ୨୦୧୪ ଅଗଷ୍ଟ ୪ରେ ଦରଜ ପିଆଇଏଲ୍ ନଂ.୧୨୭ (ଚେତନ ରାମିଆଲ ବନାମ ଷ୍ଟେଟ୍ ଅଫ୍ ମହାରାଷ୍ଟ୍ର ଆଣ୍ଡ ଅଦର୍ସ) ମାମଲାରେ ପ୍ରଦାନ କରିଥିବା ରାୟରେ କୌଣସି ରାଜନୈତିକ ଦଳ ନାବାଳକ ଓ ଶିଶୁମାନଙ୍କୁ କୌଣସି ନିର୍ବାଚନ କାର୍ଯ୍ୟକଳାପରେ ଅଂଶଗ୍ରହଣ ବାରଣ କରିବାକୁ ସୁନିଶ୍ଚିତ ଭାରତର ନିର୍ବାଚନ ଆୟୋଗ ଜଣାଇଛନ୍ତି ।

ଶିଶୁମାନଙ୍କୁ କୌଣସି ପ୍ରକାର ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟକଳାପରେ ନିୟୋଜିତ କରିବା ଉପରେ ଆୟୋଗ ସବୁବେଳେ କଡା ଆଭିମୁଖ୍ୟ ଗ୍ରହଣ କରିଆସୁଛନ୍ତି । ଏବଂ ଏହି ମର୍ମରେ ସମୟାନୁଯାୟୀ ନିର୍ଦ୍ଦେଶନାମା ଜାରି କରିବା ସହ ଅନୁପାଳନ ପାଇଁ ସମସ୍ତ ରାଜନୈତିକ ଦଳ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଭାରତ ନିର୍ବାଚନ ଆୟୋଗ ଜାରି କରୁଥିବା ନିର୍ଦ୍ଦେଶନାମା ଅନୁଯାୟୀ ସମସ୍ତ ରାଜନୈତିକ ଦଳ ତଥା ପ୍ରାର୍ଥୀ ଶିଶୁମାନଙ୍କୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରିବେ ନାହିଁ ଏବଂ ଶିଶୁ ଶ୍ରମିକ ଓ ପ୍ରତିରୋଧ ନିୟନ୍ତ୍ରଣ ଆଇନ ଉଲ୍ଲଘଂନ କରିବେ ନାହିଁ । ଏପରିକି କୌଣସି ଦଳ ନିର୍ବାଚନ ସମୟରେ ଶିଶୁମାନଙ୍କ ଅଧିକାରର ସୁରକ୍ଷା ପାଇଁ ପ୍ରଚଳିତ ନିୟମ ମାନିବେ । ଏହା ସହିତ ନିର୍ବାଚନ ପ୍ରଚାର, ଭୋଟ୍ ପାଇଁ ପ୍ରବର୍ତ୍ତାଇବା, ଶୋଭାଯାତ୍ରା, ପଦଯାତ୍ରା, ପୋଷ୍ଟର ବା ପ୍ଲାମ୍ପେଟ ବଣ୍ଟ, ସ୍ଲୋଗାନ ବାଜି, ପ୍ରଚାର ଶୋଭାଯାତ୍ରା ଓ ନିର୍ବାଚନ ସଭା ଇତ୍ୟାଦିରେ ଶିଶୁମାନଙ୍କୁ ବ୍ୟବହାର କରିବା ଅନୁଚିତ ବୋଲି ନିର୍ବାଚନ ଆୟୋଗ ମାର୍ଗଦର୍ଶିକା ଜାରି କରିଛନ୍ତି । ଏପରିକି କୌଣସି ପ୍ରାର୍ଥୀ ପ୍ରଚାରକୁ ଯିବା ବେଳେ କାଖରେ (୯ ପୃଷ୍ଠାରେ)

## ସବୁଠୁ ଉତ୍ତପ୍ତ ରାଜଧାନୀ ଭୁବନେଶ୍ୱର

ଭୁବନେଶ୍ୱର,୨୮।୪(ସବ୍ୟୁ): ସାରା ରାଜ୍ୟକୁ କଲବଲ କରିବାରେ ଲାଗିଛି ପ୍ରଚଣ୍ଡ ଖରା । ରବିବାର ଭଳି ରବିବାର ମଧ ସମଗ୍ର ରାଜ୍ୟ ଅନୁଭୂତ ହୋଇଛି ଗ୍ରୀଷ୍ମ ପ୍ରବାହ । ଦିନ ସାଢ଼େ ୨ଟା ସୁଦ୍ଧା ରାଜଧାନୀ ଭୁବନେଶ୍ୱର ତାପମାତ୍ରା ୪୩ ଡିଗ୍ରୀ ଅତିକ୍ରମ କରିଛି । ୪୩.୨ ଡିଗ୍ରୀ ସହ ଭୁବନେଶ୍ୱର ସବୁଠାରୁ ଉତ୍ତପ୍ତ ସହର ପାଲଟିଛି । ଗତକାଲି ଭୁବନେଶ୍ୱର ତାପମାତ୍ରା ରେକର୍ଡ ୪୪.୬ ଡିଗ୍ରୀ ରେକର୍ଡ କରାଯାଇଛି । ତାପମାତ୍ରା ୪୩.୨ ଡିଗ୍ରୀ ରହିଥିଲେ ହେଁ ବାୟୁମଣ୍ଡଳରେ ପ୍ରବଳ ଆର୍ଦ୍ରତା ରହିଛି । ତେଣୁ ଲୋକମାନେ ପ୍ରବଳ ଗରମ ଅନୁଭବ କରୁଛନ୍ତି । ଭୁବନେଶ୍ୱର ପଛକୁ କେନ୍ଦୁଝରରେ ପାରଦ ୪୨.୭ଓ, ଚାନ୍ଦବାଲିରେ ୪୨.୨ ଓ, ବାଲେଶ୍ୱରରେ ୪୧.୪ଓ, ରାଉରକେଲାରେ ୪୦.୬ଓ, ଝାରସୁଗୁଡ଼ାରେ ୩୯.୯ଓ, ସମ୍ବଲପୁରରେ ୩୯.୪ଓ, ହୀରାକୁଦରେ ୩୭.୮ଓ, ପୁରୀରେ ୩୪.୯ ଓ, ଗୋପାଳପୁରରେ ୩୪.୨ଓ ଓ ପାରାଦୀପରେ ତାପମାତ୍ରା ୩୩.୪ ଡିଗ୍ରୀ ରେକର୍ଡ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ କହିଛନ୍ତି, ତାତି ଓ ଗୁଳୁଗୁଳିରୁ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ନିସ୍ତାର ନାହିଁ । ସାମୁଦ୍ରିକ ବାୟୁର ପ୍ରବାହ ଯୋଗୁ ୨ରୁ ୪ ତାରିଖ ପର୍ଯ୍ୟନ୍ତ ତାପମାତ୍ରା ସାମାନ୍ୟ କମିପାରେ । ତେବେ ପାଣିପାଗରେ ବିଶେଷ କିଛି ପରିବର୍ତ୍ତନ ହେବନି । ଦିନ ସାଢ଼େ ୧୧ ପର୍ଯ୍ୟନ୍ତ ଗୁଳୁଗୁଳି ଅଧିକ ରହିବ । ଏହାପରେ ତାତି ବଢ଼ିବ ବୋଲି ସେ ଆକଳନ କରିଛନ୍ତି । ସେହିପରି ଏପ୍ରିଲ ଓ ମେ' ମାସରେ ବଡ଼ ବର୍ଷା କିମ୍ବା କାଳବୈଶାଖୀର ସମ୍ଭାବନା ନାହିଁ । ତେଣୁ ତାପମାତ୍ରା ହ୍ରାସ ପାଇବାର କୌଣସି ଆଶା ନାହିଁ ବୋଲି ସେ କହିଛନ୍ତି ।




## ସାଲେପୁର ସତ୍ୟ ସମାବେଶରେ ରାହୁଲ

# ପ୍ରତିଶ୍ରୁତି ଦେଲେ, ଟାର୍ଗେଟ କଲେ

ନିଶ୍ଚିନ୍ତକୋଇଲି/ ସାଲେପୁର, ୨୮।୪(ସବ୍ୟୁ): ଚଳିତ ନିର୍ବାଚନରେ କଂଗ୍ରେସ ଦଳ ପକ୍ଷରୁ ନିଖିଳ ଭାରତୀୟ କଂଗ୍ରେସ କମିଟିର ପ୍ରାକ୍ତନ ଅଧ୍ୟକ୍ଷ ତଥା ଷ୍ଟାର ପ୍ରଚାରକ ରାହୁଲ ଗାନ୍ଧି ରବିବାର ଓଡିଶା ଗ୍ରସ୍ତରେ ଆସି ପ୍ରଥମେ ପ୍ରଚାର ଆରମ୍ଭ କରିଛନ୍ତି । ଭୁବନେଶ୍ୱରକୁ ଏକ ସ୍ୱତନ୍ତ୍ର ବିମାନଯୋଗେ ଆସିବା ପରେ ସେଠାରୁ ହେଲିକ୍ୟାପଟର ଯୋଗେ ପ୍ରଥମେ ସତ୍ୟଭାମାପୁରର କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଜନ୍ମ ପୀଠକୁ ଯାଇ ତାଙ୍କର ୧୭୬ତମ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ସେଠାରୁ ଆସି ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ କୁଳିଆ ଆରଏମ୍‌ସି ପଡିଆଠାରେ ଏକ



ସତ୍ୟସମାବେଶରେ ଯୋଗଦେଇ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ । ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ରାହୁଲ ଗାନ୍ଧି ଯୋଗଦେଇ କେନ୍ଦ୍ରର ମୋଦୀ ସରକାର ଓ ରାଜ୍ୟରେ ନବୀନ ସରକାର ଉପରେ ଆରମ୍ଭରୁ ବର୍ଷିଥିଲେ । ନିର୍ବାଚନ ପ୍ରଚାରର ପ୍ରଥମରୁ ଏହି ଦୁଇ ସରକାରଙ୍କୁ ରଣହୁଙ୍କାର ଦେଇ ଗର୍ଜିଥିଲେ । ଦିନିକିଆ ଓଡିଶା ଗ୍ରସ୍ତରେ ଆସି ରହୁଲଗାନ୍ଧି କଂଗ୍ରେସର ଗ୍ୟାରେଣ୍ଟିରେ ଓଡିଶାବାସୀଙ୍କ ଆଗରେ ପ୍ରତିଶୃତିର ପାହାଡ ଠିଆକରିଥିଲେ । କେନ୍ଦ୍ରରେ ୧୦ ବର୍ଷର ମୋଦୀ ସରକାର ଓ ରାଜ୍ୟରେ ୨୫ ବର୍ଷର ନବୀନ ସରକାର ପରସ୍ପର ମଧ୍ୟରେ ବନ୍ଧୁତ୍ୱ ସ୍ଥାପନ କରି ଦେଶ ଓ ରାଜ୍ୟକୁ (୯ ପୃଷ୍ଠାରେ)

# ପରିବର୍ତ୍ତନର ଆହ୍ୱାନ ଦେଲେ ନଡ୍ଡା

ବ୍ରହ୍ମପୁର,୨୮।୪(ସବ୍ୟୁ): ରାଜ୍ୟରେ ବିଜେଡି ସରକାର ଅପାରଗ ସରକାର ଲୋକଙ୍କୁ ବିକାଶ ଉପରେ ପ୍ରତିବନ୍ଧକ ସୃଷ୍ଟି କରିଛି । କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଗରିବ, ଶ୍ରମିକ, ଶିଳ୍ପୀ, ମହିଳା, ଦଳିତ, ଆଦିବାସୀ ମାନଙ୍କ ସହିତ ସବୁ କ୍ଷେତ୍ରରେ ବିକାଶ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଶିକ୍ଷା କୃଷି, ଶିଳ୍ପ, ସ୍ୱାସ୍ଥ୍ୟ ସେବା ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଯାହା ଦେଶରେ ଆର୍ଥିକ ବିକାଶ ହେବା ରେ ସହାୟକ ହୋଇଛି। କରୋନା ସମୟରେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ଇଞ୍ଜେକ୍ସନ ତିଆରି କରି ତାହାର ଉନ୍ନତ ପ୍ରଣାଳୀରେ ବିଶେଷଜ୍ଞଙ୍କ ମାଧ୍ୟମରେ ସଫଳ ହୋଇ ଥିଲା। ରାଜ୍ୟରେ ଚିଟଫଣ୍ଡ ଦୁର୍ନୀତିରେ ସାଧାରଣ ଲୋକଙ୍କ ରହି ଥିବା ଟଙ୍କା ଫେରାଇବାକୁ ବିଜେପି ଯୋଜନା କରିଛି। ପଞ୍ଚାୟତକୁ ବିକାଶ ନିମନ୍ତେ ୩ରୁ ପାଞ୍ଚ ଲକ୍ଷ ଟଙ୍କା ଦିଆଯାଉଥିଲା। ଏବେ ପ୍ରତି ପଞ୍ଚାୟତକୁ ପାଞ୍ଚ କୋଟି ଦିଆଯାଉଛି। ରେଳବାଇ ବିକାଶ, ବନ୍ଦେ ଭାରତ ଟ୍ରେନ ଭୁବନେଶ୍ୱର ଠାରୁ ବିଶାଖାପାଟଣା, ପୁରୀ ଠାରେ କଲିକତା ଭଳି ଅନେକ ବ୍ୟବସ୍ଥା କରାଯାଇଛି । ରାଜ୍ୟରେ ଦେଢ଼ କୋଟି ଲୋକ ବହାରକୁ ଯାଉଛନ୍ତି । ଶିଳ୍ପ ସ୍ୱାସ୍ଥ୍ୟ ସେବା ସହିତ



ପର୍ଯ୍ୟଟନର ବିକାଶ ହେଲେ ଓଡ଼ଶାର ବିକାଶ ହେବ ବୋଲି ଆଜି ସନ୍ଧ୍ୟାରେ ସ୍ଥାନୀୟ ଆମ୍ବପୁଆ ସ୍ଥିତ ବିବେକ ବିହାର ସ୍ଥିତ ସାଧାରଣ ନିର୍ବାଚନ ସଭାରେ ରାଷ୍ଟ୍ରିୟ ଅଧ୍ୟକ୍ଷ ଜେପି ନଡ୍ଡା ମତବ୍ୟକ୍ତ କରିଛନ୍ତି। ଧାନରେ ୩୧୫୦ କୁଇଣ୍ଟାଲ କୁ ବୃଦ୍ଧି କରାଯିବ । ୨୪ବର୍ଷ ନବୀନ ଶାସନରେ ଯୁବକଙ୍କ ପାଇଁ ଚାକିରୀ ନାହିଁ ଫଳରେ ଗଞ୍ଜାମ ଏବଂ ଗଜପତି ଜିଲ୍ଲାରୁ ସୁରଟ, ବାଙ୍ଗାଲୁରୁ, ମୁମ୍ବାଇରେ ଦାଦନ ଖଟିବାକୁ ଯାଉଛନ୍ତି ଓଡ଼ିଶାର ଯୁବ ସମାଜ । ରାଜ୍ୟରେ ଜନପ୍ରତିନିଧି ନୁହଁନ୍ତି ବରଂ କିଛି ମୁଷ୍ଟିମେୟ ଅଫିସର ସରକାରକୁ ନିୟନ୍ତ୍ରଣ କରୁଛନ୍ତି । ଅଫିସରଙ୍କ ଆତଙ୍କ ରାଜ୍ୟ ଭାବେ ନୂଆ ରୂପ ନେଇଛି ଓଡ଼ିଶା । ୧୦ ବର୍ଷର ମୋଦି ସରକାରରେ ଓଡ଼ିଶାକୁ ଆସିଥିବା ୧୮.୮୭ ଲକ୍ଷ କୋଟି ଟଙ୍କାର ଆର୍ଥୀକ ଅନୁଦାନ ଓ ସହାୟତାକୁ ହରିଲୁଟ୍ କରାଯାଇଛି । ରାଜ୍ୟ ସଭାପତି ମନମୋହନ ସାମଲ, ତ୍ରିପୁରା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟସଭା ସଂସଦ ବିପ୍ଲବ ଦେଓ ଯୋଗ ଦେଇ କୃଷି, ମତ୍ସ୍ୟଜୀବୀ, ଶ୍ରମିକ ମାନେ ଦୁର୍ଦ୍ଦିନରେ ପରିବାର ଗୁଜୁରାଣ ମେଣ୍ଟାଇଛନ୍ତି। ରାଷ୍ଟ୍ରୀୟ ଉପ ସଭାପତି ବୈଜୟନ୍ତ ପଣ୍ଡା ଓ ରାଜ୍ୟସଭାପତି ମନମୋହନ ସାମଲ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରଦୀପ ପାଣିଗ୍ରାହୀ, ସଭାପତି ଡ଼ା.ସୁବାସ ସାହୁ ସାଂସଦ, ବ୍ରହ୍ମପୁର ସଂଯୋଜକ ସରୋଜ ସାବତ, ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ କେ.ଅନିଲ କୁମାର, ଦିଗପହଣ୍ଡି ବିଧାନସଭା ପ୍ରାର୍ଥୀ ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାନସଭା ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ମନୋରଞ୍ଜନ ଜ୍ଞାନ ସାମନ୍ତରାୟ, ଟି ଗୋପି, ଗୋପାଳପୁର ପ୍ରାର୍ଥୀ ବିଭୂତି ଭୂଷଣ ଜେନା, ପ୍ରଶାନ୍ତ କର, ପୂର୍ବତନ ଉପ ବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ବିପିନ ପ୍ରଧାନ, ରାମ କୁମାର ପାତ୍ର, ବନମାଳୀ ସେଠୀ, ବିଧାୟକ ନାରାୟଣ ରାଓ, ଛତ୍ରପୁର କୃଷ୍ଣଚନ୍ଦ୍ର ନାୟକ, ମୋହନା ପ୍ରଶାନ୍ତଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ସିଇଓ'ଙ୍କ ନିକଟରେ ଫେରାଦ ହେଲା ବିଜେଡି



ଭୁବନେଶ୍ୱର,୨୮।୪(ସବ୍ୟୁ): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ବିଜୁ ଜନତା ଦଳ । ସ୍ୱଚ୍ଛ, ଅବାଧ, ନିରପେକ୍ଷ ନିର୍ବାଚନରେ ବାଧକ ସାଜିଛି ଭାରତୀୟ ଜନତା ପାର୍ଟି । ବାରମ୍ବାର ନିର୍ବାଚନ ଆଚରଣ ବିଧି ଉଲଘଂନ କରି ଚାଲିଛି ବିଜେପି । ସ୍କୁଲ ପଢୁଥିବା ଛୋଟ ପିଲାଙ୍କୁ ଦଳୀୟ କାର୍ଯ୍ୟରେ ଲଗାଉଛି ବିଜେପି । ପଦ୍ମକେଶରୀପୁରରେ ବିଜେପିର ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଖୋଲା ଖୋଲି ଆଚରଣ ବିଧି ଉଲଂଘନ କରିଥିବା ବିଜେଡି ଅଭିଯୋଗ କରିଛି । ଚେୟାର ଫିଲପ କରିବା ପାଇଁ ଛୋଟ ପିଲାଙ୍କୁ ବ୍ୟବହାର କରାଯାଉଛି । କେଳ ଅପରାଜିତା ନୁହନ୍ତି ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ , ବୈଜୟନ୍ତ ପଣ୍ଡା ମଧ୍ୟ ବାରମ୍ବାର ଆଚରଣ ବିଧି ଉଲଂଘନ କରି ଆସୁଛନ୍ତି । ଏହି ସମ୍ବେଦନଶୀଳ ଘଟଣାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସ୍ୱତନ୍ତ୍ର ଗାଇଡ଼ଲାଇନ ଆଣିବାକୁ ଅନୁରୋଧ କରିଛନ୍ତି ବିଜେଡି ପ୍ରତିନିଧି ।

## ମଝି ସମୁଦ୍ରରୁ ଧରାପଡିଲା ୬୦୨ କୋଟିର ଡ୍ରଗ୍ସ, ୧୪ ଗିରଫ

ନୂଆଦିଲ୍ଲୀ,୨୮।୪: ଅପରେସନ୍ ସମୟରେ ଗିରଫଦାରୀରୁ ବଞ୍ଚିବା ପାଇଁ ମଝି ସମୁଦ୍ରରେ ପାକିସ୍ତାନୀ ନାଗରିକମାନେ ଏଟିଏସ୍ ଅଧିକାରୀଙ୍କ ଉପରେ ନିଜର ଡଙ୍ଗା ଚଢାଇ ମାରିବାକୁ ଉଦ୍ୟମ କରିଥିଲେ । ମଝି ସମୁଦ୍ରରୁ ଧରାପଡିଲା ପୁଳା ପୁଳା ଡ୍ରଗ୍ସ । ଗୁଜରାଟ ତଟରେ ପାଖାପଖି ୬୦୨ କୋଟି ଟଙ୍କାର ଡ୍ରଗ୍ସ ଜବତ କଲା ଏଟିଏସ୍ ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ । ଏଥିସହ ଏହି ଘଟଣାରେ ଏଟିଏସ୍ ଏବଂ ଏନସିବିର ମିଳିତ କାର୍ଯ୍ୟାନୁଷ୍ଠାନରେ ୧୪ ଜଣ ପାକିସ୍ତାନୀ ନାଗରିକଙ୍କୁ ଗିରଫ କରାଯାଇଛି । ଗୁଇନ୍ଦା ସୂଚନା ଆଧାରରେ ଇଣ୍ଡିଆନ୍ କୋଷ୍ଟ ଗାର୍ଡ ସମୁଦ୍ରରେ ମାଦକ ଦ୍ରବ୍ୟ ବିରୋଧୀ ଅଭିଯାନ ଆରମ୍ଭ କରିଥିଲା । ଅପରେସନ୍ ସମୟରେ ଗିରଫଦାରୀରୁ ବଞ୍ଚିବା ପାଇଁ ମଝି ସମୁଦ୍ରରେ ପାକିସ୍ତାନୀ ନାଗରିକମାନେ ଏଟିଏସ୍ ଅଧିକାରୀଙ୍କ ଉପରେ ନିଜର ଡଙ୍ଗା ଚଢାଇ ମାରିବାକୁ ଉଦ୍ୟମ କରିଥିଲେ । ଏହାର ଜବାବରେ ପୁଲିସକୁ ଗୁଳିମାଡ଼ କରିବାକୁ ପଡିଥିଲା । ଏହାପରେ ସନ୍ଦିଗ୍ଧମାନେ ପୁଲିସ ହାତରେ ଧରା ପଡିଛନ୍ତି ।

ଗିରଫ ହୋଇଥିବା ୧୪ ସନ୍ଦିଗ୍ଧ ପାକିସ୍ତାନର ନଗରିକ ବୋଲି ସୂଚନା ମିଳିଛି । ସେମାନଙ୍କ ନିକଟରୁ ୮୬ କିଲୋଗ୍ରାମ ଡ୍ରଗ୍ସ ଜବତ ହୋଇଛି, ଯାହାର ମୂଲ୍ୟ ୬୦୨ କୋଟି ଟଙ୍କା ହେବ ବୋଲି କୁହାଯାଇଛି । ସୁରକ୍ଷା




ଏଜେନ୍ସିମାନେ ଦୁଇ ଦିନ ଧରି ଅନ୍ତରାଷ୍ଟ୍ରୀୟ ସୀମାରେ ଏହି ଅଭିଯାନ ଚଳାଇଥିଲେ । ଆଉ ଶେଷରେ ସେମାନଙ୍କୁ ସଫଳତା ମିଳିଛି । ଗୋଟିଏ ଦିନ ପୂର୍ବରୁ ଏନସିବି ଗୁଜୁରାଟ ଏବଂ ରାଜସ୍ଥାନରେ 'ମିଆଉଁ ମିଆଉଁ' ନାମରେ ଜଣାଶୁଣା ନିଷେଧ ଔଷଧ ମେଫେଡ୍ରୋନ୍ ଉତ୍ପାଦନ କରୁଥିବା ତିନୋଟି ଲ୍ୟାବ ଉପରେ ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିଥିଲା । ଏଥିସହ ଡ୍ରଗ୍ସ ବିରୋଧୀ ଏଜେନ୍ସି ପ୍ରାୟ ୩୦୦ କୋଟି ଟଙ୍କା ମୂଲ୍ୟର ନିଶା ଦ୍ରବ୍ୟ ଜବତ କରିଥିଲା ।

## ଦୁଇ ଲୋକସଭା, ୮ ବିଧାନସଭା ପାଇଁ କଂଗ୍ରେସର ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର,୨୮।୪(ସବ୍ୟୁ): ଓଡ଼ିଶାର ଦୁଇଟି ଲୋକସଭା ଓ ୮ଟି ବିଧାନସଭା ଆସନା ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି । ଦଳ ଦୁଇ ବିଧାନସଭା ଆସନ ଓ ଗୋଟିଏ ଲୋକସଭା ଆସନରେ ପ୍ରାର୍ଥୀ ପରିବର୍ତ୍ତନ କରିଛି । ବାରିପଦା ଓ ଖଣ୍ଡପଡ଼ା ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ବଦଳାଇଛି । ବାରିପଦାରେ ବାଦଲ ହେମ୍ବ୍ରମଙ୍କ ସ୍ଥାନରେ ପ୍ରମୋଦ ହେମ୍ବ୍ରମ ଦଳର ଟିକେଟ୍ ପାଇଛନ୍ତି । ସେହିପରି ଖଣ୍ଡପଡ଼ାରେ ମନୋଜ ପ୍ରଧାନଙ୍କ ସ୍ଥାନରେ ବୈଜୟନ୍ତୀ ମାଳା ମହାନ୍ତି କଂଗ୍ରେସ ଟିକେଟରୁ ନିର୍ବାଚନ ଲଢ଼ିବେ । ସମ୍ବଲପୁର ଲୋକସଭା ଆସନରେ ବିଜେଡିରୁ ଆସିଥିବା ନଗେନ୍ଦ୍ର ପ୍ରଧାନଙ୍କୁ ଦଳରେ ଟିକେଟ୍ ଦେଇଛି । ପୂର୍ବରୁ ଏହି ଆସନରେ ଦୁଲ୍ଲାଲ ଚନ୍ଦ୍ର ପ୍ରଧାନ ପ୍ରାର୍ଥି ହେବେ ବୋଲି ଘୋଷଣା କରାଯାଇଥିଲା । କଟକ ଲୋକସଭା ଆସନରେ ସୁରେଶ ମହାପାତ୍ରଙ୍କୁ ଦଳ ଟିକେଟ୍ ଦେଇଛି । କଟକ ବାରବାଟୀ ବିଧାନସଭା ଆସନରୁ ଶୋଫିଆ ଫିର୍ଦ୍ଦୋସ ପ୍ରାର୍ଥୀ ହୋଇଛନ୍ତି । ଶୋଫିଆ ହେଉଛନ୍ତି ବର୍ତ୍ତମାନର ବିଧାୟକ ମହମ୍ମଦ ମୋକିମଙ୍କ ଝିଅ । ଏହାବାଦ ଜଳଶ୍ୱରରୁ ଦେବୀ ପ୍ରସନ୍ନ ଚାନ୍ଦ, ବାଲେଶ୍ୱରରୁ ମୋନାଲିସା ଲେଙ୍କା, ବଡ଼ଚଣାରୁ ଅଜୟ ସାମଲ, ପାଲଲହଡାରୁ ଫକୀର ସାମଲ, ଜଗତସିଂହପୁରରୁ ପ୍ରତୀମା ମଲ୍ଲିକ ପ୍ରାର୍ଥୀ ହେବେ ବୋଲି କଂଗ୍ରେସ ପକ୍ଷରୁ ଘୋଷଣା କରାଯାଇଛି ।



## ସୋସିଆଲ କୋଟ୍ସ



ହଲିଉଡରେ ପ୍ରଥମରୁ ଅନେକ କିଛି ସହିଛି । ମୋ ସହିତ ଅନେକଥର ଭେଦଭାବ ହୋଇଛି । ଭେଦଭାବ କାରଣରୁ ଅନେକ ଫିଲ୍ମ ମୋ ହାତ ଛଡା ହୋଇଛି ।

ପ୍ରିୟଙ୍କା ଚୋପ୍ରା, ଅଭିନେତ୍ରୀ



ରାଜନୀତି ଖୁବ କଷ୍ଟ କାର୍ଯ୍ୟ, ଯାହାକୁ ମୁଁ ନିଜେ ଅନୁଭବ କରିସାରିଛି । ତେଣୁ ମୁଁ କେବେ ବି ଚାହୁଁ ନଥିଲି ହେମା ରାଜନୀତିରେ ଯୋଗ ଦିଅନ୍ତୁ । ମୁଁ ତାଙ୍କୁ ବାରଣ ମଧ କରିଛି ।

ଧର୍ମେନ୍ଦ୍ର, ଅଭିନେତା



ଶ୍ରୀକାନ୍ତ ପିଲ୍ମରେ ଜ୍ୟୋତିକାଙ୍କ ଅଭିନୟ କରିବା ପଛରେ ହାତ ତାଙ୍କ ପତି ସୂରିୟାଙ୍କର ରହିଛି । ସେ ହିଁ ତାଙ୍କୁ ଏହି ଫିଲ୍ମ ପାଇଁ ରାଜି କରାଇଥିଲେ ।

ତୁଷାର ହିରାନନ୍ଦାନୀ, ନିର୍ଦ୍ଦେଶକ

## ଇତିହାସ

୧୬୩୯ – ଦିଲ୍ଲୀରେ ଲାଲକିଲ୍ଲାର ଶିଳାନ୍ୟାସ ।
୧୮୪୮ – ପ୍ରସିଦ୍ଧ ଚିତ୍ରକାର ରାଜା ରବି ବର୍ମାଙ୍କ ଜନ୍ମ ।
୧୯୩୦ – ବ୍ରିଟେନ ଏବଂ ଅଷ୍ଟ୍ରେଲିଆ ମଧରେ ଟେଲିଫୋନ ସେବା ଆରମ୍ଭ ।
୧୯୩୯ – କଂଗ୍ରେସରୁ ଇସ୍ତଫା ଦେଇଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ।
୧୯୫୮ – ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ନିଧନ ।
୧୯୭୯ – ଭାରତୀୟ କ୍ରିକେଟର ଆଶିଷ ନେହରାଙ୍କ ଜନ୍ମ ।
୧୯୯୧ – ବାଙ୍ଗଲାଦେଶ ମହାବାତ୍ୟାରେ ୧ଲକ୍ଷ ୩୮ ହଜାର ଲୋକଙ୍କ ମୃତ୍ୟୁ ।
୧୯୯୩ – ପ୍ରଥମ ଥର ବକିଂମହମ୍ ପ୍ୟାଲେସ୍ ସାଧାରଣ ଜନତାଙ୍କ ପାଇଁ ଖୋଲାଗଲା ।
୧୯୯୭ – ରାସାୟନିକ ଅସ୍ତ୍ରଶସ୍ତ୍ର ଉପରେ ଲାଗିଲା ପ୍ରତିବନ୍ଧକ ।

## ସ୍କିନ୍ କେୟାର

ବୟସ ବଢିଲେ ଆମର ସ୍କିନ୍‌ରେ ବିଭିନ୍ନ ପ୍ରକାରର ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ବୟସାଧୀକ କାରଣରୁ ଆମ ତ୍ୱଚାରେ ବିଭିନ୍ନ ଦାଗ, ରିଙ୍କଲ୍ ଓ ଲୋଚାପଣ ଦେଖିବାକୁ ମିଳିଥାଏ । ବୟସ ଅଧିକ ହେବା ଦ୍ୱାରା ଆମ ଶରୀରରେ କୋଲାଜେନ୍ ନାମକ ପ୍ରୋଟିନର ଅଭାବ ଦେଖିବାକୁ ମିଳିଥାଏ । ତେବେ ଏହାର ଅଭାବ ଦୂର କରିବାକୁ ବିଭିନ୍ନ ପ୍ରକାର ଲାଇଫ୍ ଷ୍ଟାଇଲ ଟ୍ରିକ ରହିଛି ଯାହାର ଅନୁକରଣ କରିବାକୁ ହୋଇଥାଏ । ଆସନ୍ତୁ ଜାଣିବା ସେହିଭଳି କିଛି ଟ୍ରିକ୍ ବିଷୟରେ ।

**ଫେସିଆଲ ମସାଜ୍ :** କୋଲାଜେନ୍ ରେଗୁଲେଟ୍ କରିବାର ସବୁଠାରୁ ଇଫେକ୍ଟିଭ୍ ଉପାୟ ହେଲା ସ୍କିନ୍ ମସାଜ । ପ୍ରତିଦିନ ନିଜ ମୁହଁକୁ ହାଲୁକା ହାତରେ ମସାଜ କରନ୍ତୁ । ଏହା ଦ୍ୱାରା ବ୍ଲଡ୍ ଫ୍ଲୋ ସହିତ ସ୍କିନ୍‌ରେ ଅକ୍ସିଜେନ୍‌ର ମାତ୍ରା ବଢିଥାଏ ।



**ଭିଟାମିନ୍ ସି :** ନିଜର ସ୍କିନ୍ କେୟାର ରୁଟିନ୍‌ରେ ଭିଟାମିନ୍ ସି ଆଡ କରନ୍ତୁ । ଏହା ଆମ ସ୍କିନ୍ ପାଇଁ ଟନିକ ଭଳି କାମ କରିଥାଏ । ସ୍କିନ୍‌ରେ ବୟସ ବଢିବା କାରଣରୁ କମିଥିବା ପୋଷଣକୁ ଏହା ପୂରଣ କରିଥାଏ । ଏହାସହ ଏହା ପ୍ରାକୃତିକ ଉପାୟରେ କୋଲାଜେନ୍ ବଢିବାରେ ମଧ ସାହାଯ୍ୟ କରିଥାଏ ।

**ଡାଏଟ୍ ରେ ଧ୍ୟାନ :** ତେବେ ବାହାର କସମେଟିକ୍ ସହିତ ନିଜ ଡାଏଟ୍‌ର ଖାସ ଧ୍ୟାନ ରଖିବାକୁ ପଡିଥାଏ । ଖାଦ୍ୟରେ ଆଣ୍ଟିଅକ୍ସିଡାଣ୍ଟ, ଓମେଗା-୩, ପ୍ରୋଟିନ୍ ଆଡ କରନ୍ତୁ । ଖାଦ୍ୟରେ ପନିପରିବା, ଫଳ, ମାଛ, ଶାଗ,ଦହି ଆଦି ଖାଆନ୍ତୁ ଏହା ତ୍ୱଚା। ପାଇଁ ଖୁବ ଭଲ ହୋଇଥାଏ ।

**ସନ୍‌ସ୍କିନ୍ ଲୋସନ :** ସେହିଭଳି ଯେତେବେଳେ ବି ବାହରକୁ ଯାଉଛନ୍ତି ଖରା ଥାଉ କି ନଥାଉ ସନ୍ସ୍କ୍ରିନ୍ ଲଗାନ୍ତୁ । ଏହା ତ୍ୱଚା ପାଇଁ ଖୁବ ଉପକାରୀ ହୋଇଥାଏ । ଏହା ଟ୍ୟାନିଂ ଦୂର କରିଥାଏ ଏବଂ ଚର୍ମରେ ଗ୍ଲୋ ଆଣିଥାଏ ।

## ହାଃ ହାଃ

ଡାକ୍ତର – ଆପଣଙ୍କ ଦାନ୍ତ ନଷ୍ଟ ହୋଇ ଯାଇଛି । କଢା ହେବ ।
ରାଜୁ – କେତେ ପଇସା ଲାଗିବ ।
ଡାକ୍ତର – ୫୦୦ ଟଙ୍କା ଲାଗିବ ।
ରାଜୁ – ୫୦ ଟଙ୍କା ନିଅନ୍ତୁ । ଖାଲି ଟିକେ ଢିଲା କରି ଦିଅନ୍ତୁ । ଦାନ୍ତ ଭାଙ୍ଗିବା ମୋତେ ଜଣା ଅଛି ।



## ଡିପ୍ରେସନ କାରଣରୁ ବଢିଥିଲା ଓଜନ



ବଲିଉଡ ଅଭିନେତ୍ରୀ ସୋନମ କପୁର ଏକ ସାକ୍ଷାତକାରରେ ନିଜର ରିଅଲ ଲାଇଫ୍ ବିଷୟରେ କିଛି ସେୟାର କରିଛନ୍ତି, ଯାହା ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଡିପ୍ରେସନ କାରଣରୁ ତାଙ୍କର ଓଜନ ୩୨ କିଲୋ ବଢିଥିବାନେଇ ସୋନମ ସୂଚନା ଦେଇଛନ୍ତି । ଏହି ବଢିଥିବା ଓଜନ ତାଙ୍କୁ ଅନେକ ସମସ୍ୟାରେ ପକାଇଥିଲା । ସେ ନିଜ ସନ୍ତାନର ଯତ୍ନ ନେବାରେ ଏଭଳି ବ୍ୟସ୍ତ ହୋଇଯାଇଥିଲେ କି ନିଜ ଯତ୍ନ ନେବାକୁ ଭୁଲି ଯାଇଥିବା ସୋନମ ପ୍ରକାଶ କରିଛନ୍ତି । ସେତେବେଳେ ବଢୁଥିବା ଓଜନ ପ୍ରତି ସେ ଧ୍ୟାନ ହିଁ ଦେଇନଥିଲେ, ଯାହା ଫଳରେ ତାଙ୍କ ଓଜନ ଏତେ ମାତ୍ରାରେ ବଢିଯାଇଥିଲା । ସନ୍ତାନ ଜନ୍ମ ହେବା ପରେ ସେ ଡିପ୍ରେସନର ମଧ ସାମନା କରିଥିଲେ ଯାହାର ପ୍ରଭାବ ମଧ ଓଜନ ଉପରେ ପଡିଥିଲା । ତେବେ ତାଙ୍କୁ ନିଜର ଓଜନ କମାଇବା ପାଇଁ ପାଖାପାଖି ଦେଢ ବର୍ଷ ସମୟ ଲାଗିଥିବା ସୋନମ ପ୍ରକାଶ କରିଛନ୍ତି ।

## ବୟସ୍କ ଯମଜ ଯୋଡ଼ାଙ୍କ ମୃତ୍ୟୁ

ମୁଣ୍ଡଯୋଡ଼ା ସବୁଠୁ ବୟସ୍କ ଯମଜ ଭାଇଭଉଣୀ ଭାବେ ରେକର୍ଡର ଅଧିକାରୀ ହୋଇଥିବା ନ୍ୟୁୟର୍କର ଲୋରୀ ଓ ଜର୍ଜ ଶୋପଲଙ୍କ ମୃତ୍ୟୁ ଘଟିଛି । ଜନ୍ମଠାରୁ ୬୨ ବର୍ଷ ହେଲା ଦୁହିଁଙ୍କ ମୁଣ୍ଡ ପରସ୍ପର ସହ ଯୋଡ଼ି ହୋଇଥିଲେ ହେଁ ଦୁହିଁଙ୍କ ଭାବନା ଓ ପସନ୍ଦ ଅଲଗା ରହିଥିଲା । ଲୋରୀ ଯାହା ଚାହୁଁଥିଲେ ଜର୍ଜଙ୍କୁ କରିବାକୁ ପଡୁଥିଲା ଓ ଜର୍ଜ ଯାହା ଚାହୁଁଥିଲେ ଲୋରୀଙ୍କୁ କରିବାକୁ ପଡୁଥିଲା । ଶେଷରେ ଭାଇଭଉଣୀଙ୍କ ଜୀବନର ଅନ୍ତ ଘଟିଛି । ଦୁହେଁ ଫିଲାଡେଲ୍‌ଫିଆରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି । ମେୟୋ କ୍ଲିନିକ୍‌ର ସର୍ଜରୀ ପ୍ରଫେସର ଡାକ୍ତର କ୍ରିଷ୍ଟୋଫର ମାୟରଙ୍କ ମତରେ କୌଣସି ମୁଣ୍ଡଯୋଡ଼ା ଯମଜ (କ୍ରୋନିୟୋପୋଗସ ଟ୍ୱିନ୍ସ)ଙ୍କ ରକ୍ତପ୍ରବାହ ଶେୟାର ହେଉଥିବାରୁ ଏମାନଙ୍କୁ ଅଲଗା କରିବା ସମ୍ଭବ ନୁହେଁ । ଜଣଙ୍କୁ ଅନ୍ୟଜଣଙ୍କଠାରୁ ଅଲଗା କରିବାକୁ ଚେଷ୍ଟାକଲେ ଦୁହିଁଙ୍କ ମୃତ୍ୟୁ ନିଶ୍ଚିତ । ଯଦିବା କୌଣସି ଚମତ୍କାରିତା ଦ୍ୱାରା ଏହା ସମ୍ଭବ ହୋଇଥାନ୍ତା ତଥାପି ୬୨ ବର୍ଷ କାଳ ବଞ୍ଚିବା ଅସମ୍ଭବ ହୋଇଥାନ୍ତା । ଲୋରୀ ଓ ଜର୍ଜ ଆଶାଠୁ ଅଧିକ ଜୀବନ ଜୀଇଁଛନ୍ତି । ଯୋଡ଼ା ଯମଜ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡର ଦ୍ୱିତୀୟ ସ୍ଥାନରେ ରହିଥିବା ଲୋରୀ ଓ ଜର୍ଜ ପରସ୍ପର ବିପରିତ ଦିଗରୁ ଦେଖୁଥିଲେ । ଦୁହିଁଙ୍କ ଶରୀରିକ ଗଠନ ମଧ ଦୁର୍ବଳ ଥିଲା । ଜର୍ଜ ପ୍ରାପ୍ତବୟସ୍କ ପରେ ଟ୍ରାନ୍ସଜେଣ୍ଡର ବୋଲି ଜଣାପଡ଼ିବାରୁ ୧୯୯୦ରେ ତାଙ୍କ ନାମ ରେବା ରଖାଯାଇଥିଲା । ଦୁହେଁ ଅଲଗା ଜୀବନ ବଞ୍ଚୁଥିଲେ ଓ ଦୁହିଁଙ୍କ ବ୍ୟକ୍ତିତ୍ୱ ଭିନ୍ନ ଥିଲା । ୧୯୯୭ରେ ଏକ ଡକ୍ୟୁମେଣ୍ଟରୀ ଅବସରରେ ଲୋରୀ କହିଥିଲେ ଶାରୀରିକ ଭାବେ ଯୋଡ଼ା ହେଲେ ହେଁ ଆମେ ଦୁହେଁ ଭିନ୍ନ ଓ ଖୁବ୍ ତାକତ୍‌ୱାର ମଣିଷ । ଆଶ୍ଚର୍ଯ୍ୟର କଥା ଲୋରୀ ଏକ ହସ୍ପିଟାଲରେ ଚାକିରି କରିଥିବା ବେଳେ ଜର୍ଜ କଣ୍ଟ୍ରି ମ୍ୟୁଜିସିଆନ ଥିଲେ । ଦିନ ସମୟରେ ଜର୍ଜ ହସ୍ପିଟାଲରେ ଲୋରୀଙ୍କୁ କମ୍ପାନୀ ଦେଉଥିବା ବେଳେ ସନ୍ଧ୍ୟାରେ ଲୋରୀ ଜର୍ଜଙ୍କୁ ମ୍ୟୁଜିକ୍‌ରେ ସହାୟତା କରୁଥିଲେ । ୧୯୯୭ରେ ଜର୍ଜ ଲସ୍ ଏଞ୍ଜିଲିସ୍ ମ୍ୟୁଜିକ୍ ଆୱାର୍ଡରେ ମଧ ସମ୍ମାନିତ ହୋଇଥିଲେ । ତେବେ କେଉଁ କାରଣରୁ ଲୋରୀ ଓ ଜର୍ଜଙ୍କ ମୃତ୍ୟୁ ହେଲା ଅନ୍ତିମ ସଂସ୍କାର କରିଥିବା ଫ୍ୟୁନେରାଲ ହୋମ୍ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହାନ୍ତି ।



## ରୋବଟଙ୍କୁ ବିବାହ

ପ୍ରେମର କୌଣସି ସୀମା ନଥାଏ, ପ୍ରେମ ଏଭଳି ଏକ ଅନୁଭବ ଯାହା କେଉଁଠି କାହାକୁ ହେବ ତାର କୌଣସି ନିର୍ଦ୍ଧିଷ୍ଟତା ନଥାଏ । ଭଲପାଇବା ପାଇଁ ଅନେକ ଲୋକ ବିଭିନ୍ନ ଅଜବ କାର୍ଯ୍ୟ କରିଥିବାର ଉଦାହରଣ ମଧ ଦେଖିବାକୁ ମିଳିଥାଏ । ତେବେ ରାଜସ୍ଥାନରେ ଜଣେ ଯୁବକ ଗୋଟିଏ ରୋବଟ ପ୍ରେମରେ ପଡିଥିବାର ଦେଖିବାକୁ ମିଳିଛି । ବର୍ତ୍ତମାନ ଯୁବକଜଣଙ୍କ ସେହି ରୋବଟକୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିବା ମଧ ଜଣାପଡିଛି । ସେଥିପାଇଁ ଯୁବକ ସମସ୍ତ ପ୍ରସ୍ତୁତି କରିଥିବା ମଧ ଜଣା ପଡିଛି । ଏହି ରୋବର୍ଟକୁ ତାମିଲନାଡୁର ଗୋଟିଏ ଆଇଟି କମ୍ପାନୀ ପ୍ରସ୍ତୁତ କରିଛନ୍ତି । ରୋବଟଟିକୁ ତିଆରି କରିବାରେ ପାଖାପାଖି ୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଜଣା ପଡିଛି । ବିବାହ ପରେ ଯୁବକ ଜଣଙ୍କ ଏହି ରୋବଟକୁ ହାଉସ୍ ୱାଇଫ୍ ବଦଳରେ ୱାର୍କିଂ ୱାଇଫ୍ କରିବେ ବୋଲି ମତ ଦେଇଛନ୍ତି । ନିଜେ ରୋବଟ ପାଇଁ ଚାକିରି ଖୋଜିବେ ବୋଲି ଯୁବକ ଜଣଙ୍କ ପ୍ରକାଶ କରିଛନ୍ତି ।



## ସମର ଷ୍ଟାଇଲ୍

**ଖରାଦିନ ଆସିଲେ ସମସ୍ତଙ୍କର ଡ୍ରେସ ପିନ୍ଧାକୁ ନେଇ ସମସ୍ୟା ଆସିଥାଏ । ଖରାଦିନେ ଆପଣ ବିଚ୍ ହେଉ କି ଖରାଦିନିଆ କନସର୍ଟ ହେଉ ଯେଉଁଠିକୁ ବି ଯାଆନ୍ତୁ , ଯଦି ସଠିକ୍ ଉପାୟରେ ଡ୍ରେସ ପିନ୍ଧିଛନ୍ତି ତେବେ ଏହା ଫ୍ୟାଶନେବଲ ସହିତ କମ୍ଫଟେବଲ ମଧ ହୋଇଯାଇଥାଏ ।**

**ଫାବ୍ରିକ୍–** ଡ୍ରେସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଫାବ୍ରିକ୍ । ପ୍ରତି ଋତୁ ପାଇଁ ଅଲଗା ଅଲଗା ଫାବ୍ରିକ୍ ରହିଥାଏ । ଖରାଦିନେ ସବୁବେଳେ ଲାଇଟ୍ ୱେଟ୍ ଫାବ୍ରିକ୍ ପିନ୍ଧିବାକୁ ଚେଷ୍ଟା କରନ୍ତୁ । ଏହି ସମୟରେ ହାଲୁକା ଫାବ୍ରିକ୍ ଯେପରି କଟନ, ରେୟନ ଆଦିକୁ ବ୍ୟବହାର କରନ୍ତୁ । ଏହି ଫାବ୍ରିକ୍‌ର ଡ୍ରେସ୍ ପିନ୍ଧିବାକୁ ବେଶ୍ ହାଲୁକା ଓ କମ୍ଫଟେବଲ୍ ହୋଇଥାଏ । ଗରମରେ ମଧ ଏହାକୁ ପିନ୍ଧିବାରେ କୌଣସି ଅସୁବିଧା ହୁଏ ନାହିଁ ।

**ରଙ୍ଗ–** ସେହିଭଳି ଖରା ଦିନେ ପୋଷାକର ରଙ୍ଗ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ ଡ୍ରେସ୍ ବାଛିବା ପୂର୍ବରୁ ରଙ୍ଗ ପ୍ରତି ଧ୍ୟାନ ଦିଅନ୍ତୁ । ଏହି ଦିନେ ହାଲୁକା ରଙ୍ଗ ଯେପରି ଧଳା, ଫିକା ଗୋଲାପି, ହଳଦିଆ ଆଦିକୁ ବାଛି ପାରିବେ । ଯେତେ ପାରିବେ ଡାର୍କ କଲରରୁ ଦୂରରେ ରୁହନ୍ତୁ । ଡାର୍କ କଲର ଖରାକୁ ଆବଜରଭ୍ କରି ରଖିଥାଏ, ଯାହା ଫଳରେ ଏହି ରଙ୍ଗର ପୋଷାକକୁ ପିନ୍ଧିଲେ ଅଧିକ ଗରମ ହୋଇଥାଏ ।

**ଫିଟିଂ–** ଏହି ଦିନେ ଯେତେ ପାରିବେ ଲୁଜ୍ ଫିଟିଂ ଡ୍ରେସ୍ ପିନ୍ଧନ୍ତୁ । ଖରାଦିନେ ଲୁଜ୍ ଫିଟିଂ ଡ୍ରେସ ପିନ୍ଧିବା ଫଳରେ ବେଶ୍ ଆରାମ ଲାଗିଥାଏ । ଏହି କାଟାଗୋରୀରେ ବିଭିନ୍ନ ଷ୍ଟାଇଲ୍‌ର ଡ୍ରେସ ଆସିଥାଏ, ଯାହା ଫିଟିଂ ନହେଲେ ମଧ ବେଶ୍ ୟୁନିକ୍ ହୋଇଥାଏ । ତେବେ କମ୍ଫର୍ଟ ଓ ଷ୍ଟାଇଲ୍ ଭିତରେ ସବୁବେଳେ ବାଲାନ୍ସ କରି ପିନ୍ଧନ୍ତୁ ।



## ଡାଏଟ୍ କୋଲା ଚିକେନ୍

**ସାମଗ୍ରୀ–** ୫୦୦ ଗ୍ରାମ ଚିକେନ୍, ୨ଟି ପିଆଜ (କଟା), ୩୦୦ ଗ୍ରାମର ଡାଏଟ୍ କୋଲା, ଏକ ଟମାଟୋ ବଟା, ୨ ଚାମଚ ଭିନେଗାର, ୨ କପ୍ ଚିକେନ୍ ଷ୍ଟକ୍, କ୍ୟାପସିକମ୍ କଟା ଏକ କପ୍, ୫ କୋଳା ରସୁଣ, ଗୋଲମରିଚ ଗୁଣ୍ଡ, ଧନିଆ ପତ୍ର କଟା ।

**ପ୍ରଣାଳୀ–** ପ୍ରଥମେ ଚିକେନ୍‌କୁ ଲୁଣ ଓ ଗୋଲ ମରିଚ ଗୁଣ୍ଡ ପକାଇ ଗୋଳାଇ ନିଅନ୍ତୁ । ଏହାପରେ ପ୍ୟାନରେ ଏହି ଚିକେନ୍‌କୁ ପକାଇ ୬ରୁ ୭ ମିନିଟ୍ ଭାଜନ୍ତୁ । ତେବେ ଏହି ସମୟରେ ଚିକେନ୍‌କୁ ପୁରା ରାନ୍ଧନ୍ତୁ ନାହିଁ । ଏହାପରେ ଗୋଟିଏ ପ୍ଲେଟ୍‌ରେ ସମସ୍ତ ପରିବା କଟାକୁ ଭାଜି ରଖନ୍ତୁ । ଏହାପରେ ପ୍ୟାନ୍‌ରେ ଡାଏଟ୍ କୋଲାକୁ ଢାଳନ୍ତୁ । ଏହାପରେ ସେଥିରେ ଟମାଟୋ ବଟା ଓ ଭିନେଗାର ପକାଇ ଗୋଳାନ୍ତୁ । ଏହାପରେ ଏଥିରେ ଗୁଣ୍ଡ ମସଲା ପକାନ୍ତୁ । ଅଳ୍ପ ସମୟ ଗୋଳାଇବା ପରେ ଏଥିରେ ଚିକେନ୍ ଓ ପରିବା ଭଜାକୁ ପକାଇ ଭିନେଗାର ଓ କୋଲାରେ ଭଲକରି ମିଶାଇ ନିଅନ୍ତୁ । ଏହାପରେ ଏହି ମିଶ୍ରଣକୁ ୧୫ ମିନିଟ୍ ପର୍ଯ୍ୟନ୍ତ ରାନ୍ଧନ୍ତୁ । ଚିକେନ୍ ସିଝିବା ପରେ ଏଥିରେ ଗୋଲ ମରିଚ ଗୁଣ୍ଡ ଓ ଧନିଆ ପତ୍ର ପକାଇ ପରଷନ୍ତୁ ଡାଏଟ୍ କୋଲା ଚିକେନ୍ ।





ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି

## ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅପରାଧୀଙ୍କ ସହିତ ଗୋଟିଏ ମଞ୍ଚରେ ବସିବା ଆଶ୍ଚର୍ଯ୍ୟଜନକ
# ଅପରାଧୀଙ୍କୁ କୋଳେଇ ନେବା କ'ଣ ଓଡିଆ ଅସ୍ମିତା କି ପ୍ରଶ୍ନ କଲା ବିଜେଡି

ଭୁବନେଶ୍ୱର (ସବ୍ୟୁ): ଆଜି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା ଓ ପ୍ରଦୀପ ପାଣିଗ୍ରାହୀଙ୍କୁ ଗୋଟିଏ ମଞ୍ଚରେ ଦେଖିମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି । ପ୍ରଦୀପ ପାଣିଗ୍ରାହୀ ଚାର୍ଜସିଟ୍ ହୋଇଥିବା ଜଣେ ଅପରାଧୀ ଯିଏକି ଚାକିରି ପାଇଁଟଙ୍କା ଆଦାୟ କରିଲୋକଙ୍କୁ ଠକିଛନ୍ତି । ସେ ଅନେକମାସ ଧରିଜେଲରେ ଥିଲେ । କୋର୍ଟ ତାଙ୍କ ବିରୋଧରେ ଅଭିଯୋଗ ନିର୍ଦ୍ଧାରଣ କରିଥିବା କହିଛନ୍ତି ବିଜେଡିର ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର । ବିଜେପିରରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ ବକ୍ତବ୍ୟ ଉପରେ ମନ୍ତବ୍ୟ ରଖି ଶ୍ରୀ ବକ୍ସିପାତ୍ର କହିଛନ୍ତି ଯେ ମୁଁ ୨୩ ବର୍ଷ ଧରି ବିଜେପିରେ ଥିଲି । ମୁଁ ବିଜେପିରେ ଯୋଗ ଦେଇଥିଲି କାରଣ ମୁଁ ଭାବିଥିଲି ଯେ ଏହା ଏକ ଭିନ୍ନତା ଥିବା ଦଳ । ଚାକିରି ପାଇଁ ଟଙ୍କାନେଇଥିବା ଠକେଇ ସମେତ ଦୁର୍ନୀତି ପାଇଁ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଆମେ ସମସ୍ତେ ଆନ୍ଦୋଳନ କରିଥିଲୁ । ମୁଁ ୨୩ ବର୍ଷ ଧରି ଦଳ ପାଇଁ ମୋର ରକ୍ତ ଏବଂ ଶ୍ରମ ଦେଇଥିଲି । ତେବେ ପ୍ରଦୀପ ପାଣିଗ୍ରାହୀଙ୍କ ଭଳି ଜଣେ ଅପରାଧୀଙ୍କୁ ଦଳ ଖୋଲା ହୃଦୟରେ ସ୍ୱାଗତ କରିବା ପରେ ମୁଁ ଆଶ୍ଚର୍ଯ୍ୟ ଓ ନିରାଶ ହୋଇଯାଇଥିଲି, ଯାହାଙ୍କ ବିରୋଧରେ ଆମେ ନିୟମିତ ଆନ୍ଦୋଳନ କରୁଥିଲୁ । ଏହା ଓଡ଼ିଶାର ବିଜେପିକର୍ମୀଙ୍କୁ ଚକିତ କରିବା ସହ ସେମାନଙ୍କୁ ନିରାଶ ମଧ୍ୟ କରିଛି । ଏବେ ଆପଣ କେମିତି କହିପାରିବେ ଯେ ବିଜେପି ଏକ ଭିନ୍ନତା ଥିବା ଦଳ ।

ଓଡିଆ ଅସ୍ମିତା କଥା କହିବାକୁ ଗଲେ ପ୍ରଦୀପ ପାଣିଗ୍ରାହୀ, ପ୍ରଶାନ୍ତ ଜଗଦେବଙ୍କ ଭଳିଚାର୍ଜସିଟ ହୋଇଥିବା ଅପରାଧୀଙ୍କୁ ବିଜେଡି ଦଳରୁ ବାହାର କରି ଦେଇଥିବାବେଳେ ବିଜେପି ସେମାନଙ୍କୁ ଖୋଲାଖୋଲି କୋଳେଇ ନେଇଛି । ଏହା କ'ଣ ଓଡିଆ ଅସ୍ମିତାର ପ୍ରତୀକ କି ବୋଲି ଶ୍ରୀ ବକ୍ସିପାତ୍ର ପ୍ରଶ୍ନକରିଛନ୍ତି । ଏମାନେ କ'ଣ ବିଜେପିର ଓଡ଼ିଆ ଅସ୍ମିତାର ପୋଷ୍ଟ ରବଏ ଯାହା ଦଳ ଓଡ଼ିଶାବାସୀଙ୍କୁ ଦେଖାଉଛି ? ବ୍ରହ୍ମପୁର ଓ ଓଡ଼ିଶାବାସୀ ହସୁଛନ୍ତି ଏବଂ ଓଡ଼ିଶା ବିଜେପି କର୍ମକର୍ତ୍ତାମାନେ ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି । ଯେଉଁ ଦଳ ପାଇଁ ମୁଁ ମୋଜୀବନର ୨୩ ବର୍ଷ ଦେଇଥିଲି, ବିଜେପିର ଏଭଳି କପଟତ । ଦେଖି ମୁଁ ଦୁଃଖିତ ଓ ନିରାଶ ହୋଇଥିଲି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି ।

## ମଧୁବାବୁଙ୍କ ଜନ୍ମପୀଠରେ କାର୍ତ୍ତିକ ପାଣ୍ଡିଆନ
# ଶ୍ରଦ୍ଧାଞ୍ଜଳି ଦେଲେ, ସଂଗ୍ରହାଳୟ ପରିଦର୍ଶନ କଲେ



ଭୁବନେଶ୍ୱର (ସବ୍ୟୁ): ଉତ୍କଳଗୌରବ ମଧୁସୂଦନ ଦାସ ଙ୍କ ଜନ୍ମ ଦିବସ । ଏହି ଅବସରରେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ରବିବାର ଅପରାହ୍ନରେ ମଧୁବାବୁଙ୍କ ଜନ୍ମପୀଠ କଟକ ଜିଲ୍ଲାର ସତ୍ୟଭାମାପୁର ଯାଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏହାପରେ ସେ ମଧୁବାବୁଙ୍କ ଜନ୍ମପୀଠରେ କରାଯାଇଥିବା ସଂଗ୍ରହାଳୟ ପରିଦର୍ଶନ କରିଥିଲେ ଏବଂ ଗ୍ରାମବାସୀଙ୍କ ସହ ମଧୁବାବୁଙ୍କ ମହାନତା ବିଷୟରେ ଆଲୋଚନା କରିଥିଲେ ମଧୁବାବୁଙ୍କ ଜନ୍ମପୀଠର ବିକାଶ କାମ ଏବଂ ସତ୍ୟଭାମାପୁର ଯୁବସମାଜ ପାଇଁ ଏକ ପ୍ରେରଣା ସ୍ଥଳ ପାଲଟିଥିବାରୁ ସେମାନେ ଶ୍ରୀ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ । ୫-ଟି ଅଧ୍ୟକ୍ଷ ଗତ ବର୍ଷ ସତ୍ୟଭାମାପୁର ଯାଇଥିଲେ ଏବଂ ପରେ ମୁଖ୍ୟମନ୍ତ୍ରୀ ୫ଟ୍ସ ଉପକ୍ରମରେ ୨୩ କୋଟି ଟଙ୍କାର ବ୍ୟୟ ଅଟକଳରେ ମଧୁ ବାବୁ ଜନ୍ମପୀଠ ଓ ସଂଗ୍ରହାଳୟର ବିକାଶ ପ୍ରକଳ୍ପ ମଂଜୁର କରିଥିଲେ ଓଡ଼ିଆ ଜାତିର ଏହି ମହାନ ଐତିହ ପୀଠ ଆଜି ସମଗ୍ର ଓଡିଶାର ଗୌରବ ପାଲଟିଛି ।

# ରାହୁଲଙ୍କ ଓଡିଶା ଗସ୍ତର କୌଣସି ପ୍ରଭାବ ପଡିବ ନାହିଁ: ବିଜେଡି
## ବାରମ୍ବାର ହାରୁଥିବା ଦଳୀୟ କର୍ମୀଙ୍କ ମନୋବଳ ବଢାଇପାରେ

ଭୁବନେଶ୍ୱର (ସବ୍ୟୁ): କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିସାଲେପୁରରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଛନ୍ତି । ତାଙ୍କ ଗସ୍ତ ଓଡ଼ିଶା କଂଗ୍ରେସର ନିର୍ବାଚନ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡକ୍ଟର ସସ୍ମିତ ପାତ୍ର । ଡକ୍ଟର ପାତ୍ର ଏଠାରେ ଗଣମାଧ୍ୟମକୁ କହିଛନ୍ତି ଯେ ଏହି ଗସ୍ତ କିନ୍ତୁ କ୍ରମାଗତ ଭାବେ ନିର୍ବାଚନ ହାରି ଆସୁଥିବା ନିରାଶ କଂଗ୍ରେସ କର୍ମୀଙ୍କୁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ । ସେହି ଦୃଷ୍ଟିକୋଣରୁ ତାଙ୍କର ଓଡ଼ିଶା ଗସ୍ତ କଂଗ୍ରେସ ପାଇଁ ଲାଭଦାୟକ ହୋଇପାରେ ବୋଲି ଡକ୍ଟର ପାତ୍ର କହିଛନ୍ତି ।

## ଶ୍ରୀ ବଳଦେବଜୀଉଙ୍କୁ ଦର୍ଶନ କଲେ ବିଜେପି ପ୍ରାର୍ଥୀ ଗୀତାଞ୍ଜଳୀ

କେନ୍ଦ୍ରାପଡ଼ା,(ସବ୍ୟୁ) :: ଜିଲ୍ଲାର ଜଣାଶୁଣା ନାରୀନେତ୍ରୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ବର୍ତ୍ତମାନର ବିଜେପି ବିଧାନସଭା ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀ ଆଜି ଶ୍ରୀ ବଳଦେବଜୀଉ ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହ ପ୍ରଚାର ଅଭିଯାନର ଶୁଭାରମ୍ଭ କରିଛନ୍ତି। ବିଜେଡି ଟିକେଟ ରେ ୧୩ନଂ ଜୋନରୁ ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହେବା ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷା ହୋଇଥିଲେ । ତେବେ ଅଧ୍ୟକ୍ଷ ପଦରୁ ଓ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେବା ସହ ଆଗାମୀ ନିର୍ବାଚନରେ କେନ୍ଦ୍ରାପଡା ବିଧାନସଭା ପ୍ରାର୍ଥୀ ଭାବେ ଦଳୀୟ ଟିକେଟ ହାସଲ କରିଛନ୍ତି ।

# ୩୮ନଂ ୱାର୍ଡରେ ବିଜେଡିର ପ୍ରାକ୍ ନିର୍ବାଚନୀ ପ୍ରସ୍ତୁତି ବୈଠକ
## ଯୋଡି ଶଙ୍ଖରେ ମୋହର ମାରିବାକୁ ନିବେଦନ

କଟକ, (ସ୍ୱପ୍ର): ଆଗାମୀ ସାଧାରଣ ପାଇଁ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ୱାର୍ଡରେ ବିଜେଡି ପକ୍ଷରୁ ଚାଲିଛି ବ୍ୟାପକ ପ୍ରସ୍ତୁତି । ଏନେଇ ସ୍ଥାନୀୟ ୩୮ନଂ ୱାର୍ଡରେ ଲଗାତରଭାବେ ଚାଲିଛି ପ୍ରସ୍ତୁତି ବୈଠକ । ଶନିବାର ୩ୟ ଥର ପାଇଁ ୱାର୍ଡ ସଭାପତି ସତ୍ୟବ୍ରତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ପ୍ରାକ୍ ନିର୍ବାଚନୀ ପ୍ରସ୍ତୁତି ବୈଠକ ରେଲୱେ କଲୋନୀ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୁଥ୍ ସ୍ତରୀୟ ଟିମ୍ ୨୫ ଗଠନ କରିବାକୁ ପରାମର୍ଶ ଦେବା ସହ ପ୍ରତି ଘରକୁ ଯାଇ



ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଅବଗତ କରାଇବାକୁ କହିଥିଲେ । ସେ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବାକୁ ବିକାଶର ଚିହ୍ନ ଶଙ୍ଖ ଚିହ୍ନରେ ଦୁଇଟି ଭୋଟ୍ ଦେବାକୁ କହିଥିଲେ। ଗୋଟିଏ ଭୋଟ୍ ସାଂସଦ ପ୍ରାର୍ଥୀ ଡଃ ସଂନ୍ତୃପ୍ତ ମିଶ୍ର ଓ ଅନ୍ୟ ଗୋଟିଏ ଭୋଟ୍ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳଙ୍କୁ ଦେବାକୁ ଉପସ୍ଥିତ ଲୋକମାନଙ୍କୁ ନିବେଦନ କରିଥିଲେ । ଏହି ନିର୍ବାଚନୀ ପ୍ରସ୍ତୁତି ବୈଠକରେ ୩୯ନଂ ୱାର୍ଡ ପର୍ଯ୍ୟବେକ୍ଷକ ରମାକାନ୍ତ ଲେଙ୍କା, ୩୮ନଂ ୱାର୍ଡ ପର୍ଯ୍ୟବେକ୍ଷକ ଇଂ ଆଶିଷ କୁମାର ସ୍ୱାଇଁ, ସିଟି କମିଟି ଉପସଭାପତି ରାଜେନ୍ଦ୍ର ରଣା, ୩୯ନଂ ୱାର୍ଡ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ସାହୁ, ୩୮ନଂ ୱାର୍ଡ କାର୍ଯ୍ୟକାରୀ ସଭାପତି ବିଭୁତି ଭୂଷଣ ସ୍ୱାଇଁ, ଅଜୟ ମହାନ୍ତି, ଭୀମସେନ୍ ସାବତ, ଅନିଲ ନାୟକ, ଶୁଭେନ୍ଦୁ ସେନ୍‌ଗୁପ୍ତା, ଅମିତ ପାତ୍ର, ଆନନ୍ଦ ନାୟକ, ପି.ଗୋପାଳ, ସାମାଦେଇ ପ୍ରତାପ ନାୟକ, ପ୍ରଶାନ୍ତ କୁମାର ନାୟକ, ପି.ମଣ୍ଟୁ, ବିପିନ ନାୟକ, ମମତା ଦାସ, ସାଗର ନାୟକଙ୍କୁ ନିର୍ବାଚନରେ ବ୍ୟାପକ ସଫଳତା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।

# ବଡ଼ ଝରିଲୋରେ ନିଆଳି ବିଜେଡ଼ିର ମିଶ୍ରଣ ପର୍ବ

ଫୁଲନଖରା,(ସବ୍ୟୁ) : ନିଆଳି ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନ ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ପଂଚାୟତରେ ନିଆଳି ବିଜେଡ଼ିର ଏକ ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ ବଡ଼ ଝରିଲୋ ଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ମିଶ୍ରଣ ପର୍ବ କର୍ମୀସମ୍ମିଳନୀରେ ରେ ଜଗତସିଂହପୁର ବିଜେଡ଼ି ସାଂସଦ ପ୍ରାର୍ଥୀ ଡ଼ା . ରାଜଶ୍ରୀ ମଲ୍ଲିକ ଓ ନିଆଳି ବିଧାୟକ ପ୍ରାର୍ଥୀ ପ୍ରଫେସର ଡ଼ା. ପ୍ରମୋଦ ମଲ୍ଲିକ ଯୋଗ ଦେଇଥିଲେ । ପଂଚାୟତର ଜଣେ ଟାଣୁଆ ନେତା ସତ ମହାନ୍ତିଙ୍କ ସମେତ ଶହେରୁ ଉର୍ଦ୍ଧ୍ୱ କର୍ମୀ ଅନ ଦଳ ଛାଡ଼ି ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ , ସାଂସଦ ପ୍ରାର୍ଥୀ ଡ଼ା. ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ପ୍ରଫେସର ଡ଼ା. ପ୍ରମୋଦ କୁମାର ମଲ୍ଲିକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଂଚଳର ବିକାଶ କରିବା ପାଇଁ ବିଜେଡ଼ିରେ ମିଶିଥିଲେ । ଯୁବ ସଂଗଠକ ଅରୁଣ କୁମାର ସାହୁ ଓ ସରକାରୀ ଓକିଲ କବିନାରାୟଣ ଜେନାଙ୍କ ସଂଚାଳନରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବାରଙ୍ଗ ବ୍ଲକ ବିଜେଡ଼ି ସଭାପତି ଗୋଲେଖ ପାତ୍ର , ଜିଲ୍ଲା ବିଜେଡ଼ି ସାଧାରଣ ସଂପାଦକ ଅକ୍ଷୟ କୁମାର ମହାନ୍ତି,ଦିନେଶ ଦାସ, ବିଜୟ ସାହୁ, ପଞ୍ଚାୟତ ସଭାପତି ବିଶ୍ୱନାଥ ସାହୁ, କାର୍ତ୍ତିକ ସାହୁ, ଜିଲ୍ଲା ପରିଷଦ ସଭ ପ୍ରଦୀପ ଭୋଇ,ସରପଞ୍ଚ ରୋହିଣୀ ଭୋଇ, ସମିତି ସଭ ସତବ୍ରତ ଜେନା, ଯୁବ ବିଜେଡ଼ି ସଭାପତି ଶଶୀଭୂଷଣ ଦାଶ, ଉପ ସଭାପତି ଶୋଭନ ମହାପାତ୍ର,ସାଧନା ଜେନା ପ୍ରମୁଖ ଉପସ୍ଥିତ ହୋଇ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି,ସ୍ୱଚ୍ଛ ଶାସନ ଓ ସରକାରଙ୍କର ବିଭିନ୍ନ ଜନକଲାଣ ଯୋଜନା ସଂପର୍କରେ ଉପସ୍ଥିତ କର୍ମୀମାନଙ୍କୁ ବୁଝାଇବା ସହ ଡ଼ବଲ ଶଙ୍ଖରେ ଭୋଟ ଦେବାକୁ ଅନୁରୋଧ କରିଥିଲେ ।

# କେୟାର ହସ୍ପିଟାଲ ପକ୍ଷରୁ କେୟାର କନେକ୍ଟ କର୍ମଶାଳା

ଭୁବନେଶ୍ୱର (ସବ୍ୟୁ): କେୟାର ହସ୍ପିଟାଲ ପକ୍ଷରୁ ସ୍ନାୟୁରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ




ପ୍ରକାର ସ୍ନାୟୁରୋଗରେ ଅକ୍ରାନ୍ତ ହୋଇ କେୟାର ହସ୍ପିଟାଲରେ ସଫଳତାର ସହିତ ଚିକିତ୍ସା ହୋଇଥିବା ରୋଗୀ ଓ ତାଙ୍କ ପରିବାର ସଦସ୍ୟ ମାନେ ଭାଗ ନେଇଥିଲେ । ଏହି କର୍ମଶାଳାରେ କେୟାର ହସ୍ପିଟାଲର ବରିଷ୍ଠ ନ୍ୟୁରୋସର୍ଜନ ଡାକ୍ତର ସୁଶାନ୍ତ ଦାସ, ବରିଷ୍ଠ ନ୍ୟୁରୋସର୍ଜନ ଡାକ୍ତର ଆତ୍ମାରଞ୍ଜନ ଦାଶ ଏବଂ ବରିଷ୍ଠ ନ୍ୟୁରୋଲୋଜିଷ୍ଟ ଡାକ୍ତର ମିତାଲିକର ଯୋଗ ଦେଇ ଡିସ୍ଚର୍ଜ ପରେ ରୋଗୀ ଓ ତାଙ୍କ ପରିବାର ସଦସ୍ୟଙ୍କ ମନରେ ଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିଲେ । ଏହି ଅବସରରେ ଡାକ୍ତର ସୁଶାନ୍ତ ଦାଶ, କେୟାର ହସ୍ପିଟାଲ୍‌ରେ ନିୟମିତ କରାଯାଉଥିବା ଅତ୍ୟାଧୁନିକ ବ୍ରେନ୍ ସର୍ଜରୀ, ଯେଉଁଳିକି ଆୱେକ୍‌ବ୍ରେନ୍‌ସର୍ଜରୀ, କମ୍ପ୍ୟୁଟର ଗାଇଡେଟ୍ ନାଭିଗେସନ୍‌ବ୍ରେନ୍‌ଟିମ୍ୟୁର ସର୍ଜରୀ, ବ୍ରେନ ଅନ୍ୟୁରିଜିମ୍ ସର୍ଜରୀ, ଏଣ୍ଡୋସ୍କୋପିକ୍‌ବ୍ରେନ୍ ସର୍ଜରୀ ଇତ୍ୟାଦିର ସଫଳତା ବିଷୟରେ ଆଲୋଚନା କରିଥିଲେ ।

ଏହି ଅବସରରେ କେୟାର ହସ୍ପିଟାଲ ଭୁବନେଶ୍ୱରର କିସଲେ ଆନନ୍ଦ କହିଥିଲେ ବ୍ରେନ୍ ଓ ମେରୁଦଣ୍ଡ ରୋଗର ସଫଳ ଚିକିତ୍ସା କରିବାରେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ପୂର୍ବ ଭାରତରେ କେୟାର ହସ୍ପିଟାଲ ଭୁବନେଶ୍ୱର ଶାଖାର ରହିଛି ଏକ ସ୍ୱତନ୍ତ୍ର ପରିଚୟ। ଆଗାମୀ ଦିନରେ ବିଭିନ୍ନ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏହିଭଳି ଅନେକ କର୍ମଶାଳାର ଆୟୋଜନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ କେୟାର ହସ୍ପିଟାଲର ଏଭିପି ଡକ୍ଟର ଲୋକନାଥ ଦାଶ, କେୟାର ହସ୍ପିଟାଲରେ ଉପଲବ୍ଧ ୨୪ ଘଣ୍ଟିଆ ଷ୍ଟ୍ରୋକ୍ ୟୁନିଟ୍ ସମ୍ପର୍କରେ ସୂଚନା ଦେବା ସହିତ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ବୀମା ସହିତ ଗରିବ ଲୋକଙ୍କ ପାଇଁ ବିଏସକେୱାଇ କାର୍ଡ ମାଧ୍ୟମରେ ଚିକିତ୍ସା ଉପଲବ୍ଧ ବୋଲି ସୂଚନା ଦେଇଥିଲେ ।

## ସମ୍ବଲପୁରରେ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର
# ବିଜେପିର ସାମାଜିକ ନ୍ୟାୟ ଆନ୍ଦୋଳନ ବ୍ୟାପକ ହେବ

ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁରରେ ରବିବାର ଆୟୋଜିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ବିଜେଡିର ସମ୍ବଲପୁର ଜିଲ୍ଲା ଏସଟି-ଏସସି ସେଲ୍ ସଭାପତି ମୋତିଲାଲ ତନ୍ତୀ ଓ ତାଙ୍କ ଧର୍ମପତ୍ନୀ ତଥା ବିଜେଡି ନେତ୍ରୀ ରୀନା ତନ୍ତୀ ଦଳରେ ଯୋଗଦେଇଛନ୍ତି । ଏହି ଅବସରରେ କିଛି ଦିନ ପୂର୍ବରୁ ସୋନପୁର ବିଜୟ ସଂକଳ୍ପ ସଭାରେ ବିଜେପି ଯୋଗଦେଇଥିବା ଭାରତୀୟ ହକି ଟିମ୍ର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀ ଉପସ୍ଥିତ ଥିଲେ । ଶ୍ରୀ ପ୍ରଧାନ ତାଙ୍କୁ ଦଳରେ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ଓଡ଼ିଶା ରାଜନୀତିରେ ଆଜି ନୂଆ ଅଧ୍ୟାୟ ଆରମ୍ଭ ହୋଇଛି । କଂଗ୍ରେସ କିଛି ଦିନ ପୂର୍ବେ ପ୍ରବୋଧ ତିର୍କୀଙ୍କୁ ତଳସରାରୁ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା ଓ ପରେ ସେ ଜାଗାରେ ଅନ୍ୟ



ଜଣଙ୍କୁ ପ୍ରାର୍ଥୀ କଲା । ତେବେ ଆନ୍ତର୍ଜାତିକ ସ୍ତରରେ ହକିକୁ ପ୍ରତିନିଧିତ୍ୱ କରୁଥିବା ତଥା ଓଡ଼ିଶାକୁ ଗୌରବ ଆଣିଥିବା ତିର୍କି ନିଜର ସମ୍ମାନ ଓ ସ୍ୱାଭିମାନ ପାଇଁ ବିଜେପିରେ ସାମିଲ ହୋଇଛନ୍ତି । ବିଜେପି ପ୍ରତି ପ୍ରବୋଧ ତିର୍କୀ ଦେଖାଇଥିବା ଆସ୍ଥା ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ସବ୍କା ସାଥ ସବକା ବିକାଶ' ରାଜନୀତିର ବଡ଼ ପ୍ରତିଫଳନ । ସମ୍ବଲପୁର, ସୁନ୍ଦରଗଡ଼, ଆଠମଲ୍ଲିକ, ବରଗଡ଼, ଦେବଗଡ଼, ରେଢାଖୋଲ, ନାକଟିଦେଉଳ, ରେଙ୍ଗାଲି ଆଦି ଅଞ୍ଚଳରେ ଯୁବକମାନଙ୍କ ମଧ୍ୟରେ ଥିବା ପ୍ରବୋଧଙ୍କ ଆକର୍ଷଣ ଦଳକୁ ଲାଭ ଦେବ ବୋଲି କହିଛନ୍ତି ଶ୍ରୀ ପ୍ରଧାନ ।

ସେହିପରି ଦଳରେ ସାମିଲ ହୋଇଥିବା ତନ୍ତୀ ଦମ୍ପତିଙ୍କୁ ସ୍ୱାଗତ କରି ଶ୍ରୀ ପ୍ରଧାନ କହିଛନ୍ତି, ମୋତିଲାଲ ତନ୍ତୀ ଜଣେ ସାମାଜିକ ନ୍ୟାୟ ଆନ୍ଦୋଳନର ଲଢ଼ୁଆ ସାଥୀ । ସେ ଛାତ୍ରଅବସ୍ଥାରୁ ଦଳିତ, ଆଦିବାସୀ, ଗରିବ, ଦୁଃଖୀ ବର୍ଗର ଲୋକଙ୍କ ପାଇଁ ସଂଘର୍ଷ କରି ଆସିଛନ୍ତି । ତାଙ୍କ ଧର୍ମପତ୍ନୀ ରୀନା ତନ୍ତୀ ଗତ ବିଧାନସଭାରେ ରେଙ୍ଗାଲି ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀ ହୋଇଥିଲେ । ଉଭୟେ ଏବେ ବିଜେଡିଛାଡ଼ି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ସ୍ୱୀକାର କରି ବିଜେପିରେ ସାମିଲ ହୋଇଛନ୍ତି । ଆମ ଦଳ ଏହି ରାଜନୀତି ବ୍ୟକ୍ତିବିଶେଷଙ୍କ ଅନୁଭବକୁ ଉପଯୋଗ କରି ଜନଜାତି ସଂଗଠନକୁ ଅଧିକ ସୁଦୃଢ କରିବ । ସାମାଜିକ ନ୍ୟାୟ ଆନ୍ଦୋଳନକୁ ମଧ୍ୟ ବ୍ୟାପକ କରାଯିବ । ମୋଦୀ ଗ୍ୟାରେଣ୍ଟିରେ ରେଙ୍ଗାଳି ନିର୍ବାଚନମଣ୍ଡଳୀ ସମେତ ସମ୍ବଲପୁରରେ ଗରିବ ଲୋକଙ୍କ ଅପେକ୍ଷା ଓ ଆକାଂକ୍ଷାକୁ ପୂରଣ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ମିଶ୍ରଣ ପର୍ବରେ ସମ୍ବଲପୁର ଜିଲ୍ଲା ସଭାପତି ଗିରିଶ ପଟେଲ, ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର, ରେଙ୍ଗାଳି ବିଧାୟକ ନାଉରୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ବଡମ୍ବା ନିର୍ବାଚନମଣ୍ଡଳୀର ଶତାଧିକ
# ନେତା-କର୍ମୀ ବିଜେଡି ଓ କଂଗ୍ରେସ ଛାଡି ବିଜେପିରେ ହେଲେ ସାମିଲ



ଭୁବନେଶ୍ୱର (ସବ୍ୟୁ): ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କଟକ ଜିଲ୍ଲା ବଡମ୍ବା ବ୍ଲକ ମଙ୍ଗରାଜପୁର ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ଭଜମନ ମହାନ୍ତି ନିଜ ଶତାଧିକ ସମର୍ଥକଙ୍କ ସହ ବିଜେପିରେ ଯୋଗ ଦେଇଛନ୍ତି । ଶ୍ରୀ ମହାନ୍ତି ଙ୍କ ସମେତ ୱାର୍ଡ ମେମ୍ବର ସୁବାଷ ଚନ୍ଦ୍ର ମହାନ୍ତି, ଧନେଶ୍ୱର ମହାନ୍ତି, ବିଜେଡି ସଦସ୍ୟ ରବୀନ୍ଦ୍ର ବିଶ୍ୱାଳ, ଜିତେନ୍ଦ୍ର ମଲ୍ଲିକ, ଚିନ୍ତାମଣୀ ମହାନ୍ତି, ବାପିନ ମହାନ୍ତି, ସରୋଜ କୁମାର ମଲ୍ଲିକ, ବିପିନ ମହାନ୍ତି ପ୍ରମୁଖ ଆନୁଷ୍ଠାନିକଭାବେ ବିଜେପିରେ ଯୋଗ ଦେଇଛନ୍ତି । କଟକ ଜିଲ୍ଲା ନରସିଂହପୁର ଗ୍ରାମ ପଂଚାୟତର ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ କୁମାର ମହାନ୍ତି, ସମାଜସେବୀ ଦେବରାଜ ବେହେରା, ବାଲିସାହି ଗାଁ ସଭାପତି ଦୟାନିଧି ଦାସ, ବାଲିସାହି କ୍ଲବ ସଭାପତି ବିଜୟ କୁମାର ଦାସ, ପ୍ରମୁଖ ବିଜେପିରେ ଯୋଗ ଦେଇଛନ୍ତି । ନରସିଂହପୁରର ବାର୍ ଆସୋସିଏସନ୍‌ର ଆଇନଜୀବୀ ଅମର ସିଂହ, ଆଇନଜୀବୀ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ମନୋରଞ୍ଜନ ଦାସ, ବୁଧିମନ ସାହୁ, ବିଜେଡି କର୍ମୀ ପଙ୍କଜ ସାହୁ ପ୍ରମୁଖ ମଧ ବିଜେପିରେ ଯୋଗ ଦେଇଛନ୍ତି ।

ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି, ସାଂସ୍କୃତିକ ପ୍ରକୋଷ୍ଠ ସଂଯୋଜିକା ପିଙ୍କି ପ୍ରଧାନ, ଅଭିନେତା ତଥା ସାଲେପୁର ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ପ୍ରମୁଖ ନୂତନ ସଦସ୍ୟଙ୍କୁ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ପାର୍ଟୀରେ ସାମିଲ ହୋଇଥିବା ନୂତନ ସଦସ୍ୟଙ୍କୁ ୮୯୮୦୮୦୮୦୮୦ ନମ୍ବରରେ ଡାୟାଲ କରାଇ ଶ୍ରୀ ମହାପାତ୍ର ସଦସ୍ୟତା କରାଇଥିଲେ ।

# କେନ୍ଦୁଝର ଲୋକସଭା ଆସନରେ ତ୍ରିମୁଖୀ ଲଢ଼େଇ

କେନ୍ଦୁଝର (ସ୍ୱ.ପ୍ର): କେନ୍ଦୁଝର ଲୋକସଭା ପାଇଁ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ଟିକେଟ ପାଇବା ପରେ ଭୋଟରଙ୍କୁ ନିଜପକ୍ଷକୁ ନେବା ପାଇଁ ବିଭିନ୍ନ ଶୈଳୀରେ ପ୍ରାର୍ଥୀମାନେ ପ୍ରଚାର ଚଳାଇଛନ୍ତି ।ଏଥର କେନ୍ଦୁଝର ଲୋକସଭା ଆସନରେ ତ୍ରିମୁଖୀ ଲଢେ ହେବ ବୋଲି ରାଜନେତିକ ମହଲରେ ଚର୍ଚ୍ଚା ହେଉଛି।୨୦୧୯ ନିର୍ବାଚନରେ ବିଜେଡିର ଚନ୍ଦ୍ରାଣୀ ମୁର୍ମୁ ୫ ଲକ୍ଷ ୨୬ ହଜାର ୩୫୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେଛ ବିଜେପି ପ୍ରାର୍ଥୀ ଅନନ୍ତ ନାଏକ ୪ଲକ୍ଷ ୬୦ ହଜାର ୧୫୬ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ମୋହନ ହେମ୍ବ୍ରମ ୧ ଲକ୍ଷ ୨୮ ହଜାର ୭୧୬ ଖଣ୍ଡ ଭୋଟ ପାଇଁ ତୃତୀୟ ସ୍ଥାନରେ ରହିଥିଲେ। ଏଥର ବିଜେଡି ଏଠାରେ ଧନୁର୍ଜୟ ସିଦୁଙ୍କୁ ପ୍ରାର୍ଥୀ କରିଛି। ସେ ଦଳର ବିଧାୟକ ପ୍ରାର୍ଥୀମାନଙ୍କ ସହ ମିଶି ସମସ୍ତ ନିର୍ବାଚନମଣ୍ଡଳୀରେ ପ୍ରଚାର ଜାରି ରଖିଛନ୍ତି। ଦୁଇଦିନ ତଳେ ଚମ୍ପୁଆ ବିଧାୟକ ପ୍ରାର୍ଥୀ ସନାତନ ମହାକୁଡ଼ଙ୍କ



ସହିତ ମିଶି ରିମୁଳିରୁ ଚମ୍ପୁଆ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ପାଟଣାରେ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକଙ୍କ ସହ ମିଶି ମା' କବଚ ସମାବେଶରେ ଯୋଗଦେଇ ଭୋଟ ମାଗିଥିଲେ। ସେହିପରି ତେଲକୋଇରୁ ପ୍ରାର୍ଥୀ ହୋଇଥିବା ମାଧବ ସର୍ଦ୍ଦାରଙ୍କ ସହିତ ମିଶି ହରିଚନ୍ଦନପୁର, ତେଲକୋଇ ଓ ବଂଶପାଳରେ ଆଶୀର୍ବାଦ ଭିକ୍ଷା ସମାବେଶରେ ଯୋଗଦେଇଥିଲେ।

ଅନ୍ୟପକ୍ଷରେ ପ୍ରଚାର ବେଳେ ବିଜେପିର ସାଂସଦ ପ୍ରାର୍ଥୀ ଅନନ୍ତ ନାଏକ ସମସ୍ୟାରେ ପଡ଼ିଛନ୍ତି। ଦଳ ଏଯାଏ ତେଲକୋଇ, ଘସିପୁରା ଓ ଚମ୍ପୁଆ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଘୋଷଣା କରିନଥିବାରୁ ଏସବୁ ସ୍ଥାନରେ ସେ ଏକାକୀ ପ୍ରଚାର କରିପାରୁ ନାହାନ୍ତି।ଅନ୍ୟ ତିନିଟି ନିର୍ବାଚନମଣ୍ଡଳୀରେ ଅନନ୍ତ ବିଧାୟକ ପ୍ରାର୍ଥୀଙ୍କ ସହ ମିଶି ସଭାସମିତି ଓ ଶୋଭାଯାତ୍ରା କରି ଭୋଟ ମାଗୁଥିବା ଦେଖିବାକୁ ମିଳିଛି।ସେହିପରି କଂଗ୍ରେସ ଏଠାରେ ପ୍ରଥମେ ମୋହନ ହେମ୍ବ୍ରମଙ୍କୁ ସାଂସଦ ପ୍ରାର୍ଥୀ ଘୋଷଣା କରିବା ପରେ ଦଳର ସମସ୍ତ କର୍ମକର୍ତ୍ତା ସମୂହ ଇସ୍ତଫା ଦେଇଥିଲେଛ କିଛିଦିନ ପରେ ଦଳ ଏଠାରେ ପ୍ରାର୍ଥୀ ବଦଳାଇଥିଲା ଏବଂ ଇଂ. ବିନୋଦବିହାରୀ ନାଏକଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ମଙ୍ଗଳବାର କଂଗ୍ରେସର ସାଂସଦ ଓ ବିଧାୟକ ପ୍ରାର୍ଥୀମାନେ ଘଟଗାଁ ମା' ତାରିଣୀଙ୍କ ନିକଟରେ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କରିଛନ୍ତି। ତିନି ପ୍ରମୁଖ ଦଳର ପ୍ରାର୍ଥୀ ପ୍ରଚାର ମଇଦାନକୁ ଓହ୍ଲାଇଥିବାରୁ ଏଥର କେନ୍ଦୁଝରରେ ତ୍ରିମୁଖୀ ଲଢେ ହେବ ବୋଲି କୁହାଯାଉଛି।







ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ କଟକ ଜିଲ୍ଲାର ସତ୍ୟଭାମାପୁରରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍

## ଓ' ବ୍ରେନ୍ କମର୍ସ ଅନ୍‌ଲାଇନ୍ ପ୍ରକଳ୍ପ ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ରସୁଲଗଡ଼ସ୍ଥିତ ଓ' ବ୍ରେନ୍ ସେଣ୍ଟର୍ ର ୨୫ ବର୍ଷ ପୂର୍ତ୍ତି ଅବସରରେ କମର୍ସ ଅନ୍‌ଲାଇନ୍ ପ୍ରକଳ୍ପର ଶୁଭାରମ୍ଭ ହୋଇଛି । ଏହି ଅବସରରେ ଓ' ବ୍ରେନ୍ ର ନିର୍ଦ୍ଦେଶକ ସରୋଜ ବିଶ୍ୱାଳ ତାଙ୍କର ସ୍ୱପ୍ନକୁ ସାକାର କରିଛନ୍ତି । ସେ ଆସନ୍ତା ମାସ ଠାରୁ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରଛାତ୍ରୀଙ୍କୁ ଅନ୍‌ଲାଇନ୍ ଡିଜିଟାଲ୍ ଷ୍ଟୁଡିଓ ମାଧ୍ୟମରେ ସାରା ଓଡ଼ିଶାରେ ପାଠ ପାଇବାକୁ ପ୍ରଚେଷ୍ଟା କରୁଛନ୍ତି । ମାସକୁ ମାତ୍ର ୨୦୦ ଟଙ୍କା ଦେଇ ଛାତ୍ରଛାତ୍ରୀମାନେ ପାଠ ପିପାରିବେ । ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତ ପିଲା ଉପକୃତ ହୋଇପାରିବେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସେଣ୍ଟ୍ରାଲ୍ ଏକ୍ସାଇଜ୍ ଅବସରପ୍ରାପ୍ତ ଅଧିକାରୀ ଚିରଞ୍ଜନ ଶାସ୍ତ୍ରୀ, ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ମାନବାଧିକାର ଫୋରମ୍ ଅଧ୍ୟକ୍ଷ ସୁବାସିନୀ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ । ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ କହିଥିଲେ ଯେ ତାଙ୍କର ଛାତ୍ରଛାତ୍ରୀମାନେ ବହୁ କମ୍ପାନୀ ଓ ବ୍ୟାଙ୍କିଂ ସେକ୍ଟରରେ ଉଚ୍ଚ ପଦପଦବୀରେ ନିଯୁକ୍ତି ପାଇଛନ୍ତି । ଏହାଛଡ଼ା ୬୫ ଜଣ ଚାଟାର୍ଡ ଆକାଉଣ୍ଟାଣ୍ଟ, ୩୮ଜଣ କଷ୍ଟ ଆକାଉଣ୍ଟାଣ୍ଟ, ୮ ଜଣ କମ୍ପାନୀ ସେକ୍ରେଟାରୀ, ୫ ଜଣ ଗୋଲ୍ଡ ମେଡାଲିଷ୍ଟ, ୪୨ ଜଣ ଯୁକ୍ତ ୨ ଟପ୍ପର, ୫ଜଣ ଯୁକ୍ତ ୩ ଟପ୍ପର ହୋଇଥିବା ଜଣାପଡ଼ିଛି । ନିମନ୍ତ୍ରିତ ଅତିଥି ମାନେ ଏହି ଅନୁଷ୍ଠାନ ର ଛାତ୍ରଛାତ୍ରୀ ଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।



## ଭଏସ ସର୍ଚ୍ଚ ଫିଚର ନେଇଆସିଛି ଇଣ୍ଡସ ଆପଷ୍ଟୋର

ଭୁବନେଶ୍ୱର(ସବ୍ୟୁ) : ଭାରତରେ ଘରୋଇ ଆପ୍ ମାର୍କେଟପ୍ଲେସ ଫୋନପେର ଇଣ୍ଡସ ଆପଷ୍ଟୋର ପକ୍ଷରୁ ଇଂରାଜୀ ସମେତ ୧୦ ଟି ଭାରତୀୟ ଭାଷାରେ ଭଏସ ସର୍ଚ୍ଚ ଫିଚରର ଶୁଭାରମ୍ଭ କରାଯାଇଛି । ଏହି ଅଭିନବ ଫିଚର ଉପଭୋକ୍ତାମାନଙ୍କୁ ସେମାନଙ୍କ ପସନ୍ଦର ଭାଷାରେ ଭଏସ ସର୍ଚ୍ଚ ମାଧ୍ୟମରେ ଆପଗୁଡ଼ିକୁ ଖୋଜିବାରେ ସାହାଯ୍ୟ କରିଥାଏ। ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏବଂ ମେସିନ ଲର୍ନିଂ ଆଲଗୋରିଦମ ଦ୍ୱାରା ଏହି ଭଏସ ସର୍ଚ୍ଚ ଟେକ୍ନୋଲୋଜି ଚାଳିତ ହୋଇଥାଏ, ଯାହା ସଠିକତା ତଥା ଶୁଦ୍ଧତାର ସହିତ ବିଭିନ୍ନ ଉଚ୍ଚାରଣ ଏବଂ ସ୍ୱରର ଢାଂଚାଗୁଡ଼ିକୁ ବୁଝିପାରେ। ଆଂଚଳିକ ଭାଷାରେ ପ୍ରଚଳିତ ଟେକ୍ସଟ-ଆଧାରିତ ସର୍ଚ୍ଚ ବିଶେଷ ପ୍ରକାରର କୀବୋର୍ଡ ଏବଂ ସ୍ୱତନ୍ତ୍ର ଅକ୍ଷର ଲେଖିବାର ଆବଶ୍ୟକତା ଭଳି ଅନେକ ସମସ୍ୟା ସୃଷ୍ଟି କରେ । ଏହି ବାଧାଗୁଡ଼ିକ ଅପ୍ରତିହତ ଭାବରେ ଯୋଗାଯୋଗ କରିବା କ୍ଷେତ୍ରରେ ବାଧା ସୃଷ୍ଟି କରିଥାଏ।

## ବିଜେଡି ବିଧାୟକ ଓ ସାଂସଦ ପ୍ରାର୍ଥିନୀଙ୍କ ବିରାଟ ବାଇକ ଶୋଭାଯାତ୍ରା, ଯୋଡି ଶଙ୍ଖରେ ଭୋଟ ଦେବାକୁ ନିବେଦନ

ନିମାପଡା,(ସବ୍ୟୁ): ନିମାପଡାର ହରିପୁର ଠାରୁ ବିଜେଡିର ବିଧାୟକ ପ୍ରାର୍ଥୀ ଓ ସାଂସଦଙ୍କ ପ୍ରାର୍ଥିନୀଙ୍କ ଏକ ବିରାଟ ବାଇକ ଶୋଭାଯାତ୍ରା ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ହରିପୁର ଠାରେ ବିଜେଡିର ଜଗତସିଂହପୁର ସାଂସଦ ପାର୍ଥିନୀ ଡ. ରାଜଶ୍ରୀ ମଲ୍ଲିକ,ନିମାପଡା ବିଧାୟକ ପ୍ରାର୍ଥି ଦିଲ୍ଲୀପ ନାୟକ ପହଂଚିବା ପରେ ଏକ ବିରାଟ ବାଇକ ଶୋଭାଯତ୍ରା ବାହାରୀ ନିମାପଡା ବଜାର,ଚାରିଛକ,ଗୋପ ବଜାର ଦେଇ ନେତପୁର ପର୍ଯ୍ୟନ୍ତ ଯାଇଥିଲା । ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟକ ସମର୍ଥକ ମାନେ ବିଜୟ ପାଇଁ ସଂକଳ୍ପ ନେବା ସହିତ ନବୀନ ପଟ୍ଟନାୟକ ଜିନ୍ଦାବାଦ,ରାଜଶ୍ରୀ ମଲ୍ଲିକ ଜିନ୍ଦାବାଦ ଏବଂ ଦିଲ୍ଲୀପ ନାୟକ ଜିନ୍ଦାବାଦ ଧ୍ୱନି ଦେଇଥିଲେ । ବାଟରେ ବିଭିନ୍ନ ଛକ ବଜାରରେ ଲୋକମାନେ ଫୁଲମାଳ ଓ ତୋଡାଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଦଳର ସୁପ୍ରିମ ନବୀନ ପଟ୍ଟନାୟକ ଜୋଡା ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଛନ୍ତି ,ନିମାପଡା ନିର୍ବାଚନ ମଣ୍ଡଳୀର ଭୋଟର ଜୋଡା ଶଙ୍ଖରେ ଭୋଟ ଦେଇ ଆର୍ଶିବାଦ କରିବାକୁ ବିଧାୟକ ପାର୍ଥୀ ଶ୍ରୀ ନାୟକ ଓ ସାଂସଦ ପ୍ରାର୍ଥିନୀ ଶ୍ରୀମତୀ ମଲ୍ଲିକ ନିବେଦନ କରିଛନ୍ତି । ଶୋଭାଯତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ସଭାପତି ଦିବାକର ପାତ୍ର,ନିମାପଡା ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ,ଜିଲ୍ଲାପରିଷଦ ସଭ୍ୟ କୁଞ୍ଜଲତା ସାମଲ,ରବିନ୍ଦ୍ର ନାଥ ମଲ୍ଲିକ,ସସ୍ମିତ ।ନାୟକ,କାଉନସିଲର ଧନୁର୍ଦ୍ଧର ଦାସ,ବିଜେଡି ଯୁବନେତା ପ୍ରଦୀପ ନାୟକ ବିଜେଡି ନେତା ନିରଂଜନ ମହାପାତ୍ର,ସତ୍ୟବାଦୀ ମହାପାତ୍ର,ମାନସ ପ୍ରଧାନ ,ଅଜୟ ଭୋଇ,ଦିଲ୍ଲୀପ ପାତ୍ର ପ୍ରମୁଖ ନେତୃତ୍ୱ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରାରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ବାଇକ ସାମିଲ ହୋଇଥିଲେ । ଆଇନ ଶୃଙ୍ଖଳ ।ପରିସ୍ଥିତି ନିୟନ୍ତ୍ରଣ ପାଇଁ ବିଭିନ୍ନ ସ୍ଥାନରେ ବଳଙ୍ଗା,ନିମାପଡା ଆଦି ଥାନାର ଅଧିକାରୀ, ଅଫିସର ଏବଂ ସଶସ୍ତ୍ର କେନ୍ଦ୍ରୀୟ ଫୋର୍ସ ଉପସ୍ଥିତଥିଲେ ।



### ମହାନଦୀ ସାହିତ୍ୟ ଉତ୍ସବ ଓ ସମ୍ବଲପୁରୀ କବି ମହାସମ୍ମିଳନୀ

## ସମ୍ବଲପୁର ଦଶହଜାର ବର୍ଷ ତଳର ସାଂସ୍କୃତିକ ଭାବଧାରାର ମୂକସାକ୍ଷୀ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି, ଲୋକକଳା, ଲୋକପରମ୍ପରା, ଖାଦ୍ୟପେୟ ପ୍ରତି ମୋର ଛାତ୍ରାବସ୍ଥାରୁ ଆବେଗ ଓ ଆକର୍ଷଣ ଅଛି । ସମ୍ବଲପୁରୀ ସାହିତ୍ୟର ମୁଁ ଜଣେ ପାଠକ, ଅନୁଗତ ଓ ବିଶ୍ୱାସୀ ବୋଲି ରବିବାର ସମ୍ବଲପୁରରେ 'ମହାନଦୀ ସାହିତ୍ୟ ଉତ୍ସବ' ଏବଂ 'ରାଜ୍ୟସ୍ତରୀୟ ସମ୍ବଲପୁରୀ କବି ମହାସମ୍ମିଳନୀ'ରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ସମ୍ବଲପୁର ଜିଲ୍ଲାର ଏକାଧିକ ପ୍ରମୁଖ ସାରସ୍ୱତ ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ମହାନଦୀ ସାହିତ୍ୟ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁରୀ ପୋଷାକ ପରିଧାନ କରି ସଂସଦ ଯିବା ମୋତେ ପସନ୍ଦ ଲାଗେ । ପ୍ରସିଦ୍ଧ ରଙ୍ଗବତୀ ଗୀତ ଓ ଲୋକପ୍ରିୟ ନୃତ୍ୟ ଡାଲଖାଇ ପ୍ରତି ମୋର ବିଶେଷ ଆକର୍ଷଣ ଅଛି । ସମ୍ବଲପୁର ଦଶହଜାର ବର୍ଷ ତଳର ସାଂସ୍କୃତିକ ଭାବଧାରାର ମୂକସାକ୍ଷୀ । ଏହି ମହାନଦୀ ଅବବାହିକା ପ୍ରାଚୀନ ମାନବ ସଭ୍ୟତାର ମୂଳସ୍ଥାନ ଥିଲା । ନାକଟିଦେଉଳ ପାଖରେ ଭୀମମଣ୍ଡଳୀ ପରି ଐତିହାସିକ ସ୍ଥାନ ରହିଛି । ଏଠାରେ ଥିବା ଗୁମ୍ଫାର ପ୍ରସ୍ତର ଗୁଡ଼ିକ ଉପରେ ଅନେକ ଚିତ୍ର ରହିଛି । ଏଗୁଡ଼ିକ ପ୍ରାୟ ୧୦ ହଜାର ବର୍ଷ ପୂର୍ବର ବୋଲି ଐତିହାସିକମାନେ କହନ୍ତି । କିନ୍ତୁ ଆନ୍ତରିକତା ଅଭାବରୁ ଆମେ ଆମ ସଭ୍ୟତାକୁ ଯେମିତି ବିଶ୍ୱ ଦରବାରରେ ପରିଚିତ କରିବା କଥା ତାହା କରିପାରିନୁ । ସମ୍ବଲପୁରୀ ଗୀତ, ସଂସ୍କୃତି, ଲୋକବାଦ୍ୟ, ଲୋକନୃତ୍ୟ ଓ ପରିଧାନ ଏବେ ବିଶ୍ୱର ଦୃଷ୍ଟି ଆକର୍ଷଣ କରି ଆସିଲାଣି । ତେବେ ଏହାର ପ୍ରଚାର ପ୍ରସାର ପାଇଁ ନିକଟ ଭବିଷ୍ୟତରେ ସମ୍ବଲପୁରରେ ଏକ ଆଧୁନିକ କେନ୍ଦ୍ର ସ୍ଥାପନ ହେବ । ଯାହା ମାଧ୍ୟମରେ ଏଠାକାର ଭାଷା,ସାହିତ୍ୟ, ସଂସ୍କୃତି, ନାଟକ ଓ ଖାଦ୍ୟପେୟର ମଧ୍ୟ ପ୍ରସାର ହେବ । ଭାଷା ଆମର ପରିଚୟ । ଆଜି ଜାତୀୟ ଶିକ୍ଷା ନୀତିରେ ସମ୍ବଲପୁରୀ ଭାଷା ସମେତ ସବୁ ଭାରତୀୟ ଭାଷାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି । କୌଣସି ଭାଷା ଆଂଚଳିକ ଭାଷା ନୁହେଁ । ସବୁ ଭାଷା ରାଷ୍ଟ୍ରୀୟ ଭାଷା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏନସିଇଆରଟି ପକ୍ଷରୁ ଆଞ୍ଚଳିକ ଭାଷାରେ ବହି ପ୍ରକାଶ କରାଯିବ ।



ସ୍ୱଭାବ କବି ଗଙ୍ଗାଧର ମେହେର, ସନ୍ଥକବି ଭୀମଭୋଇଙ୍କ ଓଡ଼ିଆ ଭାଷା ସାହିତ୍ୟକୁ ଅବଦାନ ଅତୁଳନୀୟ । ଏମାନଙ୍କ ସୃଷ୍ଟି ଥିଲା କାଳଜୟୀ । ଇଂରେଜ ଶାସନ ସମୟରେ ଭାଷାସାହିତ୍ୟକୁ ନଷ୍ଟ କରିବାକୁ ଉଦ୍ୟମ କରାଗଲା ଓ କିଛି ଜାଗାରେ ସଫଳ ମଧ୍ୟ ହେଲେ । କିନ୍ତୁ ଏବେ ସେ ସମୟ ବଦଳିଯାଇଛି । ଡାଲଖାଇ ନାଚ ବିଶ୍ୱସ୍ତରରେ ପହଞ୍ଚିଲାଣି । ପ୍ୟାରିସର ଆଇଫଲ ଟାୱାର ତଳେ ଶାଶ୍ୱତ ଯୋଶୀ ନୃତ୍ୟ କଲେଣି । ଏହାକୁ ଉପଯୋଗ କରି ମହାନଦୀ ସାହିତ୍ୟ ଉତ୍ସବକୁ ଆୟୋଜନ କରୁଥିବା ପ୍ରମୁଖ ସାରସ୍ୱତ ଅନୁଷ୍ଠାନର ମିଳିତ ସହଯୋଗରେ ଆମେମାନେ ଭୀମ ଭୋଇ କବିତା ମାଧ୍ୟମରେ ଦେଇଥିବା କ୍ରାନ୍ତିକାରୀ ବିଚାର ସହ ଓଡ଼ିଆ ଏବଂ ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଆଗକୁ ନେବାକୁ ପଡ଼ିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ସମ୍ବଲପୁରରେ ମୋର୍ ଭାଷାର୍ ମହକ୍ ସମ୍ବଲପୁରୀ ପକ୍ଷରୁ ଆୟୋଜିତ 'ରାଜ୍ୟସ୍ତରୀୟ ସମ୍ବଲପୁରୀ କବି ମହାସମ୍ମିଳନୀ'ରେ ସେ ଯୋଗ ଦେଇଥିଲେ ।

### ନିର୍ବାଚନ ପାଇଁ ଚେକିଂ ଜୋର୍‌ଦାର୍

## ୩ ଲକ୍ଷ ଟଙ୍କା ଜବତ

ଭୁବନେଶ୍ୱର, (ସବ୍ୟୁ) : ଆଗକୁ ନିର୍ବାଚନ ଥିବାରୁ କମିଶନରେଟ୍ ପୋଲିସ୍ ରାତ୍ରିକାଳୀନ ଚେକିଂକୁ ଜୋର୍‌ଦାର କରିଛି । ଶନିବାର ରାତିରେ ଭୁବନେଶ୍ୱର ସବୁ ଥାନା ଅଞ୍ଚଳରେ ଚେକିଂ ଜୋର୍‌ଦାର ହୋଇଥିଲା । ଚନ୍ଦ୍ରଶେଖରପୁର ଥାନା ପୋଲିସ ୩.୫ ଲକ୍ଷ ଟଙ୍କା ଜବତ କରିଛି । ସେହିପରି ତମାଣ୍ଡୋରେ ଚୋରା ମୋରମ ୫ଟି ବୋଝେଇ ଟ୍ରକ୍ ଜବତ ହୋଇଛି । ଶନିବାର ରାତିରେ ଚେକିଂବେଳେ ନଗଦ ଟଙ୍କା ଯାଉଥିବା ଗାଡ଼ି ସହ ୫ଟି ଚୋରା ମଟର ସାଇକେଲ ଜବତ ହୋଇଥିବା ପୋଲିସ କହିଛି । ଶନିବାର ରାତିରେ ଭୁବନେଶ୍ୱର ପୋଲିସ ସମୁଦାୟ ୬୦ଟି ଗାଡ଼ି ଜବତ କରିଛି । ଟଙ୍କା ବୋଝେଇ ଗାଡ଼ି ଧରାପଡ଼ିବା ଘଟଣା ପୋଲିସ ମହଲରେ ଚର୍ଚ୍ଚା ହୋଇଛି । ଚନ୍ଦ୍ରଶେଖରପୁର ଥାନା ପୋଲିସ ଓମ୍‌ଫେଡ୍ ଛକ ନିକଟରେ ଚେକିଂ କରୁଥିବାବେଳେ ଟଙ୍କା ବୋଝେଇ ଗାଡ଼ି ସେଠାରେ ଧରାପଡ଼ିଥିଲା । ଚନ୍ଦକାରୁ ପୁରୀ ସାତଶଙ୍ଖ ଅଭିମୁଖେ ଯାଉଥିବା ଗୋଟିଏ ପାଣି କମ୍ପାନିର ମ୍ୟାନେଜର ଧରାପଡ଼ିବା ପରେ ତାଙ୍କ ଗାଡ଼ିରୁ ୩ ଲକ୍ଷ ୬୦ ହଜାର ଟଙ୍କା ମିଳିଥିଲା । ଏତେଗୁଡ଼ିଏ ଟଙ୍କା ସେ କେଉଁଠୁ ଆଣିଲେ ଓ କାହିଁକି ଗାଡ଼ିରେ ନେଉଛନ୍ତି ତା' ପଚରା ଯିବାରୁ ସେ ସଠିକ୍ ଉତ୍ତର କହିପାରିନଥିଲେ । ଯାହାଫଳରେ ପୋଲିସ ଟଙ୍କା ଜବତ କରିବା ସହ ତାଙ୍କୁ ଅଟକ ରଖିଥିଲା । ଜବତ ଟଙ୍କା ମଧ୍ୟରେ ୬୩୫ଟି ୫୦୦ ଟଙ୍କିଆ ୪୧୭ଟି ୧୦୦ ଟଙ୍କିଆ ଓ ୪ ଖଣ୍ଡ ୨୦୦ ଟଙ୍କିଆ ନୋଟ୍ ଥିବା ପୋଲିସ କହିଛି । ଏହି ଟଙ୍କା ଜବତ ସମ୍ପର୍କରେ ପୋଲିସ ତଦନ୍ତ ତ୍ୱରାନ୍ୱିତ କରିଛି ।



ମୈତ୍ରୀବିହାର ଥାନା ପୋଲିସ ଶନିବାର ରାତି ଚେକିଂବେଳେ ୧୦ଟି ଚୋରା ବାଇକ୍ ଜବତ କରିଛି କାରଣ ଗାଡ଼ି ଗୁଡ଼ିକର ନମ୍ବର ପ୍ଲେଟ୍ ଓ କାଗଜପତ୍ର ସଠିକ୍ ନଥିଲା । ଟ୍ରାଫିକ୍ ଥାନା ପୋଲିସ ଅନ୍ୟମାନଙ୍କ ଭଳି ୨୫ରୁ ଉର୍ଦ୍ଧ୍ୱ କାର୍ ଜବତ କରିଥିବା ସୂଚନା ମିଳିଛି । ଜବତ ହୋଇଥିବା ୬୦ ଗାଡ଼ିକୁ ନେବା ପାଇଁ ପୋଲିସ କୋର୍ଟରୁ ଅର୍ଡ଼ର ଆଣିବାକୁ ପଡ଼ିବ ବୋଲି ସୂଚନା ମିଳିଛି ।

### ଜେଇଇ ମେନ୍ ପରୀକ୍ଷାରେ

## କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ଭୁବନେଶ୍ୱର (ସବ୍ୟୁ): ସଦ୍ୟ ପ୍ରକାଶିତ ଜେଇଇ ମେନ ପରୀକ୍ଷାରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଭୁତପୂର୍ବ ସଫଳତା ଅର୍ଜନ କରିଛନ୍ତି । ମୋଟ ୪୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ ଜଣ ଶ୍ରେଷ୍ଠ ତାଲିକାରେ ସ୍ଥାନୀତ ହୋଇ ଅନୁଷ୍ଠାନର ଗୌରବ ବଢାଇବାସହ ଆଗାମୀ ବର୍ଷ ପରୀକ୍ଷା ଦେବାକୁ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ପ୍ରେରଣାର ଉତ୍ସ ପାଲଟିଛନ୍ତି । ଛାତ୍ରମାନଙ୍କ ମଧ୍ୟରୁ ଛାତ୍ର ସୁଭନ୍ତ ସାହାନୀ ୯୭% ରଖି ଅନୁଷ୍ଠାନର ଗୌରବ ବଜାୟ ରଖିଛି। ଛାତ୍ରଛାତ୍ରୀମାନଙ୍କର ସଫଳତା ପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ ଓ ମେମେଣ୍ଟୋ ଦେଇ ଏକ ସ୍ୱତନ୍ତ୍ର ସମାରୋହରେ ଅନୁଷ୍ଠାର ଚେୟାରମ୍ୟାନ ଓ ଅଧ୍ୟକ୍ଷ ସମସ୍ତଙ୍କୁ ସମର୍ଦ୍ଧିତ କରିଥିଲେ । ଆଗ୍ରହୀ ଛାତ୍ରଛାତ୍ରୀମାନେ ନିୟମିତ ୨ ବିଜ୍ଞାନ ସହ ବିଭିନ୍ନ ପ୍ରତିଯୋଗୀତା ମୂଳକ ପରୀକ୍ଷାରେ ସଫଳତା ନିମନ୍ତେ ଶିକ୍ଷକମାନଙ୍କ ନିରନ୍ତର ଚେଷ୍ଟା ଛାତ୍ରଛାତ୍ରୀମାନଙ୍କ ସଫଳତା ପଛର ଅନ୍ୟତମ କାହାଣୀ ବୋଲି ଅନୁଷ୍ଠାର ସଭାପତି ତଥା କିଟ୍ ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ସଦସ୍ୟ ଡଃ. ଚିତ୍ତ ରନ ମିଶ୍ର ସମସ୍ତ ସଫଳ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଦେବା ସହ ଶୁଭେଚ୍ଛା ଜଣାଇଥିଲେ। ଏଠାରେ JEE ବ୍ୟତୀତ NEET/ISER ତଥା NISER ଭଳି ସର୍ବଭାରତୀୟ ସଂସ୍ଥାରେ ନାମ ଲେଖା ନିମନ୍ତେ ସ୍ୱତନ୍ତ୍ର ପାଠପଢା ବ୍ୟବସ୍ଥା କରାଯାଇ ଛାତ୍ରଛାତ୍ରୀମାନଙ୍କ ୨ ବିଜ୍ଞାନରେ ସଫଳତା ସହ ପ୍ରତିଯୋଗୀତା ମୂଳକ ପରୀକ୍ଷାରେ ସଫଳତା ନିମନ୍ତେ ନିରନ୍ତର ଉଦ୍ୟମ ଜାରୀ ରହିଛି। ଛାତ୍ରଛାତ୍ରୀ (ଇଚ୍ଛୁକ)ମାନେ ସର୍ବଦା ଏହାର ସୁଯୋଗ ନେବାକୁ ସଭାପତି ନିବେଦନ କରିଛନ୍ତି । ଏହପରି ଉଦ୍ୟମ ସବୁ ସ୍ତରରେ ନିରନ୍ତର ପ୍ରୟାସଦ୍ୱାରା ସମ୍ଭବ ହେଲେ ସେ ଦେଖୁଥିବା ସ୍ୱପ୍ନ ସାକାର ହେବା ସହ ଅନୁଷ୍ଠାନର ମର୍ଯ୍ୟାଦା ବୃଦ୍ଧିରେ ସହାୟକ ହୋଇ ପାରିବ। ଶେଷରେ ଏହାର ପ୍ରତିଷ୍ଠାତା ସଭାପତି ଡଃ. ଚିତ୍ତ ରନ ମିଶ୍ର, ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଓ ରସାୟନ ବିଭାଗ ମୁଖ୍ୟ ଡଃ. ରୁଦ୍ର ମୋହନ ନନ୍ଦଙ୍କ ସମେତ ଅଧାପକ/ ଅଧାପିକାଙ୍କୁ ଧନ୍ୟବାଦ ସହ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଛନ୍ତି ।



### ବାରବାଟୀ-କଟକରେ ବିଜେଡିର ମିଶ୍ରଣ ପର୍ବ

## ହାତ ଛାଡି ଶଙ୍ଖ ଧରିଲେ ୧୮ ନଂ ୱାର୍ଡ ପୂର୍ବତନ କର୍ପୋରେଟର ଅରୁଣ ସେଠୀ

କଟକ (ସବ୍ୟୁ) ବାରବାଟୀ କଟକରେ ଆଜି ବିଜୁ ଜନତା ଦଳର ଏକ ବିରାଟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି ।୧୮ ନଂ ୱାର୍ଡର ଜଣାଶୁଣା କଂଗ୍ରେସର ପୂର୍ବତନ କର୍ପୋରେଟର ଅରୁଣ ସେଠୀ କଂଗ୍ରେସ ଦଳ ପରିତ୍ୟାଗ କରି ତାଙ୍କ ସମର୍ଥକ ମାନଙ୍କ ସହ ବିଜେଡିରେ ଯୋଗ ଦେଇଛନ୍ତି ।ତାଙ୍କ ମିଶ୍ରଣ ଆମ ଦଳକୁ ଆହୁରି ମଜବୁତ କରିବ ବୋଲି ସ୍ୱାଗତ କରିବା ଅବସରରେ ରାଜ୍ୟସଭା ସାଂସଦ ତଥା ଜିଲ୍ଲା ସଭାପତି ଦେବାଶିଷ ସାମନ୍ତରାୟ କହିଛନ୍ତି । କଂଗ୍ରେସ ଦଳର ବର୍ତ୍ତମାନ ବିଧାୟକ ଥିବା ମୋକିମଙ୍କ ଦୁର୍ନୀତିଗ୍ରସ୍ତ ହୋଇପଡିଥିବାରୁ ଅଦାଲତ ତାଙ୍କୁ ନିର୍ବାଚନରୁ ବାସନ୍ଦ କଲେ । ଏହା ଦଳ ପାଇଁ ଲଜ୍ଜାଜନକ ଘଟଣା ।ଏଭଳି ବ୍ୟକ୍ତିତ୍ୱ କଂଗ୍ରେସ ପାଇଁ ଶୁଭଙ୍କର ନୁହେଁ ।ତେଣୁ ନବୀନ ବାବୁଙ୍କ ସ୍ୱଚ୍ଛ ଶାସନ ଓ ବିକାଶ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ସାମିଲ ହେଲେ ବୋଲି କହିଛନ୍ତି । ତାଙ୍କ ସହ କଂଗ୍ରେସ ଶହ ଶହ କର୍ମୀ ମଧ୍ୟ ବିଜେଡିରେ ସାମିଲ ହୋଇଥିଲେ । ଆଜିର ଏହି ମିଶ୍ରଣ ପର୍ବରେ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ଉପସ୍ଥିତ ରହି ସାମିଲ ହୋଇଥିବା ସମସ୍ତ କଂଗ୍ରେସ କର୍ମୀ ମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ବିଜୁ ଜନତା ଦଳ ଆଗାମୀ ନିର୍ବାଚନରେ ବିପୁଳ ଭୋଟରେ ବିଜୟ ହେବ ବୋଲି ଆଶାବ୍ୟକ୍ତ କରିଥିଲେ ।କଟକ ଲୋକସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କ ସହ ବହୁ ଦଳୀୟ କର୍ମକର୍ତ୍ତା ସାମିଲ ଥିଲେ ।

### ଚେକିଂ ବେଳେ ପୋଲିସକୁ ଚାପୁଡ଼ା

## ୩ ଗିରଫ, କାର୍ ଜବତ

ଭୁବନେଶ୍ୱର, (ସବ୍ୟୁ) : ମାଷ୍ଟରକ୍ୟାଣ୍ଟିନ୍ ଛକରେ ଚେକିଂ ବେଳେ ପୋଲିସକୁ ଦୁର୍ବ୍ୟବହାର କରିବା ଓ ଚାପୁଡ଼ା ମାରିଥିବା ୩ ଜଣ ଅଭିଯୁକ୍ତଙ୍କୁ ଖାରବେଳ ନଗର ଥାନା ପୋଲିସ ଗିରଫ କରିବା ସହ କାର୍ ଜବତ କରିଛି । ଶନିବାର ରାତିରେ ଏହି ଘଟଣା ଘଟିଥିବାବେଳେ ରବିବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା ।

ଶନିବାର ରାତିରେ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଗାଡ଼ି ଧରପଗଡ଼ ହୋଇଥିଲା । ଧରପଗଡ଼ ଅଭିଯାନରେ ନିୟୋଜିତ ଥିବା ଅଫିସର ଓ କର୍ମଚାରୀମାନେ ଶ୍ରୀୟା ଛକଆଡୁ ଆସୁଥିବା ଏକ ମାରୁତି କାର୍‌କୁ ଅଟକାଇଥିଲେ । କାରଣ ସେ ଦ୍ରୁତ ଗତିରେ ଆସୁଥିବା ଦେଖି ଅଟକା ଯାଇଥିବା ପୋଲିସ କହିଛି । ଅଟକାଇବା ବେଳେ ପୋଲିସକୁ ସେମାନେ ନାକେଦମ୍ କରିଥିଲେ । ଯାଞ୍ଚବେଳେ ଜଣାପଡ଼ିଥିଲା ଯେ, ଡ୍ରାଇଭର ଟି.ଅଙ୍କିତ୍ ରାଓ ନିଶା ସେବନ କରିଥିଲେ । ନିଶାଖାଇ ବିପଦଜନକ ଭାବେ ଗାଡ଼ି ଚଳାଉଥିବା ହେତୁ ତାଙ୍କ ବିରୋଧରେ ଆଇନ୍ ଅନୁଯାୟୀ ପଦକ୍ଷେପ ନିଆଯିବ କହିବାରୁ ଗାଡ଼ିରେ ବସିଥିବା ହିଂମାଂଶୁ ଶେଖର ଖୁଣ୍ଟିଆ ଓ ଆଶୁତୋଷ ଖୁଣ୍ଟିଆ ଗାଡ଼ିରୁ ଓହ୍ଲାଇଥିଲେ । ଓହ୍ଲାଇବା ପରେ ଅଫିସର ଓ ଅନ୍ୟ କର୍ମଚାରୀଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ । ସେଠାରେ ଥିବା ଜଣେ ବଡ଼ ଅଫିସର ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ଅଭିଯୁକ୍ତ ହିଂମାଶୁ ହଠାତ୍ ଏକ ଚାପୁଡ଼ା ମାରିଥିଲା ।

ଉପାୟଶୂନ୍ୟ ହୋଇ ପୋଲିସ ସେମାନଙ୍କୁ ଥାନାକୁ ଆଣି ତାଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ଗିରଫ ଘୋଷଣା କରି ୩ ଜଣଙ୍କୁ ରବିବାର କୋର୍ଟଚାଲାଣ କରିଥିଲା । ଜାମିନ୍ ନାମଞ୍ଜୁର ହୋଇଯିବାରୁ ୩ ଅଭିଯୁକ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।



## ଟ୍ରକ ଅଟକାଇ ୪୦ ଗୋରୁ ଉଦ୍ଧାର କଲେ ଗ୍ରାମବାସୀ

କାମାକ୍ଷାନଗର, (ସବ୍ୟୁ): କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥ ର ନୂଆପାଣି ଠାରେ ଗୋରୁ ବୋଝେଇ ଟ୍ରକକୁ ଅଟକ ରଖିବା ସହ ୪୦ ଗୋରୁ ଙ୍କୁ ଉଦ୍ଧାର କଲେ ଗ୍ରାମବାସୀ । ଟ୍ରକ ଛାଡି ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଗାଡି କୁ ଅଟକ ରଖି ପୋଲିସ କୁ ସୂଚନା ଦେଇଛନ୍ତି ଗ୍ରାମବାସୀ । ସୂଚନା ଅନୁସାରେ ଯାଜପୁର ଅଞ୍ଚଳରୁ ଏକ ଟ୍ରକ ଯୋଗେ ୪୦ରୁ ଉର୍ଦ୍ଧ ଗୋରୁ ଏକ ଟ୍ରକ ଯୋଗେ ତାଳଚେର ଅଞ୍ଚଳକୁ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ କାମାକ୍ଷାନଗର ଥାନା ନୂଆପାଣି ଠାରେ ଗ୍ରାମବାସୀ ମାନେ ଟ୍ରକ ଟିକୁ ଅଟକାଇ ଥିଲେ । ଡ୍ରାଇଭର କୁ ଗୋରୁ ବିଷୟରେ ପଚରାଉଚରା କରିବାରୁ ଡ୍ରାଇଭର ଗାଡି ସହ ଗୋରୁ ମାନଙ୍କୁ ଛାଡି ଘଟଣା ସ୍ଥଳ ରୁ ଫେରାର ହୋଇଯାଇଛି । ତେବେ ଗ୍ରାମବାସୀ ମାନେ ଟ୍ରକରୁ ଗୋରୁ ମାନଙ୍କୁ ଉଦ୍ଧାର କରି ନିକଟସ୍ଥ ପଡିଆରେ ଛାଡିଦେଇଥିବା ବେଳେ ଟ୍ରକକୁ ଅଟକ ରଖି ପୋଲିସକୁ ଖବର ଦେଇଛନ୍ତି । ଖବର ପାଇ କାମାକ୍ଷାନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି । କାମାକ୍ଷାନଗର ଅଞ୍ଚଳ ଦେଇ ପ୍ରାୟ ସମୟରେ ଗୋ ଚାଲାଣ ହେଉଥିବା ବେଳେ ପୋଲିସର ଅପାରଗତା ଯୋଗୁଁ ଗୋମାଫିଆ ନିର୍ଦ୍ଦ୍ୱନ୍ଦରେ ଗୋ ଚାଲାଣ କରିବାରେ ସକ୍ଷମ ହେଉଛନ୍ତି । ବାରମ୍ବାର ଏହି ଘଟଣା ଦେଖିବାକୁ ମିଳୁଥିବା ବେଳେ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### ବଅଁରପାଳରେ ବିଜେଡିର ଆଶୀର୍ବାଦ ସମାବେଶ

## ଯୋଡ଼ିଶଙ୍ଖରେ ଭୋଟ ପାଇଁ ନିବେଦନ



ଅନୁଗୁଳ, (ସବ୍ୟୁ): ସାଧାରଣ ନିର୍ବାଚନ ପୂର୍ବରୁ ବଅଁରପାଳ ବ୍ଲକ୍ ସନ୍ତ୍ରୀ ପଡ଼ିଆରେ ଆଶୀର୍ବାଦ ସମାବେଶ କରି ଭୋଟଭିକ୍ଷା କରିଛି ବିଜେଡି। ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ବିଧାୟକ ପ୍ରାର୍ଥୀ ସଂଯୁକ୍ତା ସିଂହ ଲୋକଙ୍କ ସହଯୋଗ କାମନା କରିବା ସହ ଯୋଡ଼ିଶଙ୍ଖରେ ଭୋଟ ଦେଇ ନବୀନ ବାବୁଙ୍କ ହାତମୁଠାକୁ ଟାଣ କରିବା ପାଇଁ ନିବେଦନ କରିଛନ୍ତି । ବିଜେଡି ଏଥର ଅନୁଗୁଳରେ ଜଣେ ମହିଳା ପ୍ରାର୍ଥୀଙ୍କୁ ଟିକେଟ ଦେଇ ମହିଳାଙ୍କୁ ସମ୍ମାନିତ କରିଛନ୍ତି। ମହିଳାଙ୍କ ପ୍ରତି ନବୀନବାବୁଙ୍କ ଏହି ସମ୍ମାନକୁ ଭୋଟରେ ରୂପାନ୍ତରିତ କରିବାକୁ ଅନୁରୋଧ କରିଥିଲେ ସଂଯୁକ୍ତା ସିଂହ। ମୁଖ୍ୟମନ୍ତ୍ରୀ ସବୁବେଳେ ମହିଳାଙ୍କୁ ଗୁରୁତ୍ୱ ଦେଇ ଆସିଛନ୍ତିଛ ମହିଳାଙ୍କ ଉନ୍ନତି ପାଇଁ ଅନେକ ଜନହିତକର ଯୋଜନା କରିଛନ୍ତି। ଏଥିପାଇଁ ଆଜି ଗାଁ ଗାଁରେ ମହିଳା ସଶକ୍ତୀକରଣ ହୋଇପାରିଛି ବୋଲି ଶ୍ରୀମତି ସିଂହ କହିଥିଲେ। ସେହିପରି ସାଂସଦ ପ୍ରାର୍ଥୀ ଡା. ଅବିନାଶ ସାମଲ କହିଥିଲେ, ଅନୁଗୁଳ ହେଉଛି ସ୍ୱାଭିମାନର ମାଟି। ଏଠାରେ ଜଣେ ମହିଳା ଓ ଜଣେ ଯୁବକଙ୍କୁ ଟିକେଟ ଦେଇ ନବୀନ ବାବୁ ଯେଉଁ ଧାରା ତିଆରି କରିଛନ୍ତି, ତାକୁ ଆମେ ସମସ୍ତେ ଆଗେଇ ନେବାକୁ ପଡ଼ିବ। ଏଥର ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ସେ ଅନୁରୋଧ କରିବା ସହ ନବୀନ ବାବୁଙ୍କ ବିକାଶମୂଳକ କାମକୁ ଘରେ ଘରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ବିଜେଡି ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ, ବିଧାନସଭା କ୍ଷେତ୍ରର ପର୍ଯ୍ୟବେକ୍ଷକ ଚିନ୍ମୟ କୁମାର ସାହୁ, ବିଧାୟକ ରଜନୀକାନ୍ତ ସିଂହ, ବିପ୍ଳବ ଜେନା, ମୀନକେତନ ଅମାତ୍ୟ, ବିଜୟ ନାଥ, ମହେନ୍ଦ୍ର ବସ୍ତିଆ, ମୁନା ସାମନ୍ତ, ଗୋପାଳ ନାୟକ, ଦୁର୍ଗାଚରଣ ପ୍ରଧାନ, ମନୋଜ ପ୍ରଧାନ, ବିଜୟ ନାଥ, ଅରୁଣାଭ ସିଂହ, ଅରୂପ ଶ୍ରୀଚନ୍ଦନଙ୍କ ସହ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ସମାବେଶରେ ଅନୁଗୁଳ ନିର୍ବାଚନମଣ୍ଡଳୀରୁ ହଜାର ହଜାର କର୍ମୀ ଓ ସାଧାରଣ ଲୋକ ଯୋଗ ଦେଇଥିଲେ ।

### ||||||||||||| ବିଭିନ୍ନ ଅନୁଷ୍ଠାନରେ ମଧୁବାବୁ ଜୟନ୍ତୀ |||||||||||||

## ବିଜେପିର ୩ ପଞ୍ଚାୟତରେ ପ୍ରଚାର



ପୋଲସରା, (ସବ୍ୟୁ): ଗଞ୍ଜାମ ଜିଲ୍ଲା ତଥା ବିଜେପିର ସାଂଗଠନିକ ଘୁମୁସର ଜିଲ୍ଲା ତଥା ପୋଲସରା ନିର୍ବାଚନ ମଣ୍ଡଳୀରେ ୩ଟି ପଞ୍ଚାୟତର ୮ରୁ ଅଧିକ ଗ୍ରାମରେ ବିଜେପି ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ, ଯୁବ ସଂଗଠକ ପ୍ରଭାକର ପଣ୍ଡା ଏବଂ ଦୀପକ କୁମାର ପ୍ରଧାନଙ୍କ ନେତୃତ୍ୱରେ ନିର୍ବାଚନ ପ୍ରଚାର କରାଯାଇଛି। ପ୍ରଥମେ ପୋଲସରା ବ୍ଲକର ବାଲିଛାଇ ଗ୍ରାମରେ ଶ୍ରୀ ମଲ୍ଲିକଙ୍କୁ ସ୍ୱାଗତ କରିବା ସହ ଗ୍ରାମ ପରିକ୍ରମା କରିଥିଲେ, ତାପରେ ଘୋଡ଼ାପଳାଣରେ ପହଞ୍ଚିଥିଲେ । ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ୨୦ରୁ ଅଧିକ ମହିଳା ଗୋକୁଳାନନ୍ଦ ମଲ୍ଲିକ, ପ୍ରଭାକର ପଣ୍ଡା, ଦୀପକ ପ୍ରଧାନ, ବିଜେପି ସଂଯୋଜକ ବୁଲୁ ପାତ୍ରଙ୍କୁ ଫୁଲ, ଅରୁଆଚାଉଳରେ ବନ୍ଦାପନା କରିବା ସହ ସ୍ୱାଗତ କରିଥିଲେ । ପରେ ଦଳୀୟ କର୍ମୀମାନଙ୍କ ଗହଣରେ ଗ୍ରାମରେ ମୋଦୀ ବାର୍ତ୍ତା ପ୍ରଚାର କରିବା ସଙ୍ଗେ ସଙ୍ଗେ ବିଜେପିକୁ ବିପୁଳ ଭୋଟରେ ଜିତାଇବା ପାଇଁ ନିବେଦନ କରିଥିଲେ। କିଛି ଘଣ୍ଟା ବିରତି ପରେ ପୁଣି ବର୍ତ୍ତିନୀ ପଞ୍ଚାୟତରେ ପ୍ରଚାର ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରଥମେ କୁଆନନ୍ଦ, ଝିଟିକାବାଡ଼ି, ପରେ ବର୍ତ୍ତିନୀ ଗ୍ରାମରେ ପହଞ୍ଚି କର୍ମୀମାନଙ୍କୁ ଭେଟି ଭୋଟ ଆଶୀର୍ବାଦ ମାଗିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ମହେଶ୍ୱର ପରିଡ଼ା, ଦୀପକ ପୋଲାଇ, ମୁନା ପ୍ରଧାନଙ୍କ ସମେତ ୩୦୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।

## ବିଜେଡିର ମିଶ୍ରଣ ପର୍ବ



ଭୁବନ, (ସବ୍ୟୁ): ଭୁବନ ଏନ୍‌ଏସି ବିଜେଡି ତରଫରୁ ସ୍ଥାନୀୟ ବିଷ୍ଣୁପ୍ରିୟା ଗାଲାକ୍ସି ପରିସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରୟାସ ୧୯୯୧ ବ୍ୟାଚ ର ଉପଦେଷ୍ଟା, ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଆହ୍ୱାନ କ୍ରମେ ସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ସୁଶାନ୍ତ କୁମାର ପୋଥାଳଙ୍କ ନେତୃତ୍ୱରେ ୫୪ ଜଣ ସଦସ୍ୟ ବିଜେଡିରେ ସାମିଲ ହୋଇଥିଲେ। ଏନ୍‌ଏସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁ ଙ୍କ ଅଧ୍ୟକ୍ଷତା ଓ ମଳୟ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁଶାନ୍ତ ପୋଥାଳ, ସନ୍ତୋଷ ସାହୁ, ମଳୟ ତ୍ରିପାଠୀ, ମନୋଜ ପୋଥାଳ, ଚୈତନ୍ୟ ସାହୁ, ଦେବେନ୍ଦ୍ର ସାହୁ, ମନ ମୋହନ ସେନ, ଅଶେଷ ପୃଷ୍ଟି, କ୍ଷୀରୋଦ ପୃଷ୍ଟି,ଦୟାନିଧି ବେହେରା, କୃପାସିନ୍ଧୁ ବେହେରା, ରଞ୍ଜନ ବେହେରା, ପ୍ରଦୀପ୍ତ ପାତ୍ର, ଅର୍ଜୁନ ବାରିକ, ଶୁଭକାନ୍ତ ବର୍ଦ୍ଧନ, ଅଭିମନ୍ୟୁ ଗୁରୁ, ନୀଳମଣି ବିଶ୍ୱକର୍ମା, ରବୀନ୍ଦ୍ର ବେହେରା, ଦିଲ୍ଲୀପ ରାଉତ ପ୍ରମୁଖଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭୁବନ ଏନ୍‌ଏସିର ଦ୍ରୁତ ବିକାଶ ପାଇଁ ଆମ୍ଭେ ବିଜେଡିରେ ସାମିଲ ହେଲୁ ଏବଂ ବିଜେଡି ପ୍ରାର୍ଥୀଙ୍କୁ ଭୁବନରୁ ଲିଡ୍ କରିବାକୁ ଆମ୍ଭେ ପ୍ରୟାସ କରିବୁ ବୋଲି ସଭାପତି ସନ୍ତୋଷ କୁମାର ସାହୁ ମତବ୍ୟକ୍ତ କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ସାଉଥବଲଣ୍ଡା, (ସବ୍ୟୁ): ଆଜି ତାଳଚେର ଗୁରୁଜାଙ୍ଗୁଲି ପଂଚାୟତ ଲିଙ୍ଗରାକଟା ଗ୍ରାମରେ ପୋଖରୀ ପାଣିରେ ବୁଡି ଜଣେ ବୃଦ୍ଧ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ବୃଦ୍ଧ ଜଣକ ହେଲେ ଲିଙ୍ଗରକଟା ଗ୍ରାମର ଦୈତାରୀ ଭୁଟିଆ ବୟସ ୬୫ ବର୍ଷ । ଦୈତାରୀ ଆଜି ସକାଳ ସମୟରେ ପୋଖରୀକୁ ଗାଧୋଇ ଯାଇଥିବା ବେଳେ ପାଣିରେ ତାଙ୍କ ଗୋଡ଼ ଖସି ଯିବାରୁ ସେ ବୁଡ଼ି ଯାଇଥିଲେ। ସୂଚନା ପାଇ ପୋଖରୀରୁ ଗ୍ରାମବାସୀ ଦୈତାରୀଙ୍କୁ ଉଦ୍ଧାର କରିଥିଲେ। ତେବେ ଦୈତାରୀଙ୍କ ମୃତ୍ୟୁ ହୋଇ ସାରିଥିଲା। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଓକିଲ ସଂଘରେ ଆଇନଜୀବୀ ଦିବସ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ଆଇନଜୀବୀ ଦିବସ ରୂପେ ପାଳିତ ହୋଇଯାଇଛି। ସ୍ୱାଭିମାନୀ ଆଇନଜୀବୀ ମଧୁସୂଦନ ଦାସଙ୍କ ୧୭୬ତମ ଜନ୍ମ ଜୟନ୍ତୀରେ ସଂଘ ସଭାପତି ବନବାସୀ ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ଓକିଲ ସଂଘର ପ୍ରାକ୍ତନ ସଭାପତି ଶିଶିର କୁମାର ପାଢୀ, ମୁଖ୍ୟବକ୍ତା ଭାବେ ପିପୁଲ୍ସ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଜୟକୃଷ୍ଣ ସାହୁ ଓ ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ନିରଞ୍ଜନ ପ୍ରସାଦ ନାୟକ ଯୋଗ ଦେଇ ଉତ୍କଳ ଗୌରବ ମଧୁବାବୁଙ୍କ ଅସାଧାରଣ ବ୍ୟକ୍ତିତ୍ୱ ସମ୍ପର୍କେ ଆଲୋକପାତ କରିବା ସହ ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ହେବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ କୋର୍ଟ ପରିସରସ୍ଥ ମଧୁବାବୁଙ୍କ ଏବଂ ସ୍ଥାନୀୟ ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ଉମା ଚରଣ ଦାଶଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଦ୍ୱୟରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ଏଥି ସହ ବରେଣ୍ୟ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଉଭୟଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ହର ପ୍ରସାଦ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ କାଳରେ ସମ୍ପାଦକ ଦୁର୍ଗା ମାଧବ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ, ସହ-ସମ୍ପାଦକ ସିମାଞ୍ଚଳ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ସଂଘର ଉପସଭାପତି ସରୋଜ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୋଲିସ ଚଢ଼ାଉ, ଅସାଧୁ ମଦ ବ୍ୟବସାୟୀ ଛାନିଆ

ବଅଁରପାଳ, (ସବ୍ୟୁ): ନିର୍ବାଚନକୁ ଆଖି ଆଗରେ ରଖି ଅନୁଗୁଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ହେଉଥିବାରୁ ଅସାଧୁ ମଦ ବ୍ୟବସାୟୀ ମାନେ ଛାନିଆ ହୋଇ ପଡ଼ିଛନ୍ତି । ପ୍ରତିଦିନ ଚଢ଼ାଉ ହେଉଥିବାରୁ ବିପୁଳ ପରିମାଣର ଦେଶୀ, ବିଦେଶୀ ଓ ନକଲି ମଦ ଜବତ ହେଉଛି । ନିକଟରେ ବଅଁରପାଳ ଥାନା ପୋଲିସ ସାନ୍ତରାପୁର ଗ୍ରାମରେ ଚଢ଼ାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛନ୍ତି । କିନ୍ତୁ ବଅଁରପାଳ ଓ ନାଲକୋନଗର ଥାନା ଅଞ୍ଚଳରେ ଥିବା୧୦୦ ଉର୍ଦ୍ଧ୍ୱ ଢାବା, ହୋଟେଲ ଓ ରେଷ୍ଟୁରାଣ୍ଟ ରହିଛି । ଏମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ କୋଣସି କଟକଣା ନଥିବାରୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଖୋଲା ରଖିବା। ଫଳରେ ଅସାମାଜିକମାନେ ବସି ମଦ୍ୟପାନ ପରେ ଚୋରି, ଡ଼କାୟତି ରାହାଜାନି ଭଳି କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ନିଶାଶକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି । ଢାବା ଗୁଡିକ ଠିପି ଖୋଲା ମଦ ଦୋକାନ ହୋଇଥିବା ବେଳେ ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡ଼ିକରେ ଗ୍ରାହକଙ୍କୁ ଲୁଚାଛପାରେ ମଦ୍ୟପାନ ପାଇଁ ସୁଯୋଗ ଦିଆଯାଉଛି ବୋଲି ଅଭିଯୋଗ ହେଉଛି । ଏହି ସଂପର୍କରେ ବଅଁରପାଳ ଥାନା ଅଧିକାରୀ ଦୁଷ୍ମନ୍ତ ସିଂ କହିଛନ୍ତି ଅସାଧୁ ମଦ ବ୍ୟବସାୟୀଙ୍କ ଉପରେ ଚଢ଼ାଉ ହେଉଛି ଆଗକୁ ଜୋରଦାର୍ ହେବ ।

## ପୋଷ୍ଟାଲ ବାଲାଟ୍ କାର୍ଯ୍ୟ ସମ୍ପାଦନ ନିମନ୍ତେ ପ୍ରସ୍ତୁତି ବୈଠକ

ଛତ୍ରପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ସାଧାରଣ ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ପୋଷ୍ଟାଲ ବ୍ୟାଲଟ୍ ପରିଚାଳନା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ସମସ୍ତ ରିଟର୍ଣ୍ଣିଂ ଅଧିକାରୀ, ସହକାରୀ ରିଟର୍ଣ୍ଣିଂ ଅଧିକାରୀ ମାନଙ୍କୁ ପୋଷ୍ଟାଲ ବ୍ୟାଲଟର ପରିଚାଳନା ଦିଗରେ ସୁବିସ୍ତୃତ ଆଲୋଚନା କରାଯାଇଛି। ରିଟର୍ଣ୍ଣିଂ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ପୋଷ୍ଟାଲ ବ୍ୟାଲଟର ସମସ୍ତ ତଥ୍ୟ ଉପସ୍ଥାପନ କରି କିଭଳି ପରିଚାଳନା କରାଇବେ ତାହା ଅବଗତ କରାଇଥିଲେ । ବିଶେଷ କରି ନିର୍ଦ୍ଧାରୀତ ଫର୍ମ ଗୁଡିକର ପୂରଣ, ଦଳ ଗଠନ, ସାମଗ୍ରୀର ଆବଣ୍ଟନ, ପୋଷ୍ଟାଲ ବ୍ୟଲଟ୍ ଷ୍ଟ୍ରଙ୍ଗରୁମ୍ ପରିଚାଳନା, ସହକାରୀ ରିଟର୍ଣ୍ଣିଂ ଅଧିକାରୀ ମାନଙ୍କ ଭୂମିକା, ପୋଷ୍ଟାଲ ବ୍ୟାଲଟ୍ ଗୁଡିକରେ ନିର୍ଭୁଲ ମୁଦ୍ରଣ, ବିତରଣ, ସଂଗ୍ରହ, ଗଣତି ଇତ୍ୟାଦି ପ୍ରାଞ୍ଜଳ ଭାବେ ବୁଝାଯାଇଥିଲା ଛ ଏତ୍ ବ୍ୟତୀତ ବରିଷ୍ଠ , ବୟୋଜ୍ୟେଷ୍ଠ ଓ ଭିନ୍ନକ୍ଷମ ଇଛୁକ ଭୋଟଦାତା ମାନଙ୍କ ଗୃହକୁଯାଇ କିଭଳି ଭୋଟ ସଂଗ୍ରହ ହେବ ସେହି ବିଷୟରେ ମଧ ସୁବିସ୍ତୃତ ବୁଝାଇ ଦିଆଯାଇଥିଲା। ଫର୍ମ ୧୩-କ ପୂରଣ ବେଳେ ସତର୍କତା ଅବଲମ୍ବନ କରିବାପାଇଁ ଜିଲ୍ଲାପାଳ ଅବଗତ କରାଇଥିଲେ । ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ରିଟର୍ଣ୍ଣିଂ ଅଧିକାରୀ ମଧୁମିତା, ବ୍ରହ୍ମପୁର ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଧୀନା ଦସ୍ତଗୀର, ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଦେବବ୍ରତ ସାହୁ, ଅତିରିକ୍ତ ଜିଲ୍ଲାପାଳ ନିର୍ବାଚନ ସୁଧାଂଶୁ ଭୋଇ, ପୋଷ୍ଟାଲ ସୁପରିନଟେଣ୍ଡେଣ୍ଟ, ପୋଲିସ୍ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋପାଳ ମହାନ୍ତଙ୍କ ହତ୍ୟା ପ୍ରତିବାଦରେ ଏକତ୍ରିତ ହେଲେ ଅଞ୍ଚଳବାସୀ




ବାରିପଦା, (ସବ୍ୟୁ) : ରବିବାର ସକାଳ ୯ ଘଟିକା ସମୟରେ ବଡଚାଟରା ହାଟ ପଡିଆରେ ମୃତ ଗୋପାଳ ମହାନ୍ତଙ୍କର ହତ୍ୟାର ପ୍ରତିପାଦ ସଭା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ମଞ୍ଚର ଆବାହକ ବଳରାମ ମୁର୍ମୁ, ବିଶ୍ୱନାଥ ମହାନ୍ତ, ହୃଷିକେଶ ମହାନ୍ତଙ୍କ ଆହ୍ୱାନ କ୍ରମେ ମୟୂରଭଞ୍ଜ ଜିଲ୍ଲାର କୋଣ ଅନୁକୋଣରୁ ଗୋପାଳ ମହାନ୍ତଙ୍କ ହତ୍ୟାର ପ୍ରତିବାଦରେ ଜନସାଧାରଣ ଯୋଗଦାନ କରିଥିଲେ। ସଭା ପ୍ରାରମ୍ଭରେ ମୃତ ଗୋପାଳ ମହାନ୍ତଙ୍କ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଉପସ୍ଥିତ ସମସ୍ତ ଭଦ୍ରବ୍ୟକ୍ତି ଅମାନିଷିକ ହତ୍ୟାକାଣ୍ଡ ବିରୁଦ୍ଧରେ ନିନ୍ଦା କରିବା ସହିତ ସମସ୍ତ ହତ୍ୟାକାରୀଙ୍କୁ ଏବଂ ଏ ଘଟଣାରେ ସଂପୃକ୍ତ ସମସ୍ତ ଦୋଷୀଙ୍କୁ ଗିରଫ କରିବା ପାଇଁ ଦୃଢ ଦାବୀ ଉପସ୍ଥାପନ କରିଥିଲେ। ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାର ଆଣିବା ପାଇଁ ଜିଲ୍ଲାପ୍ରଶାସନ ହସ୍ତକ୍ଷେପ କରିବାକୁ ଦାବି ଉପସ୍ଥାପନା ହୋଇଥିଲା। ଏହି ଘଟଣାର ନ୍ୟାୟ ନମିଳିବା ପର୍ଯ୍ୟନ୍ତ ପ୍ରତ୍ୟେକ ଗ୍ରାମରେ ପ୍ରତିବାଦ ସଭା ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଅଛି। ସଭାର ନିଷ୍ପତ୍ତି କ୍ରମେ ଏକ ପାଞ୍ଚ ଜଣିଆ ସୁରକ୍ଷା କମିଟି ଗଠନ କରିବା ସହିତ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଅଛି। ଏହି କମିଟିରେ ସୂର୍ଯ୍ୟକାନ୍ତ ମୁର୍ମୁ, ବିଶ୍ୱନାଥ ମହାନ୍ତ, ଅଜମ୍ବର ମହାନ୍ତ, ମହେଶ୍ୱର ମହାନ୍ତ, ପ୍ରବୀର କୁମାର ମହାନ୍ତ ଏବଂ ଉପଦେଷ୍ଟା ଭାବେ ବଳରାମ ମୁର୍ମୁ, ଅଶୋକ କୁମାର ପୃଷ୍ଟି, ଭରତ ମହାନ୍ତ, ହୃଷିକେଶ ମହାନ୍ତ ଓ ହାଡିବନ୍ଧୁ ମହାନ୍ତଙ୍କୁ ଚୟନ କରାଯାଇଛି। ଆଜିର ସଭାରେ କୁଡୁମୀ ସେନାର ରାଜ୍ୟ ସଭାପତି ଜୟମୁନୀ ମହାନ୍ତ, ଆଦିମ କୁଡୁମୀ ସେନାର ରାଜ୍ୟ ସଭାପତି ପଦ୍ମଲୋଚନ ମହାନ୍ତ, କୁଡୁମାଲୀ କାଲଚୁରାଲ ଏସୋସିଏସନ୍‌ର ସାଧାରଣ ସଂପାଦକ ଚିତ୍ତରଞ୍ଜନ ମହାନ୍ତ ଓ ସଭାପତି ଡଃ ଭକ୍ତହରୀ ମହାନ୍ତ, କୁଡୁମୀ ମହାନ୍ତ ମହାସଭାର କାର୍ଯ୍ୟକାରୀ ସଭାପତି ଇଂ. ପ୍ରଦୀପ ଚନ୍ଦ୍ର ମହାନ୍ତ, କୁଡୁମୀ ଯୁବ ଛାତ୍ର ସଂଗଠନର ସଭାପତୀ ପଟେଲୀ ମହାନ୍ତ, କୁଡୁମୀ ମହାନ୍ତ ମହାସଭାର ପୂର୍ବତନ ରାଜ୍ୟ ସଭାପତି ଅଧାପକ ଗୋପବନ୍ଧୁ ମହାନ୍ତ, ଟଟୋମିକ କୁଡୁମୀ ସମାଜର ରାଜ୍ୟ ସଭାପତି ସତ୍ୟରଞ୍ଜନ ମହାନ୍ତ, ଆଦିବାସୀ କୁଡୁମୀ ସମାଜର ସଭାପତି ଡା.ମନୋଜ କୁମାର ମହାନ୍ତ ଓ ବରିଷ୍ଠ କୁଡୁମୀ ସଂଗଠକ ଛୋଟେଲାଲ ମହାନ୍ତ ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦାନ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ପ୍ରଦାନ ସହିତ ଏହି ଘଟଣାରେ ନ୍ୟାୟ ପ୍ରଦାନ ପାଇଁ ଦୃଢ ଦାବୀ କରିଥିଲେ।

## ଅଂଶୁଘାତ ସଚେତନତା

ସାଉଥବଲଣ୍ଡା/ତାଳଚେର (ସବ୍ୟୁ): ସେଣ୍ଟ ଜନ ଆମ୍ବୁଲାନସ୍ ଓଡିଶାର ଏମ୍‌ସିଏଲ୍ ଆମ୍ବୁଲାନସ୍ ଡିଭିଜନ୍ ତାଳଚେର ପକ୍ଷରୁ ଗୋପାଳପ୍ରସାଦ ରାସ୍ତାରେ ଅଂଶୁଘାତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅବୈତନିକ ଅନୁଗୋଳ ଜିଲ୍ଲା ଯୁଗ୍ମ ସମ୍ପାଦକ ଦିନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ସଚେତନତା ଶୋଭାଯାତ୍ରାରେ ସେଣ୍ଟ ଜନ ଆମ୍ବୁଲାନସ୍ ରାଜ୍ୟ ସମ୍ପାଦକ ନିଧି କୁମାର ରାଉତରାୟ ଯୋଗ ଦେଇଥିଲେ । ଆମ ରାଜ୍ୟର ଅନ୍ୟତମ ଉତ୍ତପ୍ତ ସହର ତାଳଚେର ହୋଇଥିବାରୁ ଅଂଶୁଘାତରେ ସଚେତନତା ନେଇ ଆମ୍ବୁଲାନସ୍ ସହିତ ବାଇକ୍ ଶୋଭାଯାତ୍ରା ଓ ପଦଯାତ୍ରା କରାଯାଇ ସର୍ବସାଧାରଣଙ୍କୁ ସଚେତନ କରାଯାଇଥିଲା। ଏବଂ ସମସ୍ତେ ବୃକ୍ଷରୋପଣ କରିବା ପାଇଁ ଆହ୍ୱାନ କରିଥିଲେ। ପ୍ରଥମେ ଶ୍ରୀ ରାଉତରାୟ ମା' ହିଙ୍ଗୁଳାଙ୍କ ନବଦିନାତ୍ମକ ଯାତ୍ରା ଅବସରରେ ମା'ଙ୍କୁ ଦର୍ଶନ କରିଥିଲେ ଏବଂ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଉଦ୍ଘାଟନ କରିଥିଲେ।

## ପ୍ରଜ୍ଞା ନୃତ୍ୟାୟନର ତୃତୀୟ ନବ ପ୍ରତିଭା ଉତ୍ସବ




ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ନୃତ୍ୟ ଶିକ୍ଷା ପ୍ରତିଷ୍ଠାନ ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ତୃତୀୟ ନବ ପ୍ରତିଭା ଉତ୍ସବ ଆଦିପୁର ଛକସ୍ଥିତ ବିଏନ୍ ପବ୍ଲିକ୍ ସ୍କୁଲ୍ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ପ୍ରଜ୍ଞା ନୃତ୍ୟାୟନର ନିର୍ଦ୍ଦେଶକ ପ୍ରଦୀପ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ , ମୁଖ୍ୟବକ୍ତା ଭାବେ ବୁଦ୍ଧଖୋଲ ଉନ୍ନୟନ ସମିତି ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ , ସମ୍ମାନିତ ଅତିଥି ଭାବେ ବୁଗୁଡା ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧକ୍ଷା ଗିତାଞ୍ଜଳୀ ପାଢୀ, ବିରଞ୍ଚି ନାରାୟଣ ପବ୍ଲିକ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଏ.ଚନ୍ଦନ ଚର୍ଚ୍ଚିତ ପାତ୍ର , ପ୍ରଜ୍ଞା ନୃତ୍ୟାୟନର ସମ୍ପାଦିକା ସ୍ୱୟଂପ୍ରଭା ସାହୁ ପ୍ରମୁଖ ଯୋଗଦେଇ ନୃତ୍ୟାୟନର ନୃତ୍ୟଶିଳ୍ପୀମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏ ଅବସରରେ ଓଡିଶୀ ନୃତ୍ୟଶିଳ୍ପୀ ସାଇ ସୌମ୍ୟକାନ୍ତ, ଆଦ୍ୟାଶା ପ୍ରିୟଦର୍ଶିନୀ ଓ ସୌମ୍ୟା ପ୍ରିୟଦର୍ଶନୀଙ୍କୁ ଅତିଥିଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହ ଦୂରଦର୍ଶନ ଧାରାବାହିକ ନୁପୁରର ଖ୍ୟାତନାମା ବିଚାରକ ଶ୍ରୀନିବାସ ଘଟୁଆରୀଙ୍କ ସୁଲଳିତ ସଂଯୋଜନାରେ ଆୟୋଜିତ ସାସ୍କୃତିକ କାର୍ଯ୍ୟକ୍ରମ ଅବସରରେ ପ୍ରଜ୍ଞା ନୃତ୍ୟାୟନର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଓଡିଶୀ, ଲୋକନୃତ୍ୟ ଓ ପାଶ୍ଚାତ୍ୟ ନୃତ୍ୟ ପରିବେଷଣ କରାଯାଇଥିଲା ବେଳେ ଉପସ୍ଥିତ ଦର୍ଶକ ଏହାକୁ ମନଭରି ଉପଭୋଗ କରିଥିଲେ ।

## ମଧୁବାବୁ ଆଜି ପର୍ଯ୍ୟନ୍ତ ଜୀବିତ ଅଛନ୍ତି: ଜଷ୍ଟିସ ଏସ୍‌କେ ମିଶ୍ର



ଅନୁଗୋଳ, (ସବ୍ୟୁ): ଅନୁଗୋଳ ଓକିଲ ସଂଘ ଆନୁକୂଲ୍ୟରେ ଆୟୋଜିତ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ୧୭୬ତମ ଜୟନ୍ତୀ ଓ ଆଇନଜୀବି ଦିବସ ସ୍ଥାନୀୟ ସଭାଘର ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଓକିଲ ସଂଘର ସଭାପତି ଦିଲ୍ଲୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଶା ଉଚ୍ଚ ନ୍ୟାୟାଳୟ, କଟକର ନ୍ୟାୟାଧୀଶ ଶଶୀକାନ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ମଧୁବାବୁ ଆଜିପର୍ଯ୍ୟନ୍ତ ଆଇନଜୀବି ମାନଙ୍କ ମଧ୍ୟରେ ଜୀବିତ ଅଛନ୍ତି। ଆଇନଜୀବି ମାନେ ମଧୁବାବୁଙ୍କ ସ୍ୱାଭିମାନ, ସିଦ୍ଧାନ୍ତ, ଓଡ଼ିଆ ଭାଷା ଓ ଓଡ଼ିଆକୁ ଭଲ ପାଇବା ଗୁଣ ଗୁଡିକ ଆମ ଓକିଲ ମାନଙ୍କ ଭିତରେ ଅଛି। ଆଇନଜୀବି ମାନେ ମଧୁବାବୁଙ୍କ ପରି କାର୍ଯ୍ୟ କଲେ ତାଙ୍କ ଜୟନ୍ତୀ ପାଳନ ସାର୍ଥକ ହେବ। ଆଇନଜୀବୀ ମାନେ ମକଦ୍ଦମାରେ ହାରିବା ନିମନ୍ତେ ଶିକ୍ଷିବା ପଡିବ ତେବେ ସେମାନେ ଆଗକୁ ଜିତିବେ ନିଶ୍ଚିତ କହିବା ସହ ମଧୁବାବୁଙ୍କ ଜୀବନୀ ସମ୍ପର୍କରେ କହିବା ସହିତ ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ବିଦ୍ୟା ମନ୍ଦିର, ନାଲକୋନଗରର ଅଧ୍ୟକ୍ଷ ଡ଼. ଶତ୍ରୁଘନ ବେହେରା ମୁଖ୍ୟ ବକ୍ତା ଯୋଗ ଦେଇ କହିଲେ ଯେ ମଧୁବାବୁ ଓଡିଶା ମାଟିର ଯୋଗ୍ୟତମ ସନ୍ତାନ, ସ୍ୱତନ୍ତ୍ର ଓଡିଶା ଗଠନର ପ୍ରତିଷ୍ଠାତା, ଓଡ଼ିଆ ଭାଷାର ସୃଷ୍ଟିକର୍ତ୍ତା ଥିଲେ। ନାଗରିକ ମାନଙ୍କୁ ସୁରକ୍ଷା ଦେବା ହେଉଛି ଆଇନଜୀବି ମାନଙ୍କ କାର୍ଯ୍ୟଛ ଏପରିକି ଆଇନଜୀବି ମାନେ ହେଉଛନ୍ତି ସ୍ୱୟଂ ଭଗବାନ ସଦୃଶ କହିବା ସହ ସମ୍ବିଧାନରେ ଥିବା ତିନୋଟି ସ୍ତମ୍ଭ ସମ୍ପର୍କରେ ଆଲୋକପାତ କରିଥିଲେ। ସଭା କାର୍ଯ୍ୟ ପୂର୍ବରୁ ଓକିଲ ସଂଘର ଦିବଂଗତ ଆଇନଜୀବୀଙ୍କ ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ଧ୍ରୁବ ଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଜଷ୍ଟିସ ମିଶ୍ର ଓକିଲ ସଂଘର ସ୍ମରଣିକା -୨୦୨୪ କୁ ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଓକିଲ ସଂଘର ବରିଷ୍ଠ ଆଇନଜୀବି ହେମନ୍ତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଇନଜୀବୀ ସଞ୍ଜୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଆଇନଜୀବି ସରିତା ମିଶ୍ର, ଶ୍ରିୟଙ୍କା ନନ୍ଦ, ଶୁଭସ୍ମିତା ସାହୁ, ଜ୍ୟୋସ୍ନାମୟୀ ସାହୁ ସଭାକାର୍ଯ୍ୟରେ ସହଯୋଗ କରିଥିଲେ । ଓକିଲ ସଙ୍ଘର ଉପ ସଭାପତି ଶିବାଶିଷ କର, ସହ ସମ୍ପାଦକ ପ୍ରଦୀପ୍ତ କୁମାର ଭୁଟିଆ, ସାଂସ୍କୃତିକ ସମ୍ପାଦକ ବିନୋଦ ବିହାରୀ ପ୍ରଧାନ, କୋଷାଧକ୍ଷ ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ସଭାରେ ମଞ୍ଚାସିନ ଥିଲେ।

## ଏମ୍‌ପିସି କଲେଜ ବାଣିଜ୍ୟ ବିଭାଗ ପକ୍ଷରୁ ଜଳଛତ୍ର



ବାରିପଦା, (ସବ୍ୟୁ) : ବଢୁଥିବା ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ସ୍ଥାନୀୟ ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ବାଣିଜ୍ୟ ବିଭାଗର କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ମହାବିଦ୍ୟାଳୟରେ ଏକ ଜଳଛତ୍ର ଅନୁଷ୍ଠିତ ହୋଇଯାଇଛି। ଅତିଶୟ ଗରମ ହେତୁ ଛାତ୍ରଛାତ୍ରୀ ମାନଙ୍କୁ ଜଳଜିରା ପାଣି, ଲେମ୍ବୁ ପାଣି ଏବଂ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ସାହୁ ଜଳଛତ୍ରକୁ ଉଦ୍ଘାଟନ କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଡଃ. ଆଶୁତୋଷ ପ୍ରୟାସ ଦାସ ଏବଂ ଅନ୍ୟାନ୍ୟ ଅଧ୍ୟାପକ/ଅଧ୍ୟାପିକା ବାଣିଜ୍ୟ ବିଭାଗର ଡଃ ଅନାମ ଚରଣ ରାଉଳ, ଡଃ ଅର୍ଜୁନ କୁମାର ସାହୁ, ଡଃ. ରୁମ୍ପା ମହାପାତ୍ର, ଭୀମ ଚରଣ ମୁର୍ମୁ, ସୀମା ଅଗ୍ରୱାଲ ଏବଂ ବାଣିଜ୍ୟ ବିଭାଗର ଅତିଥି ଅଧ୍ୟାପକ/ଅଧ୍ୟାପିକା ରତିକାନ୍ତ ବାରିକ, ହିତେଶ ଗୁପ୍ତା, ଫ୍ରିଡସ ସାଇମା ଓ ଦିକ୍ସା ମେଡମ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବାବେଳେ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ/ଅଧ୍ୟାପିକା ମଧ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏଭଳି କାର୍ଯ୍ୟ ପାଇଁ ଶୁଭେଚ୍ଛା ଜଣାଇଥିଲେ। ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀ ଏବଂ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନେ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଇ ଥିଲେ।

## ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ଆଦେଶକୁ କାଏମ ରଖିଲେ ଉଚ୍ଚ ନ୍ୟାୟାଳୟ

### ଧନତ୍ରୀ ବାଲିଘାଟ ମାମଲା

ପାଣିକୋଇଲି, (ସବ୍ୟୁ) : ବ୍ୟାସନଗର ତହସିଲ ତଥା ପାଣିକୋଇଲି ଥାନା ଅନ୍ତର୍ଗତ ମୁଳାପାଳ ପଂଚାୟତର ବୈତରଣୀ ନଦୀର ଧନତ୍ରୀ ବାଲିଖାଦାନକୁ ନେଇ ଗ୍ରାମବାସୀ ମାନେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ଅଭିଯୋଗ ଦାଖଲ କରିବା ପରେ ତାହାକୁ ଚ୍ୟାଲେଂଜ କରି ମାନ୍ୟବର ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଛନ୍ତି ଲିଜ ଧାରୀ। ତେବେ ମାନ୍ୟବର ଉଚ୍ଚ ନ୍ୟାୟଳୟ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଆଦେଶକୁ ବଳବତର ରଖିବା ସହ ଆବେଦନକୁ ଖାରଜ କରିଛନ୍ତି। ପ୍ରକାଶ ଉକ୍ତ ଖାଦାନକୁ ଭୁବନେଶ୍ୱରର ବିକାଶ ସ୍ୱାଇଁ ନାମକ ବ୍ୟକ୍ତି ଲିଜ ନେଇଥିବା ବେଳେ ଭାରୀଯାନ ମାଧ୍ୟମରେ ବାଲି ଜିଲ୍ଲା ତଥା ରାଜ୍ୟ ବାହାରକୁ ଚାଲାଣ ହେଉଥିଲା। ନଦୀ ବନ୍ଧରେ ଭାରିଯାନ ଚଳାଚଳ ଫଳରେ ନଦୀ ବନ୍ଧ କ୍ରମଃଶ ଦୁର୍ବଳ ହେବା ସହିତ ଆଗାମୀ ବର୍ଷା ଋତୁରେ ନଦୀରେ ବନ୍ୟା ସମୟରେ ବନ୍ଧ ଭାଂଗିବାର ସମ୍ଭାବନା ଦେଖାଦେଇଛି। ଫଳରେ ଗ୍ରାମବାସୀ ମାନଙ୍କ ପକ୍ଷରୁ କୃଷ୍ଣ ଚନ୍ଦ୍ର ଖଟୁଆ, କିଶୋର ଚନ୍ଦ୍ର ପାଳ ଓ ଶରତ ଚନ୍ଦ୍ର ଜେନା ଉକ୍ତ ଲିଜଧାରୀ ଓ ରାଜ୍ୟ ପରିବେଶ ବିଭାଗ, ରାଜ୍ୟ ସରକାରଙ୍କ ପଂଚାୟତିରାଜ ବିଭାଗର ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସଚିବ, ଯାଜପୁର ଜିଲ୍ଲାପାଳ, ବ୍ୟାସନଗର ତହସିଲଦାର,ଓ ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ଼ ଓ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ଅଭିଯୋଗ ଦାଖଲ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗର ଶୁଣାଣୀ କରି ମାନ୍ୟବର ଟ୍ରିବ୍ୟୁନାଲ ଗତ ୧୭-୦୭-୨୩ରେ ଲିଜ ଧାରୀଙ୍କ ସମେତ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବିରୁଦ୍ଧରେ ଆଦେଶ ପ୍ରଦାନ କରିଥିଲେ। ଯାହାକୁ ଲିଜଧାରୀ ବିକାଶ ସ୍ୱାଇଁ ଗତ ୧୧-୦୮-୨୦୨୩ରେ ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଂଜ କରିଥିଲେ। ତେବେ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଚିଫ ଜଷ୍ଟିସ ଚକ୍ରଧାରୀ ଚରଣ ସିଂଙ୍କ ନେତୃତ୍ୱରେ ଏକ ବେଂଚ ଏହାର ଶୁଣାଣୀ କରି ଆଦେଶ ସଂଖ୍ୟା ୨୦୫୧ /୨୫-୦୪-୨୦୨୪ରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଉକ୍ତ ଆଦେଶକୁ ବଳବତର ରଖିଛନ୍ତି।

# ରୟାଲିଟି ଆଳରେ ମାଟି ଲୁଟୁଛନ୍ତି ଲୁଟେରା

ପାରାଦୀପ, (ଜିପ୍ର) : ପାରାଦୀପ ଉପକଣ୍ଠ ନୂଆଗଡ଼ ରୁ ଗତ ବର୍ଷ ମାଟି ମାଫିଆ ମାନେ ମାଟି ଲୁଟ କରି ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ରୋଜଗାର କରିଥିବା ବେଳେ ଶେଷ ମୁହୂର୍ତ୍ତରେ ତତ୍କାଳୀନ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ଙ୍କ ପାରାଦୀପ ଲକ୍ ଥାନା ରେ ଲିଖିତ ଅଭିଯୋଗ ପରେ ବନ୍ଧା ହୋଇ କୋର୍ଟ ଚାଲାଣ ହେଲେ କିଛି ଫେରାର ରହିଲେ ଓ ବ୍ୟବହୃତ ହାଇୱା ଏବଂ ଯେସିବି ମେସିନ ମଧ୍ୟ ଜବତ ହେଲା । କିନ୍ତୁ ଚଳିତ ବର୍ଷ ଏକ ନୂଆ ତରିକା ଆପଣାଇଛନ୍ତି ମାଟି ଲୁଟେରା ଗତ କିଛି ଦିନ ତଳେ ଗତ ବର୍ଷ ଗିରଫ ହୋଇଥିବା ଅଜୟ ବେହେରା ଓ ତାଙ୍କ ଗୋଷ୍ଠୀ ନୂଆଗଡ଼ ରୁ ମାଟି ଉଠାଇବା ନିମନ୍ତେ ୫୦୦ ଘନସିଏମ ର ରୟଲିଟି ଅନ୍ୟ ଜଣଙ୍କ ସହାୟତାରେ ତିନି ଦିନ ପାଇଁ ଅନୁମତି ଆଣି ସାତ ଦିନ ମାଟି ଉଠାଇଲେ। ଜମି ମାଲିକ ର ବିନା ଅନୁମତି ରେ ତା ଜମି କୁ ତାଡି ମାଟି ଚୋରାଇ ନେବାରୁ ସେହି ଗ୍ରାମର ବିକାଶ ପଟ୍ଟନାୟକ ଲକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏଠୁ ମାଟି ବେପାର ବନ୍ଦ ହେଲା । ଏବେ ଚାରିଦିନ ହେବ ସେହି ରୟଲିଟି ଆଳ ଦେଖାଇ କିଛି ଟ୍ରିପି ପାଇଁ ତହସିଲ୍ ରେ ଟଙ୍କା ଡିପୋଜିଟ୍ କରି ଏପଟେ ସିଜୁ , ଗଣ୍ଡକୀପୁର, କାବଲପୁର କତକୁଳା , ପୀତାମ୍ବରପୁର , ଠାକୁଡିଆ , ସେହିପରି କଙ୍କରଦିଆ ଗହୀର ରୁ ମାଟି ଉଠିବାରେ ଲାଗିଛି ନିୟମ ମୁତାବକ ଯାହାର ଜମିରେ ଆବଶ୍ୟକୀୟ ଚାଷ ପାଇଁ ଜମିରୁ । ଇଞ୍ଚ ମାଟି ଉଠିବାକୁ ଦରକାର ସେ ଜମି ମାଲିକ ଏକ ଦରଖାସ୍ତ ନିଜ ତହସିଲ କୁ କରିବେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଙ୍କ ଦ୍ୱାରା ତାହା ସରଜମୀନ ତଦନ୍ତ ପରେ ସମ୍ପୃକ୍ତ ଜମି ମାଲିକ ଙ୍କୁ ରୟଲିଟି ଡିପୋଜିଟ ନିଆଯାଇ ଏକ ନିର୍ଦ୍ଦିଷ୍ଟ ପରିମାଣ ର ଘନସିଏମ ମାଟି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିର୍ଦ୍ଦିଷ୍ଟ ଗାଡି ରେ ପରିବହନ କରିବାକୁ ଅନୁମତି ଦିଆଯିବ। କିନ୍ତୁ ଆଶ୍ଚର୍ଯ୍ୟ ର କଥା ହେଉଛି ଝିମାଣୀ ଓ ଗଡ ରେ ସ୍ଥାୟୀ ରାଜସ୍ୱ ନିରୀକ୍ଷକ ନଥିବାରୁ ତାହାର ଫାଇଦା ଉଠାଇ କୁଜଙ୍ଗ ତହସିଲ ର ଜୈନିକ କର୍ମଚାରୀ ବେଶ ଚତୁରତାର ସହ କିଛି ମାଟି ମାଫିଆ ଙ୍କୁ ହାତ କରି ତହସିଲଦାରଙ୍କୁ ଅଳ୍ପ ପରିମାଣ ର ରୟଲିଟି ଦେଖାଇ ଏପଟେ ମାଟି ମାଫିଆ ତିନିଦିନ ଜାଗାରେ ପନ୍ଦରଦିନ ଧରି ଦିନ ରାତି ମାଟି ଉଠାଇ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଉପାର୍ଜନ କରି ତାଙ୍କ ପକେଟ ଗରମ କରୁଥିବା ଚର୍ଚ୍ଚା ହେଉଛି । ଚଳିତ ବର୍ଷ ପୂର୍ବ ବର୍ଷ ମାଟି ବେପାର କରୁଥିବା ମାଫିଆ ମାନେ କୁଜଙ୍ଗ ତହସିଲ ର ଜୈନିକ ଅଧିକାରୀ ଙ୍କୁ ହାତକରି ବେଶ ଉପାର୍ଜନ କରୁଥିବା ବେଳେ ମାଟି ମାଫିଆ ମାନେ ଆଜି ଏ ଗହୀର କାଲି ସେ ଗହୀର ବୁଲି ମାଟି ତାଡି ବେଶ ଭଲ ଟଙ୍କା ଉପାର୍ଜନ କରୁଥିବା ଚର୍ଚ୍ଚା ହେଉଛି ।କିନ୍ତୁ ପ୍ରତିଦିନ ହଜାର ହଜାର ଟଙ୍କା ରାଜସ୍ୱ ହାନି ଘଟୁଛି ତୁରନ୍ତ ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ବେଆଇନ ଗୋ-ଚାଲାଣ ପୂର୍ବରୁ ଧରିଲା ପୋଲିସ

ପାଣିକୋଇଲି, (ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ଗୋକେିପୁର ପଂଚାୟତର ସାହାପୁର ଡାଟରୁ ବେଆଇନ ଗୋ ଚାଲାଣର ଖବର ପାଇ ପୁଲିସ ଚଢାଉ କରିଥିଲା । ବାରମ୍ବାର ପୁଲିସ ଚଢାଉକରି ଗୋ ଚାଲାଣ ରୋକିବାରେ ସକ୍ଷମ ହେଉଥିଲେ ବି ବେଆଇନ ଚୋରା ଗୋ ଚାଲାଣ କାରୀ ଏହାକୁ ଭୃକ୍ଷେପ ନକରି ବାରମ୍ବାର ଲୁକାୟିତ ଭାବେ ଗୋ ଚାଲାଣ କରୁଛନ୍ତି। ହାଟରେ ୬୦ଟି ଗୋରୁ ଚାଲାଣ ପାଇଁ ପ୍ରସ୍ତୁତ ଥିବା ଓ ସେମାନଙ୍କୁ ନେବା ପାଇଁ ଦୁଇଟି ଟ୍ରକ ଆସିଥିବା ଖବର ପାଇ ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ସଦଳବଳେ ଚଢାଉ କରିଥିଲେ । ହେଲେ ପୁଲିସ ପହଂଚିବା ଦେଖି ଗୋ ଚାଲାଣକାରୀ ଓ ଗାଡି ଚାଳକ ସମସ୍ତେ ଫେରାର ହୋଇଯାଇଥିଲେ । ମାତ୍ର ସେଠାରେ ଥିବା ୬୦ଟି ଗୋରୁଙ୍କୁ ପୁଲିସ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କୁ ବାଂଟି ଦେଇଥିଲେ । ଏନେଇ ଦୃଢ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ ।

## ପ୍ରଚଣ୍ଡ ଖରାତାତି: ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ

ପାଟକୁରା, (ସବ୍ୟୁ) : ପ୍ରଚଣ୍ଡ ଖରାତାତିରେ ସାରା ଓଡିଶା ଜଳୁଥିବା ବେଳେ ଗୁଳୁଗୁଳିରେ ଲୋକମାନେ ଛଟପଟ ହେଉଛନ୍ତି। ପ୍ରାୟ ୧ ମାସ ହେବ ଏପରି ଅବସ୍ଥା ଲାଗି ରହିଥିବାବେଳେ ଏଇ ସପ୍ତାହେ ହେବ ଲୋକମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଘରୁ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ଯିଏ ସକାଳୁ କୌଣସି କାର୍ଯ୍ୟରେ ବାହାରକୁ ଯାଇନାହିଁ, ୮ଟା ପରେ ଯିବାକୁ ମନ କଲେ ମଧ ପ୍ରବଳ ଖରାକୁ ଦେଖି ଯାଇପାରୁନାହିଁ। ଦୋକାନ ବଜାରଗୁଡିକ ମଧ ଖରା ପାଇଁ ପ୍ରାୟ ୧୦ ଟାରୁ ବନ୍ଦ ହୋଇଯାଉଛି। ପୂର୍ବରୁ ଖରାତାତି ହେଉଥିଲା। କିନ୍ତୁ ଖରାବେଳେ ଯେଉଁ ପବନ ବହୁଥିଲା, ଲୋକମାନେ ଗଛ ତଳେ ବସି ସମୟ କାଟି ଦେଉଥିଲେ। ଏବେ ଖରାବେଳେ ପବନ ହେଉନଥିବାରୁ ଲୋକମାନେ ଘରେ ରହିପାରୁନାହାନ୍ତି କି ଗଛ ତଳେ ଆଶ୍ରୟ ନେଇପାରୁନାହାନ୍ତି। ଏପରିକି ଚାରିଆଡେ କଂକ୍ରିଟ ରାସ୍ତା ହୋଇଯାଇଥିବାରୁ ଯାତାୟାତ କରିବା କଷ୍ଟକର ହୋଇପଡୁଥିବାବେଳେ କଂକ୍ରିଟ ଛାତ ଘରଗୁଡିକରେ ଗରମ ଫ୍ୟାନ୍ ପବନରେ ଘର ଭିତରେ ରହି ହେଉନାହିଁ। ଘର ଭିତରେ ଖରାବେଳ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କଟୁଛି। ମହାବାତ୍ୟା ପର ଠାରୁ ଗାଁ ଗହଳିରେ ପ୍ରାୟ ଆଉ ଚାଳ ଘର ବିଶେଷ ନାହିଁ। ଯେଉଁମାନଙ୍କର ଚାଳଘର ଅଛି, ଏ.ସି ବା କୁଲର ଅଛି ସେମାନେ କୌଣସି ପ୍ରକାର ଚଳିଯାଉଛନ୍ତି। ବ୍ଲକ୍‌ରେ ବିଦ୍ୟୁତ ବିଭାଗ ଦ୍ୱାରା ବିଭିନ୍ନ ସମୟରେ ଅଘୋଷିତ ବିଦ୍ୟୁତ କାଟ ଜନସାଧାରଣଙ୍କ ନିଦ ହଜାଇ ଦେଉଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବରୁ ବିଭିନ୍ନ ସ୍ଥାନରେ ସରକାରୀ ଓ ବେସରକାରୀ ସ୍ତରରେ ଜଳଛତ୍ର ଖୋଲାଯାଉଥିଲା। କିନ୍ତୁ ଚଳିତବର୍ଷ ଜଳଛତ୍ର ବିଶେଷ ଭାବେ ଦେଖାଯାଉନାହିଁ। ପ୍ରଚଣ୍ଡ ଗୁଳୁଗୁଳି ତାତିରେ ଲୋକମାନେ ଅସହ୍ୟ ହୋଇପଡିଲେଣି। ଏହିଭଳି ତାତି ଓ ଗୁଳୁଗୁଳି ଯଦି ଆଉ କିଛି ଦିନ ଲାଗିରହେ ଲୋକମାନେ ପୋକ ମାଛି ପରି ଛଟପଟ ହୋଇପଡିବା ସହିତ ଅଂଶୁଘାତରେ ଜୀବନ ହାନିକୁ ଏଡାଇ ଦିଆଯାଇନପାରେ।

## ମଧୁସାଗର ବିଦ୍ୟାପୀଠରେ ମଧୁବାବୁଙ୍କ ଜୟନ୍ତୀ



କେନ୍ଦ୍ରାପଡ଼ା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ଅଙ୍ଗୁଳାଇ ସ୍ଥିତ ମଧୁସାଗର ବିଦ୍ୟାପୀଠ ରେ ଉତ୍କଳ ଗୌରବ ମଧୁ ସୁଦନ ଦାସଙ୍କ ୧୭୭ ତମ ଜୟ'ୀ ପାଳନ ହୋଇଯାଇଛି । ପ୍ରଧାନ ଗୁରୁଜୀ ସୁଧିର ରନ ବାରିକଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ପ୍ରଭାତଫେରୀ ଓ ସ୍କୁଲ ପରିସର ସଫେଇ କରାଯାଇ ଥିବାବେଳେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ସ୍କୁଲ ପରିସରରେ ଥିବା ଉତ୍କଳ ଗୌରବ ମଧୁବାବୁ ଙ୍କ ପ୍ରତିମୂର୍ତିରେ ସାମୁହିକ ମାଲ୍ୟାର୍ପଣ ସହ ସ୍ମୃତିସଭା କରାଯାଇ ଥିଲା । ସ୍କୁଲ କମିଟିର ସଭାପତି ଭ୍ରମର ରାଉତ କାର୍ଯ୍ୟକ୍ରମ ରେ ଯୋଗ ଦେଇ ସ୍ୱତନ୍ତ୍ର ଓଡିଶା ଗଠନରେ ମଧୁବାବୁଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭ୍ୟ ଯଦୁମଣି ପରିଡା, ବୈଷ୍ଣବ ଖଣ୍ଡୁଆଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଯଦୁମଣି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବଡ଼ଚଣା ଅଞ୍ଚଳରେ ଉତ୍କଳ ଗୌରବ ମଧୁବାବୁଙ୍କ ୧୭୬ତମ ଜୟନ୍ତୀ



ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଓ ବଡଚଣା ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପ୍ରମୁଖ ବିଦ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଉଦୀୟମାନ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ମଧୁସୂଦନ ଦାସଙ୍କ ୧୭୬ ତମ ଜୟନ୍ତୀ ଉତ୍ସବ ଚଣ୍ଡିଖୋଲ ଠାରେ ମହା ଆଡମ୍ବରରେ ପାଳିତ ହୋଇଥିଲା। ଅନୁଷ୍ଠାନର ଉପସଭାପତି ପ୍ରକାଶ କୁମାର ନାୟକ,ସହ ସଂପାଦକ କାର୍ତ୍ତିକଚନ୍ଦ୍ର ଜେନା , କୋଷାଧକ୍ଷ ମଦନମୋହନ ପରମାଣିକ,ସ୍ୱେଚ୍ଛାସେବୀ ସୁଶାନ୍ତ ଜେନା ପ୍ରମୁଖ ରବିବାର ସକାଳୁ ସ୍ଥାନୀୟ ସରକାରୀ ଉଚବିଦ୍ୟାଳୟ ପରିସରରେ ଅନୁଷ୍ଠାନ ପକ୍ଷରୁ ସ୍ଥାପନ କରାଯାଇଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପରେ ଧାନମଣ୍ଡଳ ସ୍ଥିତ ଉଦୀୟମାନ କଳାପରିଷଦ ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନୃତ୍ୟ ଗୁରୁ ପତିତପାବନ ସାହୁ , ବିଦ୍ୟାଳୟର ଅଧକ୍ଷା ପାର୍ବତୀ ସାହୁ , ସଭାପତି ରଶ୍ମିରଞ୍ଜନ ଦାସଙ୍କ ସହ ବୁଦ୍ଧିଜୀବୀ ଉପସ୍ଥିତ ହୋଇ ମଧୁବାବୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।ସେହିପରି ଚଣ୍ଡିଖୋଲ କୋର୍ଟ ବାର ଆସୁସିଏସନ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳନ ହୋଇଥିଲା। ପ୍ରଥମେ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।ବାର ସଭାପତି ଦେବରାଜ ବେହେରାଙ୍କ ଅଧକ୍ଷତାରେ ଏକ ସଭା ଆୟୋଜିତ ହୋଇ ମଧୁବାବୁଙ୍କ ବହୁମୁଖୀ ପ୍ରତିଭା ଓ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ତାଙ୍କର ତ୍ୟାଗ ଓ ଭୂମିକାର ବର୍ଣ୍ଣନା କରାଯାଇଥିଲା।ଏଥିରେ କୋର୍ଟର ବିଚାରପତି ଓ ସମସ୍ତ ଆଇନଜୀବୀ ମାନେ ଯୋଗଦେଇଥିଲେ।ଏଥିସହ ଚଣ୍ଡିଖୋଲ,ବଡଚଣା ଓ ଧାନମଣ୍ଡଳର ଅନେକ ବିଦ୍ୟାଳୟ ଓ ଅନୁଷ୍ଠାନ ପକ୍ଷରୁ ମଧ ମଧୁବାବୁଙ୍କ ଜୟନ୍ତୀ ପାଳନ କରାଯାଇଥିଲା।

## ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କଲେ ବିଜେପି ପ୍ରାର୍ଥୀ ଗୀତାଞ୍ଜଳି

କେନ୍ଦ୍ରାପଡ଼ା, (ସବ୍ୟୁ) : ଜିଲ୍ଲାର ଜଣାଶୁଣା ନାରୀନେତ୍ରୀ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ତଥା ବର୍ତମାନର ବିଜେପି ବିଧାନସଭା ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀ ଆଜି ଶ୍ରୀ ବଳଦେବଜୀଉ ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହ ପ୍ରଚାର ଅଭିଯାନର ଶୁଭାରମ୍ଭ କରିଛନ୍ତି। ବିଜେଡି ଟିକେଟ ରେ ୧୩ନଂ ଜୋନରୁ ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହେବା ସହ ଜିଲ୍ଲା ପରିଷଦ ଅଧକ୍ଷା ହୋଇଥିଲେ । ତେବେ ଅଧକ୍ଷ ପଦରୁ ଓ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେବା ସହ ଆଗାମୀ ନିର୍ବାଚନରେ କେନ୍ଦ୍ରାପଡା ବିଧାନସଭା ପ୍ରାର୍ଥୀ ଭାବେ ଦଳୀୟ ଟିକେଟ ହାସଲ କରିଛିଁ । ଏନେଇ ଶ୍ରୀମତୀ ସେଠୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ ଓ ଜିଲ୍ଲା ସଭାପତି କୀଶୋର କୁମାର ପଣ୍ଡା ପ୍ରମୁଖଙ୍କୁ କୃତଜ୍ଞତା ଜଣାଇବା ସହ ଲଛମନଜୀଉଙ୍କ ଦର୍ଶନ କରି ଅଶୀର୍ବାଦ ଭିକ୍ଷା କରିଥିଲେ । ତେବେ ରବିବାର ସକାଳୁ ଶତାଧିକ ସମର୍ଥକଙ୍କ ସହ ଇଛାପୁର ସ୍ଥିତ ଶ୍ରୀ ବଳଦେବଜୀଉଙ୍କୁ ଦର୍ଶନ କରି ପ୍ରଚାର ଅଭିଯାନ ଆରମ୍ଭ କରିଥିବା ଜଣାପଡିଛି ।

## ମଧୁବାବୁଙ୍କ ପାଇଁ ଭାରତରେ ସୃଷ୍ଟି ହୋଇଛି ଓଡ଼ିଆଙ୍କ ସ୍ୱତନ୍ତ୍ର ପରିଚୟ



ସାଲେପୁର, (ସବ୍ୟୁ) : ଦ୍ୱାଦଶ ତମ ବିରୂପା ମହୋତ୍ସବର ତୃତୀୟ ଓ ଚତୁର୍ଥ ସନ୍ଧ୍ୟା ଭରପୂର ମନୋରଞ୍ଜନ ସହିତ ଅନୁଷ୍ଠିତ ହୋଇଯାଇଛି।ଗୋପୀନାଥ ପୁର ହରିଡା ପଡିଆ ଠାରେ ତୃତୀୟ ସନ୍ଧ୍ୟା ରେ ବିକାଶ ଚନ୍ଦ୍ର ଦାଶଙ୍କ ସ୍ୱଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନ୍ୟାୟମୂର୍ତି ବିଜୟ କୁମାର ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମାନସ ପଣ୍ଡା ଯୋଗ ଦେଇ ମଧୁବାବୁ ଙ୍କ ଜନ୍ମ ମାଟି ରେ ଏଭଳି କାର୍ଯ୍ୟକ୍ରମ କରୁଥିବାରୁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅସରରେ ବିରୂପା ସାମ୍ବାଦିକ ଗୌରବ ସମ୍ମାନ ରେ ମାନସ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଚତୁର୍ଥ ସନ୍ଧ୍ୟାରେ ଶ୍ରୀକାନ୍ତ ସାମଲଙ୍କ ସ୍ୱଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ କଟକ ଉପ ବନଖଣ୍ଡ ଅଧିକାରୀ ହରେକୃଷ୍ଣ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପାରାଦୀପ ଇଫ କୋର ମୁଖ୍ୟ ପ୍ରଶାସନିକ ଅଧିକାରୀ ପ୍ରସନ କୁମାର ବେହୁରା ଯୋଗଦେଇ ମଧୁବାବୁଙ୍କ ପାଇଁ ଓଡିଆଙ୍କ ସ୍ୱତନ୍ତ୍ର ପରିଚୟ ଭାରତ ବର୍ଷରେ ସୃଷ୍ଟି ହୋଇଛି ବୋଲି ପ୍ରକାଶ କରିଥିଲେଛ ବିଶ୍ୱରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁରେଶ କୁମାର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେଛତୃତୀୟ ସନ୍ଧ୍ୟାରେ ସିଧାର୍ଥ ଟିଭି ର ଧାରାବାହିକ ସିନ୍ଦୁର ନୁହେଁ ଖେଳଘର ର କଳାକାର ମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିବା ବେଳେ ଚତୁର୍ଥ ସନ୍ଧ୍ୟାରେ କେନ୍ଦ୍ରାପଡା ରଫିଟ ଆଣ୍ଡ ଫାୟାର ଡ୍ୟାନ୍ସ ଏକାଡେମୀ ଓ ସିଧାର୍ଥ ଟିଭିର ଧାରାବାହିକ ସୁନୟନାର କଳାକାର ମାନଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲାଛଏହି ମହୋତ୍ସବ କୁ ଅନୁଷ୍ଠାନର ଉପଦେଷ୍ଟା ଦିଲ୍ଲୀପ ଦାଶ, ପ୍ରଶାନ୍ତ କୁମାର କର, ଦେବେନ୍ଦ୍ର ନାଥ ସ୍ୱାଇଁ, ବିଶ୍ୱରଞ୍ଜନ ସାହୁ, ପ୍ରଶାନ୍ତ କୁମାର ଭୂୟାଁ, ରମେଶ କୁମାର ଲେଙ୍କା, ବନମାଳୀ ପ୍ରଧାନ, ଜ୍ୟୋତିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱାଭିମାନ ଦିବସ

ପାଟକୁରା, (ସବ୍ୟୁ) : ଗରଦପୁର ବ୍ଲକ୍ ପାଖଡ ଗ୍ରାମର ଦିବ୍ୟଶକ୍ତି ଟ୍ରଷ୍ଟ ଆନୁକୁଲ୍ୟରେ ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ସୂଚନାଯୋଗ୍ୟ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀକୁ ସ୍ୱାଭିମାନ ଦିବସ ରୂପେ ପାଳନ କରାଯାଉଛି। ଦିବ୍ୟଶକ୍ତି ଟ୍ରଷ୍ଟର ଅଧକ୍ଷ ପ୍ରକୃତିବନ୍ଧୁ ଦ୍ୱାରିକାନାଥ ସେନାପତିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ, ଧୂପ, ଦୀପ ଅର୍ପଣ କରିଥିଲେ। ନଡିଆବରାଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଶ୍ମିକାନ୍ତ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଲେ ଓଡିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ବିକାଶ ଘଟିବ ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତପନ କୁମାର ସେନାପତି ଯୋଗଦାନ କରିଥିବାବେଳେ ସମ୍ମାନୀୟ ଅତିଥି ଭାବେ ଅଧ୍ୟାପକ ମନୋରଂଜନ ଦାଶ ଯୋଗଦେଇ ମଧୁବାବୁଙ୍କ ବହୁମୁଖି ପ୍ରତିଭା ଯୁବପିଢୀକୁ ପ୍ରେରଣା ଦେବ ବୋଲି କହିଥିଲେ। ଅଧକ୍ଷ ଶ୍ରୀ ସେନାପତି ମଧୁବାବୁ ଓଡିଶାର ଗର୍ବ ଓ ଗୌରବ ବୋଲି ବର୍ଣ୍ଣନା କରିବା ସହିତ ଉତ୍କଳ ପ୍ରଦେଶ ଗଠନର ସେ ମୁଖ୍ୟ ସୂତ୍ରଧର ବୋଲି ବକ୍ତବ୍ୟ ରଖିଥିଲେ। ପଣ୍ଡିତ କେଶବାନନ୍ଦ ଆଚାର୍ଯ୍ୟ ବେଦପାଠ କରିଥିବାବେଳେ ଅତିଥିମାନଙ୍କୁ ଟ୍ରଷ୍ଟ ପକ୍ଷରୁ ଉତରୀୟ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା।

## ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଚାରପତି ଜଷ୍ଟିସ ଭି ନରସିଂହଙ୍କ ମା' ଶାରଳା ଦର୍ଶନ

ତିର୍ତ୍ତୋଲ,(ସବ୍ୟୁ) : ଓଡିଶା ଉଚ୍ଚ ନ୍ୟାୟଳୟର ବିଚାରପତି ଜଷ୍ଟିସ ଭି ନରସିଂହ ରବିବାର ଝଙ୍କଡ ସାରଳା ମନ୍ଦିରରେ ପହଞ୍ଚି ମା'ଙ୍କୁ ଦର୍ଶନ କରିବା ସହ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ । ଜଷ୍ଟିସ ନରସିଂହ ଝଙ୍କଡ ସାରଳା ପୀଠରେ ପହଞ୍ଚିବା ପରେ ଉପଜିଲାପାଳ ପ୍ରଦୀପ କୁମାର ସାହୁ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ ।

### ||||||||||| ଶିଖରପୁରରେ ବିଜେଡିର ବିଶାଳ ସମାବେଶ |||||||||||

## ହଜାରରୁ ଉର୍ଦ୍ଧ୍ୱ ବିରୋଧୀ କର୍ମୀ ବିଜେଡିରେ ସାମିଲ





ରଣପୁର, (ସବ୍ୟୁ) : ନୟାଗଡ଼ ଜିଲ୍ଲା ରଣପୁର ନିର୍ବାଚନ ମଣ୍ଡଳୀ ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶିଖରପୁରଠାରେ ରବିବାର ବିଜୁ ଜନତା ଦଳର ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୁରୀ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ, ରଣପୁର ବିଧାୟକ ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ବିଧାୟକ ପ୍ରାର୍ଥୀ ଡ. ଅରୁଣ କୁମାର ସାହୁ, ବିଜେଡି ଜିଲ୍ଲା ସହ ପର୍ଯ୍ୟାବ୍ୟେଖକ ଇରାନୀ ରାୟ, ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।ଏହି ସମାବେଶରେ ଉପସ୍ଥିତ ନେତୃମଣ୍ଡଳୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତାକୁ ଉପସ୍ଥାପନ କରି ଯୋଡ଼ି ଶଙ୍ଖରେ ମୋହର ମାରି ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ସାରା ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଅନେକ ଯୋଜନା ଓ ପରିକଳ୍ପନା କରି ଆସୁଥିବା କହିଥିଲେ । ଓଡ଼ିଶାର ବିକାଶ ଧାରାକୁ ଆଗକୁ ନେବା ସହ ୫ଟି ନବୀନ ଗ୍ୟାରେଣ୍ଟି ଏବେ ଓଡ଼ିଶାକୁ ରୂପାନ୍ତରିତ ଓଡ଼ିଶାରେ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟ କରିବ ବୋଲି କହିଥିଲେ ।ପୁରୀ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଜଣେ ସେବାକୁ ଗୁରୁତ୍ୱ ଦେଉଥିବା ମଣିଷ । ତେଲାଙ୍ଗ ମାଟିରେ ଜନ୍ମ ଗ୍ରହଣ କରି ସାରା ଦେଶରେ ସୁନାମ ଅର୍ଜନ କରିଥିବା ଜଣେ ଭଲ ମଣିଷଙ୍କୁ ଆମେ ସାଂସଦ ଭାବେ ପାଇବାକୁ ଯାଉଛେ ବୋଲି କହିଥିଲେ । ସେହିଭଳି ଭାବେ ରଣପୁର ବିଧାୟକ ପ୍ରାର୍ଥୀ ସତ୍ୟନାରାୟଣ ଜଣେ ଅମାୟିକ, ନିଷ୍କପଟ ବ୍ୟକ୍ତିତ୍ୱ ବୋଲି ଉପସ୍ଥିତ ନେତାମାନେ କହିବା ସହ ବିଜୁ ଜନତା ଦଳକୁ ଶକ୍ତିଶାଳୀ କରିବା ପାଇଁ ସମସ୍ତେ ଯୋଦ୍ଧା ଭଳି କାର୍ଯ୍ୟ କରିବା ଆବଶ୍ୟକ ବୋଲି କର୍ମୀଙ୍କୁ ଆହ୍ୱାନ ଦେଇଥିଲେ ଛ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବରିଷ୍ଠ ନେତା ସନ୍ୟାସୀ ପ୍ରଧାନ, ରଣପୁର ବ୍ଲକ ଉପାଧକ୍ଷ ପ୍ରଭାତ ଦଳବେହେରା, ରଣପୁର ଏନଏସି ଅଧକ୍ଷା ରଙ୍ଗିନ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସଂଯୁକ୍ତା ପିଆରୀ ପ୍ରମୂଖ ଉପସ୍ଥିତ ରହିଥିଲେ । ଏହି ଅବସରରେ ହଜାର ହଜାର ସଂଖ୍ୟକ ବିରୋଧୀ ଦଳର କର୍ମୀ ମାନେ ବିଜେଡିରେ ଯୋଗ ଦେଇଥିଲେ । ସମସ୍ତ କର୍ମୀ ମାନଙ୍କୁ ବିଜୁ ଜନତା ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା । ଏହି କର୍ମୀ ସମ୍ମିଳନୀରେ ୧୫ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ । ଏଥି ସହିତ ସ୍ଥାନୀୟ ଅଞ୍ଚଳର ଜନ ପ୍ରତିନିଧି ମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ବ୍ଲକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆଜି ମଧୁବାବୁଙ୍କ ୧୭୬ତମ ଜୟନ୍ତୀ ପାଳିତ ହୋଇଯାଇଛି । କୁମାରୀସ୍ଥିତ ସାରଳା ପୀଠରେ ଗୋକର୍ଣିକା ସାହିତ୍ୟ ସମାଜ ଆନୁକୁଲ୍ୟରେ ମଧୁବାବୁଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠାନ ର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ମୂଖ୍ୟ ଅତିଥି ଭାବେ ସାହାସପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ସନ୍ତୋଷ କୁମାର ବେହେରା ମୁଖ୍ୟ ଅତିଥି, ମଧୁପୁର କଲେଜ ଅଧକ୍ଷ ଡ଼ ତୁହିନାଂଶୁ ରଥ, ସମ୍ମାନୀତ ଅତିଥ. ଉପେନ୍ଦ୍ର ସାରଦା କଲେଜ ସୋରୋ ର ଅବସର ପ୍ରାପ୍ତ ପ୍ରାଧାପକ ଡ଼ ରବୀନ୍ଦ୍ର ବିହାରୀ ସମ୍ମାନୀତ ବକ୍ତା, ବ୍ରହ୍ମବରଦା କଲେଜ ର ଅବସର ପ୍ରାପ୍ତ ଅଧାପକ ପ୍ରଶାନ୍ତ କୁମାର ସହୁ, ମୁଗୁପାଲ କଲେଜ୍ ଅବସର ପ୍ରାପ୍ତ ଅଧକ୍ଷ ରାମ ଚନ୍ଦ୍ର ସାହୁ ବିରୂପା ସାହିତ୍ୟ ସଂସଦ ସଭାପତି କବି ନିରଞ୍ଜନ ଜେନା ଓ ସୁଭାସକଳ ସମ୍ପାଦକ ବ୍ରଜବନ୍ଧୁ ଶତପଥି ଅତିଥି ଭାବେ ଯୋଗ ଦେଇଥିଲେ ମଧୁବାବୁଙ୍କ ଦେଶାତ୍ମବୋଧ ଜୀବନ କାହାଣୀ ଯାହା ସବୁଦିନ ପାଇଁ ବଂଚିରହିବ ବୋଲି କହିଥିଲେ। ସମ୍ପାଦକ ମହେଶ୍ୱର ପାଢ଼ୀ ବିବରଣୀ ପାଠ କରିଥିଲା ବେଳେ ହୃଷିକେଶ ସାମଲ ସ୍ୱାଗତ ଭାଷଣ ଦେଇଥିଲେ ପଣ୍ଡିତ ବ୍ରଜକିଶୋର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ରଜରାଜ ତ୍ରିପାଠୀ ଧନ୍ୟବାଦ୍ ଦେଇଥିଲେ। ସେହିପରି ଧର୍ମଶାଳା ବ୍ଲକ୍ ଜାରକା ହାଇସ୍କୁଲ ପରିସରେ ଆମ ଓଡିଶା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି । କାହ୍ନୁଚରଣ ଦାଶଙ୍କ ସଭାପତିତ୍ୱରେ ପରିଚାଳିତ ଉତ୍ସବକୁ ମୁଖ୍ୟଅତିଥି ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ପ୍ରିୟନାଥ ମହାପାତ୍ର ଉଦ୍ଘାଟନ କରି ସ୍ୱତନ୍ତ୍ର ଓଡିଶା ଗଠନରେ ମଧୁବାବୁଙ୍କ ଭୂମିକା ଓ ତାଙ୍କ ଜୀବନାଦର୍ଶ ସଂପର୍କରେ ଆଲୋଚନା କରିଥିଲେ । ପ୍ରାବନ୍ଧିକ ଡ. ରବୀନ୍ଦ୍ର ବିହାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମଧୁବାବୁ ପ୍ରଚଣ୍ଡ ସ୍ୱାଭିମାନୀ ଥିଲେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଅଭିମନ୍ୟୁ ସାମନ୍ତସିଂହାର କଲେଜ୍ ଇଂରାଜୀ ବିଭାଗ ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ, ସାମାଜିକ କର୍ମୀ ଶୁଭକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଦେବବ୍ରତ ରାଉତ ଅତିଥି ପରିଚୟ ପ୍ରଦାନ, ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଓ ସାମ୍ବାଦିକ ସୀତାକାନ୍ତ ସାମଲ ସୂଚନା ଓ ମଧୁବାବୁଙ୍କ ଜୀବନୀ ପଞ୍ଜିକା ପାଠ କରିଥିଲେ । ଅଧ୍ୟାପକ ବିଜୟ କୁମାର ନାୟକ ପ୍ରାରମ୍ଭିକ ସୂଚନା ଓ କବି ସରୋଜିନୀ ପଣ୍ଡା ମଧୁବାବୁଙ୍କ ରଚିତ ସଂଗୀତଗାନ କରିଥିଲେ । କବି ସବିତା ମିଶ୍ର ଧନ୍ୟବାଦ ଦେଇଥିଲେ ।

## ସାର୍ଥକ ହସ୍ପିଟାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଶାନ୍ତିବଜାରସ୍ଥିତ ସର୍ଥକ ହସପିଟାଲ ପକ୍ଷରୁ ଆଜି ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମଧୁମେୟ, ରକ୍ତଚାପ, କୋଲେଷ୍ଟ୍ରୋଲ ଓ ନର୍ବ ସମସ୍ୟା ଆଦି ରୋଗର ପରୀକ୍ଷା କରାଯାଇ ରୋଗ ପାଇଁ ଆବଶ୍ୟକ ଔଷଧ ସେବନ କରିବାକୁ ପରମର୍ଶ ଦିଆଯାଇଥିଲା । ଏହି ଶିବିରରେ ୪୬ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଡାକ୍ତର ସାର୍ଥକ ଶତପଥୀ ସମସ୍ତରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ସେବନ କରିବାକୁ ପ୍ରେସକ୍ରାଇବ କରିଥିଲେ । ଏଥିରେ ହସପିଟାଲର କର୍ମଚାରୀ ମନୋରମା ସାହୁ, ସୋନାଲି ବେହେରା, ପ୍ରଜ୍ଞା ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ମଧୁବାବୁଙ୍କ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ

ମାହାଙ୍ଗା, (ସବ୍ୟୁ) : ଓଡ଼ିଶାର ଅସ୍ମିତାର ଅଗ୍ରପୂଜ୍ୟ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ ଅବସରରେ ତାଙ୍କ ଜନ୍ମପୀଠ ସତ୍ୟଭାମାପୁର ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ଶରତକରଓ ଅନିମାକର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ତଥା ପ୍ରାକ୍ତନ ଆୟକର କମିଶନର ଶୋଭନ କର ଯୋଗଦେଇ ମଧୁବାବୁଙ୍କ ମାଲ୍ୟାର୍ପଣ କରିଥିଲେ। ମଧୁବାବୁଙ୍କ ଜୟନ୍ତୀ ଅବକାଶରେ ସ୍ମୃତିଚାରଣ କରି ଓଡ଼ିଆ ଜାତିର ସ୍ୱାଭିମାନକୁ ବିଶ୍ୱରେ ବିଧିବଦ୍ଧ ପ୍ରତିଷ୍ଠା କରିବାରେ ତାଙ୍କର ଏକନିଷ୍ଠ ଉଦ୍ୟମ ଅବିସ୍ମରଣୀୟ ହୋଇ ରହିଛି।

## ଶ୍ରୀକ୍ଷେତ୍ରରେ ଜଳଛତ୍ର

ତିର୍ତ୍ତୋଲ, (ସବ୍ୟୁ) : ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଲକ୍ଷ୍ୟରେ ରଖି ଓଡିଶାର କାର୍ଯ୍ୟରତ ଫଟୋଗ୍ରାଫର ସଂଘ(ପିପିଟି) ତରଫରୁ ଉପଦେଷ୍ଟା ପୁପୁଲ ମହାଁ ଓ ଅଜୟ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଶ୍ରୀକ୍ଷେତ୍ର ବଡଦାଣ୍ଡ ଠାରେ ଶ୍ରଦ୍ଧାଳୁ ମାନଙ୍କ ନିମନ୍ତେ ଜଳଛତ୍ରର ବ୍ୟବସ୍ଥା କରାଯାଇଥିଲା । ପିପିଟିର ସଭାପତି ବି ଏନ ଏନ ପପୁ, ଉପସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ସମ୍ପାଦକ ବିଶ୍ୱକେତନ ସାହୁ, ଯୁଗ୍ମ ସମ୍ପାଦକ କୁଶଳ କୁମାର ସିହ୍ନା,କୋଷାଧକ୍ଷ ପ୍ରୀପ କୁମାର ଶୁକ୍ଳା, ସତ୍ୟପ୍ରକାଶ ମହାଁ (ସିପୁ), ଦେବଦଳନ ବିଶ୍ୱାସ, ବରୁନ କୁମାରଙ୍କ ସମେତ ସଦସ୍ୟ ମାନେ ଉପସ୍ଥିତି ରହି ପରିଚାଳନାରେ ସହଯୋଗ କରିଥିଲେ ।



ଘଷିପୁରା ବିଧାୟକ ପ୍ରଫେସର ବଦ୍ରିନାରାୟଣ ପାତ୍ରଙ୍କ ଦୃଢ଼ ସଂଗଠନ ପ୍ରତି ଆସ୍ଥା ପ୍ରକଟ କରି ଗୋହିରା ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଲେ । ଫଟୋ : ରବି ରାଜ

## ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ
# ଢ଼ହ ଡହ ଖରାରେ ଖଟୁଛନ୍ତି ଶ୍ରମିକ

ବାଲିପାଟଣା (ସବ୍ୟୁ) : ପ୍ରବଳ ରୌଦ୍ର ତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବା ବେଳେ ଦିନ ୧୦ ଟାରୁ ରାସ୍ତା ଘାଟ ଶୁନଶାନ୍ ହୋଇଯାଇଛି। ଦିନ ୧୧ ଟା ବେଳର ତାପମାତ୍ରା ୪୧.୬ ଡ଼ିଗ୍ରୀ ହାସଲ କଲାପରେ ଘରୁ ବାହାରକୁ ନ ବାହାରିବା ପାଇଁ ସାଧାରଣ ଲୋକ ଓ ଶ୍ରମିକମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କତା ଜାରୀ କରାଯାଇଛି।ସ୍କୁଲ ,କଲେଜ ଛୁଟି କରାଯାଇଥିବା ବେଳେ ସରକାରୀ ଅଫିସ ମଧ ସକାଳୁଆ ହୋଇସାରିଛ। ଏ ସବୁକୁ ଖାତିରି ନ କରି ଜୈନିକ ଠିକାଦାର ବାଲିପାଟଣା – ଭିଙ୍ଗାରପୁର ରାସ୍ତାର ପ୍ରଶସ୍ତିକରଣ ପାଇଁ ବାଲିପାଟଣା ଖମଙ୍ଗ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଗାର୍ଡୱାଲ ର୍ନିମାଣ କାର୍ଯ୍ୟ କରୁଛନ୍ତି।ପ୍ରଚଣ୍ଡ ରୌଦତାପ ଓ ଡହ ଡହ ଖରାରେ ଅତି ଦୟନୀୟ ଭାବେ ଦିନ ୧ ଟା ପର୍ଯ୍ୟନ୍ତ କାମ ଚାଲୁ ରଖିଥିଲେ।ଯାହା ଫଳରେ ରାସ୍ତା କଡ଼ରେ ଓ ରାସ୍ତା ଉପରେ ଚିପ୍ସ ବାଲି ଗଦାଇ ଥିବାରୁ ଜଣେ ବାଇକ୍ ଆରୋହୀ ପଡ଼ି ଗୁରୁତର ଆହତ ହୋଇଛନ୍ତି। ରାଜ୍ୟ ସରକାରଙ୍କ କଡ଼ା ନିୟମ ବ୍ୟବସ୍ଥା ସତ୍ତ୍ୱେ ଠିକାଦାର ଏହାକୁ ଖାତିର ନ କରି ଶ୍ରମିକ ମାନଙ୍କୁ ଛୁଟି ଦେଇ ନ ଥିଲେ।ଯଦି ସଂପୃକ୍ତ ବିଭାଗ ପକ୍ଷରୁ ଠିକାଦାର ଙ୍କ ଠାରୁ ଯୋରିମାନା ଆଦାୟ କରା ନ ଯାଏ ଶ୍ରମିକ ମାନଙ୍କ ଜିବନ ପ୍ରତି ବିପଦ ଆସିପାରେ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି।

# ଉତ୍କଳ ସମ୍ମିଳନୀ ପକ୍ଷରୁ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଜୟନ୍ତୀ

ବାଲେଶ୍ୱର, (ସବ୍ୟୁ) : ଉତ୍କଳରଗୌରବ, ଓଡ଼ିଆ ଜାତୀୟ ଜୀବନର ପ୍ରତିଭୂ, ମାତୃଭାଷାକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ଯାହାଙ୍କ ଦୃଢ଼ ନେତୃତ୍ୱ ପାଇଁ ସମ୍ଭବପର ହେଲା, ସେଇ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ୧୭୭ତମ ପୁଣ୍ୟ ଜୟନ୍ତୀ ଉତ୍ସବ ତାଙ୍କରି ହାତଗଢ଼ା ଜାତୀୟ ଅନୁଷ୍ଠା ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲାଶାଖା ପକ୍ଷରୁ ଆଜି ପାଳିତ ହୋଇଛି। ଏକଦା ମଧୁବାବୁ ବାଲେଶ୍ୱର ଜିଲ୍ଲାସ୍କୁଲରେ ଶିକ୍ଷକତା କରିଥିଲେ। ସେହି ପବିତ୍ର ପଦସ୍ପର୍ଶର ପୁଣ୍ୟଭୂମି ଜିଲ୍ଲାସ୍କୁଲ ପରିସରରେ ଉତ୍କଳ ସମ୍ମିଳନୀର ଭୂତପୂର୍ବ ସଭାପତି ପଣ୍ଡିତ ସୁରେନ୍ଦ୍ର ନାଥ କରଙ୍କ ଦ୍ୱାରା ସ୍ଥାପିତ ତାଙ୍କର ପୂର୍ଣ୍ଣାଅବୟବ ପ୍ରତିମୂର୍ତ୍ତିରେ ଆଜି ସକାଳ ସାତଟା ତିରିଶ ମିନିଟରେ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖାର କର୍ମକର୍ତ୍ତା, ସଦସ୍ୟ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମାଲ୍ୟାର୍ପଣ କରି ଭକ୍ତିଅର୍ଘ୍ୟ ନିବେଦନ ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ। ଅସ୍ଥି କଙ୍କାଳସାର ଓଡ଼ିଆ ଜାତୀୟ ଜୀବନକୁ ଜୀବନଦାନ ଦେଇ କୁଳବୃଦ୍ଧ ଭାବେ ଜନମାନସରେ ମଧୁବାବୁ ଆଜି ଚିରପୂଜିତ। ସେ ମାତୃଭୂମି ଓ ମାତୃଭାଷାର ନିରନ୍ତର ସେବା କରିକରିଥିଲେ। କୁଟୀରଶିଳ୍ପର ବିକାଶଠାରୁ ଆରମ୍ଭକରି କାଳଜୟୀ ଦେଶଭକ୍ତିର ଉଦ୍‌ବୋଧନୀ କବିତା ରଚନା କରି ଜଣେ ପ୍ରଣମ୍ୟ କବିଭାବେ ଉତ୍କଳର ପୁରପଲ୍ଲୀରେ ଆଜି ସେ ପ୍ରାତଃସ୍ମରଣୀୟ ହୋଇପାରିଛନ୍ତି। ସେହି ପୁଣ୍ୟାତ୍ମାଙ୍କୁ ତାଙ୍କ ଜୟନ୍ତୀରେ ସ୍ମରଣ କରିବା ପ୍ରତିଟି ଓଡ଼ିଆଙ୍କ ନୈତିକକର୍ତ୍ତବ୍ୟ ବୋଲି ସଭିଏଁ ମତପ୍ରକାଶ କରିଥିଲେ। ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖାର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ, ସଂପାଦକ କାଳୀପଦ ପଣ୍ଡା, ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ଉପଦେଷ୍ଟା ଡ. ରମାକାନ୍ତ ବେହେରା, ଗୌରାଙ୍ଗ ପାଣିଗ୍ରାହୀ, ସୃଷ୍ଟିଧର ପରିଡ଼ା, ଶରତ କୁମାର ବିଶ୍ୱାଳ, ସୁଦର୍ଶନ ଜେନା, ଗୋପାଳ ଚନ୍ଦ୍ର ନାୟକ, ଡ. ପ୍ରଦୀପ୍ତ କୁମାର ମିଶ୍ର, ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରଫୁଲ୍ଲ କୁମାର ଦାସ, ନିରଂଜନ ପରିଡ଼ା, ରତ୍ନାକର ଦାସ, ପୀତାମ୍ବର ଦାସ, ରବି କୁମାର ପାଣିଗ୍ରାହୀ, ଅନସୂୟା ନାୟକ, ପୂର୍ଣ୍ଣଚନ୍ଦ୍ର ପାତ୍ର, ରାଜେନ୍ଦ୍ର ନାଥ ରାଉତ, ସରୋଜିନୀ ନାୟକ, ବେଣୁଧର ସାହୁ, ତାନଶ୍ରୀ ପାଣିଗ୍ରାହୀ, ଦାମୋଦର ନାୟକ, ଗୋପାଳ ଜେନା, ରମାକାନ୍ତ ମହାନ୍ତି, ରାଜେଶ ଗିରି, ଅରବିନ୍ଦ ପାଳ, ସରସ୍ୱତୀ ପଣ୍ଡା, ସଂଯୁକ୍ତା ବେହେରା, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ତୁଷାରକାନ୍ତି ତପସ୍ୱୀ, ପଦ୍ମଲୋଚନ ଦତ୍ତ, ସୁରେନ୍ଦ୍ର ପ୍ରସାଦ ସାହୁ, ସାଇ ଆୟୁଷ୍ମାନ ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ।

# ଆଇନ୍ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ମଧୁବାବୁଙ୍କ ଜୟନ୍ତୀ




ବାଲେଶ୍ୱର,(ସବ୍ୟୁ) : ରବିବାର ଅପରାହ୍ନ ଘ୪ଟିକା ସମୟରେ ଗାନ୍ଧୀସ୍ମୃତି ଭବନ ପାଖ ପରମ୍ପରା କାର୍ଯ୍ୟାଳୟ ପ୍ରାଙ୍ଗଣରେ ବାଲେଶ୍ୱର ଆଇନ୍ ମହାବିଦ୍ୟାଳୟ ଅଗ୍ରଣୀ ପୁରାତନ ଛାତ୍ରସଂସଦ ତରଫରୁ ମଧୁବାବୁଙ୍କ ୧୭୭ତମ ଜନ୍ମଜୟନ୍ତୀ ପାଳନ କରାଯାଇଛି। ଉତ୍କଳଗୌରବ ମଧୁବାବୁଙ୍କ ଜୀବନକାହାଣୀ ସଂପର୍କରେ ମୁଖ୍ୟଅତିଥି କବି ପ୍ରଶାନ୍ତ ଦାସ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇନଜୀବୀ ପ୍ରତାପ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଇନଜୀବୀ ତଥା ବାଲେଶ୍ୱର ବାର ଆସୋସିଏସନ୍‌ର ନିର୍ବାଚିତ ସଭ୍ୟ ଦିଗାମ୍ବର ମିଶ୍ର ତାଙ୍କ ବକ୍ତବ୍ୟରେ ମଧୁବାବୁ କିପରି ଆଧୁନିକ ଓଡ଼ିଶାର ବିନ୍ଧାଣୀ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ। ଆଇନଜୀବୀ ପ୍ରବୀର କୁମାର ଦାସ, ଲିଲା ଭଟ୍ଟାଚାର୍ଯ୍ୟ, ଶୁଭକାନ୍ତ ଦାସ, ଅସିତ କୁମାର ପ୍ରଧାନ ପ୍ରମୁଖ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇନ ବିଦ୍ୟାଳୟର ପୁରାତନ ଛାତ୍ରମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ।

# ଟ୍ରକକୁ ପଛରୁ ପିଟିଲା ଟ୍ରକ, ଜଣେ ମୃତ

ପାଞ୍ଚପୀଢ଼ି (ସବ୍ୟୁ) : ଶନିବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ଗୋଟାଏ ସମୟରେ ୪୯ ନମ୍ବର ଜାତୀୟ ରାଜପଥ ଚଢେଇଭୋଳ ନିକଟରେ ବ୍ରେକ ଡାଉନ୍ ହୋଇ ଛିଡ଼ା ହୋଇଥିବା ଏକ ଟ୍ରକ ନମ୍ବର ଓଡି–୦୯ପି–୫୫୬୨ କୁ ସେହି ରାସ୍ତାରେ କେନ୍ଦୁଝର ପଟରୁ ଆଉ ଗୋଟିଏ ଟ୍ରକ ନମ୍ବର ଓଆର– ୦୫ଏଏନ– ୦୮୪୯ ପଛରୁ ବାଡ଼େଇ ଦେବା ଫଳରେ ଟ୍ରକ ଚାଳକ ମୃତ୍ୟୁ ବରଣ କରିଥିବା ଖବର ହସ୍ତଗତ ହୋଇଛି। ଏହି ଦୁର୍ଘଟଣାରେ ଟ୍ରକର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛ। ନିକଟସ୍ଥ ଲୋକମାନେ ଏହି ଦୁର୍ଘଟଣା ବିଷୟରେ କରଞ୍ଜିଆ ଥାନାକୁ ଖବର ଦେଇଥିଲେ।ଖବର ପାଇ ଘଟଣାସ୍ଥଳରେ କରଞ୍ଜିଆ ଥାନା ପକ୍ଷରୁ ସ୍ ଇନ୍ସପେକ୍ଟର ବଳରାମ ମହାରଣା ପହଞ୍ଚି ବାଡେଇ ଦେଇଥିବା ଟ୍ରକ ଚାଳକକୁ ଲୋକଙ୍କ ସାହାଯ୍ୟରେ ଟ୍ରକରୁ ବାହର କରି ୧୦୮ ଆମ୍ବୁଲାନ୍ସ ଯୋଗେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ସୂଚନା ମିଳିଛ।ତେବେ ବର୍ତ୍ତମାନ ସୁଦ୍ଧା ତାର ଠିକଣା ଓ ନାମ ଜଣାପଡିନାହିଁ ।

# ଦେଶୀମଦ ଜବତ : ଦୁଇ ଗିରଫ

ସୋର,(ସବ୍ୟୁ) : ସୋର ଅବକାରୀ ବିଭାଗ ତରଫରୁ ଦୁର୍ଗାପୁର ଏବଂ କୋର୍ଟ ଛକରେ ଚଢ଼ାଉ କରି ଦେଶୀମଦ ଜବତ କରିଥିବା ବେଳେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ପାଖର ପଞ୍ଚାୟତ ଦୁର୍ଗାପୁର ଗ୍ରାମରେ ଚଢ଼ାଉ କରି ପଦ୍ମଲୋଚନ ମହାପାତ୍ର ନିକଟରୁ ୩୨ଲିଟର ଦେଶୀମଦ ଜବତ କରିବା ସହିତ ପଦ୍ମଲୋଚନକୁ ଗିରଫ କରିଥିଲେ। ସେହିପରି କୋର୍ଟଛକ ନିକଟରେ ଚଢ଼ାଉ କରି ଅଡ଼ଙ୍ଗବଜାର ଗ୍ରାମର ଜୟନ୍ତ ଧଡ଼ା ନିକଟରୁ ୨୦ ଲିଟର ଦେଶୀ ମଦ ଜବତ କରିବା ସହିତ ଜୟନ୍ତକୁ ଗିରଫ କରିଥିଲେ।ସୋର ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ମିନତୀ ଜେନା, କନେଷ୍ଟବଳ ଶଶୀକାନ୍ତ ସାହୁ, ରଜନୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

# ଅସମ୍ଭାଳ ତାତିରେ ଅଘୋଷିତ ବିଜୁଳି କାଟ

କଣାସ, (ସବ୍ୟୁ) : :ପୁରୀ ଜିଲ୍ଲା କଣାସ ଓ ଡେଲାଙ୍ଗ ବ୍ଲକରେ ଅନେକ ସମୟରେ ପବନରେ ଗଛର ପତ୍ର ହଲି ନଥିବ କିନ୍ତୁ ବିଦ୍ୟୁ କଟା ଯାଉଛି ।ସାଧାରଣ ଲୋକ ପଚାରିଲେ ଚିରା ଚରିତ ଢଙ୍ଗରେ ଉତ୍ତର ମିଳୁଛି ଉପୁରୁ କଟିଛି । ଚଳିତ ବର୍ଷ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଲୋକମାନେ କଲବଲ ହେଉଥିବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏଭଳି ସ୍ଥିତିରେ ବରିଷ୍ଠ ନାଗରିକ ,ଛୋଟ ପିଲା ଓ ରୋଗୀଙ୍କର ବିଦ୍ୟୁତର ଜରୁର ଆବଶ୍ୟକତା ରହିଥିବା ବେଳେ ଦିନରେ ରାତିରେ ଘଣ୍ଟା ଘଣ୍ଟା ଧରବିଦ୍ୟୁତ କାଟ କରାଯାଉଛି । ବଦ୍ୟୁତ ବିଭାଗର ଏଭଳି ଚରମ ନିଷ୍ପତି ସମସ୍ତଙ୍କୁ ଚକିତ କରିଥିବା ବେଳେ ଦିନକୁ ଦିନ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ଓଡ଼ିଶା ବିଦ୍ୟୁତ ବିଭାଗକୁ ଟି.ପି.ସି.ଓ.ଡି.ଏଲ୍ ନେବାଠାରୁ କଣାସ ଓ ଡେଲାଙ୍ଗ ଅଞ୍ଚଳର ଜନସାଧାରଣଙ୍କ ଉପରେ କମ୍ପାନୀ କର୍ମଚାରୀମାନେ ଜୁଲମ ଆରମ୍ଭ କରିଦେଇଛନ୍ତି ।ଅନେକ ସ୍ଥାନରେ ମିଟର ଚେକିଙ୍ଗ କରିବା ଆଳରେ ଟାମ୍ପରିଙ୍ଗ କହି ଉପଭୋକ୍ତାଙ୍କ ଠାରୁ ହଜାର ହଜାର ଟଙ୍କା ଅଯଥା ଫାଇନ କାଟୁଛନ୍ତି ସେପଟେ ସାଧାରଣ ନିରିହ ବିଦ୍ୟୁତ୍ ଉପଭୋକ୍ତା କିଛି ଜାଣିନଥିବା ବେଳେ ତାଙ୍କୁ ଶୋଷଣ କରାଯାଉଛି ।ମାସିକ ବିଲରେ ଅଧିକ ଟଙ୍କା କଟା ଯାଉଛି ।କହିଲେ କିଛିବି ପ୍ରତିକାର କରାଯାଉ ନାହିଁ ।ଏଥିପ୍ରତି ବିଭାଗୀୟ ମନ୍ତ୍ରୀ ,ସଚିବ ଓ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି। ନହେଲ ଆଗାମୀ ଦିନରେ ଜନ ସାଧାରଣ ଏହାର ଉଚିତ୍ ଜବାବ ଦେବେ ବୋଲି ଉପଭୋକ୍ତାମାନେ କହିଛନ୍ତି।

# କାଳ ବୈଶାଖୀ : ଗଛ ଉପୁଡ଼ି ରାସ୍ତା ଅବରୋଧ

ସୋର, (ସବ୍ୟୁ) ରବିବାର ଅପରାହ୍ଣ ୪ଟା ସମୟରେ ସୋର– କୁପାରି ରାସ୍ତା ଆଟପୁର ପଞ୍ଚାୟତ ପିତା କାଳିଆ ହରିଡ଼ାପଦା ନିକଟର କାଳ ବୈଶାଖୀ ପ୍ରଭାବରେ ରାସ୍ତା ଉପରେ ବିରାଟ ବିରାଟ ୨୦୦ ବର୍ଷର ବରଗଛ ଉପୁଡ଼ି ପଡିବା ଫଳରେ ରାସ୍ତା ଅବରୋଧ ହୋଇ ପଡିଛି। ଗାଁ କମିଟି ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଉଦ୍ୟମରେ ଯଦୁନାଥ ବେହେରା, ମୋହନ ସାମଲ, ସଂଜୟ ସାମଲ, ଏହାକୁ କାଟିବା ପରେ ଦେଢ଼ ଘଣ୍ଟା ପରେ ରାସ୍ତାରେ ଗାଡ଼ିମଟର ଚଳାଚଳ ଆରମ୍ଭ କରିଥିଲାଛ ଏହି ଗଛ ଉପୁଡି ପଡିବା ସମୟରେ ସେହି ରାସ୍ତାରେ ଆସୁଥିବା ଆଶୀର୍ବାଦ ବସର ଯାତ୍ରୀମାନେ ଅଳ୍ପକେ ରକ୍ଷା ପାଇଛନ୍ତି।

# ଅଜଣା ଗାଡ଼ି ଧକ୍କାରେ ଅଚିହ୍ନା ଲୋକ ମୃତ

କରଞ୍ଜିଆ, (ସବ୍ୟୁ) : ଶନିବାର ରାତି ପ୍ରାୟ ସାଢ଼େ ଦଶଟା ସମୟରେ କରଞ୍ଜିଆ ପୋଲିସ ପକ୍ଷରୁ ସହକାରୀ ସ୍ ଇନ୍ସପେକ୍ଟର ଗୁରୁବାରୀ ମୁଣ୍ଡା ୪୯ ନମ୍ବର ଜାତୀୟ ରାଜପଥ ଚଢେଇଭୋଳ– ସିଙ୍ଗଡ଼ା ମଝିରେ ପେଟ୍ରୋଲିଂକରୁଥିବା ସମୟରେ ଏକ ଅଚିହ୍ନା ଲୋକ ରାସ୍ତାର କଡ଼ରେ ପଡ଼ିଥିବା ଦେଖି କରଞ୍ଜିଆ ଥାନାକୁ ଖବର ଦେଇଥିଲେ।ସେ ଓ ଚଢେଇଭୋଳ ଫାଣ୍ଡି ଅଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ ମିଳିତ ଭାବେ ୧୦୮ ଆମ୍ବୁଲାନ୍ସ ଯୋଗେ ପଡ଼ିଥିବା ବ୍ୟକ୍ତିକୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ।ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।ପୋଲିସ ପକ୍ଷରୁ କରଞ୍ଜିଆ ଥାନାରେ ଏବିଷୟରେ ଏକ ଆକ୍ସିଡାଣ୍ଟ କେଶ୍ ନମ୍ବର ୧୪୩/୨୪ ରୁଜୁ କରାଯାଇ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ କରଞ୍ଜିଆ ତହସିଲଦାର ନିତ୍ୟାନନ୍ଦ ସେଠୀଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ ଏବଂ ବ୍ୟବଚ୍ଛେଦ ପରେ ଶକୁ ଚିହ୍ନଟ କରିବା ଉଦ୍ଦେଶ୍ୟରେ ବର୍ତ୍ତମାନ ସେଠାରେ ରଖାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ସହକାରୀ ସ୍ ଇନ୍ସପେକ୍ଟର ସାଲଖାନ ହେମ୍ବ୍ରମ ସୂଚନା ଦେଇଛନ୍ତି। ଖବର୍ରଲଖା ପର୍ଯ୍ୟନ୍ତ ମୃତ ବ୍ୟକ୍ତିଙ୍କ ଠିକଣା ଜଣାପଡ଼ି ନାହିଁ।

# ଅବକାରୀ ବିଭାଗ ଚଢାଉ : ମଦ ସହିତ ପୋଚ ନଷ୍ଟ

ଆଠଗଡ଼ ,(ସବ୍ୟୁ) : ରବିବାର କଟକ ଜିଲ୍ଲା ଅବକାରୀ ଅଧିକ୍ଷକ ଦେବାଶିଷ ପଟେଲ ଙ୍କ ନିର୍ଦ୍ଦେଶରେ ଆଠଗଡ଼ ଅବକାରୀ ଉପ ଅଧିକ୍ଷକ ନିମାଇଁ ଚରଣ ସିଂହ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଥାନା ଅନ୍ତର୍ଗତ କୋରୋଙ୍ଗା ଗ୍ରାମ ରେ ଚଢାଉ କରାଯାଇ ବିପୁଳ ପରିମାଣର ଚୋରା ଦେଶୀ ରନ୍ଧା ମଦ ଏବଂ ପୋଚ ଜବତ କରା ଯାଇ ନଷ୍ଟ କରା ଯାଇଛି। ସମୁଦାୟ ୩୮୧୫ ଲିଟର ଦେଶୀ ରନ୍ଧା ମଦ ଏବଂ ୬୯୩୦ ଲିଟର ଗୁଡ଼ ପୋଚ ନଷ୍ଟ ସହିତ ଏ ବାବଦରେ ତିନୋଟି ମାମଲା ରୁଜୁ କରା ଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଏହି ଚଢାଉ ରେ ଆଠଗଡ଼ ଅବକାରୀ ଉପ ଅଧିକ୍ଷକ ନିମାଇଁ ଚରଣ ସିଂହ , ଆଠଗଡ଼ ଅବକାରୀ ନିରୀକ୍ଷକ ହେମନ୍ତ ମହାନନ୍ଦିଆ, ସବ୍ ଇନ୍ସପେକ୍ଟର ଅରୁପ କୁମାର ଭୋଇ , ସୌମ୍ୟରଞ୍ଜନ ମାଝୀ , ଅଭିରାମ ସାହୁଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀମାନେ ସାମିଲ ହୋଇଥିଲେ।

# ମନୋଜ ଦାସଙ୍କ ପୂଣ୍ୟତିଥି ପାଳନ




ବାଲେଶ୍ୱର,(ସବ୍ୟୁ) : ଫକୀରମୋହନ ସାହିତ୍ୟଘର ଓ ମନୋଜାୟନର ମିଳିତ ଆନୁକୂଲ୍ୟରେ ସାରସ୍ୱତ ସାଧକ ମନୋଜ ଦାସଙ୍କ ତୃତୀୟ ପୂର୍ଣ୍ୟତିଥି ସହ ଏକ ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷକୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ନାତକ ପରିଷଦର ଅଧକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥିଭାବେ ଡକ୍ଟ ସୁବାଷ ଚନ୍ଦ୍ର ପାତ୍ର ,ମୁଖ୍ୟ ବକ୍ତାଭାବେ ଡକ୍ଟର ନାରାୟଣ ପ୍ରସାଦ ବେହେରା, ସମ୍ମାନୀତ ବକ୍ତାଭାବେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ମନୋଜ ଦାସଙ୍କ ସ୍ମୃତି ଚାରଣ ସହ ତାଙ୍କ କାଳଜୟୀ ରଚନା ସମ୍ବନ୍ଧରେ ଆଲୋଚନା କରିଥିଲେ । ମନୋଜ ଦାସଙ୍କ ଔପନ୍ୟାସିକ ଭାବଧାରା, ରଚନାରେ ଅନୁଭୂତିର ତୀବ୍ରତା ଓ ତାଙ୍କ ସାହିତ୍ୟରେ ପ୍ରାପ୍ତ ହେଉଥିବା ଆତ୍ମଶୁଦ୍ଧି ଆଦି ବିଭିନ୍ନ ଦିଗକୁ ଆଧାର କରି ଅତିଥିମାନେ ଉଦ୍‌ବୋଧନ ଦେବା ସହ ମନୋଜ ଦାସଙ୍କ ମନସ୍ତାତ୍ତ୍ୱିକ ଦର୍ଶନ ଅନନ୍ୟ ହୋଇଥିବା ବେଳେ ତାଙ୍କ ରଚିତ ଉପନ୍ୟାସ ପଠନରେ ବ୍ୟକ୍ତିତ୍ୱରେ ଆଶାବାଦ ସୃଷ୍ଟି ହୁଏ ବୋଲି ଉଲ୍ଲେଖ କରିଥିଲେ । ମଂଚ ପରିଚାଳନା ଦାୟିତ୍ୱ ଭାଷାଓ ସାହିତ୍ୟ ବିଭାଗମୁଖ୍ୟ ପ୍ରଫେସର ଡକ୍ଟର ଦେବାଶିଷ ପାତ୍ର ନିର୍ବାହ କରିଥିବା ବେଳେ ସଭାଶେଷରେ ଡକ୍ଟର ପ୍ରହ୍ଲାଦ ଖିଲା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ ଓ ର୍କମଚାରୀମାନଙ୍କ ସହିତ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ ।

# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ତିହିଡ଼ି, (ସବ୍ୟୁ) : ପୀରହାଟ ଥାନା ଅନ୍ତର୍ଗତ ସାହାପୁର ପଞ୍ଚାୟତର ଝିଙ୍କିରିଆ କାସିନ୍ଦପୁର ଗାଁର ଜଣେ ଯୁବକଙ୍କ ବିଦ୍ୟୁତ ଆଘାତରେ ଆଜି ସକାଳେ ମୃତ୍ୟୁ ଘଟିଛି । ମୃତ ଯୁବକ ହେଉଛନ୍ତି ଏହି ଗାଁର ଚକ୍ରଧର ସାହୁଙ୍କ ପୁଅ ଉମେଶ ବୋଲି ଜଣାଯାଇଛି । ଗତକାଲି ରାତିରେ ଯୁବକଙ୍କ ଘର ପାଖରେ ଅଷ୍ଟମପ୍ରହର ନାମ ସଂକୀର୍ତ୍ତନ ହେଉଥିଲା । ଆଜି ସକାଳେ ବିଦ୍ୟୁତ ତାର କଢାକଢି ବେଳେ କୌଣସି କାରଣରୁ ଉମେଶ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡିଥିଲେ । ପରେ ତାଙ୍କୁ ଚିକତ୍ସା ଲାଗି ତିହିଡି ମେଡିକାଲକୁ ଅଣାଯାଇଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

# ଥାନାରେ ଗିରି ଗୋବର୍ଦ୍ଧନ ପୂଜା

ନିମାପଡା,(ସବ୍ୟୁ) : ପ୍ରତିବର୍ଷ ଭଳି ଚଳିତ ବର୍ଷ ନିମାପଡା ଥାନାରେ ଗିରି ଗୋବର୍ଦ୍ଧନ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଚୈତ୍ର ପୂର୍ଣ୍ଣିମା ପରେ ବୈଶାଖ ଦ୍ୱିତୀୟାରେ ଗୋବର୍ଦ୍ଧନା ପୂଜା ବା ଗୋଧନ ବାହୁଡା ଉତ୍ସବ ଅନୁଷ୍ଠିତ ହୋଇଥାଏ । ଶ୍ରୀ ଶ୍ରୀ ମଦନ ମୋହନ ଏବଂ ରାଧାକୃଷ୍ଣ ଦୁଇଟି ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରି ବାଟରେ ଚାଚେରୀ ପଣା ଭୋଗ ଆଘ୍ରାଣ କରି ସଂଧ୍ୟାରେ ନିକଟସ୍ଥ ପ୍ରହରାଜ ସାହି ନିକଟସ୍ଥ କୁଶଭଦ୍ରା ତଟରେ ବିରାଜ ମାନ କରିଥାନ୍ତି । ଠାକୁରଙ୍କ ବିମାନ ଆଗରେ ମାନସିକ ଧାରୀ ରାସ ପିଲାମାନେ ପ୍ରଭୁ ରାଧାକୃଷ୍ଣ,ସଖୀ ଏବଂ ସୁଦାମା ବେଶରେ ନଗର ପରିକ୍ରମା କରିଥାନ୍ତି । ନଦୀରେ ସୂର୍ଯ୍ୟପୂଜା ଶେଷ ହେବା ପରେ ଏକ ବିରାଟ ପଟୁଆରରେ ଠାକୁର ନିମାପଡା ଥାନା ଗୋଧନ ବାହୁଡା ପଡିଆକୁ ଆସିଥାନ୍ତି । ଥାନା ସମ୍ମୁଖରେ ଥିବା ଗୋଧନ ବାହୁଡା ମନ୍ଦିର ପରିସରରେ ଅନୁଷ୍ଠିତ ପୂଜା ଓ କର୍ମରେ ଥାନା ଆଇଆଇସି ବାମଦେବ ସ୍ୱାଇଁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଆୟୋଜିତ ଉତ୍ସବରେ ପୁରୀ ଜିଲ୍ଲା ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ନିମାପଡା ଏସ୍‌ଡିପିଓ ପ୍ରଭାକର ମଲ୍ଲିକ ପ୍ରମୁଖ ଉପସ୍ଥିତଥିଲେ । ଆଖପାଖ ଅଂଚଳରେ ଥିବା ଥାନା ଓ ଫାଣ୍ଡିର ଅଧିକାରୀ,କର୍ମଚାରୀ ,ଶିକ୍ଷାବିତ,ଗଣମାଧମ ପ୍ରତିନିଧି,ରାଜନେତା,ବରିଷ୍ଠ ନାଗରିକଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ଆସି ଗୋଧନ ବାହୁଡା ଉତ୍ସବ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଗୋଧନ ବାହୁଡା ଉତ୍ସବ ମାଧରେ ପୁଲିସ ଓ ଜନତାଙ୍କ ମଧରେ ସୁ–ସଂପର୍କ ସ୍ଥାପନ ହୋଇ ରହିଥାଏ ବୋଲି କୁହାଯାଏ । ସଂଧ୍ୟାରେ ଥାନା ପରିସରରେ ଜନସାଧାରଣଙ୍କ ଲାଗି ପ୍ରସାଦ ସେବନର ବ୍ୟବସ୍ଥା ହିତ ମନୋରଂଜନ ପାଇଁ ମେଲୋଡି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲ ।

# ଓକିଲ ସଂଘର ଆଇନଜୀବୀ ଦିବସ ପାଳିତ

ଭଦ୍ରକ, (ସବ୍ୟୁ) : ଓଡିଆ ସ୍ୱାଭିମାନର ପ୍ରତୀକ, ପ୍ରଥମ ଓଡିଆ ଏଲ. ଏଲ. ବି. ବରିଷ୍ଟର ମଧୁସୂଦନ ଦାସଙ୍କ ୧୭୬ ତମ ଜନ୍ମ ଜୟନ୍ତୀ ପୁରୁଣା କୋର୍ଟ ପରିସରରେ ଥିବା ଭଦ୍ରକ ଓକିଲ ସଙ୍ଗ ସମ୍ମିଳନୀ କକ୍ଷରେ ରବିବାର ଦିନ ପାଳିତ ହୋଇ ଯାଇଛ। ବିଚ୍ଛିନ୍ନାଞ୍ଚଳ ଓଡିଆ ଭାଷାଭାଷି ଅଞ୍ଚଳକୁ ଏକଜୁଟ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସେ ଥିଲେ ମୁଖ୍ୟ ପୁରୋଧା. ଓଡିଆ ଅସ୍ମିତା, ସ୍ୱାଭିମାନର ପ୍ରତୀକ ମଧୁବାବୁ କେବଳ ଜଣେ ବରିଷ୍ଠ ଆଇନଜୀବୀ ନ ଥିଲେ ।ସେ ଥିଲେ ଓଡ଼ିଆ ମାନଙ୍କ ମଉଡମଣୀଜି ଓଡିଆ ଅସ୍ମିତାର କଥା ଚାରିଆଡେ ପ୍ରଚାରିତ ହେଉ ଥିବା ବେଳେ, ଓଡିଆ ଭାଷାକୁ ବଞ୍ଚେଇ ତାଙ୍କର ବଜ୍ର ଶପଥ ଓଡିଆ ମାନଙ୍କୁ ଗର୍ବରେ ବାଟ ଚାଲିବାରେ ରାହା ଦେଖେଇଛି ବୋଲି ବକ୍ତାମାନେ ମତ ରଖିଥିଲେଛ ଓକିଲ ସଙ୍ଘ ଦ୍ୱାରା ଆଜି ଆଇନଜୀବୀ ଦିବସର ପ୍ରଆରମ୍ଭରେ ପୁରୁଣା କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ଅନୁଷ୍ଠିତ ସଭାରେ ବରିଷ୍ଠ ଅଧିବକ୍ତା ତଥା ସଭାପତି ବସନ୍ତ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବରେ ଓଡିଶା ରାଜ୍ୟ ମାନବିକ ଅଧିକାର ସୁରକ୍ଷା କମିଶନ ସଦସ୍ୟ ଅସୀମ ଅମିତାଭ ଦାସ ଯୋଗ ଦେଇଥିଲେ।ଅନ୍ୟତମ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ଏଥର ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ଯୋଗ ଦେଇଥିଲେ। ପବନ ଶର୍ମା। ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିବା ପରେ ସଂଗୀତ ନିର୍ଦ୍ଦେଶକ ରୁଦ୍ର ବାରିକ ଓ ତାଙ୍କ ସାଥି କଳାକାରମାନେ ବନ୍ଦେଉତ୍କଳ ଜନନୀ ଗାଁ କରିଥିଲେ। ଅଧିବକ୍ତା ଦିବ୍ୟସିଂ ନାୟକ, ରଞ୍ଜନ କୁମାର ନାୟକ, ଶ୍ରୀକାନ୍ତ ବିଶ୍ୱାଳ, ଗଦାଧର ବଳ, ପୂର୍ଣ୍ଣଚନ୍ଦ୍ର ମାହାନ୍ତି,ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର ପ୍ରମୁଖ ନିଜ ନିଜର ମତ ରଖିଥିଲେ। କୋଷାଧ୍ୟକ୍ଷ କିଶୋର ବଳ ଧନ୍ୟବାଦ ଅର୍ପଣ କରିଥିଲେ।ଅନ୍ୟମାଣଙ୍କ ମଧ୍ୟରେ ଅଧିବକ୍ତା ରାଧା ଦାସ, ଉପସଭାପତି ଦୀପକକୁମାର ସାହୁ, ପ୍ରତାପ କୁମାର ସେଠୀ, ଶିଳାଦିତ୍ୟ ନାୟକ,ସରୋଜ କୁମାର ଦାସ, କୌଶିକ ଦାସ, ମନୋରଞ୍ଜନ ଦାସ,ଆଦିତ୍ୟ କୁମାର ନାୟକ, ଜାମିନି କାନ୍ତ ନାୟକ, ଶ୍ରୀକାଣ୍ଟ ତ୍ରିପାଠୀ ପ୍ରମୁଖ ଶତାଧିକ ସଭ୍ୟ ଉପସ୍ଥିତ ଥିଲେ।

# ରଣପୁରକୁ ରେଳପଥ ଓ ଜାତୀୟ ରାଜପଥ ସଂଯୋଗୀକରଣ ଦାବି

ରଣପୁର, (ସବ୍ୟୁ) : : ନୟାଗଡ ଜିଲ୍ଲା ରଣପୁର କ୍ରିୟାନୁଷ୍ଠାନ କମିଟି ତରଫରୁ ରବିବାର ଅପରାହ୍ନ ୪ ଘଟିକା ସମୟରେ ରଣପୁରକୁ ରେଳପଥ ଓ ଜାତୀୟ ରାଜପଥ ସଂଯୋଗୀକରଣ ନିମନ୍ତେ ଦେବୀ ପ୍ରସାଦ ସାମନ୍ତରାୟଙ୍କ ଆବାହକ୍ତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ତେବେ ଦୀର୍ଘ ଦିନ ଧରି ରଣପୁର ବ୍ଲକର ଗମନାଗମନ ବ୍ୟବସ୍ଥା ଅବହେଳିତ ହୋଇ ପଡି ରହିଥିବା ବେଳେ ଏ ନେଇ ବିଭିନ୍ନ ସମୟରେ ଦାବି କରାଯାଉଥିବା ବେଳେ . ତାହା ଆଜି ମଧ ଅବହେଳିତ ହୋଇ ପଡିଛି ।ଯାହାକୁ ସ୍ଥାନୀୟ ଅଞ୍ଚଳ ର ଜନସାଧାରଣ ଙ୍କ ମନରେ ଘୋର ଅସନ୍ତୋଷ ଦେଖାଦେଇଛି । ଣପୁର ବ୍ଲକ ଅଂଚଳରେ ୩୫ ଟି ପଞ୍ଚାୟତ, ୧ ଲକ୍ଷ ୮୮ ହାଜରରୁ ଉର୍ଦ୍ଧ ଜନସଂଖ୍ୟା ହୋଇଥିବା ବେଳେ ୫୦୦ ରୁ ଉର୍ଦ୍ଧ ଗ୍ରାମାଞ୍ଚଳ ରହିଛି ଗମନାଗମନ ସୁବିଧା ପାଇଁ ଦୁଇଟି ପୂର୍ତ୍ତ ବିଭାଗ ରାସ୍ତା ଯଥା ରଜସୁନାଖଳା ଠାରୁ ଚାନ୍ଦପୁର ଏବଂ ନୟାଗଡ ଠାରୁ ଜଙ୍କିଆ ରାସ୍ତା ଥିବା ବେଳେ ଏହା ଗମନାଗମନ ପାଇଁ ଯଥେଷ୍ଟ ସୁବିଧା ଯୋଗାଇ ପାରୁ ନାହିଁ ସନ୍ଧ୍ୟା ପରେ ରଣପୁର ଅଞ୍ଚଳକୁ ଚାରିଆଡୁ ଗମନାଗମନର କୌଣସି ସୁବିଧା ନାହିଁ, ଯେଉଁଥି ପାଇଁ ଜନସାଧାରଣମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏପରିକି ଲୋକମାନେ ବାଧ ହୋଇ ଘରୋଇ କାର, ଅଟୋ ଆଦି ଭଡା କରି ବହୁତ ଖର୍ଚ୍ଚାନ୍ତ ହେଉଛନ୍ତି ତେବେ




ରଣପୁର ଅଂଚଳ ଦେଇ ଦୁଇଟି ୧୬ ନମ୍ବର ଜାତୀୟ ରାଜପଥ ଏବଂ ୫୭ ନମ୍ବର ଜାତୀୟ ରାଜପଥ ଯଥା ରାଜସୁନାଖଳା ଓ ଚାନ୍ଦପୁର ଦେଇ ଯାଇଅଛି ଯାହାକି ରଣପୁର ହେଡ଼କ୍ୱାର୍ଟର ଠାରୁ ଏହି ଦୁଇଟି ଜାତୀୟ ରାଜପଥର ଦୂରତା ଜଙ୍କିଆ ୨୦ କିମି ଓ ସୁନାଖଳା ୧୫ କିମି ହୋଇଥିବା ବେଳେ ଏହାକୁ ରଣପୁର ସହିତ ସଂଯୋଗୀକରଣ କରିବା ପାଇଁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଛି ସେହିଭଳି ରାଜସୁନାଖଳା ଠାରୁ କାଳୁପଡା ରେଳ ଷ୍ଟେସନକୁ ସଂଯୋଗୀକରଣ କରିବା ପାଇଁ ମଧ ଦୀର୍ଘ ଦିନ ଦାବି ହୋଇ ଆସୁଛି । ଏ ନେଇ ଆଜି କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ବିଭିନ୍ନ ମହଲକୁ ଦାବି ପତ୍ର ପ୍ରଦାନ କରାଯାଇଥିବା ଜଣା ପଡିଛି। ବରିଷ୍ଠ ଆଇନୀଜୀବୀ ଗିରିଜାକାନ୍ତ ମହାପାତ୍ର, ଆଇନୀଜୀବୀ ସୁବାଷ ଚନ୍ଦ୍ର ଜେନା, ଆଇନୀଜୀବୀ ତଥା ରାଜନେତା ପ୍ରିୟବ୍ରତ ପ୍ରହାରାଜା, ପୂର୍ଣଚନ୍ଦ୍ର ରାୟଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ନିଜର ମତ ପ୍ରକାଶ କରିଥିଲେ ଏ ନେଇ ମାନ୍ୟବର ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ୫–ଟି ସଚିବ, ଜାତୀୟ ପରିବହନ ମନ୍ତ୍ରୀ ସମେତ ସମସ୍ତ ସ୍ଥାନୀୟ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସରୋଜ କୁମାର ମହାପାତ୍ର ଓ ରଂଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ୧୦ରେ ଶ୍ରୀଜୟଦେବ ଜୟନ୍ତୀ ସମାରୋହ

କୋଣାର୍କ, (ସବ୍ୟୁ) : ଆସନ୍ତା ୧୦ ତାରିଖରେ କୋଣାର୍କ ଜୟଦେବ ଜୟନ୍ତୀ କମିଟି ପକ୍ଷରୁ ଚନ୍ଦ୍ରଭାଗାସ୍ଥିତ ଜୟଦେବ ବାଟିକା ପରିସରରେ ତ୍ରିଦିବସୀୟ ଶ୍ରୀଜୟଦେବ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବା ଏଥିପାଇଁ ରବିବାର ସଂଧ୍ୟାରେ କୋଣାର୍କ ଯାତ୍ରୀନିବାସ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୟଦେବ ଜୟନ୍ତୀ ଉତ୍ସବ ପାଳନର ପ୍ରତିଷ୍ଠାତା ସଦସ୍ୟ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସ୍ଥାନୀୟ ଗଣମାଧମ ପ୍ରତିନିଧି ଓ ବୁଦ୍ଧିଜୀବିମାନେ ଯୋଗଦେଇ ଉତ୍ସବ ପାଳନର ରୂପରେଖ ପ୍ରସ୍ତୁତ କରିଛନ୍ତି। ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ କବି



ଶ୍ରୀଜୟଦେବଙ୍କ ରଚିତ ଶ୍ରୀଗୀତଗୋବିନ୍ଦ ଏକ କାଳଜୟୀ କୃତି । ଦ୍ୱାଦଶ ଶତାବ୍ଦୀର ମଧଭାଗରେ ଉତ୍କଳଭୂମିରେ ଜନ୍ମଗ୍ରହଣ କରିଥିବା ଶ୍ରୀଜୟଦେବଙ୍କ ଭକ୍ତିରସ ସମ୍ବଳିତ କୋମଳକାନ୍ତ ପଦାବଳୀ ଶ୍ରୀଗୀତଗୋବିନ୍ଦ ଆମ ସାହିତ୍ୟ ଓ ସଂସ୍କୃତିକୁ ମହିମାମଣ୍ଡିତ କରିଛି। ଶ୍ରୀଜୟଦେବ ଜୟନ୍ତୀ କମିଟି ପକ୍ଷରୁ ପ୍ରତି ସଂଧ୍ୟାରେ ଚନ୍ଦ୍ରଭାଗା ଜୟଦେବ ବାଟିକାପରିସରରେ ଆୟୋଜିତ ହେଉଥିବା ଶ୍ରୀଜୟଦେବ ଜୟନ୍ତୀ ସମାରୋହରେ ଶ୍ରୀଜଗନ୍ନାଥ ଓ ଶ୍ରୀଜୟଦେବଙ୍କ ପୂଜାର୍ଚ୍ଚନା ସହିତ ଜୟଦେବ ସଂଗୀତ ଗାନ,ହରିରାମ ସଂକୀର୍ତ୍ତନ ପ୍ରଭୃତି ପରିବେଷଣ ହେବ ।

(ଶ୍ରୀମଭଗବଦ୍ ଗୀତା ୫/୧୭)

–କର୍ମ୍ମସନ୍ୟାସଯୋଗଃ–

(ଶ୍ରୀଭଗବାନୁବାଚ)

ତଦ୍ବୁଦ୍ଧୟସ୍ତଦାତ୍ମାନସ୍ତନ୍ନିଷ୍ଠାସ୍ତତ୍ପରାୟଣାଃ ।
ଗଚ୍ଛନ୍ତ୍ୟପୁନରାବୃତ୍ତିଂ ଜ୍ଞାନନିର୍ଧୂତକଳ୍ମଷାଃ ।।୧୭।।

ତାଙ୍କଠାରେ ଯେଉଁମାନଙ୍କର ନିଶ୍ଚୟାତ୍ମିକା ବୁଦ୍ଧି, ତାଙ୍କଠାରେ ଯେଉଁମାନଙ୍କର ମନ ବା ପ୍ରଯନ୍ତ୍, ତାଙ୍କଠାରେ ଯେଉଁମାନଙ୍କର ଏକାଗ୍ରତା, ସେ ଯେଉଁମାନଙ୍କର ପରମ ଆଶ୍ରୟ ଓ ତାଙ୍କରି ଲବ୍ଧଜ୍ଞାନରେ ଯେଉଁମାନଙ୍କର ପାପ ଧ୍ୱସ୍ତ ହୋଇଛି, ସେହି ବ୍ୟକ୍ତିମାନେ ଅପୁନରାବୃତ୍ତି (ମୋକ୍ଷ) ପ୍ରାପ୍ତ ହୁଅନ୍ତି ।।୧୭।।

## ସମ୍ପାଦକୀୟ

# ଗାଜା ସପକ୍ଷରେ ଆନ୍ଦୋଳନ

ଇସ୍ରାଏଲର ଗାଜା ଆକ୍ରମଣ ବିରୋଧରେ ଆମେରିକାର ବହୁ ବଡ ବଡ ବିଶ୍ୱବିଦ୍ୟାଳୟରେ ଛାତ୍ର ଆନ୍ଦୋଳନ ଭୟଙ୍କର ରୂପ ନେବାରେ ଲାଗିଛି । ଗାଜା କେନ୍ଦ୍ରିତ ଏହି ଆନ୍ଦୋଳନ ବଂଶାନୁକ୍ରମିକ ମତଭେଦକୁ ଆଲୋକିତ କରିଛି । ଆମେରିକାର ପ୍ରଶାସନ ଇସ୍ରାଏଲକୁ ସମର୍ଥନ ଦେଇ ଚାଲିଥିବାବେଳେ, ଯୁବଗୋଷ୍ଠୀ ଆମେରିକା ପ୍ରଶାସନର ଏହି ନିଷ୍ପତ୍ତି ବିରୋଧରେ ଏକାଠି ହେଇଛନ୍ତି । ଆମେରିକାର ଇସ୍ରାଏଲ ନୀତିକୁ ବିରୋଧ କରି ଏହି ଆନ୍ଦୋଳନ ମୁଣ୍ଡ ଟେକିଛି । ଇସ୍ରାଏଲ ଉପରେ ହାମାସର ବର୍ବର ଆକ୍ରମଣ ପରଠାରୁ ଗାଜାରେ ଘଟୁଥିବା ବିପର୍ଯ୍ୟୟକୁ ଆମେରିକାର ରାଜନୈତିକ ବ୍ୟବସ୍ଥା ପ୍ରାୟତଃ ପ୍ରତିରୋଧ କରିଆସୁଛି । କିନ୍ତୁ ବାଇଡେନ କ୍ରମାଗତ ଭାବରେ ଇସ୍ରାଏଲକୁ ଆର୍ଥିକ ଓ ସାମରିକ ସହାୟତା ଯୋଗାଇ ଆସୁଛନ୍ତି । ଅନ୍ୟପକ୍ଷରେ ଇସ୍ରାଏଲ ଯେପରି ଭାବରେ ଗାଜାର ସାଧାରଣ ଜନତାଙ୍କ ଉପରେ ଆକ୍ରମଣ କରିଚାଲିଛି ତାହା ସହିବାର ସୀମା ବାହାରେ ବୋଲି ଯୁବକମାନେ ଅନୁଭବ କରୁଛନ୍ତି । ଧୀରେ ଧୀରେ ଏହା ସାରା ଆମେରିକାକୁ ବ୍ୟାପିବାକୁ ଲାଗିଛି । ପାଲେଷ୍ଟାଇନକୁ ସମର୍ଥନ କରୁଥିବା ଛାତ୍ରମାନେ ଇସ୍ରାଏଲକୁ ଆର୍ଥିକ ସହାୟତା ବନ୍ଦ କରିବାକୁ ବିଶ୍ୱବିଦ୍ୟାଳୟକୁ ଆହ୍ୱାନ ଦେଇଛନ୍ତି । କଲେଜ କ୍ୟାମ୍ପସଗୁଡ଼ିକରେ ଉତ୍ତେଜନା ବଢ଼ିବାରେ ଲାଗିଛି । କ୍ୟାମ୍ପସ୍ ସବୁ ବର୍ତ୍ତମାନ ପାଲେଷ୍ଟାଇନ ସମର୍ଥକ ଛାଉଣିରେ ପରିଣତ ହୋଇଛି, ଅନେକ ଅଂଶଗ୍ରହଣକାରୀ ଏକତ୍ରିତ ହୋଇ ଗାଜାଷ୍ଟ୍ରିପରେ ଇସ୍ରାଏଲର ସାମରିକ ଉଦ୍ୟମକୁ ସମର୍ଥନ କରୁଥିବା କମ୍ପାନୀଗୁଡିକୁ ଆର୍ଥିକ ଦୃଷ୍ଟିରୁ ବଞ୍ଚିତ କରିବା ନେଇ ଆହ୍ୱାନ ଦେଇଛନ୍ତି । ପ୍ରଶାସନ ପକ୍ଷରୁ ମଧ୍ୟ ଗିରଫଦାରୀ ଚାଲିଛି । କିନ୍ତୁ ଆନ୍ଦୋଳନ ଥମିବାର ନା ଧରୁନି । ଏହି ଆନ୍ଦୋଳନ ଏକ ବିଦ୍ରୋହରେ ପରିଣତ ହୋଇଛି ଯାହା ୱାଲ୍‌ଷ୍ଟ୍ରିଟ୍ ଅକ୍ତିଆର ଏବଂ ୧୯୮୦ର ବର୍ଣ୍ଣବିଦ୍ୱେଷ ବିରୋଧୀ ଆନ୍ଦୋଳନ ସହ ତୁଳନା କରାଯାଉଛି ଏବଂ ଭିଏତନାମ ଯୁଦ୍ଧ ବିରୋଧରେ ହୋଇଥିବା ଆନ୍ଦୋଳନର ସ୍ମୃତିକୁ ଜାଗ୍ରତ କରିଛି । ଅତୀତରେ ଖାଲି ଆମେରିକା କାହିଁକି, ବିଶ୍ୱର ବିଭିନ୍ନ ଦେଶରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଛାତ୍ର ଆନ୍ଦୋଳନ ସଂଗଠିତ ହେଇଛି ଯାହାକୁ ସ୍ୱୀକୃତି ମିଳିଛି ଏବଂ ସରକାର ନିଜ ନୀତିରେ ପରିବର୍ତ୍ତନ ମଧ୍ୟ ଆଣିଛନ୍ତି । କାରଣ ଅନେକ ସମୟରେ, ଆମର ଆଭିମୁଖ୍ୟ ଠାରୁ ଯୁବ ସମାଜର ଅଭିମୁଖ୍ୟରେ ଅନେକଟା ଫରକ ଥାଏ ବା ସେମାନେ କେତେକ ପ୍ରସଙ୍ଗକୁ ନେଇ ଭିନ୍ନ ମତ ପୋଷଣ କରନ୍ତି । ଏହି ଆନ୍ଦୋଳନ ମଧ୍ୟ ସୂଚାଉଛି ଯେ' ଇସ୍ରାଏଲ–ହାମାସ ବିବାଦରେ ଆମେରିକାର ନୀତିକୁ ଯୁବକମାନେ, ଛାତ୍ରମାନେ ପସନ୍ଦ କରୁନାହାନ୍ତି ଯଦିଓ ପ୍ରଶାସନର ସମର୍ଥନ ରହିଛି । ଏହି ଆନ୍ଦୋଳନ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଉଛି ଯେ' ଯୁବପିଢ଼ି ତାଙ୍କର ପୂର୍ବ ପିଢିଙ୍କ ମତାମତ ଠାରୁ ଦୂରେଇବାରେ ଲାଗିଛନ୍ତି । ଯୁବପିଢିଙ୍କ ମଧ୍ୟରେ ଜାତୀୟତା ଭାବ ଅପେକ୍ଷା ମାନବିକତାର ଗୁରୁତ୍ୱ ଅଧିକ । ବର୍ତ୍ତମାନର ପିଢ଼ି ପୂର୍ବ ପିଢ଼ି ଅପେକ୍ଷା ପାଲେଷ୍ଟାଇନବାସୀଙ୍କୁ ଅଧିକ ସମର୍ଥନ କରୁଛନ୍ତି ଯାହା ୮୧ ବର୍ଷ ବୟସ୍କ ଡେମୋକ୍ରାଟିକ୍ ରାଷ୍ଟ୍ରପତି ଜୋ ବାଇଡେନଙ୍କ ପୁନଃ ନିର୍ବାଚନ ସମ୍ଭାବନା ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ପୂର୍ବାନୁମାନ କରାଯାଉଛି । ଛାତ୍ର ଆନ୍ଦୋଳନକୁ ଚପାଇବା ପାଇଁ ଆମେରିକା ପକ୍ଷରୁ ପ୍ରୟାସ କରାଯାଉଛି ଏବଂ ଛାତ୍ରମାନଙ୍କୁ ଗିରଫ କରାଯାଉଛି, କିନ୍ତୁ ଏହାକୁ ଏ ପର୍ଯ୍ୟନ୍ତ ନିୟନ୍ତ୍ରଣ କରାଯାଇ ପାରିନାହିଁ ବରଂ ଗୋଟିଏ ପରେ ଗୋଟିଏ ବିଶ୍ୱବିଦ୍ୟାଳୟକୁ ଏହା ବ୍ୟାପିବାରେ ଲାଗିଛି । ଛାତ୍ରମାନେ ମୁଖ୍ୟତଃ ଦାବି କରୁଛନ୍ତି ଯେ ସେମାନଙ୍କର ବିଶ୍ୱବିଦ୍ୟାଳୟଗୁଡ଼ିକ ସେମାନଙ୍କର ପୁଞ୍ଜି ବିନିଯୋଗ ସମ୍ପର୍କରେ ସଠିକ ତଥ୍ୟ ପ୍ରକାଶ କରନ୍ତୁ ଏବଂ ଇସ୍ରାଏଲ ସହ ଜଡ଼ିତ କମ୍ପାନୀମାନଙ୍କଠାରୁ ପାଣ୍ଠି ପ୍ରତ୍ୟାହାର କରନ୍ତୁ । କଲମ୍ବିଆ, ଏମଆଇଟି, ୟେଲ, ନ୍ୟୁୟର୍କ ୟୁନିଭରସିଟିରେ ପାଲେଷ୍ଟାଇନ ସମର୍ଥକ ଛାତ୍ର ବିକ୍ଷୋଭକାରୀମାନେ ଗାଜାରେ ସ୍ଥାୟୀ ଅସ୍ତ୍ରବିରତି ହେବା, ଇସ୍ରାଏଲ ପାଇଁ ଆମେରିକାର ସାମରିକ ସହାୟତା ବନ୍ଦ କରିବା, ଅସ୍ତ୍ରଶସ୍ତ୍ର ଯୋଗାଣକାରୀଙ୍କଠାରୁ ବିଶ୍ୱବିଦ୍ୟାଳୟ ପୁଞ୍ଜି ପ୍ରତ୍ୟାହାର କରିବା ନେଇ ଦାବି କରୁଛନ୍ତି । ବର୍ଷ ବର୍ଷ ଧରି, ଆମେରିକାର ଜନମତ ସର୍ଭେରୁ ଜଣାପଡିଛି ଯେ ଯୁବକମାନେ ପାଲେଷ୍ଟାଇନୀୟମାନଙ୍କ ପ୍ରତି ସହାନୁଭୂତିଶୀଳ ଏବଂ ଇସ୍ରାଏଲକୁ ଘୃଣା ଚକ୍ଷୁରେ ଦେଖୁଛନ୍ତି । ଆମେରିକାର ଅଧିକାଂଶ ଉତ୍ତରଦାତା ଅବରୋଧିତ ପାଲେଷ୍ଟାଇନ ଏନକ୍ଲେଭରେ ଆକ୍ରମଣ ବନ୍ଦ ସପକ୍ଷରେ ମତାମତ ଦେଇଛନ୍ତି, ଯେଉଁଠାରେ ଅକ୍ଟୋବର ୭ରେ ବିବାଦ ଆରମ୍ଭ ହେବା ପରେ ଇସ୍ରାଏଲ୍ ୩୪,୦୦୦ ରୁ ଅଧିକ ପାଲେଷ୍ଟାଇନୀୟଙ୍କୁ ହତ୍ୟା କରିଛି । ଅନ୍ୟପକ୍ଷରେ ଆମେରିକା ପ୍ରଶାସନ ଇସ୍ରାଏଲକୁ ଦୃଢ ସମର୍ଥନ ଦେଇଚାଲିଛନ୍ତି । ନଭେମ୍ବର ନିର୍ବାଚନରେ ବାଇଡେନ ପୁନର୍ବାର ନିର୍ବାଚନ ଲଢେଇର ସମ୍ମୁଖୀନ ହୋଇଥିବାରୁ ୮୧ ବର୍ଷୀୟ ରାଷ୍ଟ୍ରପତିଙ୍କ ଆଭିମୁଖ୍ୟ ରାଜନୈତିକ ସ୍ତରରେ ମହଙ୍ଗା ପଡିପାରେ । ଜାତୀୟ ସ୍ତରରେ ଯୁବ ଭୋଟରଙ୍କ ମୂଲ୍ୟବୋଧ ଏବଂ ଅଧିକାଂଶ ରାଜନେତାଙ୍କ ମୂଲ୍ୟବୋଧ ମଧ୍ୟରେ ଫରକ ଦେଖାଯାଇଛି । ପ୍ରଶାସନ ଏହାକୁ ଜୋରଜବରଦସ୍ତ ନିୟନ୍ତ୍ରଣ କରିବାକୁ ଚାହୁଁଛି ଯାହାର ପ୍ରଭାବ ଆଗାମୀ ନିର୍ବାଚନ ଉପରେ ନିଶ୍ଚୟ ପଡିବ । ପାଲେଷ୍ଟାଇନ ଉପରେ ଇସ୍ରାଏଲର ଆକ୍ରମଣକୁ ବିରୋଧ କରୁଥିବା ଏହି ଛାତ୍ରମାନେ ଆମେରିକାର ଦଳୀୟ ରାଜନୀତିରେ ଜଡିତ ନୁହଁନ୍ତି ଏବଂ ପାଲେଷ୍ଟାଇନୀୟମାନଙ୍କର ମାନବିକ ଅଧିକାରର ସୁରକ୍ଷା ପାଇଁ ସେମାନେ ଏହି ଆନ୍ଦୋଳନ ଜାରି ରଖିଛନ୍ତି । ତେବେ ପ୍ରଶ୍ନ ଉଠୁଛି, ଛାତ୍ରଙ୍କର ଏହି ପ୍ରଦର୍ଶନ ଆମେରିକାର ନୀତିରେ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରିପାରିବ କି ? ଏବଂ ପୁଞ୍ଜି ପ୍ରତ୍ୟାହାର ନେଇ ଥିବା ତାଙ୍କର ଦାବି ହାସଲ କରିପାରିବ କି? କେତେକ ବିଶେଷଜ୍ଞଙ୍କ ମତ ଅନୁସାରେ, ଆମେରିକାର ବିଶ୍ୱବିଦ୍ୟାଳୟଗୁଡିକ ସ୍ୱଳ୍ପ ସମୟ ମଧ୍ୟରେ ବୃହତ ସଂସ୍ଥା ଏବଂ ପ୍ରତିରକ୍ଷା ଶିଳ୍ପରୁ ବିଚ୍ଛିନ୍ନ ହେବା ସମ୍ଭବ ନୁହେଁ, କିନ୍ତୁ ସେମାନଙ୍କ ବିନିଯୋଗରେ ସ୍ୱଚ୍ଛତା ଆହ୍ୱାନ ଯୁକ୍ତିଯୁକ୍ତ । ହୁଏତ ଏହି ଛାତ୍ର ଆନ୍ଦୋଳନର ପ୍ରଭାବ ପଡିବ ଏବଂ ଇସ୍ରାଏଲ କ୍ଷେତ୍ରରେ ଆମେରିକାର ନୀତି ବଦଳିବ, କିନ୍ତୁ ଏହା ରାତାରାତି ହେବା ସମ୍ଭବ ନୁହେଁ । ତେବେ ଆମେରିକା ଏବଂ ଇସ୍ରାଏଲକୁ ସମର୍ଥନ କରୁଥିବା ଦେଶଗୁଡିକ ଉପରେ ଇସ୍ରାଏଲରୁ ସମର୍ଥନ ପ୍ରତ୍ୟାହାର ପାଇଁ ଚାପ ବଢ଼ିବାରେ ଲାଗିଛି । ଆମେରିକାର କ୍ୟାମ୍ପସରେ ଚାଲିଥିବା ଆନ୍ଦୋଳନର ପ୍ରଭାବରେ ପ୍ୟାରିସର ଛାତ୍ରମାନେ ଏକ ପ୍ରତିଷ୍ଠିତ ଫ୍ରେଞ୍ଚ ବିଶ୍ୱବିଦ୍ୟାଳୟରେ କ୍ୟାମ୍ପସ୍ ବିଲ୍ଡିଂକୁ ପ୍ରବେଶକୁ ଅବରୋଧ କରି ପ୍ରଶାସକମାନଙ୍କୁ ସମସ୍ତ ଶ୍ରେଣୀକୁ ଅନଲାଇନ୍ କରିବାକୁ କହିଥିଲେ । ବିକ୍ଷୋଭକାରୀମାନେ ପାଲେଷ୍ଟାଇନ ସମର୍ଥନରେ ସ୍ଲୋଗାନ ଦେଇଥିଲେ । ଏହାକ୍ରମେ ବ୍ୟାପିବାରେ ଲାଗିଛି । ମାନବିକତା ଦୃଷ୍ଟିରୁ ଯୁବ ସମାଜ ପାଲେଷ୍ଟାଇନ ଲୋକଙ୍କ ସମର୍ଥନରେ ବାହାରିଛନ୍ତି । ହାମାସର ଆତଙ୍କବାଦୀ କାର୍ଯ୍ୟକଳାପକୁ ଯେମିତି ସବୁସ୍ତରରେ ନିନ୍ଦା କରାଯିବା ଆବଶ୍ୟକ, ଠିକ୍ ସେହିପରି ଇସ୍ରାଏଲ ଯେଉଁଭଳି ଭାବରେ ସାଧାରଣ ଜନତାଙ୍କ ଉପରେ ଅତ୍ୟାଚାର କରିଚାଲିଛି ତାକୁ ବିରୋଧ କରିବା ମଧ୍ୟ ଜରୁରୀ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ମଣିଷ ଜୀବନରେ ଶାନ୍ତି

## ପଙ୍କଜ କୁମାର ପାଣିଗ୍ରାହୀ

ମଣିଷକୁ ପ୍ରକୃତି ଯାହା କରିଛି ସେଥିରୁ ବ୍ୟତିକ୍ରମ ଜୀବନ ବଞ୍ଚିବା ଅଭିଶପ୍ତ ଜୀବନ । ବ୍ୟତିକ୍ରମ ହୁଏ କାହିଁକି ଏବଂ ତା' ପାଇଁ ମଣିଷ ନିଜେ ଦାୟୀ ନା ଜନ୍ମଦାତ୍ରୀ ପ୍ରକୃତି ? ସେ ନେଇ ଆସନ୍ତୁ ଆଲୋଚନା କରିବା...

ନିଜର ଜନ୍ମ ଓ ଜୀବନ ରହସ୍ୟ ବୁଝିବାରେ ଅକ୍ଷମ ମଣିଷ, ସମୟ ସ୍ରୋତରେ ନିଜକୁ ପରିଚାଳିତ କରୁଥିବା ଶୈଖିକ ଜୀବନଧାରଣ ଶୈଳୀରେ ନିମଗ୍ନ ଆଜିର ସାଧାରଣ ଲୋକେ ଜାଣନ୍ତି ନାହିଁ ଯେ ମଣିଷ ଜୀବନର ପ୍ରାକୃତିକ ଉପଲବ୍ଧି । ଜୀବନକୁ ଏକ ପ୍ରତ୍ୟାବର୍ତ୍ତିତ ଢଙ୍ଗରେ ଅନୁଭବ କରିବା ସାଧାରଣ ମଣିଷର ନିଜସ୍ୱ ଅନୁଭୂତି କିମ୍ବା ସ୍ୱଜ୍ଞାନ ଜନିତ ଭାବଧାରା ନୁହେଁ । ମଣିଷର ଜ୍ଞାନ ସୃଷ୍ଟି ହେବା ସମୟରୁ ଏହା ଏକ ସାମାଜିକ ଶୈଖିକ ଚରିତ୍ର ଭାବେ ପ୍ରଚଳିତ ହୋଇ ଆସୁଅଛି, ଯାହା ସମଗ୍ର ଜନମାନସକୁ ଅସନ୍ତୁଳିତ, ଆନ୍ଦୋଳିତ କରି ରଖିଛି ଅଦ୍ୟାବଧି । ସାଧାରଣ ମଣିଷ ସମୂହଙ୍କ ମଧ୍ୟରେ କେତେକ ପ୍ରାକୃତିକ ବିଚକ୍ଷଣ ଚତୁର ମଣିଷଙ୍କ ଜନ୍ମ ରହସ୍ୟ ବିଷୟରେ ମଧ୍ୟ ବୁଝିଛନ୍ତି । କେତେଜଣ ଯେ ତାକୁ ସମୀକ୍ଷା କରି ସାର୍ବଜନୀନ କରିବାକୁ ସମର୍ଥ ହେବେ ? ମଣିଷ ସବୁବେଳେ ନିଜକୁ ଅନ୍ୟ ସହିତ ତୁଳନାତ୍ମକ ଭାବେ ବିଚାର ରଖି ଯାହା ସବୁ କରି ଚାଲିଛି, ସେଗୁଡିକର ଉପଯୁକ୍ତ ସମୀକ୍ଷା ଜ୍ଞାନ ରହିତ ସାଧାରଣ ମଣିଷଙ୍କ ଜୀବନଶୈଳୀ ଗୋଟିଏ ଗୋଟିଏ ଅଭିଶପ୍ତ ଜୀବନ ଭଳି ବଞ୍ଚୁଥିବା ସୂକ୍ଷ୍ମ ଅନୁଧ୍ୟାନ କଲେ, ଜାଣିହେବ ।

ଜୀବନର ପ୍ରକୃତ ସୁଖ ଅନୁଭବ ଏକ ଅସୀମୀଚୀନ ବିଷୟରେ ରହିଯାଇଛି, ମଣିଷ ମନରେ ଯାହାର କୌଣସି ବ୍ୟବଚ୍ଛେଦ ନାହିଁ କିମ୍ବା ପ୍ରକୃତ ବିଶ୍ଳେଷଣ ନାହିଁ କେଉଁଠାରେ । କେବଳ କିଛି ସ୍ୱାର୍ଥାନ୍ଧଙ୍କ ପ୍ରରୋଚନାରେ ନିର୍ବୋଧଙ୍କ ଜୀବନ ବଞ୍ଚିବା ଶୈଳୀରେ ପରିଚାଳିତ ଆଜିର ସମାଜରେ ସାଧାରଣ ମଣିଷଙ୍କ ଅସହ୍ୟ ଯନ୍ତ୍ରଣାର ଉପଶମ ହେବା ପରିବର୍ତ୍ତେ ଦିନକୁ ଦିନ ଜଟିଳ ପରିସ୍ଥିତି ଆଡ଼କୁ ମୁହାଁଉଛି । ସେଥିରେ ମଣିଷର ଜୀବନରେ ଶାନ୍ତି ଅନୁଭବ ହେବ କିପରି ଏବଂ କେବେ ? ଏକ ପ୍ରଶ୍ନବାଚୀ ହୋଇ ରହିଯାଇଅଛି ସମସ୍ତଙ୍କ ମନରେ ଅଦ୍ୟାବଧି...

ଅଭିଶପ୍ତ ଜୀବନ ଅର୍ଥ କ'ଣ ? ପୌରାଣିକ ଚେତନାରେ ଆଧାରିତ କେତେକ ବିଷୟରେ ମୁନି, ଋଷିଙ୍କ ଦ୍ୱାରା ଅଭିଶାପ ଦିଆଯାଉଥିବା ବର୍ଣ୍ଣନା ପ୍ରାୟତଃ ସମସ୍ତେ ଜାଣିଥିବେ । କୌଣସି ଅକର୍ତ୍ତବ୍ୟ କଲେ ସେମାନେ ଅଭିଶାପ ଦେଇ କୁସଂସ୍କାରୀଙ୍କୁ ଦଣ୍ଡିତ କରୁଥିବା ଆମେ ଶୁଣିଛେ । ଅର୍ଥାତ୍ ଜଣେ ମଣିଷ ଯଦି କୌଣସି ଅମାନବୀୟ କିମ୍ବା ଅନ୍ୟକୁ ଆଘାତ କରିବା ଭଳି କାର୍ଯ୍ୟ କରେ, ତା'ହେଲେ ତାକୁ ଅଭିଶାପ ଦିଆଯାଉଥିଲା ଯାହା ସେହି ମଣିଷ ପାଇଁ ଏକ କଠୋର ପରିସ୍ଥିତି ସୃଷ୍ଟି କରୁଥିବା କୁହାଯାଏ । ଆଜିର ମଣିଷ କିନ୍ତୁ କାହାଠାରୁ ଅଭିଶାପ ପାଉଛି ଅଥବା ଅଭିଶପ୍ତ ଜୀବନ ବିତାଉଛି ବୋଲି କହିବାର ତାତ୍ପର୍ଯ୍ୟ କ'ଣ ? ବିଚାର କରି ଦେଖିବା...

ଆଜି ଆଉ ମୁନି, ଋଷି ନାହାନ୍ତି କିମ୍ବା ସେହିଭଳି କୌଣସି ପରିସ୍ଥିତି ସୃଷ୍ଟି ହେଉନାହିଁ ଯାହା ପୁରାଣରେ ବର୍ଣ୍ଣିତ । ମଣିଷ କିନ୍ତୁ ସେହି ମୁନି, ଋଷିଙ୍କ ଅଭିଶାପ ଠାରୁ ଆହୁରି କଠୋର ପରିସ୍ଥିତିର ସାମ୍ନା କରି ବଞ୍ଚୁଛି, ଯାହା ସମସ୍ତଙ୍କ ପାଇଁ ବ୍ୟାପକ କଷ୍ଟକର ହୋଇପଡୁଛି । ହେଲେ ମଣିଷର ଦୁଃଖ ଦୁର୍ଦ୍ଦଶା ପାଇଁ ଦାୟୀ କିଏ ? ଜନ୍ମଦାତ୍ରୀ ପ୍ରକୃତି ସେହିଭଳି କୌଣସି ହିଂସାତ୍ମକ ପରିବେଶ ସୃଷ୍ଟି କରୁଛି ନା କୌଣସି ସାମାଜିକ ସଂଯୋଜିତ କାରଣରୁ ମଣିଷ ଦୁଃଖ ପାଉଛି ବା ସୁଖର ଅନୁଭବ କରିପାରୁନାହିଁ ? ବାସ୍ତବିକ ଦେଖିବାକୁ ଗଲେ ସେମିତି କୌଣସି ପ୍ରାକୃତିକ ପରିବେଶ ଅପେକ୍ଷା ମଣିଷର ନିଜସ୍ୱ କର୍ମରୁ ହିଁ ସୁଖ, ଦୁଃଖର ଅନୁଭବ ହୋଇଥାଏ ଯାହା ହୁଏତ ମଣିଷ ସଠିକ୍ ରୂପେ ଆକଳନ, ସମୀକ୍ଷା କରିପାରୁନାହିଁ । ସେହି କାରଣରୁ ଅନେକ ସମୟରେ ମଣିଷ କୌଣସି ସାମାଜିକ ସଂଯୋଜିତ କୃତ୍ରିମ ସୁଖକୁ ହିଁ ପ୍ରକୃତ ସୁଖ ବୋଲି ବିଚାରି ନିଜର ଜନ୍ମ ତଥା ମଣିଷ ଜୀବନର ପ୍ରକୃତ ସୁଖ ଅନୁଭବ କରିବାରେ ଅକ୍ଷମ ରହୁଥିବା ଜାଣିହେବ ଅନୁଧ୍ୟାନ କଲେ ।

ନିଜସ୍ୱ ଅନ୍ତର୍ଜ୍ଞାନ ତଥା ବିବେକ ଚାଳିତ ଜୀବନଧାରା ମଣିଷକୁ ସତ୍ୟ ଓ ଅସତ୍ୟର ପଥ ପ୍ରଦର୍ଶିତ କରିବାରେ ସାହାଯ୍ୟ କରିଥାଏ । ଅନ୍ୟ ଉପରେ ନିର୍ଭର କରି କିମ୍ବା କାହାକୁ ଅନୁସରଣ ବା ଅନୁକରଣ କରି ନିଜର ଜୀବନପଥ ଅତିକ୍ରମ କରୁଥିବା ମଣିଷକୁ ବିଭିନ୍ନ କ୍ଷେତ୍ରରେ ଲୁଣ୍ଠିତ ବା ପ୍ରତାରିତ ହେବାକୁ ପଡିବ ନିଶ୍ଚୟ । କାରଣ ଯଦି ଆମେ ଆଜି ସମୟର ପରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରିବା, ତା'ହେଲେ କିଞ୍ଚିତ ବୁଝିହେବ ଯେ ଆଜି ଆମେ ଯାହାସବୁ ଶିକ୍ଷା / ପ୍ରେରଣା ପାଉଛେ, ସେସବୁଗୁଡିକ ଅନେକାଂଶରେ କେବଳ ବ୍ୟବସାୟଭିତ୍ତିକ ପ୍ରଚାର, ପ୍ରସାର । ଏହା ବ୍ୟତୀତ ଜଣେ ଅନ୍ୟ ଜଣଙ୍କୁ କୌଣସି ମତେ ସାହାଯ୍ୟ, ସହାନୁଭୂତି କିମ୍ବା ଦୟା, ପ୍ରେମର ଭାବ ରଖି କୌଣସି ବିଷୟ ବା ବସ୍ତୁ ପ୍ରାୟତଃ ପ୍ରଦାନ କରିନଥାନ୍ତି ବା କ୍ୱଚିତ୍ କରିଥାନ୍ତି କହିଲେ ଚଳେ । ଏମିତିକି ଯାହାଙ୍କୁ ଧର୍ମଗୁରୁ କିମ୍ବା ଯୋଗଗୁରୁ ବୋଲି ମଣିଷ ଗ୍ରହଣ କରିଥାଏ, ସେମାନଙ୍କ ମଧ୍ୟରେ କିଛି ଜଣ ବ୍ୟାପାରୀ, ଯାହାଙ୍କ ଧନରାଶିର ଅଭିବୃଦ୍ଧି ବ୍ୟାଖ୍ୟା କଲେ ହୁଏତ ଆମର ଚେତା ହଜିଯିବ ! କାରଣ କେହି କେହି ମଣିଷ ନିଜକୁ ନିଜେ ଜଣେ ଧର୍ମଗୁରୁ କିମ୍ବା ଯୋଗଗୁରୁ ସଜାଇ ଖୁବ୍ କମ୍ ଦିନ ମଧ୍ୟରେ ହଜାର ହଜାର କୋଟି ଟଙ୍କାର ମାଲିକ ହୋଇ ପାରୁଥିବା ନମୁନା କିଛି କମ୍ ଦେଖିବାକୁ ମିଳନ୍ତି ନାହିଁ ଆମ ଦେଶରେ, ଯାହାର ବିଶେଷ ବିଶ୍ଳେଷଣ କରାନଗଲେ ମଧ୍ୟ ପ୍ରାୟତଃ ସମସ୍ତେ ବୁଝି ପାରୁଥିବେ ।

ଏମାନଙ୍କ ବ୍ୟତୀତ ସମାଜକୁ ଅନ୍ୟାନ୍ୟ ପ୍ରେରଣାଦାୟୀ ମଧ୍ୟ କିଛି ରହିଥାନ୍ତି । ବିଭିନ୍ନ କ୍ଷେତ୍ରରେ ଅନେକେ ସ୍ଥଳବିଶେଷରେ ଅହରହ ସେମାନଙ୍କ ବଡ଼ିମା ପ୍ରଦର୍ଶନ ପୂର୍ବକ କେବଳ ବ୍ୟବସାୟଭିତ୍ତିକ ଷଡ଼ଯାନ୍ତ୍ରୀକ ପ୍ରରୋଚନା ବିତରଣ କରି ସମାଜରେ ନିଜର ପତିଆରା ବିସ୍ତାର କରିବା ସହିତ ଆର୍ଥିକ ସମ୍ଭାର ଅଭିବୃଦ୍ଧି ଲକ୍ଷ୍ୟ ରଖି ଅନେକ ସମୟ ସମୟରେ ଅନେକାଂଶରେ ଲୋକଙ୍କ ମତିଭ୍ରମ କରିଥାନ୍ତି । ସେହି କୁଚକ୍ରରେ ପଡି ସାଧାରଣ ମଣିଷଟିଏ ନିଜର ହାଡଭଙ୍ଗା ପାରିଶ୍ରମିକରୁ ଅଧିକାଂଶ ଭାଗ ବ୍ୟୟ, ବିତରଣ କରିଥାନ୍ତି ସେହିଭଳି କିଛି ଗୋଷ୍ଠୀଙ୍କୁ, ଯାହା ଅନେକଙ୍କୁ ସବୁବେଳେ ସତ୍ୟର ପଥ ଖୋଜିବାରେ ବାଧକ ହୋଇ ରହିଯାଏ ବୋଧହୁଏ ଜୀବନସାରା ।

ଏହି କ୍ରମରେ ଜଣେ ସାଧାରଣ ନିର୍ବୋଧ ମଣିଷ ନିଜକୁ ଅସନ୍ତୁଳିତ ଅବସ୍ଥାରେ ରଖି ଜୀବନ ଅତିବାହିତ କରିବାକୁ ପଡିଥାଏ, ଜୀବନସାରା, ଏହାହିଁ ଅଭିଶପ୍ତ ଜୀବନ । ଯାହାକୁ ମଣିଷ ସମୟ ପାଏନାହିଁ ସମୀକ୍ଷା କରିବା ପାଇଁ ଏବଂ ସେତିକି ସଚେତନତା ମଧ୍ୟ ସୃଷ୍ଟି କରିପାରେ ନାହିଁ ନିଜକୁ ସମ୍ଭାଳିବା ପାଇଁ । ଯାହାଦ୍ୱାରା ସାରାଜୀବନ ଗୋଟିଏ ଅଭିଶପ୍ତ ଜୀବନ ବଞ୍ଚିବା ଭଳି ଜୀବନ ଶେଷ କରିବାକୁ ପଡିଥାଏ ଏକରକମ । ପ୍ରାୟତଃ ସାଧାରଣ ମଣିଷମାନଙ୍କ ମନରେ ଛନ୍ଦ, କପଟ, ଈର୍ଷା, ଦ୍ୱେଷ ଆଦି ଲକ୍ଷଣ ସୃଷ୍ଟି ହୋଇପାରେ ନାହିଁ ଯାହା ଆଜି ସମୟର ପରିସ୍ଥିତି, ପରିବେଶ ଆଚ୍ଛାଦିତ କରି ରଖିଛି ଆମ ସମସ୍ତଙ୍କୁ ।

ସମୟ ଚକ୍ରରେ ଅନ୍ୟମାନଙ୍କ ସହ ନିଜକୁ ସମାନ୍ତରାଳ କରି ଆମେ ଜୀବନରେ ସୁଖ ଆଶା କରିବା ଏକ ଅଲୌକିକ ବିଷୟ ମଧ୍ୟରେ ସମାହିତ । ଆଜିକାର ସମୟରେ ଯାହାକୁ ବ୍ୟବଚ୍ଛେଦ କରିବା ଅତ୍ୟନ୍ତ ଜଟିଳ ବିଷୟ, ଜଣେ ସାଧାରଣ ନିରୀହ ମଣିଷ ପାଖରେ । କାରଣ ବ୍ୟାପକ ଦିଗରେ ଦେଖିଲେ ପ୍ରାୟତଃ ସମ୍ପୂର୍ଣ୍ଣ ଭାବେ ମଣିଷ ମସ୍ତିଷ୍କକୁ ଏସବୁ ଆଚ୍ଛାଦିତ କରି ରଖିଛି, ଯାହାର ପରିଣାମ ସ୍ୱରୂପ ଅନେକାଂଶରେ ସାଧାରଣ ନିର୍ବୋଧ, ନିଚ୍ଛନ୍ଦ, ସରଳ ମଣିଷ, ଏହାକୁ ଗ୍ରହଣ କରିନେଇଥାନ୍ତି ।

କହିବାକୁ ଗଲେ ଗୋଟିଏ ଦିଗରେ ଲୋକମାନେ ବିଭିନ୍ନ ସମୟରେ ମାନସିକ ସ୍ତରରେ ଦୁର୍ବଳ ତଥା ବିଚଳିତ ହୋଇଥାନ୍ତି । ଯାହାଫଳରେ ଜୀବନର ପ୍ରାକୃତିକ ଆନନ୍ଦ ଉପଭୋଗରୁ ନିବୃତ୍ତ ରହିଥାନ୍ତି । ଏହାଦ୍ୱାରା ସେମାନଙ୍କ ସାମାଜିକ ତଥା ପାରିବାରିକ କ୍ଳେଶ ଗଭୀର ଭାବେ ପ୍ରଭାବିତ ହୋଇଥାଏ । କହିବାକୁ ଗଲେ ଆଜି ପ୍ରାୟତଃ ସମଗ୍ର ମାନବ ସମାଜ ଏକ ଅଭିଶପ୍ତ ଜୀବନ ବଞ୍ଚୁଛନ୍ତି କହିଲେ ଚଳେ । କେମିତି ଏବଂ କାହିଁକି ମଧ୍ୟ ବିଚାର, ବିଶ୍ଳେଷଣ ପାଇଁ କାହାରି ପାଖରେ ଆଗ୍ରହ ମଧ୍ୟ ନାହିଁ ବୋଧେ । ଏସବୁ କୌଣସି ମୁନି ଋଷିଙ୍କ ଅଭିଶାପ ନୁହେଁ କି ମନୁଷ୍ୟର ଜନ୍ମଦାତ୍ରୀ ପ୍ରକୃତିର ପ୍ରକୋପ ନୁହେଁ ବରଂ ମଣିଷର ନିଜସ୍ୱ ଅଜ୍ଞାନତା ତଥା ସଂକୁଚିତ ବିଚାରଧାରା ଜନିତ ମାତ୍ର ବୋଲି ମନେ କରାଯାଇପାରେ । ତେଣୁ ସବୁ ମଣିଷ ଯେତେଦିନ ପର୍ଯ୍ୟନ୍ତ କାହାକୁ ଅନୁସରଣ ବା ଅନୁକରଣ ନକରି କେବଳ ନିଜସ୍ୱ ଜ୍ଞାନ / ବିଚାରଧାରାରେ ବଞ୍ଚିବା ନ ଶିଖିବେ ସେ ପର୍ଯ୍ୟନ୍ତ ମଣିଷକୁ ଏମିତି ଅଭିଶପ୍ତ ଜୀବନ ବଞ୍ଚିବାକୁ ହିଁ ପଡିବ ବୋଧେ ।


**ଛତ୍ରପୁର, ଗଞ୍ଜାମ**
**ମୋ–୯୪୩୭୩୨୪୯୧୭**


# ଗ୍ରୀଷ୍ମରେ ଫୁଟଇ ମଲ୍ଲୀ

## ପ୍ରେମାନନ୍ଦ ପାଣିଗ୍ରାହୀ

ରୂପ,ରସ ଓ ଗନ୍ଧକୁ ନେଇ ଫୁଲଟିଏ ପ୍ରକୃତିର ଏକ ଅନନ୍ୟ ସୃଷ୍ଟି । ଫୁଲର ସୌନ୍ଦର୍ଯ୍ୟ ଓ ବାସନାରେ ଯେକୌଣସି ସ୍ଥାନ ମହକି ଉଠେ । ଫୁଲର କୋମଳ ପଣ ହେଉ ବା ତାର ସୁବାସ ଆମମାନଙ୍କୁ ଆକୃଷ୍ଟ କରିଥାଏ । ଫୁଲ କେବଳ ହୃଦୟକୁ ଆନନ୍ଦରେ ଭରିଦିଏ ନାହିଁ,ମଣିଷର ହୃଦୟକୁ ମଧ୍ୟ ଆନ୍ଦୋଳିତ କରେ । ସୃଷ୍ଟିର ଆରମ୍ଭରୁ ଫୁଲ ମନୁଷ୍ୟ ସହିତ ଜଡିତ ହୋଇ ରହିଆସିଛି । ଠାକୁରଙ୍କ ପୂଜା ଠାରୁ ଆରମ୍ଭ କରି ପ୍ରସାଧାନ ଏବଂ ପ୍ରେମର ମାଧ୍ୟମ ହେଉଛି ଫୁଲ । ପୃଥିବୀରେ ୩୫ ହଜାର ବିଭିନ୍ନ ପ୍ରଜାତିର ଫୁଲ ଅଛି । ଫୁଲ ଆମ ଓଠରେ ହସ ଫୁଟାଏ,ମନକୁ ଖୁସି କରେ,ସ୍ୱାସ୍ଥ୍ୟକୁ ସୁରକ୍ଷା ଦିଏ ଏବଂ ଆମ ମାନସିକ ସ୍ଥିତି ସୁଦୃଢ ରଖେ । ଶୁଭ କାର୍ଯ୍ୟରେ ପୁଷ୍ପର ମହତ୍ୱ ଅଧିକ ରହିଥାଏ । ପୁଷ୍ପର ସୁଗନ୍ଧରେ ଦେବତାମାନେ ତୃପ୍ତ ହୋଇ ପ୍ରସନ୍ନ ହୁଅନ୍ତି । ଚିତ୍ରା ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ପଡୁଥିବା ଚାନ୍ଦ୍ରମାନ ମାସକୁ ଚୈତ୍ର ବା ଚଇତ ମାସ କୁହାଯାଏ । କଥାରେ ଅଛି– ଚଇତେ ଫୁଟଇ ମଲ୍ଲୀ ଅର୍ଥାତ୍ ଚଇତ୍ର ମାସରେ ମଲ୍ଲୀ ଗଛରେ ଫୁଲ ଭରିଯାଏ । ଚୈତ୍ର ମାସରେ ସବୁଠାରୁ ଅଧିକ ଫୁଟୁଥିବା ଫୁଲ ହେଉଛି ମଲ୍ଲୀ ।



ଚୈତ୍ରରୁ ଜ୍ୟେଷ୍ଠମାସ ପର୍ଯ୍ୟନ୍ତ ବାଡିବଗିଚାରେ ମଲ୍ଲୀ ଫୁଲ ଫୁଟିଥାଏ । ମନମୁଗ୍ଧକର ସୁବାସ ଓ କୋମଳ ଶୁଭ୍ର ରଙ୍ଗ ଯୋଗୁ ଜନମନ ହରଣ କରିଥାଏ ମଲ୍ଲୀ ଫୁଲ । ସଂସ୍କୃତରେ ଏହି ଫୁଲକୁ ମଲ୍ଲିକା, ମଲ୍ଲୀ, ମଦୟନ୍ତୀ, ଭୁପଦୀ ଓ ତେଲୁଗୁରେ ଲଲ୍ଲେଚେଙ୍ଗୁ କୁହାଯାଏ । ଏହାର ଫୁଲ ଧଳା ଓ ସୁଗନ୍ଧ । ଫୁଲର ପାଖୁଡା ଭେଦରେ ଏକ ପାଖିଆ ଓ ବହୁ ପାଖିଆ ହୋଇଥାଏ । ଆମ ରାଜ୍ୟରେ ମୁଖ୍ୟତଃ ଦୁଇ ପ୍ରକାରର ମଲ୍ଲୀ ଫୁଲ ଦେଖାଯାଏ । ଗୋଟିଏ ବଣ ମଲ୍ଲୀ ଓ ଅନ୍ୟଟି ବୁଦାଳିଆ ମଲ୍ଲୀ । ବଣ ମଲ୍ଲୀ ପ୍ରାକୃତିକ ଭାବରେ ବଣଜଙ୍ଗଲରେ ଦେଖାଯାଏ । ଏହାର ପତ୍ର ଲମ୍ବା ଓ ଏହା ଅନ୍ୟ ଗଛ ଆଶ୍ରାରେ ମାଡିଥାଏ । ବଣ ମଲ୍ଲୀ ଫୁଲ ଗୋଟିଏ ଧାଡି ପାଖୁଡା । କଥାରେ ଅଛି ବଣରେ ମଲ୍ଲୀ ଫୁଟିଲେ,ଏହାର ବାସ୍ନା ଚଉଦିଗକୁ ମହକାଇ ଦିଏ । ଆମେ ଯେଉଁ ମଲ୍ଲୀ ବାଡି ବଗିଚାରେ ଲଗାଉ ତାହା ଛୋଟ ଓ ବୁଦାଳିଆ ଗଛ । ମଲ୍ଲୀର ପ୍ରଜାତି ମଧ୍ୟରେ କସ୍ତୁରୀ ମଲ୍ଲୀ,ମଦନ ବାଣ,ରାମ ବାଣ,ଡବଲ ମୋହରାଖୋୟା ଇରୁଭାତୀ ଆଦି ପ୍ରଧାନ । ଡାଳ ମାଧ୍ୟମରେ ଏହା ବଂଶବୃଦ୍ଧି କରିଥାଏ । ମଲ୍ଲୀର ବାସ୍ନାରେ ସମସ୍ତେ ଆତ୍ମହରା ହୋଇଥାନ୍ତି । ଦିଗବିଦିଗ ମହକାଇ ଦେଇଥାଏ ତାର ସୁଗନ୍ଧିତ ବାସ୍ନା । ମଣିଷଙ୍କ ଠାରୁ ଦେବତାଙ୍କ ପର୍ଯ୍ୟନ୍ତ ସମସ୍ତେ ଆକୃଷ୍ଟ ହୋଇଥାନ୍ତି ତା ପ୍ରତି ।

ଶ୍ରୀଜଗନ୍ନାଥଙ୍କର ମଲ୍ଲୀ ଫୁଲ ଅତି ପ୍ରିୟ ହୋଇଥିବାରୁ ଫୁଲୁରି ସେବକମାନେ ଜଗନ୍ନାଥଙ୍କ ଲାଗି ଖାସ ମଲ୍ଲୀ ମାଳ ଗୁନ୍ଥି ଏହାକୁ ଜଗାବଳିଆଙ୍କୁ ଅର୍ପଣ କରିଥାନ୍ତି । ପୁରୀ ସହରର ଫୁଲ ଦୋକାନମାନଙ୍କରେ ଜ୍ୟେଷ୍ଠ ମାସରେ ମଲ୍ଲୀ ଫୁଲ ଗଜରା ବେଶୀ ବିକ୍ରି ହୋଇଥାଏ । ଉପର ବେଳା ଗାଧୁଆପାଧୁଆ ସାରି ସେ ଫୁଲ ଗଜରାକୁ କିଏ ହାତରେ କିଏ ଗଳାରେ ବାନ୍ଧି ଚନ୍ଦନଯାତ୍ରାରେ ବାହାରିଥାନ୍ତି । ଏପ୍ରଥା କାହିଁ କେଉଁ କାଳରୁ ଚାଲିଆସିଛି । କେବଳ ଶ୍ରୀଜଗନ୍ନାଥ ମଲ୍ଲୀ ପ୍ରିୟ ନୁହଁନ୍ତି ଦେବଦେବ ମହାଦେବ ବଣ ମଲ୍ଲୀ ଓ ମଲ୍ଲୀ ଫୁଲ ପ୍ରତି ଆକୃଷ୍ଟ । ମହାଶିବରାତ୍ରିରେ ଘରର ବଗିଚାରେ ମଲ୍ଲୀ ଫୁଲ ଲଗାଇବା ଅତ୍ୟନ୍ତ ଶୁଭ ବୋଲି ବିଶ୍ୱାସ ରହିଛି । ମହାଦେବଙ୍କ ପରି ମା' ପାର୍ବତୀ ମଲ୍ଲୀ ଫୁଲକୁ ଭଲ ପାଆନ୍ତି । ଶିବରାତ୍ରି ଦିନ ମଲ୍ଲୀ ଫୁଲ ଗଛ ବାଡିରେ ଲଗାଇବା ଦ୍ୱାରା ମା'ପାର୍ବତୀଙ୍କ ସହ ମହାଦେବଙ୍କର ଆଶିଷ ମିଳିଥାଏ ଓ ବୈବାହିକ ଜୀବନ ସୁଖମୟ ହୋଇଥାଏ ।

ଆଶ୍ୱିନ ଶୁକ୍ଳ ପକ୍ଷ ପ୍ରତିପଦା ତିଥିରେ ଶାରଦୀୟ ନବରାତ୍ରି ଆରମ୍ଭ ହୋଇଥାଏ । ତେବେ ଦଶହରାରେ ଦେବୀଙ୍କୁ ତାଙ୍କର ପ୍ରିୟ ଫୁଲ ଅର୍ପଣ କରିବା ଦ୍ୱାରା ସେ ସନ୍ତୁଷ୍ଟ ହୁଅନ୍ତି । ଅଷ୍ଟମୀ ଦିନ ମା'ଦୁର୍ଗା ମହାଗୌରୀ ରୂପରେ ପୂଜା ପାଆନ୍ତି । ଏହିଦିନ ମଲ୍ଲୀ ଫୁଲ ମା'ଙ୍କ ପାଖରେ ଅର୍ପଣ କଲେ ଦାମ୍ପତ୍ୟ ଜୀବନରେ ମଧୁରତା ଆସିଥାଏ ଏବଂ ପରିବାରରେ ଏକତା ବଢିଥାଏ । ମଲ୍ଲୀ ଫୁଲର ବାସ୍ନା ମନୋମୁଗ୍ଧକର ହୋଇଥିବା ହେତୁ ଘର ଅଗଣାରେ ଏହି ଫୁଲକୁ ଲଗାଇବା ଦ୍ୱାରା ଘରେ ସକରାତ୍ମକ ପ୍ରଭାବ ପଡିଥାଏ । ମହକଭରା ମଲ୍ଲୀ ଫୁଲକୁ ସ୍ୱପ୍ନରେ ଦେଖିବା ଦ୍ୱାରା ଭାଗ୍ୟ ଚମକିବାର ଇସାରା ଦିଏ । ଜୀବନରେ ନିଶ୍ଚୟ କିଛି ଖୁସିର ଖବର ଆସିବ ବୋଲି ସୂଚନା ଦିଏ ।

ଫୁଲ ଖୁବ୍ ସୁବାସିତ ହୋଇଥିବାରୁ ଏହାକୁ ବିଭିନ୍ନ ପ୍ରକାରର ଲୋସନ୍, ଫେସ୍‌କ୍ରିମ,ସାବୁନ ତଥା ବ୍ୟୁଟି ପ୍ରଡକ୍ଟ ତିଆରି କରିବାରେ ବ୍ୟବହାର କରାଯାଇଥାଏ । ମଲ୍ଲୀ ଫୁଲରେ ସୁବାସିତ ଅଗରବତୀ ମଧ୍ୟ ପ୍ରସ୍ତୁତ ହୁଏ । ମହିଳାମାନେ ମଲ୍ଲୀ ଫୁଲ ମାଳରେ ଗଭାକୁ ସଜାଇବାକୁ ଭଲପାଆନ୍ତି । ଯଦ୍ୱାରା କେଶର ସୌନ୍ଦର୍ଯ୍ୟରେ ଚମକ ଆସିଥାଏ । ବିବାହ କାର୍ଯ୍ୟରେ ବର ଓ କନ୍ୟା ମଲ୍ଲୀ ଫୁଲ ହାର ଲଗାଇଥାନ୍ତି । ନିକଟରେ କାନାଡାର ବିଶେଷଜ୍ଞ ପ୍ରକାଶ କରିଛନ୍ତି ଯେ ମଲ୍ଲୀ ଫୁଲର ଲୋକପ୍ରିୟତା ଖ୍ରୀଷ୍ଟପୂର୍ବ ୨୫୦୦ ସମୟରେ ଇଜିପ୍ଟରେ ରହିଥିଲା । ଇଜିପ୍ଟବାସୀ ସେତେବେଳେ ନିଜ ଘରେ ତଥା ଉତ୍ସବରେ ମଲ୍ଲୀ ଫୁଲର ବ୍ୟବହାର କରୁଥିଲେ ।


**ଭୁଷଳ,ଭୁବନ,ଢେଙ୍କାନାଳ**
**ମୋ–୯୪୩୭୭୨୯୩୮୪**


# ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ର

ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ରଙ୍କୁ ଆମେ ବିଭିନ୍ନ ରୂପରେ, ବିଭିନ୍ନ ଭାବରେ ଜାଣୁ । ଜଣେ ପୁଅ ଭାବରେ, ଜଣେ ସ୍ୱାମୀ ଭାବରେ, ଜଣେ ଭାଇ ଭାବରେ, ଜଣେ ପିତା ଭାବରେ, ଜଣେ ଶିଷ୍ୟ ଭାବରେ ଏବଂ ଜଣେ ରାଜା ଭାବରେ ସେ ଜୀବନର ପ୍ରତିଟି କ୍ଷେତ୍ରରେ ନିଜର ଦାୟିତ୍ୱ ନିଷ୍ଠାର ସହିତ ଓ ସୂଚାରୁରୂପେ ପାଳନ କରି ନିଜକୁ ଜଣେ ଆଦର୍ଶ ପୁରୁଷ ଭାବରେ ପ୍ରତିଷ୍ଠିତ କରି ପାରିଛନ୍ତି । ଆଦର୍ଶ ପୁରୁଷ ଏଇଥିପାଇଁ ଯେ, ପୁରାଣର ବର୍ଣ୍ଣନା ଅନୁସାରେ ତ୍ରେତୟା ଯୁଗରେ ଈଶ୍ୱରଙ୍କର ଅନ୍ୟତମ ଅବତାର ଭାବରେ ଜନ୍ମଗ୍ରହଣ କରି ମଧ୍ୟ ଜଣେ ସାଧାରଣ ମଣିଷ ଭାବରେ ଆମ ଏ ସମାଜ ମଧ୍ୟରେ ନିଜର ଧର୍ମ ପାଳନ କରି ଜୀବନ ଅତିବାହିତ କରିଥିଲେ। ଈଶ୍ୱରଙ୍କର ସମସ୍ତ ପ୍ରକାର ଚମତ୍କାରୀ ଶକ୍ତିର ବାହାରେ ରହି ସେ ଦୁଃଖରେ ଶୋକାତୁର ମଧ୍ୟ ହୋଇଛନ୍ତି । ସେଇଥିପାଇଁ ପ୍ରତିଟି ପିତା, ପୁତ୍ର, ସ୍ୱାମୀ ଓ ଭାଇର ସେ ଆଦର୍ଶ । ରାଜା ଦଶରଥଙ୍କର ଏହି ଜ୍ୟେଷ୍ଠପୁତ୍ର ଶ୍ରୀରାମଚନ୍ଦ୍ରଙ୍କର ମହିମାନ୍ୱିତ ଜୀବନ ସମ୍ପର୍କରେ ଜାଣିବାକୁ ହେଲେ ଆମ ପୁରାଣରେ ବର୍ଣ୍ଣିତ ତାଙ୍କର ଆଦର୍ଶ କର୍ମମାନଙ୍କ ମଧ୍ୟରୁ କେତୋଟି ବିଶିଷ୍ଟ ଗୁଣର ଉଦାହରଣକୁ ଗ୍ରହଣ କରାଯାଇପାରେ ।

ପ୍ରଥମେ ପରିବାର ବା ପାରିବାରିକ ଭାବର କଥା । ପୁରାଣକାରମାନେ ରାମରାଜ୍ୟକୁ ଏକ ଆଦର୍ଶ ବୃହତ୍ ପରିବାର ଭାବରେ ବର୍ଣ୍ଣନା କରିଛନ୍ତି । ସେମାନଙ୍କ ମତରେ ପାରିବାରିକ ବ୍ୟବସ୍ଥାର ଆଦର୍ଶ ରାମରାଜ୍ୟର ଆଧାର ଥିଲା– ପାରିବାରିକ ଭାବ । ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ସହିତ ବନବାସ କଲେ । ଭାଇ ଭରତ ତାଙ୍କର ପ୍ରତିନିଧି ତଥା ତତ୍ତ୍ୱାବଧାରକ ଭାବରେ ନନ୍ଦିଗ୍ରାମରେ ଅବସ୍ଥାନ କଲେ । ସମଗ୍ର ଅଯୋଧ୍ୟା ଏହାକୁ ପାରିବାରିକ ଘଟଣା ରୂପରେ ଗ୍ରହଣ କରି ଭରତ ଯେଉଁ ଭାବନା ସହିତ ରହୁଥିଲେ, ସେହି ଭାବନା ସହିତ, ଜପ, ତପ, ସାଧନାରେ ସମୟ ବିତଉଥିଲେ । ତେଣୁ ରାମଙ୍କର ଆଦର୍ଶ ଦ୍ୱାରା ଅନୁପ୍ରାଣିତ ଏଇ ପୃଷ୍ଠଭୂମିରେ ହିଁ ରାମରାଜ୍ୟ ଗଠିତ ହୋଇଥିଲା । ଶ୍ରୀରାମଚନ୍ଦ୍ର ବଣ ଜଙ୍ଗଲରେ ବୁଲି ବଣର ପଶୁପକ୍ଷୀଙ୍କ ଗହଣରେ ବାସ କଲେ । ସେମାନଙ୍କ ସହିତ ସେ ପାରିବାରିକ ଭାବ ରକ୍ଷା କରିଥିଲେ । ସୀତାଙ୍କୁ ଯେତେବେଳେ ଯୁଦ୍ଧର ଶେଷରେ ଲଙ୍କାରୁ ଉଦ୍ଧାର କରାଗଲା, ସେତେବେଳେ ବିଭୀଷଣ ରାଜକୀୟ ବ୍ୟବସ୍ଥା ଅନୁସାରେ ସୀତାଙ୍କୁ ପରଦା ଢ଼ଙ୍କାଥିବା ସବାରୀରେ ଆଣିଥିଲେ । ଏହା ଦେଖି ଶ୍ରୀରାମଚନ୍ଦ୍ର କହିଥିଲେ 'ଏ ପିଲାମାନେ, ଅର୍ଥାତ୍ ତାଙ୍କର ଭକ୍ତ ସୈନିକମାନେ, ମା'ଙ୍କର ଦର୍ଶନ ଲାଗି ବ୍ୟାକୁଳ । ସୀତାଦେବୀ ତେଣୁ ପରଦା ବାହାରକୁ ଆସି ସେମାନଙ୍କୁ ଦର୍ଶନ ଦିଅନ୍ତୁ । ଏହା ଦ୍ୱାରା ପରସ୍ପର ମଧ୍ୟରେ ସ୍ନେହଭାବ ପୁଷ୍ଟ ହେବ । ଏପରିକି ଅଯୋଧ୍ୟାକୁ ଲେଉଟିବା ପରେ ତାଙ୍କ ସହିତ ଆସିଥିବା ବାନରମାନଙ୍କର ପରିଚୟ ନିଜ ପରିଜନଙ୍କ ଭଳି କରାଇଥିଲେ ।

ଏହି ସ୍ନେହସିକ୍ତ ପାରିବାରିକ ଭାବ ସମାଜ ବ୍ୟବସ୍ଥାକୁ ବହୁ ଉଚ୍ଚସ୍ତରକୁ ନେଇ ଯାଇଥିଲା। ସେଇଥିପାଇଁ ରାମରାଜ୍ୟ ଆଜି ପର୍ଯ୍ୟନ୍ତ ଶ୍ରେଷ୍ଠ ଓ ଆଦର୍ଶ ପାରିବାରିକ ବ୍ୟବସ୍ଥା ଭାବରେ ଉଦାହରଣ ହୋଇ ଆସିଛି । ସେଇମିତି ଆଉ ଗୋଟିଏ ଉଦାହରଣ ହେଉଛି ଶିଷ୍ଟାଚାର । ଭାରତୀୟ ସମାଜରେ ଶିଷ୍ଟାଚାର କ୍ଷେତ୍ରରେ ବୟସ୍କଙ୍କ ପ୍ରତି ସମ୍ମାନର ଭାବନା ସଂସ୍କୃତିର ଅମୂଲ୍ୟନିଧି ଭାବରେ ପରିଗଣିତ । ସେ ଶତ୍ରୁ ହେଉ ବା ମିତ୍ର, ବିନୟ ଓ ମାଧୁର୍ଯ୍ୟର ସମାବେଶ ସକାଶେ ଶ୍ରୀରାମଙ୍କ ବ୍ୟକ୍ତିତ୍ୱ ଅଧିକ ମହିମା ମଣ୍ଡିତ । ସିଦ୍ଧାନ୍ତଗତ ମତଭେଦ ଥିଲେ ସୁଦ୍ଧା ବ୍ୟବହାରିକ ଜୀବନରେ ସମ୍ମାନ ପ୍ରଦର୍ଶନ କରିବାର ଉଚ୍ଚ ଆଦର୍ଶ ତାଙ୍କ ଜୀବନରେ ସେ ପ୍ରତିଷ୍ଠା କରିପାରିଛନ୍ତି । ଲଙ୍କାର ରାଜା ରାବଣଙ୍କ ସହିତ ତାଙ୍କର ପ୍ରବଳ ପ୍ରତିଦ୍ୱନ୍ଦିତା ଥିଲା । ରାବଣର କୁଟିଳ ବୁଦ୍ଧି ଓ ସ୍ୱଭାବ ବିଷୟରେ ସେ ଜ୍ଞାତ ଥିଲେ । କିନ୍ତୁ ପାଣ୍ଡିତ୍ୟ ଓ ଶ୍ରେଷ୍ଠତା ପ୍ରତି ତାଙ୍କ ହୃଦୟରେ ଥିବା ଶ୍ରଦ୍ଧା ଭାବନା କାରଣରୁ ସେ ବିପରୀତ ଅବସ୍ଥାରେ ସୁଦ୍ଧା ସେହି ମର୍ଯ୍ୟାଦାର ପାଳନ କରିଥିଲେ । ସେଇଥିପାଇଁ ସେ ମର୍ଯ୍ୟାଦା ପୁରୁଷ ଓ ଆଦର୍ଶପୁରୁଷ ଭାବରେ ଆମ ସମାଜରେ ପୂଜିତ ।


**ପ୍ରଦୀପ୍ତ ଶ୍ରୀଚନ୍ଦନ,**
**ନିର୍ଦ୍ଦେଶକ, ପ୍ରସାରଭାରତୀ**
**ପଟିଆ, ଭୁବନେଶ୍ୱର**
**ମୋ– ୮୫୯୪୯୫୦୩୨୪**

## ମିଳିଲା ନିଖୋଜ ଛାତ୍ରୀଙ୍କ ମୃତଦେହ: ପରିବାରକୁ ଭେଟିଲେ ସମବାୟ ମନ୍ତ୍ରୀ

ମହାକାଳପଡ଼ା,(ସବ୍ୟୁ): ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଂଚାୟତ ବନ୍ଦପଡ଼ା ଗ୍ରାମରେ ଗତକାଲି ନଦୀକୁ ଗାଧୋଇ ଯାଇଥିବା ବେଳେ ଅମର ବେହେରାଙ୍କ ଝିଅ ଅଭିଲିପ୍ସା ବେହେରା ଲୁଣାନଦୀରେ ନିଖୋଜ ହୋଇଯାଇଥିଲେ । ଅଗ୍ନିଶମ ବାହିନୀ, ଓଡ୍ରାଫଟିମ୍ ଖୋଜାଖୋଜି କରିବା ପରେ ମଧ୍ୟ ଏହି ନବମ ଶ୍ରେଣୀ ଛାତ୍ରୀଙ୍କର କୌଣସି ପତା ମିଳିନଥିଲା । ଆଜି ସକାଳୁ ଅଭିଲିପ୍ସାଙ୍କ ମୃତ ଦେହ ଲୁଣାନଦୀରେ ଭାସୁଥବା ଦେଖିବାକୁ ମିଳିବା ପରେ ଉଦ୍ଧାର କରାଯାଇଥିଲା । ଏହି ଘଟଣାକୁ ନେଇ ପରିବାରରେ ପୁରା କାନ୍ଦବୋବାଳି ପଡ଼ିଛି । ଶହଶହ ସଂଖ୍ୟାରେ ଲୋକମାନେ ଆସି ଘଟଣାସ୍ଥଳରେ ରୁଣ୍ଡ ହୋଇଥିଲେ । ଏହି ଖବର ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ନିକଟରେ ପହଂଚିବା ପରେ ଆଜି ଅପରାହ୍ଣରେ ମନ୍ତ୍ରୀ ଶ୍ରୀ ନାୟକ ଅମର ବେହେରାଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାରକୁ ଭେଟିଥିଲେ । ପରିବାରର ଏହି ଦୁଃଖଦ ସମୟରେ ଭାଙ୍ଗିପଡ଼ିଥିବା ବାପ ମା, ଜ୍ଞାତି କୁଟୁମ୍ବ, ପରିବାର ସଦସ୍ୟଙ୍କୁ ଶ୍ରୀ ନାୟକ ସମବେଦନା ଜଣାଇଛନ୍ତି । ମନ୍ତ୍ରୀଙ୍କ ସହିତ ହିମାଂଶୁ ଶେଖର ସାହୁ, ରାଜ୍ୟ ବିଜୁ ମହିଳା ସମ୍ପାଦିକା ସୁରଭି ଜେନା, ବିଭୁଦତ ପରିଡ଼ା, ବାଦଲ ସାମନ୍ତରାୟ, ସଂଜୟ ସ୍ୱାଇଁ, କୀର୍ତନ ମହାପାତ୍ର, ପ୍ରକାଶ ବେହେରା, ରବିନ୍ଦ୍ର ପାଳ, ବାବାଜୀ ସ୍ୱାଇଁ, ସଂଜୟ ସ୍ୱାଇଁଙ୍କ ସମେତ ବହୁ ଲୋକ ଉପସ୍ଥିତ ରହିଥିଲେ ।

## ଟ୍ରକକୁ ପିଟିଲା ଯାତ୍ରୀବାହୀ ବସ୍, ଡ୍ରାଇଭର ହେଲପର୍ ମୃତ

ସୋନପୁର,(ସବ୍ୟୁ): ଭାରସାମ୍ୟ ହରାଇ ଟ୍ରକକୁ ପିଟିଲା ଯାତ୍ରୀବାହୀ ବସ୍ । ସୁବର୍ଣ୍ଣପୁର ଜିଲ୍ଲା ଜାତୀୟ ରାଜପଥ-୫୭ର ହରଡ଼ଖୋଲ ନିକଟରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଡ୍ରାଇଭର ଓ ହେଲପରଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଡ୍ରାଇଭର ଦମ୍ବରୁଧର ସ୍ୱାଇଁ ଓ ହେଲପର ଶିବ୍ରମ ଗୌଡ଼ ।

ରବିବାର ସକାଳେ ଯାତ୍ରୀବାହୀ ବସ୍ଟି ଜୟପୁରରୁ କଟକ ଅଭିମୁଖେ ଯାଉଥିଲା। ହରଡ଼ଖୋଲ ନିକଟରେ ବସଟି ଟ୍ରକକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବସ୍ ଡ୍ରାଇଭର ଓ ହେଲପରଙ୍କର ମୃତ୍ୟୁ ଘଟିଛି। ଏତେ ବଡ଼ ଦୁର୍ଘଟଣାରେ ୪୦ଜଣ ଯାତ୍ରୀ ବର୍ତ୍ତି ଯାଇଛନ୍ତି । ସୋନପୁର ପୁଲିସ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି। ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଜମିଜମାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ଘରପୋଡ଼ି ଓ ଘର ଭାଙ୍ଗିବା ନେଇ ଥାନାରେ ଅଭିଯୋଗ

ମହାକାଳପଡ଼ା,(ସବ୍ୟୁ): ମହାକାଳପଡ଼ା ବ୍ଲକ ବଳିପାଳ ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ର କରି ଗତକାଲି ଦୁଇଟି ପରିବାର ମଧ୍ୟରେ ଭୟଙ୍କର ଗଣ୍ଡଗୋଳ ହୋଇଛି । ଏ ନେଇ ଅରବିନ୍ଦ ଦାସ, ଯଶୋଦା ସେଠୀ, ତଅପୋଇ ସେଠୀଙ୍କ ତରଫରୁ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି । ପୃଥକ ପୃଥକ ଅଭିଯୋଗ ହେଲା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଅରବିନ୍ଦ ଦାସ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ତାଙ୍କ ଭାଇଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି । ସଂଘବଦ୍ଧ ଭାବେ ଗ୍ରାମର କିଛି ଲୋକ ଏହି କାଣ୍ଡ ଭିଆଇଛନ୍ତି । ସେହିପରି ଯଶୋଦା ସେଠୀ ଅଭିଯୋଗ କରିଛନ୍ତି ତାଙ୍କ ଆଜବେଷ୍ଟସ ଘରକୁ ଭାଙ୍ଗିବା ଏବଂ ତାଙ୍କୁ ମଧ୍ୟ ବିଭିନ୍ନ ପ୍ରକାର ଆକ୍ରମଣ ନେଇ ଅଭିଯୋଗ ହୋଇଛି । ଅପରପକ୍ଷେ ତଅପୋଇ ସେଠି ଅଭିଯୋଗ କରିଛନ୍ତି ତାଙ୍କ ଘରକୁ ଦୁର୍ବୃତ୍ତମାନେ ପୋଡ଼ି ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଏହିକି ବଳିପାଳ ଗ୍ରାମର ଦୁଇଟି ପରିବାର ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଜାଗାକୁ କେନ୍ଦ୍ରକରି ଦୀର୍ଘଦିନ ହେବ ବିବାଦ ରହି ଆସିଥିଲା । ଗତ ୨୫ ତାରିଖରେ ତହସିଲ କାର୍ଯ୍ୟାଳୟରୁ ସରକାରୀ ଅମିନ ଓ ମହାକାଳପଡ଼ା ପୋଲିସ ଉପସ୍ଥିତିରେ ମାପଚୁପ ହୋଇଥିଲା । ମାପଚୁପ ସରିବା ପରେ ଅମିନ କରିଥିବା ସୀମା ନିର୍ଦ୍ଧାରଣ ଅନୁଯାୟୀ ଖୁଂଟପୋତା ହେବା ଆରମ୍ଭରେ ଏହି ଘଟଣା ଘଟିଛି । ତେବେ ଏହା ପରେ ପରସ୍ପର ଉପରେ ଆକ୍ରମଣ କରିବା, ଘର ପୋଡ଼ିବା ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ଉଠିଛି । ଗତକାଲି ରାତିରେ ବଳିପାଳ ଗ୍ରାମରେ ଘର ପୋଡ଼ିବା ନେଇ ମହାକାଳପଡ଼ା ଥାନାରେ ଆସି ଅଭିଯୋଗ ପହଂଚିଛି ।

## ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳିତ

କରଞ୍ଜିଆ , (ସବ୍ୟୁ) :କରଞ୍ଜିଆ ଓକିଲ ସଂଘ ପକ୍ଷରୁ କଚେରୀ ପରିସରରେ ରବିବାର ଦିନ ମଧୁବାବୁ ଜୟନ୍ତୀ ବା ଅଧିବକ୍ତା ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମର ସଭାପତିତ୍ୱରେ ଓକିଲ ସଂଘ ସଭାପତି ବାଞ୍ଛାନିଧି ପୃଷ୍ଟି କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ବିଚାରାଳୟ ପୋଟଫୋଲିଓ ଜଜ୍ ଆଦିତ୍ୟ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଦୈରା ଜଜ୍ ପ୍ରଶାନ୍ତ କୁମାର ମିଶ୍ର, ବରିଷ୍ଠ ଆଇନଜୀବି ଲଳିତ କୁମାର ମହାନ୍ତ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଅତିଥି ଗଣ କଚେରୀ ପରିସରରେ ଥିବା ମଧୁସୂଦନ ଦାସ, ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଧୂପ ଜଳାଇ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। କରଞ୍ଜିଆ ଓକିଲ ସଂଘ ପକ୍ଷରୁ ଶ୍ରୀ ମହାପାତ୍ରଙ୍କୁ ଉତ୍ତୋରିୟ ଓ ଉପଢ଼ୌକନ ଦେଇ



ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଗଣ ଅଧିବକ୍ତା ଦିବସ ପାଳନ ତାତ୍ପର୍ଯ୍ୟ ଓ ମଧୁସୂଦନ ଦାସଙ୍କ ଓକିଲ ସମାଜ ପ୍ରତି ଥିବା ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଶ୍ରୀ ମହାପାତ୍ର ଆଇନଜୀବୀ ମାନେ ସ୍ୱ ପଥରେ ରହି ଭୁଲ ଠିକ୍ ହୃଦବୋଧ କରି କାର୍ଯ୍ୟ କଲେ ସମାଜର ମଙ୍ଗଳ ହୋଇପାରିବ ବୋଲି ଉଦବୋଧନ ଦେଇଥିଲେ।ଯୁଗ୍ମ ସମ୍ପାଦକ ସରୋଜ କୁମାର ରାଉଳ, କୋଷାଧ୍ୟକ୍ଷ ବାବୁରାମ ବେଶ୍ରା,ସଭ୍ୟ ପିପୁନ ସାହୁ,ମହମ୍ମଦ ଫିରୋଜ, ପୂର୍ବତନ ଓକିଲ ସଂଘ ସଭାପତି ଦୀପକ କୁମାର ଦାସ ଅଧିକାରୀ,ବରିଷ୍ଠ ଆଇନଜୀବି ନବ କିଶୋର ପଣ୍ଡା,ମନୋଜ କୁମାର ମହାନ୍ତି, ତଥା ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ। ଏହି ଦିବସକୁ ଅଧିକ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଏବଂ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ କରଞ୍ଜିଆ ଅଞ୍ଚଳ ଓ ଚିକିତ୍ସାଳୟ ଓଡ଼ିଶା ରକ୍ତକେନ୍ଦ୍ର ଠାରେ ରକ୍ତର ଆବଶ୍ୟକତା ଉପଲବ୍ଧି କରି ଓକିଲ ସଂଘ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ରକ୍ତଦାନ ଶିବିର କାର୍ଯ୍ୟକ୍ରମକୁ ଓଡ଼ିଶା ମୁଖ୍ୟ ନ୍ୟାୟାଳୟର ମୟୂରଭଞ୍ଜ ପୋଟଫୋଲିଓ ଜଜ୍ ଆଦିତ୍ୟ କୁମାର ମହାପାତ୍ର ଶୁଭ ଉଦଘାଟନ କରିଥିଲେ। ରକ୍ତଦାନ ଶିବିରକୁ ଓଡ଼ିଶା ରକ୍ତକେନ୍ଦ୍ର ପରିଚାଳକ ଡଃ ଗୌରାଙ୍ଗ ଚରଣ ବାରିକଙ୍କ ପରିଚାଳନାରେ ରଜତ କୁମାର ମହାକୁଡ଼, ତ୍ରିଲୋଚନ ମହାନ୍ତ କପିଳେନ୍ଦ୍ର ଦେବ ରାଉତ ସୁମନ୍ତ ମହାନ୍ତ ଏବଂ ଅଭିଜିତ ମୁଖି ସହଯୋଗ ପ୍ରଦାନ କରିଥିଲେ। ଏହି ଶିବିରରେ ମୋଟ୍ ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାନ କରିଥିବା ପ୍ରମୁଖ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ସାମ୍ବାଦିକ ବି ଦିବ୍ୟେନ୍ଦୁ ଶେଖର,ବିନ୍ଦୁସାର ଦାଶ ଓ ସୁରଜ ସିଂ, ସୁଶ୍ରୀ ମଧୁସ୍ମିତା, ଦିବ୍ୟ ପ୍ରସାଦ ସାହୁ, ଦୀନକୃଷ୍ଣ ନାଏକ, ରତିକାନ୍ତ ଖାଟୁଆ ଅନ୍ୟତମଛଏହା ଛଡ଼ା ଭୂମିକା ଚକ୍ଷୁ ଚିକିତ୍ସାଳୟ କର୍ମଚାରୀ ମାନେ ମଧ୍ୟ ରକ୍ତ ଦାନ କରିଥିଲେ। ଓକିଲ ସଂଘ ପକ୍ଷରୁ ସମସ୍ତ ରକ୍ତଦାନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ପାଦକ ଦିବ୍ୟ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ମୁକୁନ୍ଦପୁରପାଟଣା ପଞ୍ଚାୟତ : ଦୁର୍ନୀତି ଗ୍ରସ୍ତ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଅର୍ଥ ଦଣ୍ଡାଦେଶ

କେନ୍ଦୁଝର , (ସ୍ୱପ୍ର) : କେନ୍ଦୁଝର ଜିଲ୍ଲାର ଘଟଗାଁ ବ୍ଲକ୍ ଅନ୍ତର୍ଗତ ବହୁ ଚର୍ଚ୍ଚିତ ମୁକୁନ୍ଦପୁରପାଟଣା ପଞ୍ଚାୟତ ରାଜ୍ୟ ସରକାରଙ୍କ ଠାରୁ ତଥା ଜାତୀୟ ସ୍ତରରେ ମଧ୍ୟ ଅନେକ ପୁରସ୍କାର ହାସଲ କରି ଉକ୍ତ ପଞ୍ଚାୟତକୁ ଓ ଉଚ୍ଚ ସ୍ତରକୁ ନେଇଥିବା ଦେଖାଯାଇଥିଲା। ମାତ୍ର ପୁରସ୍କାରର ଛଳନା ଥିଲା ପଞ୍ଚାୟତର ଜନସାଧାରଣଙ୍କ ଟିକସ ଟଙ୍କା ଓ ସରକାରଙ୍କ ଅନୁଦାନ ଅର୍ଥକୁ ଲୁଟ କରିବା ସହିତ ବ୍ୟାପକ ଅନିୟମିତତା କରିଥିବାର ଫନ୍ଦାଫାସ ହୋଇଛି । ସୂଚନାଯୋଗ୍ୟ ସରକାରଙ୍କ ଏକ ସ୍ୱତନ୍ତ୍ର ଅଡିଟି କରାଯିବା ପରେ ସଂପୃକ୍ତ ଥିବା କଳାକାରନାମା ଲୋକଲୋଚନକୁ ଆସିବା ପରେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇପଡିଥିଲା। ଏହିଦୁର୍ନୀତିରେ ସଂପୃକ୍ତ ଥିବା ଦୁଇ ଅଧିକାରୀଙ୍କୁ ଜେଲ୍ ଦଣ୍ଡା ଦେଶ ଦେବାପାଇଁ ସରକାରଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରେ ପଞ୍ଚାୟତ ବାସୀଙ୍କ ପକ୍ଷରୁ ଦୃଢ଼ ଦାବି ଉପସ୍ଥାପିତ କରାଯାଇଥିଲା। ୨୨ ଲକ୍ଷ ୯୩ ହଜାର ୩୨୭ ଟଙ୍କା ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀଙ୍କ ଠାରୁ ତୁରନ୍ତ ଆଦାୟ ପାଇଁ ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ଅତିରିକ୍ତ ଶାସନ ସଚିବ ପତ୍ର ନଂ୭୦୬୮ ମାର୍ଚ୍ଚ ୨୦ ତାରିଖ ଦିନ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ଏହାସହିତ ୧ କୋଟି ୭୭ ଲକ୍ଷ ୫୩ ହଜାର ଟଙ୍କା ବିନିଯୋଗ ଉପରେ ଅଡିଟରମାନେ ଆପତ୍ତି ଉଠାଇଛନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଘଟଗାଁ ବ୍ଲକର ମୁଖ୍ୟାଳୟ ମୁକୁନ୍ଦପୁରପାଟଣା ପଞ୍ଚାୟତ ରାଜ୍ୟର ଗୁରୁତ୍ୱ ପୂର୍ଣ ଅଞ୍ଚଳ। ଉକ୍ତ ପଞ୍ଚାୟତ ଅଧିନରେ ମା’ ତାରିଣୀ ପୀଠ ରହୁ ଥିବାରୁ ଏହାର ଉନ୍ନତିକରଣ ଠାରୁ ଆରମ୍ଭ କରି ପଞ୍ଚାୟତର ରୋଜଗାର ମଧ୍ୟ ଅନ୍ୟଅଞ୍ଚଳ ଠାରୁ ଆଗରେ ରହିଛି। ପଞ୍ଚାୟତ କର୍ତ୍ତୃପକ୍ଷ ସରକାରଙ୍କ ଯୋଜନା ସହିତ ଅନେକ ନିଜସ୍ୱ ଯୋଜନାରେ ଜନହିତକରକାର୍ଯ୍ୟ କରି ଏକ ଆଦର୍ଶ ପଞ୍ଚାୟତ ଭାବେ ପରିଚୟ ହାସଲ କରିଛନ୍ତି। ମାତ୍ର ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଭଦ୍ର ମୁଖା ତଳେ ଅନୁଦାନକୁ ହଡ଼ପ କରିବା ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଥିବା ଏବେ ଅନେକ ପ୍ରମାଣ ମିଳିଛି।ପଞ୍ଚାୟତରେ ବ୍ୟାପକ ଅନିୟମିତତା ହେଉଥିବା ଖବର ସରକାର ପାଇବା ପରେ ୨୦୦୭ ମସିହା ଅପ୍ରେଲ ୧ ତାରିଖରୁ ୨୦୨୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପଞ୍ଚାୟତର କର୍ଯ୍ୟକଳାପ ଉପରେ ସ୍ୱତନ୍ତ୍ର ଅଡିଟ୍ କରିଥିଲେ। ଦୀର୍ଘ ୬ ମାସ ଧରି ଅଡିଟ୍ ହେବା ପରେ ଏହି ଅନିୟମିତତା ଧରାପଡିଛି । ଅଡିଟରଙ୍କ ସୁପାରିଶ କ୍ରମେ ରାଜ୍ୟ ସରକାର ସରକାରୀ ଅନୁଦାନରେ ଅନିୟମିତତା ସମ୍ପର୍କରେ ପଞ୍ଚାୟତର ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କୁଦାୟୀ କରିଛନ୍ତି। ସରପଞ୍ଚ ଓ ନିର୍ବାହୀ ଅଧିକାରୀ ବେଆଇନ ଭାବେ ବିନିଯୋଗ କରିଥିବା ୨୨ ଲକ୍ଷ ୯୩ ହଜାର ୩୫୭ ଟଙ୍କା ତୁରନ୍ତ ଆଦାୟ ପାଇଁ ଜିଲ୍ଲାପାଳଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଅବଶିଷ୍ଟ ୧ କୋଟି ୭୭ ୭ ଲକ୍ଷ ୫୩ ହଜାର ଟଙ୍କାର ବିନିଯୋଗ ନେଇ ସଠିକ୍ କାଗଜପତ୍ର ପଞ୍ଚାୟତ କର୍ତ୍ତୃପକ୍ଷ ଦାଖଲ କରିନଥିବାରୁ ଏହାର ବିନିଯୋଗ ଉପରେ ମଧ୍ୟ ଆପତ୍ତି କରିଛନ୍ତି ଅଡିଟର । ଉକ୍ତ ବ୍ୟୟ ହୋଇଥିବା ଟଙ୍କାର ଜାଗଜପତ୍ର ଦାଖଲ ନକଲେ ତାହା ମଧ୍ୟ ବେଆଇନ ଖର୍ଚ୍ଚର ଦର୍ଶାଯିବ ବୋଲି ଅଡିଟର ଚେତାଇ ଦେଇଛନ୍ତି। ଏକଦା ଆଦର୍ଶ ପଞ୍ଚାୟତରେ ଏଭଳି କଳାକାରନାମା ପଦାକୁ ଆସିବା ପରେ କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଲଙ୍ଗଳକଣ୍ଟି ଗ୍ରାମରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଢ଼େଙ୍କିକୋଟ ,(ସବ୍ୟୁ):ଘସିପୁରା ନିର୍ବାଚନ ମଣ୍ଡଳୀ ଘଟଗାଁ ବ୍ଲକ୍ ଢ଼େଙ୍କିକୋଟ ପଞ୍ଚାୟତ ଅନ୍ତର୍ଗତ ଲଙ୍ଗଳକଣ୍ଟି ଠାରେ ରବିବାର ଦିନ ଘରେ ଘରେ ଶଂଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । । ଶହ ଶହ ଶଂଖ ପ୍ରେମୀ ପୁରୁଷ,ମହିଳା ହାତରେ ଶଂଖ ଚିହ୍ନର ପତାକାଧରି ପଦଯାତ୍ରା ରେ ଯାଇକି ଘରେ ଘରେ ଶଂଖ ଚିହ୍ନର ଷ୍ଟିକର ମାରିଥିଲେ । । ଏହି କାର୍ଯ୍ୟକ୍ରମରେ ବ୍ଲକ୍ ସଭାପତି ଦୋଳଗୋବିନ୍ଦ ବେହେରାଙ୍କ ସମେତ ସରପଞ୍ଚ ଖଇର ନାଏକ, ବିଜୁ ଜନତା ଦଳ ଭେଟେରାନ ତଥା ଡ଼ାଇନାମିକ ଲିଡର ବିଜୟ କୁମାର ସାହୁ,କୃଷ୍ଣଚନ୍ଦ୍ର ବାରିକ,ଦିଗାମ୍ବର ନାୟକ,ବିଜୟ ପାଲ,ପଂକଜ ବେହେରା, ସେକ ତାହିର, ଦୀନେଶ ମିଶ୍ର,ସିକନ ପାଢୀ,ସୁରେନ୍ଦ୍ର ଜେନା (ଜିଲାପରିଷଦ ) ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ ।

## ଭଡ଼ାଟିଆଙ୍କ ପରକୀୟା ପ୍ରେମ ନେଲା ଘରମାଲିକଙ୍କ ଜୀବନ

ନୀଳଗିରି,(ସବ୍ୟୁ) : ପ୍ରେମ ଶାସ୍ୱତ ଓ ଅମର । ମାତ୍ର କାମନା ଓ ବାସନାରେ ବଶବର୍ତ୍ତି ହୋଇ ଶାରୀରିକ ସମ୍ପର୍କ ରଖିବାର ହୀନ ପ୍ରୟାସ ଶେଷରେ ଜଣଙ୍କର ଜୀବନ ନେଇଥିବା ଭଳି ଘଟଣା ଦେଖିବାକୁ ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଲାବଣ୍ୟଦେଇପୁର ପଞ୍ଚାୟତ କୁଟୁରିଆ ଗ୍ରାମର ଶ୍ରୀରାମ ସିଂଙ୍କ ଘରେ ୨ଜଣ ଭଡ଼ାଟିଆ ଘରଭଡ଼ା ନେଇ ରହିଆସୁଥିଲେ । ରାଇରଙ୍ଗପୁର ଜାମଦାବ୍ଲକ ଅଞ୍ଚଳର ଅଶୋକ ସେଠୀ ଉକ୍ତ ଘରେ ଭଡ଼ାଟିଆ ଭାବେ ରହି ଷ୍ଟୁଡ଼ିଓ କରି ଦୋକାନ ଦେଇଥିବା ବେଳେ ଅନ୍ୟଜଣେ ଭଡ଼ାଟିଆ ମଧ୍ୟ ପରିବାର ସହ ଭଡ଼ାରେ ରହିଆସୁଥିଲେ । ଘଟଣାକ୍ରମେ ଉଭୟ ପରିବାର ମଧ୍ୟରେ ଘନିଷ୍ଠତା ବଢିଥିଲା । ସମୟକ୍ରମେ ଅଶୋକ ସେଠୀଙ୍କ ସହ ଅନ୍ୟ ଭଡ଼ାଟିଆଙ୍କ ପତ୍ନୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା । ଏକଥା ଘରମାଲିକ ଜାଣିବା ପରେ କାଳେ ଘଟଣା ପ୍ରଘଟ ହୋଇଯିବ ତେଣୁ ଶ୍ରୀରାମକୁ ରାସ୍ତାରୁ ହଟାଇ ଦେବାକୁ ଅଶୋକ ସେଠୀ ଅନ୍ୟଜଣେ ସାଙ୍ଗ ଅଶୋକ ମହାନ୍ତଙ୍କ ସହାୟତା ଲୋଡ଼ିଥିଲା । ସୁଯୋଗ ଦେଖି ଗତ ବୁଧବାର ରାତିରେ ଶ୍ରୀରାମ ସିଂଙ୍କୁ କୌଶଳକ୍ରମେ ଘରୁ ଡାକିନେଇ ଏକ ମଟର ସାଇକେଲରେ ବସାଇ ବରହମ୍ପୁର ଥାନା କଳାକାଦ ନିକଟ ଭାଗାକିଆରି ତିନିକୋଶିଆ ଜଙ୍ଗଲରେ ହତ୍ୟା କରି ପଳାଇ ଆସିଥିଲେ । ରାତିରେ ସ୍ୱାମୀ ଶ୍ରୀରାମ ସିଂ ଘରକୁ ନଫେରିବାରୁ ତାଙ୍କ ସ୍ତ୍ରୀ ମାଳତୀ ହେମ୍ବ୍ରମ ଶରତ ଥାନାରେ ଏ ବାବଦରେ ଏକ ଅଭିଯୋଗ କରିଥିଲେ । ତେବେ ଅନ୍ଧାରରେ ସ୍ୱାମୀ ଘରୁ ଯିବାବେଳେ ଅଶୋକ ସେଠୀକୁ ଶ୍ରୀରାମ ସିଂଙ୍କ ସ୍ତ୍ରୀ ମାଳତୀ ଚିହ୍ନିପାରିଥିବା ବେଳେ ତାଙ୍କ ମନରେ ସନ୍ଦେହ ହେବାରୁ ସେ ଥାନାରେ ଅଶୋକ ସେଠୀଙ୍କ ନାମ ପ୍ରକାଶ କରିଥିଲେ । ଶରତ ଥାନା ପୋଲିସ ଅଶୋକ ସେଠୀକୁ ଧରିନେଇ ଅଟକ ରଖି ପଚାରାଉଚରା କରିବା ବେଳେ ଅଶୋକ ସମସ୍ତ କଥା ମାନିଯାଇଥିଲା । ପରେ ଶରତ ଥାନା ପୁଲିସ ବରହମପୁର ଥାନା ପୁଲିସ ସହାୟତାରେ ଶନିବାର ରାତି ୩ଟା ସମୟରେ ଅଶୋକକୁ ଆଣି ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଶବଚିହ୍ନଟ କରିଥିଲେ । ଆଜି ସାଇନଟିଫିକ୍ ଟିମ୍ ସହ ଉଦଳା ପୁଲିସ ମୃତ ଶ୍ରୀରାମର ପତ୍ନୀ ମାଳତୀ ସହିତ ଆସି ଶବଚିହ୍ନଟ କରିବା ପରେ ଶବକୁ ଜବଦ କରି ବ୍ୟବଚ୍ଛେଦ ନିମନ୍ତେ ଉଦଳା ନେଇଯାଇଥିବା ଜଣାପଡ଼ିଛି । ଏହି ଘଟଣା ନୀଳଗିରି ଓ ଶରତ ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯିବା ସହ ଚର୍ଚ୍ଚାର ବିଷୟ ହୋଇଛି।

## କେନ୍ଦୁଝର ଜିଲ୍ଲା ପତଞ୍ଜଳି ଯୋଗପୀଠ କାର୍ଯ୍ୟକାରିଣୀ ପୁନଃଗଠନ

କେନ୍ଦୁଝର , (ସ୍ୱପ୍ର) : କେନ୍ଦୁଝରଗଡ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝର ଜେଲ ରୋଡ ସ୍ଥିତ ସମ୍ମିଳନୀ ପକ୍ଷରେ ଓଡ଼ିଶା ରାଜ୍ୟ ଭାରତ ସ୍ୱାଭିମାନ ଟ୍ରଷ୍ଟର ପ୍ରଭାରୀ ସୁଧାଂଶୁ ଅଧିକାରୀଙ୍କ ସଭାପତିତ୍ୱରେ ପଞ୍ଚସଙ୍ଗଠର ପ୍ରଭାରୀ ଏବଂ ସାଧାରଣ ସଭ୍ୟଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମାଗୁଣି ଚରଣ ବାରିକ, ପତଞ୍ଜଳି ଯୋଗ ସମିତିର ଡମ୍ବରୁଧର ମହାନ୍ତ , ଭାରତ ସ୍ୱାଭିମାନ ଟ୍ରଷ୍ଟର ଜୟନ୍ତୀ ଲତା ମହାନ୍ତ , ମହିଳା ପତଞ୍ଜଳି ଯୋଗ ସମିତିର ଶ୍ରୀ ଭଞ୍ଜ କିଶୋର ସାହୁ,ଯୋଗ ଭାରତ ସଙ୍ଗଠନର ।ସୁଦେବ ମୁଣ୍ଡା, ପତଞ୍ଜଳି କିଶାନ ସେବା ସମିତିର ଜିଲ୍ଲା ପ୍ରଭାରୀ ରୂପେ ପୂନ୍ନ ମନୋନୀତ ହୋଇଥିଲେ। ୧୯ ଜଣସଭ୍ୟ ବିଶିଷ୍ଟ ଜିଲ୍ଲା କାର୍ଯ୍ୟକାରିଣୀ ଗଠିତ ହେଇଥିଲା।ଯୋଗକୁ ପ୍ରତି ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବାକୁ ରାଜ୍ୟ ପ୍ରଭାରୀ ସୁଚିନ୍ତିତ ପରାମର୍ଶ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିର୍ବାଚନରେ...

କରିବା ଉଚିତ ନୁହେଁ । ତେବେ କୌଣସି ରାଜନୈତିକ ଦଳର ନେତାଙ୍କ ନିକଟରେ ମା’ ବାପା ଓ ଅଭିଭାବକ ସାଥୀରେ ଶିଶୁ ଥିବା କିମ୍ବା ସେମାନଙ୍କ କୋଳରେ ରହିଥିବା କିନ୍ତୁ କୌଣସି ରାଜ୍ୟ ନୈତିକ ଦଳର ନିର୍ବାଚନ ସମ୍ପର୍କିତ ପ୍ରଚାର ମଧ୍ୟରେ ସମ୍ପୃକ୍ତ ନଥିବ ସେ କ୍ଷେତ୍ରରେ ନିୟମାବଳୀର ଉଲ୍ଲଂଘନ ବୋଲି ଧରାଯିବ ନାହିଁ । ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ସମ୍ପର୍କରେ ସବୁ ଦଳ ତଥା ପ୍ରାର୍ଥୀଙ୍କୁ ଅବଗତ କରାଯାଉଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି ।

### ପ୍ରତିଶ୍ରୁତି...

ଶିଶୁମାନଙ୍କୁ ଧରିବା, ଗାଡ଼ିରେ ଶିଶୁଙ୍କୁ ନେବା ଓ ଶିଶୁଙ୍କୁ ନିର୍ବାଚନ ପ୍ରଚାର ଓ ଶୋଭାଯାତ୍ରାରେ ବ୍ୟବହାର କରିବା ନିୟମାବଳୀର ଉଲ୍ଲଂଘନ ବୋଲି ଧରାଯିବ । କୌଣସି ଦଳ ଅଥବା ପ୍ରାର୍ଥୀଙ୍କ ସପକ୍ଷରେ କହିବା, ଗୀତ କି କବିତା ବୋଲିବା, କୌଣସି ଦଳ ଅଥବା ପ୍ରାର୍ଥୀଙ୍କ ଚିହ୍ନ ପ୍ରଦର୍ଶନ କରିବା, ରାଜନୈତିକ ଦଳର ଆଦର୍ଶ ପ୍ରଦର୍ଶନ କରିବା, କୌଣସି ରାଜନୈତିକ ଦଳର ସଫଳତାକୁ ପ୍ରୋତ୍ସାହନ ଦେବା କିମ୍ବା ବିପକ୍ଷ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କୁ ସମାଲୋଚନା ଲୁଟ୍ କରିଚାଲିଥିବା କହିଥିଲେ । ମୋଦୀ ସରକାର ୨୨ ଜଣଙ୍କୁ ୧୬ଲକ୍ଷ କୋଟି ଟଙ୍କା ଋଣ ଛାଡ କରିଥିଲା ବେଳେ ଚାଷୀମାନଙ୍କୁ କୌଣସି ଋଣ ଛାଡ କରିନଥିବା କହିଥିଲେ । ଚାରା ରୋପଣ ନାଁରେ ୧୫ ହଜାର କୋଟି ଟଙ୍କା ଲୁଟ୍ କରିଥିବା ବେଳେ ଖଣିରୁ ୯ ଲକ୍ଷ କୋଟି ଟଙ୍କା ମୋଦୀ ସରକାର ଲୁଟ୍ କରିଥିବା କହିଥିଲେ । କଂଗ୍ରେସ ସରକାର ଆସିଲେ ଏହି ଟଙ୍କାକୁ ଫେରସ୍ତ କରି ଲୋକମାନଙ୍କ ପାଇଁ କାର୍ଯ୍ୟ କରିବ ବୋଲି ପ୍ରକାଶ କରିଥିଲେ । ଏହି ଅର୍ଥରେ ଦେଶର କୋଟି କୋଟି ଗରିବ, ଖଟିଖିଆ, ମୂଲିଆ ଶ୍ରେଣୀର ପରିବାରର ଜଣେ ଲେଖାଏଁ ମହିଳାଙ୍କୁ ବଛାଯାଇ ବର୍ଷକୁ ୧ଲକ୍ଷ ଟଙ୍କା ଲେଖାଏଁ ତାଙ୍କ ବ୍ୟାଙ୍କଖାତାରେ ଜମା କରାଯିବା ପାଇଁ ପ୍ରକାଶ କରିଥିଲେ । ଏହାଛଡା ତେଲେଙ୍ଗାନା ଓ କର୍ଣ୍ଣାଟକ ରାଜ୍ୟଭଳି ଓଡିଶାରେ ମଧ୍ୟ ଲୋକମାନଙ୍କୁ ସବୁପ୍ରକାର ସୁବିଧା ସୁଯୋଗ ଦିଆଯିବ । ବିଶେଷ କରି ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି, ୫୦୦ ଟଙ୍କାରେ ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦିଆଯିବ । ଏହାଛଡା ଚାଷୀମାନଙ୍କୁ ଧାନ କ୍ୱିଣ୍ଟାଲ ପ୍ରତି ୩ହଜାର ଟଙ୍କା, ମନେରେଗାରେ ୪୦୦ ଟଙ୍କା ମଜୁରୀ, ମହିଳାମାନଙ୍କ ଜମାଖାତାକୁ ମାସକୁ ୨ ହଜାର ଟଙ୍କା ଓ ବେକାରୀ ଯୁବକ ଯୁବତୀଙ୍କ ଖାତାକୁ ମାସିକ ୩ ହଜାର ଟଙ୍କା , ଚାଷୀଙ୍କୁ ମାସିକ ଭତ୍ତା ୩ ହଜାର ଟଙ୍କା, ଆଦିବାସୀଙ୍କୁ ଜଳ ଜଙ୍ଗଲ ଜମି ହସ୍ତାନ୍ତର, ଆଶା ଅଙ୍ଗନୱାଡି କର୍ମୀଙ୍କୁ ଦୁଇ ଗୁଣ ପାରିଶ୍ରମିକ ଆଦି ସୁବିଧା କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏହିଭଳି ରାହୁଲ ରାଜ୍ୟର ଅନେକ ପ୍ରସଙ୍ଗ ଉଠାଇଥିଲେ ଯାହାକୁ କଂଗ୍ରେସ ଚଳିତ ନିର୍ବାଚନ ପ୍ରଚାରରେ ମୁଖ୍ୟ ମୁଦା କରିବ । ରାହୁଲ ଦିନିକିଆ ଓଡିଶା ଗ୍ରସ୍ତ ପରେ କଂଗ୍ରେସ କର୍ମୀ ମହଲରେ ବେଶ୍ ଉତ୍ସାହ ଉଦ୍ଦୀପନା ପ୍ରକାଶ ପାଇଥିବା ଦେଖାଯାଇଥିଲା । ସଭାସ୍ଥଳରେ ବିପୁଳ ସଂଖ୍ୟାରେ କଂଗ୍ରେସ କର୍ମୀମାନଙ୍କୁ ଦେଖି ଚଳିତ ନିର୍ବାଚନରେ କଂଗ୍ରେସର ଭୋଟ ହାର ନିଶ୍ଚିନ୍ତଭାବେ ବୃଦ୍ଧି ହେବ ବୋଲି ଆଶଙ୍କା କରାଯାଇଛି । ଗ୍ରୀଷ୍ମର ପ୍ରବଳ ପ୍ରକୋପ ରହିଥିଲେ ମଧ୍ୟ ତାହାକୁ ଖାତିରି ନକରି ଏହି ସତ୍ୟ ସମାବେଶରେ କେନ୍ଦ୍ରାପଡା, କଟକ, ଜଗତସିଂହପୁର ଓ ଯାଜପୁର, ସାଂସଦ କ୍ଷେତ୍ରର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୧୫ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇ ରାହୁଲଙ୍କ ପ୍ରତିଶୃତି ଶୁଣି ବହୁ ଉତ୍ସାହିତ ହୋଇଥିବା ଦେଖିବାକୁ ମିଳିଛି । ଏହି ସମାବେଶରେ ରାଜ୍ୟ ପ୍ରଭାରୀ ଅଜୟ କୁମାର, ତେଲେଙ୍ଗାନାର ଉପମୁଖ୍ୟମନ୍ତ୍ରୀ, ପୂର୍ବତନ ପିସିସି ସଭାପତି ପ୍ରଶାନ୍ତ ହରିଚନ୍ଦନ, ଜୟଦେବ ଜେନା, ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ମହମ୍ମଦ ମୋକିମ୍, କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀଙ୍କ ସମେତ ଚାରି ସାଂସଦୀୟ କ୍ଷେତ୍ରର ଲୋକସଭା ପ୍ରାର୍ଥୀ ଓ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଓ କଂଗ୍ରେସ କମିଟିର କର୍ମକର୍ତ୍ତାମାନେ ଏଥିରେ ଯୋଗଦେଇଥିଲେ ।

## ଲଙ୍କାପୋଡି ଦ୍ୱାଦଶ ଦିବସ: ସୀତା ଠାବ ଓ ରାବଣ ଛତ୍ର ଛେଦନ

ଦଶପଲ୍ଲା , (ସବ୍ୟୁ) : ଦଶପଲ୍ଲା ଲଙ୍କାପୋଡି ଯାତ୍ରା ର ଦ୍ୱାଦଶ ଦିବସ ରେ ରାମାୟଣ ର ସୁନ୍ଦରାକାଣ୍ଡ ନାଟକ ପରିବେଷଣ କରାଯାଏ। ମୁଖ୍ୟ ମଞ୍ଚ ରେ ସୀତା ଠାବ ଓ ରାବଣ ଛାତ୍ର ଛେଦନ ନାଟକ ମଂଚସ୍ଥ ହୋଇ ଯାଇଛି । ବର୍ଷା ଋତୁ ସର୍ଷ ହୁଅନ୍ତେ ସୁଗ୍ରୀବ ଙ୍କ ସେନା ଓ ଗୁପ୍ତଚର ଙ୍କୁ ସୀତା ଖୋଜିବାକୁ ପ୍ରେରଣ କରାଯାଏ। ଚାରି ଦିଗକୁ ସୈନ୍ୟ ଓ ଦୂତ ପ୍ରେରସନ ବେଳେ ଦକ୍ଷିଣ ଦିଗକୁ ସ୍ୱତନ୍ତ୍ର ଧ୍ୟାନ ଦେଇ ଯୁବରାଜ ଅଙ୍ଗଦ ଙ୍କ ନେତୃତ୍ୱରେ ଜାମ୍ବବାନ ନଳ ,ନୀଳ ସୁଷେନ, ହନୁମାନ ଆଦି ଅଷ୍ଟବିର ଗମନ କରି ବାଟରେ ମହାଶୂର କୁ ବଦ୍ଧ କରନ୍ତି ଓ ସମୁଦ୍ର କୂଳରେ ପହଞ୍ଚନ୍ତି ସେଠାରେ ସମ୍ପତି ପକ୍ଷୀ ଖାଇବାକୁ ସେମାନଙ୍କୁ ଆକ୍ରମଣ କଲାବେଳେ ସେମାନଙ୍କ ସଂସ୍ପର୍ଶରେ ପୂର୍ବରୁ ତାର ପୋଡିଯାଇଥିବା ପକ୍ଷୀ ସବୁ କଅଁଳି ଯାଏ । ଏମାନେ ଭଗବାନ



ଶ୍ରୀରାମ ଙ୍କ ଦୂତ ଜାଣି ସେମାନଙ୍କୁ ନିଜ ଡେଣାରେ ବସାଇ ଦୂରରୁ ଲଙ୍କା ଦର୍ଶନ କରାଏ ଛ ଶେଷରେ ସାତ ଯୋଜନସମୁଦ୍ର ଲଘିବାକୁ ଜାମ୍ବବାନ ଙ୍କ ପରାମର୍ଶ କ୍ରମେ ହନୁମାନ ତାଙ୍କର ପୂର୍ବ ବଳ ଫେରି ପାଆନ୍ତି । ଲଙ୍କାକୁ ଲମ୍ଫ ଦେବାବେଳେ ବାଟରେ ଦୈତ୍ୟ ମାତା ସିଂହୀକା କୁ ବଧ କରି ନାଗ ମାତା ଙ୍କ ବରପ୍ରାପ୍ତି ହୋଇ ଲଙ୍କାରେ ପ୍ରବେଶ କରନ୍ତି।ପରେ ଅଶୋକ ବନରେ ସୀତାଙ୍କୁ ଠାବ କରନ୍ତି ଛ ଶ୍ରୀରାମ ଙ୍କ ସମ୍ବାଦ ହନୁମାନ ସେଠାରେ ସୀତା ଙ୍କୁ ଦେଇ ସନ୍ତକ ସ୍ୱରୂପ ସୀତା ଙ୍କ ମିଦ୍ରିକା ନେଇ ଆସନ୍ତି ଛ ମାତ୍ର ଆସିବା ପୂର୍ବରୁ ରାବଣ ର ଅଶୋକ ବନ ଭଙ୍ଗାରୁଜା କରି ଅସୁର ନିପାତ କରନ୍ତି । ଏଣୁ ରାବଣ ର ସାନପୁଅ ଅକ୍ଷକୁମାର ଯୁଦ୍ଧ କୁ ଆସି ନିହତ ହୁଏ ।ଏଣୁ ରାବଣ ର ଆଦେଶ ରେ ଇନ୍ଦ୍ରଜିତ ଆସି ହନୁମାନଙ୍କୁ ବନ୍ଧନ କରି ଲଂକାଗଡ ରେ ରାବଣ ପାଖରେ ପହଂଚାଏ । ହନୁମାନ ଏହି ସୁଯୋଗ ରେ ରାବଣ ଙ୍କୁ ତୁରନ୍ତ ସୀତା ଫେରାଇବା ପାଇଁ କହେ । ମାତ୍ର ହନୁମାନ କୁ ଅପମାନଙ୍କୁ ଅପମାନିତ କରିବାପାଇଁ ତାର ଲାଙ୍ଗୁଡ଼ ରେ କନା ଗୁଡ଼ାଇ ଘିଅ ଢାଳି ଅଗ୍ନି ସଂଯୋଗ କରାଯାଏ ।ଏହି ସୁଯୋଗ ରେ ହନୁମାନ ଘର କୁ ଘର ଡେଇଁ ଲଂକାଗଡକୁ ଧ୍ୱଂସ କରି ଲେଉଟି ଆସନ୍ତି ।ଶେଷରେ ହନୁମାନ ଙ୍କ ଠାରୁ ରାମଚନ୍ଦ୍ର ସମସ୍ତ ଖବର ପାଇବାପରେ ଲଙ୍କା ଅଭିଯାନ କରନ୍ତି । ମାତ୍ର ଲଙ୍କା ଅଭିଯାନ ରେ ସମୁଦ୍ର ସମସ୍ୟା ହେବାରୁ ଶ୍ରୀରାମ କୁବେର ଙ୍କ ପରାମର୍ଶ କ୍ରମେ ନଳ ନୀଳ ଙ୍କ ଦ୍ୱାରା ସେତୁ ବନ୍ଧନ କରନ୍ତି । ଏ ଖବର ପ୍ରାପ୍ତ ହେବାପରେ ବିଭିସଣ ତୁରନ୍ତ ସୀତା ଙ୍କୁ ସମ୍ପର୍ପଣ କରି ସନ୍ଧି କରିବାକୁ ବଡଭାଇ ରାବଣ କୁ ପ୍ରସ୍ତାବ ଦିଅନ୍ତି । ମାତ୍ର ରାବଣ ରାଗି ଯାଇ ବିଭିଶନ କୁ ଲଙ୍କାରୁ ବାହାର କରି ଦିଅନ୍ତି । ବିଭିଷଣ ଶ୍ରୀରାମ ଙ୍କ ପାଖକୁ ଆସି ସରଣ ଯାଏ ଓ ଶ୍ରୀରାମ ତାଙ୍କୁ ଲଙ୍କାର ରାବଣ କରିବାକୁ ପ୍ରତିଶୃତି ଦିଅନ୍ତି । ଏତିକି ବେଳେ ରାବଣ ତାର ମନ୍ତ୍ରୀ ସୁକ ଓ ସାରଣ ଙ୍କୁ ଛଦ୍ମ ବେଶରେ ରାମ ଚନ୍ଦ୍ର ଙ୍କ ସେନା ଆକଳନ କରିବାକୁ ପଠାଏ । ମାତ୍ର ବିଭିଷଣ ସେ ଦୁହିଁ ଙ୍କୁ ଚିହ୍ନି ବନ୍ଦୀକରି ଶ୍ରୀରାମ ଙ୍କ ପାଖକୁ ନିଏ । ଶ୍ରୀରାମ ସେମାନଙ୍କୁ ଦୂତ ମନେକରି କ୍ଷମା କରନ୍ତି । ଏଣୁ ରାବଣ ନିଜେ ପୁଷ୍ପକ ବିମାନ ଆରୋହଣ କରି ସୈନ୍ୟ ଗଣନା କରିବାକୁ ଆସେ । ଏ କଥା ଜାଣି ଶ୍ରୀରାମ ବାଣ ମାରି ପୁଷ୍ପକ ଜାନ ର ଛତ୍ର ଛେଦନ କରି ରାବଣ କୁ ଅପମାନିତ କରନ୍ତି । ଏ ଛତ୍ର ଛେଦନ ଦୃଶ୍ୟ ଗଣେଶ ବଜାର ସୁବଳ ଗିରି ମଞ୍ଚ ରେ ଅଭିନୀତ ହୁଏ । ଶେଷରେ ସୁଗ୍ରୀବ ଙ୍କ ସେନା ପ୍ରଥମ ଥର ପାଇଁ ଲଂକାଗଡ ଅବରୋଧ କରନ୍ତି ଓ ଯୁଦ୍ଧ ର ଅୟମାରମ୍ଭ ହୁଏ ।

## ଉତ୍ତର ଓଡ଼ିଶାର ତିନୋଟି ଜିଲ୍ଲାରୁ ହଜ୍ ପାଇଁ ଯିବେ ୬୬ଜଣ ଯାତ୍ରୀ

ବାଲେଶ୍ୱର,(ସ.ବ୍ୟୁ)–ସାଉଦି ଆରବର ପ୍ରସିଦ୍ଧ ଧର୍ମପୀଠ ମକ୍କା ଏବଂ ମଦିନାକୁ ହଜ୍ କରିବା ପାଇଁ ଉତ୍ତର ଓଡ଼ିଶାରୁ ଯାଉଥିବା ଇସଲାମ୍ ଧର୍ମାବଲମ୍ବୀଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଏବଂ ଟୀକାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ହଜ୍ କମିଟି ଓ ବାଲେଶ୍ୱରର ଖୁଦାମୁଲ ହୁଜାଜ କମିଟିର ମିଳିତ ସହଯୋଗରେ ସହରର ଏକ ଘରୋଇ ହୋଟଲରେ ଆୟୋଜିତ ଏହି ଶିବିରରେ ଅନୁଷ୍ଠାନର ସଭାପତି ହାଜି କମାଲ ଜାଫର ପୌରୋହିତ୍ୟ କରିଥିଲେ । ୱାକଫବୋର୍ଡର ପ୍ରଶାସନିକ ଅଧିକାର ସେକ୍ ନଜିମୁଦ୍ଦିନ୍ ଯୋଗଦେଇ ହଜ୍ ଯାତ୍ରୀଙ୍କର ମଙ୍ଗଳକାମନା କରିବା ସହିତ ବିଶ୍ୱଭାତୃତ୍ୱର ପ୍ରତୀକ ଏହି ଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଶିବିରରେ ସୟଦ ଅବଦୁଲ୍ ସବୁହ ପ୍ରଶିକ୍ଷକ ଓ ଭଦ୍ରକର ସୟଦ ଅବଦୁଲ ମସଜୁଦ ଗାଇଡ୍ ଭାବେ ଯୋଗଦେଇ ହଜ୍ ଯାତ୍ରୀଙ୍କୁ ଯାତ୍ରାର ନିୟମାବଳୀ ସମ୍ପର୍କରେ ଅବଗତ କରାଇଥିଲେ । ହୁଦାମୁଲ୍ ହୁଜାଜ କମିଟି ସମ୍ପାଦକ ଇନ୍ତେଖାବ୍ ଅଲ୍ଲୀ ଖାଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ହାଜି ମୈନୁର ଇସଲାମ, ହାଜି ଆଲାମ ଅଲ୍ଲୀ ଖାଁ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ଆଜିମ୍ ବାଲେଶ୍ୱରୀ କୋରାନ ପାଠ ଓ ନାଦ ସରିଫ ଅତିଥିଙ୍କୁ ମଂଚ ଆମନ୍ତ୍ରଣ କରିଥିଲେ । ମାଷ୍ଟରଶେଖ ଆଜାଦ୍ ମଂଚ ପରିଚାଳନା କରିଥିବା ବେଳେ ଶେଷରେ ଖୁଦାମୁଲ୍ଲ ହୁଜାଜ କମିଟିର ଉପସଭାପତି ହାଜିସେକ୍ ଜମାଲ ସତ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ମଧୁ ଜୟନ୍ତୀ

କଟକ, (ସ୍ୱପ୍ର): ଓଡିଆ ଅସ୍ମିତାର ପ୍ରତୀକ, ସ୍ୱାଭିମାନୀ, ପ୍ରଜ୍ଞାପୁରୁଷ, ଜାତିପ୍ରାଣ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପବିତ୍ର ଜୟନ୍ତୀ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ



ଆନୁକୂଲ୍ୟରେ ପାଳିତ ହୋଇଥିଲା । ଏହି ଉପଲକ୍ଷେ ଶିକ୍ଷାନୁଷ୍ଠାନ ପରିସରରେ ଥିବା ମଧୁବାବୁ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଏକ ସମୃଦ୍ଧ ଓ ସ୍ୱାଭିମାନୀ ଜାତି ନିର୍ମାଣରେ ମଧୁବାବୁଙ୍କ ଜୀବନବ୍ୟାପୀ ସାଧନା ଅତୁଳନୀୟ । ତାଙ୍କର ବ୍ୟକ୍ତିତ୍ୱ ଓ କାର୍ଯ୍ୟବଳୀ ଏଜାତିକୁ ସଦା ଉଦ୍‌ବୁଦ୍ଧ କରୁଥିବ ବୋଲି ପ୍ରକାଶ କରିଥିଲେ । ବିଶିଷ୍ଟ ଅତିଥି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ଡା. ସଂଜୟ କୁମାର ଦାସ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ଡା. ଦୁର୍ଗା ପ୍ରସାଦ ମିଶ୍ର, ଡା. ମେହେବୁବ୍ ଅଲ୍ଲୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ସ୍ୱାଭିମାନୀ ମଧୁବାବୁଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ପୁରୀ ରେଳ ଷ୍ଟେସନରେ ଭୁଶୁଡ଼ିଲା ନିର୍ମାଣାଧୀନ କୋଠା

ପୁରୀ (ସବ୍ୟୁ): ରବିବାର ସକାଳେ ପୁରୀ ରେଳ ଷ୍ଟେସନରେ ଏକ ଅଘଟଣ ଘଟିଛି । ରେଳ ଷ୍ଟେସନ୍ ରେ ନବୀକରଣ ନିମନ୍ତେ ଚାଲି ଥିବା ଏକ ନିର୍ମାଣ ଧୀନ କୋଠା ର ଛାତ ପଡୁଥିବା ଅବସ୍ଥାରେ ଭୁଶୁଡ଼ି ପଡ଼ିଛି । ଯାହା ଫଳରେ ସେଠାରେ କାର୍ଯ୍ୟ କରୁଥିବା ୪ ଜଣ ଶ୍ରମିକ ଆହତ ହୋଇଛନ୍ତି । ଆହତଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରାଯାଇଛି । ପୁରୀ ରେଳ ଷ୍ଟେସନର ନୂତନ କୋଠାର ଲେଇ କାର୍ଯ୍ୟ ଚାଲିଥିବା ବେଳେ ହଠାତ ଛାତ ଭୁଶୁଡି ପଡିଥିଲା । ନୂତନ ଛାତ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ୬ ଜଣ ଶ୍ରମିକଙ୍କ ଉପରେ କୋଠା ମାଡି ବସିଥିଲା । ଦୁଇ ଜଣ ବାହାରକୁ ପଳେଇଆସିଥିବା ବେଳେ ଅନ୍ୟ ୪ ଜଣ ଶ୍ରମିକଙ୍କ ଉପରେ ଛାତ ମାଡି ବସିଥିଲା । ତେବେ ୪ ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ପୁରୀ ସଦର ମୁଖ୍ୟଚିକିତ୍ସାଳୟ ରେ ଭର୍ତି କରାଯାଇଛି କିଛି ଶ୍ରମିକଙ୍କ ହାତ, ଛାତି ଏବଂ ମୁଣ୍ଡରେ ଆଘାତ ଲାଗିଥିବା ଜଣାପଡିଛି । ଅନ୍ୟଜଣେ ଶ୍ରମିକ ଗୁରୁତର ଥିବା ହେତୁ ତାଙ୍କୁ କଟକ ସ୍ଥାନାନ୍ତର କରାଯିବା ନେଇ ସୂଚନା ରହିଛି । ତେବେ ଏତେବଡ଼ ଘଟଣା କିପରି ଘଟିଲା ତାହା ଏବେ ଚିନ୍ତାର କାରଣ । ଅନ୍ୟପଟେ ସମସ୍ତ ଶ୍ରମିକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି ଚିକିତ୍ସାପ୍ରଦାନ କରାଯାଇଛି ବୋଲି କହିଛନ୍ତି ନିର୍ମାଣ ସଂସ୍ଥାର ସାଇଟ ଇଞ୍ଜିନିଅର ।



ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡାଙ୍କ ବ୍ରହ୍ମପୁର ଗସ୍ତ ଅବସରରେ ସ୍ୱାଗତ କରୁଛନ୍ତି ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା

# ଚିତ୍ରଶିଳ୍ପୀ ପଦ୍ମନାଭ ବେହେରାଙ୍କ ପରଲୋକ

ଭୁବନେଶ୍ୱର (ସବ୍ୟୁ): ବର୍ଷୀୟାନ ଚିତ୍ରଶିଳ୍ପୀ ପଦ୍ମନାଭ ବେହେରାଙ୍କ ତାଙ୍କ କଟକ ସ୍ଥିତ ବାସଭବନରେ ଶନିବାର ରାତିରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ଶିଳ୍ପୀ ପଦ୍ମନାଭ ବେହେରା ୧୯୪୧ ମସିହାରେ କଟକର କଠାଗଡାସାହି ଶିଳ୍ପୀ ପରିବାରରେ ଜନ୍ମଲାଭ କରିଥିଲେ । ୧୯୬୩ରେ ଖଲିକୋଟ ସରକାରୀ ଚାରୁକଳା ମହାବିଦ୍ୟାଳୟରୁ ଭାରତୀୟ ଚିତ୍ରକଳାରେ କୃତିତ୍ୱର



ସହ ଉତ୍ତୀର୍ଣ୍ଣ ହୋଇ ପୁଣି କଟକଠାରେ ସ୍ୱାଧୀନ ଭାବେ ନିଜ କଳା ସାଧନା ଜାରି ରଖିଥିଲେ । ଜଳରଙ୍ଗ ଓ ଧୌତ ଚିତ୍ରର ତାଙ୍କର ଅନେକ ଚିତ୍ର ରାଜ୍ୟ ସ୍ତରୀୟ ତଥା ଜାତୀୟ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି । ସେ ଓଡ଼ିଶା ଲଳିତ କଳା ଏକାଡ଼େମୀର ରାଜ୍ୟ ପୁରସ୍କାର ଲାଭ କରିବା ସହିତ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ତାଙ୍କର ବଳିଷ୍ଠ ଚିତ୍ର ସର୍ଜନା ପାଇଁ ଅନେକ ଅନୁଷ୍ଠାନ ଦ୍ୱାରା ସେ ସମ୍ବର୍ଦ୍ଧିତ ହୋଇଛନ୍ତି । ତାଙ୍କର ମୃତ୍ୟୁ ଶଯ୍ୟାରେ ଝିଅ ସ୍ୱର୍ଣ୍ଣଲତା ବେହେରା, ରିନା ମୁଦୁଲି, ପୁତ୍ର ଦେବାନନ୍ଦ ବେହେରା, ନିରଞ୍ଜନ ବେହେରା ଓ ଅଭିଜିତ ବେହେରା ଏବଂ ନାତି ନାତୁଣୀ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ଓଡ଼ିଶା ଜଣେ ଧୌତ ଚିତ୍ରର ଧୂରିଣ ଶିଳ୍ପୀଙ୍କୁ ହରାଇଲା ବୋଲି ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ପଞ୍ଚାନନ ସାମଲ ଶୋକବ୍ୟକ୍ତ କରିଥିଲେ । ଏହି ଅବସରରେ ବରିଷ୍ଠ ଶିଳ୍ପୀ ମହେନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ରଣା, କୈଳାସ ରଣା ପ୍ରମୁଖ ଉପସ୍ଥିତ ଥିବାବେଳେ ଅନେକ ଶିଳ୍ପୀ ଶୋକବ୍ୟକ୍ତ କରିଥିଲେ ।

# ବେଆଇନ ଗୋ ଚାଲାଣ ପୂର୍ବରୁ ଧରିଲା ପୁଲିସ

ପାଣିକୋଇଲି, (ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେିପୁର ପଂଚାୟତର ସାହାପୁର ଡାଟରୁ ବେଆଇନ ଗୋ ଚାଲାଣର ଖବର ପାଇ ପୁଲିସ ଚଢାଉ କରିଥିଲା । ବାରମ୍ବାର ପୁଲିସ ଚଢାଉକରି ଗୋ ଚାଲାଣ ରୋକିବାରେ ସକ୍ଷମ ହେଉଥିଲେ ବି ବେଆଇନ ଚୋରା ଗୋ ଚାଲାଣ କାରୀ ଏହାକୁ ଭୃକ୍ଷେପ ନକରି ବାରମ୍ବାର ଲୁକାୟିତ ଭାବେ ଗୋ ଚାଲାଣ କରୁଛନ୍ତି । ହାଟରେ ୬୦ଟି ଗୋରୁ ଚାଲାଣ ପାଇଁ ପ୍ରସ୍ତୁତ ଥିବା ଓ ସେମାନଙ୍କୁ ନେବା ପାଇଁ ଦୁଇଟି ଟ୍ରକ ଆସିଥିବା ଖବର ପାଇ ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ସଦଳବଳେ ଚଢାଉ କରିଥିଲେ । ହେଲେ ପୁଲିସ ପହଂଚିବା ଦେଖି ଗୋ ଚାଲାଣକାରୀ ଓ ଗାଡି ଚାଳକ ସମସ୍ତେ ଫେରାର ହୋଇଯାଇଥିଲେ । ମାତ୍ର ସେଠାରେ ଥିବା ୬୦ଟି ଗୋରୁଙ୍କୁ ପୁଲିସ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କୁ ବାଂଟି ଦେଇଥିଲେ ।

# ସ୍ୱାଭିମାନ ପୁରୁଷଙ୍କ ଜନ୍ମ ମାଟିରେ ରାହୁଲ ଗାନ୍ଧୀ

କଟକ,(ପ୍ରଫୁଲ୍ଲ ମହାନ୍ତି) ରବିବାର ମଧ୍ୟାହ୍ନରେ ଓଡିଶାର ସ୍ୱାଭିମାନ ପୁରୁଷ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଜନ୍ମ ମାଟିରେ ପହଞ୍ଚିଥିଲେ କଂଗ୍ରେସର ହେଭିୱେଟ ନେତା ରାହୁଲ୍ ଗାନ୍ଧୀ । ସାଲେପୁର ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁର ଗ୍ରାମପଞ୍ଚାୟତ ର ଗନାପୁର ଖେଳ ପଡିଆରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡରେ ରାହୁଲ ୧୨ ଟା ୧୫ ମିନିଟରେ କଲେ ଅବତରଣ । ସେଠାରୁ ସେ ଯାଇଥିଲେ ଓଡିଆ ଜାତିର ଅସ୍ମିତା ପଗଡି ପୁରୁଷ ମଧୁସୂଦନ ଦାସଙ୍କ ଏନ୍ଥୁଡିଶାଳକୁ ।ସେଠାରେ ଉପସ୍ଥିତ ଥିବା କେଜିଏନଏମର ଅନ୍ତେବାସୀ, ଛାତ୍ରଛାତ୍ରୀ, ଗାଁର ମୁରବୀସ୍ଥାନୀୟ ବ୍ୟକ୍ତି,ବିଭିନ୍ନ ଅନୁଷ୍ଠାନ ତାଙ୍କୁ ସ୍ୱାଗତ କରିଥିଲେ । ପ୍ରଥମେ ରାହୁଲ ମଧୁବାବୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପାର୍ଘ୍ୟ ଦେଲାପରେ ପୂଜ୍ୟ ବାପୁଜୀଙ୍କୁ ମାଲ୍ୟାର୍ପଣ କରିଥିଲେ ସେଠାରୁ ସିଧା ରାହୁଲ ମଧୁବାବୁଙ୍କ ଏନ୍ଥୁଡିଶାଳରେ ପହଞ୍ଚିଥିଲେ । ଏକ ନୁଆଣିଆ ଚାଳଛପର ଘରେ ଜନ୍ମନେଇଥିବା ମଧୁବାବୁଙ୍କ ଗୁଣ ଗାରିମା ଶୁଣି ସେ ଅଭିଭୂତ ହୋଇପଡିଥିଲେ । ଓଡିଆ ଜାତିର ମାନ ସମ୍ମାନ ଓ ଅସ୍ମିତାକୁ ଅକ୍ଷୁର୍ଣ୍ଣ ରଖିବାକୁ ସେ କିଭଳି ଜୀବନ ସାରା ଲଢ଼େଇ କରିଥିଲେ ତାହା ଗାଁ ମୁରବୀ ବାସୁଦେବ ସାମଲ ,ଟ୍ରଷ୍ଟି ସନ୍ଧ୍ୟା ଅପା,ଗୋଲଖ ଦାସଙ୍କ ଠାରୁ ଜାଣି ଭାବବିହ୍ୱଳ ହୋଇପଡିଥିଲେ । କସ୍ତୁରବା ଗାନ୍ଧୀ ମେମୋରିଆଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଅନାଥଆଶ୍ରମର କୁନି କୁନି ପିଲାଙ୍କ ସହିତ ବେଶ୍ କିଛି ସମୟ ଭାବ ବିନିମୟ କରିଥିଲେ ରାହୁଲ । ପିଲାମାନେ ରାହୁଲଙ୍କୁ ଏତେ



ପାଖରେ ପାଇ ମିଶିବାକୁ ସାହାସ କରୁ ନଥିବା ବେଳେ ଡରୋ ମତ୍ କହି ସେମାନଙ୍କୁ କୋଳକୁ ନେଇଯାଇଥିଲେ । ତମେ ମାନେ କୋଉ ଶ୍ରେଣୀରେ ପାଠ ପଢୁଛ ,ବଡ ହେଲେ କଣ ହେବ , ଏବଂ ସେମାନଙ୍କ ଭଲମନ୍ଦ କଥା ପଚାରି ବୁଝିଥିଲେ । କୁନି ପିଲା ଦୁଇଟିଙ୍କ ସହ ପ୍ରାୟ୧୦ ମିନିଟ ସମୟ କାଟିଥିବାବେଳେ ଉପସ୍ଥିତ ଥିବା ଅନ୍ତେବାସୀ ରାହୁଲଙ୍କ ପିଲାମାନଙ୍କ ପ୍ରତି ରହିଥିବା ସ୍ନେହ ମନୋଭାବକୁ କଳନା କରିବାର ସାହାସ ଜୁଟାଇ ପାରୁ ନଥିଲେ ।ସେଠାରୁ ବାହରିବାବେଳେ ଅନାଥ ଆଶ୍ରମରେ ରହୁଥିବା କିଛି ଝିଅ ରାହୁଲଙ୍କୁ ଭେଟିଥିଲେ । ସେମାନେ କରାଟେ ଶିଖୁଥିଲା ବେଳେ କିଛି ସାହାଯ୍ୟ ସହଯୋଗ ଯୋଗାଇଦେବାକୁ ନିବେଦନ କରିଥିଲେ ।କରାଟି ଶିଖୁଥିବାଛାତ୍ରୀ ମୋନାଲିସା ସାହୁଙ୍କୁ କଣ ସବୁ କରାଟି କୌଶଳ ଜାଣିଛ ବୋଲି ପଚାରି ତାଙ୍କ ପାପୁଲିକୁ ଜୋରରେ ପଞ୍ଚ ମାରିବାକୁ କହିଥିଲେ ।ଏପରିକି କେମିତି କରାଟିରେ ବ୍ଲକ କରାଯାଏ ସେ କୌଶଳ ମଧ ଦେଖେଇବାକୁ କହିଥିଲେ ।ଦଶମ ଶ୍ରେଣୀ ଛାତ୍ରୀ ମୋନାଲିସାକୁ ଉତ୍ସାହିତ କରିବାପରେ ରାହୁଲ କୁଜିଆ ଠାରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରିବାପାଇଁ ଯାଇଥିଲେ ।

# ବସ ପଛରେ ପିଟିଲା ଟ୍ରକ,ବହୁ ଯାତ୍ରୀ ଆହତ

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସୋତି ନିକଟରେ କ୍ରିଷ୍ଣା କମ୍ପ୍ଲେକ୍ସ ସମ୍ମୁଖରେ ଏକ ଯାତ୍ରୀବାହି ବସ ପଛରେ ଏକ ଟ୍ରକ ଧକ୍କା ଦେବାରୁ ବସରେ ଥିବା ୧୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ପ୍ରକାଶଯେ ରବିବାର ଅପରାହ୍ନ ୪ଟା ସମୟରେ ବାରିପଦାରୁ ଭୁବନେଶ୍ୱର ଯାଉଥିବା ଖୁସୀ ଟ୍ରାଭେଲ୍ସ (ଓଡ଼ି୧୧ଏସ୦୨୪୧) ନାମକ ଘରୋଇ ଯାତ୍ରୀ ବାହି ବସ ପଛରେ (ଡ଼ବ୍ଲୁ୍ୟବି ୨୯ବି୨୦୩୭) ଟ୍ରକଟି ଧକ୍କା ଦେଇ କିଛି ବାଟ ଠେଲି ନେଇଯାଇଥିଲା। ଫଳରେ ବସରେ ଥିବା ଯାତ୍ରୀ ମାନଙ୍କ ମଧ୍ୟରୁ ବହୁତ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଖବର ପାଇ ପାଣିକୋଇଲି ପୁଲିସ, ରାଜପଥ ପେଟ୍ରୋଲିଂ ପୁଲିସ ଓ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟମାନେ ପହଂଚି ଆହତ ମାନଙ୍କୁ ଉଦ୍ଧାର କରିଥିଲେ। ପୁଲିସ ବସ ଓ ଟ୍ରକ ଦୁଇଟିକୁ ଜବତ କରିଛି।

# ସମ୍ବଲପୁରର ପୂର୍ବତନ ବିଧାୟିକା ଡା.ରାସେଶ୍ୱରୀ ପାଣିଗ୍ରାହୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ସମ୍ବଲପୁର (ସବ୍ୟୁ): ସମ୍ବଲପୁରର ପୂର୍ବତନ ବିଧାୟିକା ତଥା ପ୍ରତିଷ୍ଠିତ ଚିକିତ୍ସିକ ଡା.ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ରବିବାର ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଆଶୀର୍ବାଦ କାମନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଜନନେତ୍ରୀ ଡା. ପାଣିଗ୍ରାହୀ ସମ୍ବଲପୁରର ଜଣେ ଦୃଢ ସଙ୍ଗଠିକା ଭାବେ ଜଣାଶୁଣା । ନିକଟରେ ବିଜେଡିରୁ ଇସ୍ତଫା ଦେଇଥିବା ଡ. ପାଣିଗ୍ରାହୀ ଏକ ଶକ୍ତିଶାଳୀ ରାଜନୈତିକ ପରିବାରରୁ ଆସିଥିବା ବେଳେ ଦୃଢ଼ ସାଂଗଠନିକ ଦକ୍ଷତା ଏବଂ ତୃଣମୂଳ ସ୍ତରର କର୍ମୀଙ୍କ ସହ ତାଙ୍କର ଗଭୀର ସମ୍ପର୍କ ରହିଛି । ସମ୍ବଲପୁର ଲୋକସଭାର ପ୍ରାର୍ଥୀ ଭାବରେ ଆଜି ଶ୍ରୀ ପ୍ରଧାନ ଡା. ରାସେଶ୍ୱରୀଙ୍କୁ ଭେଟି ତାଙ୍କର ଆଶୀର୍ବାଦ ନେଇଛନ୍ତି ।

# ନିଶା ଔଷଧ ଜବତ : ୫ ଗିରଫ

ପୁରୀ (ସବ୍ୟୁ): ରବିବାର ସକାଳେ ବସେଳୀ ସାହି ଥାନା ପୋଲିସ ବିପୁଳ ମାତ୍ରାରେ ନିଶା ଔଷଧ କଫ ସିରପ ଜବତ କରିଛି । ପୁରୀ ମଙ୍ଗଳାଘାଟ ବାଇପାସ ରାସ୍ତା କୃଷକ ବଜାର ନିକଟରୁ ବାସେଳୀସାହି ଥାନା ଓ ସ୍ପେଶାଲ ସ୍କ୍ୱାର୍ଡ ଦ୍ୱାରା ବିପୁଳ ପରିମାଣରେ ଏସକଫ କଫ ସିରଫ ବୋତଲ ଜବତ କରାଯାଇଛି । ନିଶା ଔଷଧ କାରବାର ଅଭିଯୋଗରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ନିଶା ଔଷଧ ଏସକଫ ସିରଫ ବୋତଲ ଜବତ ସହ ୫ ଗିରଫ ସମ୍ପର୍କରେ ରବିବାର ଅପରାହ୍ନରେ ବାସେଳୀସାହି ଥାନାରେ ଜିଲ୍ଲା ଏସପିଙ୍କ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକ ସମ୍ମିଳନୀରେ ଏସପି ପିନାକ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ନିର୍ବାଚନକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ କଡା ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଚେକିଂ ସମୟରେ ବିପୁଳ ପରିମାଣର କଫସିରଫ ଜବତ କରାଯାଇ ୫ ଜଣଙ୍କୁ ଗିରଫ କରାଯାଇଛି ।

# ବାଣୀବିହାର ୮୦ ର ବୈଠକ

ଭୁବନେଶ୍ୱର (ସବ୍ୟୁ): ଶନିବାର ଅପରାହ୍ନରେ ଭରତପୁରସ୍ଥିତ ଶରତ ବୈଠକୀ ରେ ବାଣୀବିହାର ଅଶୀ ଅନୁଷ୍ଠାନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନେକ ସଦସ୍ୟ ଯୋଗ ଦେଇଥିଲେ । ବୈଠକରେ ଅନୁମୋଦିତ ପ୍ରସ୍ତାବ ମଧ୍ୟରେ ବାଣୀବିହାର ୮୦ ଫିଲାନଥ୍ରୋପି ନାମରେ ସମାଜସେବା ନିମନ୍ତେ ଏକ ସ୍ୱତନ୍ତ୍ର ବ୍ୟାଙ୍କ ଖାତା ଖୋଲିବା, ସମାଜସେବା କାର୍ଯ୍ୟ ମଧ୍ୟରେ ଅନ୍ନସେବାକୁ ପ୍ରାଧାନ୍ୟ ଦେବା, ଓ ଆଗାମୀ ଜୁନ ମାସରୁ ପୁନଶ୍ଚ ସମାଜସେବା କାର୍ଯ୍ୟ ଆରମ୍ଭ କରିବା ପ୍ରଭୃତି ଅନ୍ତର୍ଭୁକ୍ତ । ଏହି ସାଧାରଣ ବୈଠକରେ ସଭାପତିତ୍ୱ



କରିଥିଲେ ଅନୁଷ୍ଠାନର ସଭାପତି ଶରତ ଦାଶ । ବୈଠକ ପରିଚାଳନା କରିଥିଲେ ସଂପାଦକ ଆଶୁତୋଷ ଦାଶ । ବୈଠକରେ ଯୋଗ ଦେଇଥିବା ସଭ୍ୟ ସଭ୍ୟା ମାନଙ୍କ ମଧ୍ୟରେ ଥିଲେ ପ୍ରତୀପ ମିଶ୍ର, ନୀହାରିକା ମିଶ୍ର, ଅଲେଖ ନନ୍ଦୀ, ଅଜିତ ଦାସମହାପାତ୍ର, ଶ୍ରୀନିବାସ ସ୍ୱାଇଁ, ପୂର୍ଣ୍ଣ ମିଶ୍ର, ପ୍ରଦ୍ୟୋତ ପ୍ରଧାନ, ଧରିତ୍ରୀ ରାୟ, ସ୍ୱାଗତିକା ରଥ, ଗୀତାଞ୍ଜଳି ମହାପାତ୍ର ଓ ମେନକା ମଲ୍ଲିକ ।

# ଡ୍ରିମ୍‌ସରେ ମସ୍ତିଷ୍କ ପକ୍ଷାଘାତଜନିତ ବିକଳାଙ୍ଗ ସମ୍ବନ୍ଧୀୟ ଜାତୀୟ କର୍ମଶାଳା

କଟକ, (ସ୍ୱପ୍ର): ମସ୍ତିଷ୍କ ପକ୍ଷାଘାତ ଯୋଗୁ ଦେଖାଦେଉଥିବା ମନୁଷ୍ୟ ଶରୀରର ଅଙ୍ଗପ୍ରତ୍ୟଙ୍ଗ ବିକଳାଙ୍ଗ ଚିକିତ୍ସା ସମ୍ବନ୍ଧୀୟ ଏକଦିବସୀୟ ଜାତୀୟ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା ଶିଶୁ ଅସ୍ଥିଶଲ୍ୟ ସଂଘ ଓ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ଅକ୍ୟୁପେସନାଲ ଓ ଫିଜିଓଥେରାପିର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାକୁ ମୁଖ୍ୟପୁରୋଧା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦଘାଟନ କରିବା ଅବସରରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଶେଷଜ୍ଞ ଡାକ୍ତର, ଗବେଷକ, ଡାକ୍ତରୀ ଛାତ୍ରଛାତ୍ରୀ ଓ ଅତିଥିଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଧାରିତ କର୍ମଶାଳା ଯୁବ ଡାକ୍ତରଙ୍କୁ ମାର୍ଗଦର୍ଶନରେ ସହାୟକ ହେବ ବୋଲି କହିଥିଲେ । ମୁଖ୍ୟ ସଂଯୋଜକ ତଥା ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ ସ୍ୱାଗତ ସୂଚନା ଓ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଭାରତୀୟ ଶିଶୁ ଅସ୍ଥି ଶଲ୍ୟ ସଂଘର ପୂର୍ବତନ ସଭାପତି ପ୍ରଫେସର ଡା. ଧୀରେନ୍ ଗଞ୍ଜୱାଲା, ମଣିପାଲ ମେଡିକାଲ କଲେଜର ପ୍ରଫେସର ଡା. ହିତେଶ ଶାହା, ଡା. ଆଶା ଚିତନିଶ, ଡା. ସଂଜୟ ପାଣ୍ଡେ, ଡା. ସାନିୟାଲ କୁମାର , ଡା. ପବିତ୍ର କୁମାର ସାହୁ, ଡା. ଆଦିତ୍ୟ ନାରାୟଣ ନନ୍ଦ, ଡା.




ନିରଞ୍ଜନ ଓଝା, ଡା. ଆର୍ତ୍ତତ୍ରାଣ ପାତ୍ର ପ୍ରମୁଖ ମସ୍ତିଷ୍କ ପକ୍ଷାଘାତଜନିତ ଅଙ୍ଗପ୍ରତ୍ୟଙ୍ଗ ବିକଳାଙ୍ଗତ୍ୱ ଏବଂ ଚିକିତ୍ସା ପଦ୍ଧତି ଉପରେ ମଡେଲ ପ୍ରଦର୍ଶନ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏସ୍ ଭି ନିରତାରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡା. ସଂଜୟ କୁମାର ଦାସ, ଡା. ଜଗନ୍ନାଥ ସାହୁ ବିଭିନ୍ନ ପର୍ଯ୍ୟାୟ ଅଧିବେଶନରେ ପୌରହିତ୍ୟ କରିଥିଲେ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ କର୍ମଶାଳାର ଉପାଦେୟତା ଉପରେ ଗୁରୁତ୍ୱାରୋପ କରିଥିଲେ । ସ୍କୁଲ ଅଫ ଫିଜିଓଥେରାପିର ଅଧ୍ୟକ୍ଷ ଡା. ଦୁର୍ଗା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ଡା. ମେହେବୁବ ଅଲ୍ଲୀଙ୍କ ସମେତ ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ଟାଟା ମୋଟର୍ସ ଭୁବନେଶ୍ୱରରେ ଆଣିଲା ପିକ୍‌ଅପ୍ ରେଞ୍ଜରେ ଇଣ୍ଟ୍ରା ଭି-୭୦

ଭୁବନେଶ୍ୱର (ସବ୍ୟୁ): ନିଜର ଭି-୧୦, ଭି-୨୦, ଭି-୩୦ ଏବଂ ଭି-୫୦ ର ସଫଳତା ପରେ, ବିଶ୍ୱର ବହୁ ମୂଲ୍ୟବାନ ବ୍ୟବସାୟିକ ଯାନ କମ୍ପାନୀ ଟାଟା ମୋଟର୍ସ ଲିମିଟେଡ୍ ଆଜି ଭୁବନେଶ୍ୱରରେ ଇଣ୍ଟ୍ରା ରେରେ ଏହାର ୫ମ ଭ୍ୟାରିୟେଣ୍ଟ ଆରମ୍ଭ କରିଛି। ଖୁବ୍ ଶୀଘ୍ର ଏହା ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହେବାକୁ ଯାଉଛି। କାର୍ଯ୍ୟଦକ୍ଷତା, ବିଶ୍ୱସନୀୟତା ଏବଂ ମୂଲ୍ୟରେ ଉପଲବ୍ଧ ବିକ୍ରୟ କରି ନିଜର ନେଟୱାର୍କ ପାଇଁ ପସନ୍ଦ ବ୍ରାଣ୍ଡରେ ପରିଣତ ହୋଇଛି। ଟାଟା ଲାଷ୍ଟ ମାଇଲ୍ ପରିବହନରେ ଅଗ୍ରଗତି କରି ଭାରତୀୟ ଯୁବପିଢିଙ୍କ ଆକାଂକ୍ଷା ପୂରଣ କରିପାରିଛି। ବର୍ତ୍ତମାନ ଏହାର ନୂତନ ଯାନ ସହିତ କମ୍ପାନୀ ଏହାର ମୂଲ୍ୟବାନ ଗ୍ରାହକମାନଙ୍କୁ ନିରନ୍ତର ଗତୀଶୀଳତା ପରବର୍ତ୍ତୀ ପର୍ଯ୍ୟାୟରେ ପରିଚିତ କରାଉଛି। ନୂତନ ଯାନ ଗୁଡିକର ଡିଜାଇନ୍ ଉଚ୍ଚ କ୍ଷମତା ସମ୍ପନ୍ନ, ଭାର ଉଠାଇବାର କ୍ଷମତା, ସ୍ଥାୟୀ ହେବା, ଗ୍ରେଡେବିଲିଟି




ବିତରଣ କରିବା ପାଇଁ ଡିଜାଇନ୍ କରାଯାଇଛି। ଓଡିଶାର ଏରିଆ ମ୍ୟାନେଜର,ଦୀପ୍ତେଶ ସୁବ୍ବା ଉନ୍ମୋଚିତ ବିଷୟରେ କହିଛନ୍ତି । 'ନୂତନ ଇଣ୍ଟ୍ରା ଭି-୭୦ ଉପସ୍ଥାପନ କରି ଆମେ ଆନନ୍ଦିତ। ଦୀର୍ଘ ଦଶନ୍ଧି ଧରି ଆମର ଗ୍ରାହକମାନେ ସେମାନଙ୍କ ଦୃଢ ବିଶ୍ୱାସ ଏବଂ ସମର୍ଥନ ଆମକୁ ଦେଉଛନ୍ତି। ତେଣୁ ଗ୍ରାହକମାନଙ୍କୁ ସୁରକ୍ଷା, ନିର୍ଭରଯୋଗ୍ୟ ଏବଂ ଉଚ୍ଚ କ୍ଷମତା ସମ୍ପନ୍ନ ଯାତାୟତ ସୁବିଧା ଯୋଗାଇବାକୁ ଆମେ ପ୍ରୟାସ କରିଛୁ ଯାହା ଗ୍ରାହକମାନଙ୍କୁ ଅନ୍ୟ ପ୍ରତିଯୋଗୀ ଯାନ ଅପେକ୍ଷା ଏକ ଉତ୍ତମ ଟିସିଓ ପ୍ରଦାନ କରିବ ଏବଂ ସେମାନଙ୍କୁ ବିନିଯୋଗ ଉପରେ ଭଲ ଲାଭ ଦେବା ଉଚ୍ଚ କ୍ଷମତା, ରେ୍ ଏବଂ ଗ୍ରେଡେବିଲିଟି ଯୋଗାଇବା ଆମର ପ୍ରାଥମିକତା। ଗ୍ରାହକମାନଙ୍କ ପାଇଁ ଆମେ ବିକ୍ରୟ ପରେ ଆମେ ୨୪ ଘଣ୍ଟିଆ ସେଲ୍ସ ସୁବିଧା ସେବା ଯୋଗାଇ ଦେଉଛୁ'। ଆମେ ଖୁବ୍ ଶୀଘ୍ର ଓଡିଶାର ଅନ୍ୟ ସମସ୍ତ ସ୍ଥାନରେ ଏହି ଯାନ ଲଞ୍ଚ୍ କରିବୁ।

# ବ୍ୟାଙ୍କ ଅଫ୍ ବରୋଦାର ଆର୍ଥିକ ଠକେଇ ସମ୍ପର୍କରେ ସଚେତନତା

ଭୁବନେଶ୍ୱର (ସବ୍ୟୁ): ଭାରତର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ରାୟତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା (ବ୍ୟାଙ୍କ) ଏହାର ଦ୍ୱ`#PehchaanCon 3.0 ବ୍ୟାଙ୍କିଂ ଠକେଇ ସଚେତନତା ଅଭିଯାନ ଜାରି କରିଛି। ପୂର୍ବ ଦୁଇଟି ସଂସ୍କରଣର ସଫଳତାକୁ ଆଧାର କରି ଏହି ଅଭିଯାନ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଦ୍ୱାରା ନିର୍ମିତ ଡିପ୍ ଫେକ୍ ଠକେଇ ଭଳି ନୂତନ ଯୁଗର ଆର୍ଥିକ ଠକେଇ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଚେଷ୍ଟା କରୁଛି ଯାହା ସବୁଠାରୁ ସଚେତନ ଗ୍ରାହକଙ୍କୁ ମଧ ଠକିବାରେ ସମ୍ଭାବନା ରହିଛି। #PehchaanCon ଅଭିଯାନର ତୃତୀୟ ପର୍ଯ୍ୟାୟରେ ବ୍ୟାଙ୍କ ଅଭିନେତା କୁନାଲ ରାୟ କପୁରଙ୍କୁ ନେଇ ଦୁଇଟି ନୂଆ ବିଜ୍ଞାପନ ଚଳଚ୍ଚିତ୍ର ମୁକ୍ତିଲାଭ କରିଛି। ସୂଚନାପ୍ରଦ ବିଷୟବସ୍ତୁ ସହିତ ହାସ୍ୟର ବ୍ୟବହାରକୁ ମିଶାଇ, ଏହି ଭିଡିଓଗୁଡିକ ଦର୍ଶାଉଛି ଯେ ଆମ ମଧ୍ୟରୁ ଯେ କୌଣସି ବ୍ୟକ୍ତି- ଏପରିକି ସବୁଠାରୁ ସ୍ମାର୍ଟ ଏବଂ ସଚେତନ ବ୍ୟକ୍ତି ମଧ କିପରି ଠକେଇର ଶିକାର ହୋଇପାରନ୍ତି । ପରିବାରର ସଦସ୍ୟ / ଘନିଷ୍ଠ ପରିଚିତ ବ୍ୟକ୍ତିଙ୍କ ପରିଚୟ ଦେଇ କିମ୍ବା ଅନଲାଇନ୍ ଗ୍ରାହକଙ୍କୁ ଟାର୍ଗେଟ କରି ନିଜକୁ ଡେଲିଭରି ଏଜେଂଟର ପରିଚୟ ଦେଇ ତଥା ଓଟିପି ମାଗି ବ୍ୟକ୍ତିଗତ ଡାଟା ହ୍ୟାକ୍ କରିବା ପାଇଁ ବ୍ୟବହାର କରାଯାଉଥିବା ଅତ୍ୟାଧୁନିକ ଡିପ୍ ଫେକ୍ ଟେକ୍ନୋଲୋଜି ବ୍ୟବହାର କରି ଠକମାନେ ଲୋକଙ୍କୁ ଠକିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି ।

# ଭ୍ରମଣ ଉତ୍ସାହୀଙ୍କ ନିମନ୍ତେ ଏସବିଆଇ କାର୍ଡ ପ୍ରଚଳନ କଲା ଏସବିଆଇ କାର୍ଡ ମାଇଲସ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ପିୟୋର-ପ୍ଲେ କ୍ରେଡିଟ କାର୍ଡ ଯୋଗାଣକାରୀ ଏସବିଆଇ କାର୍ଡ ତାହାର ପ୍ରଥମ ଭ୍ରମଣ ଉପରେ କେନ୍ଦ୍ରୀଭୂତ କୋର କ୍ରେଡିଟ କାର୍ଡ 'ଏସବିଆଇ କାର୍ଡ ମାଇଲସ'ର ତିନିଟି ପ୍ରକରଣ ମୁମ୍ବାଇରେ ପ୍ରଚଳନ କରିଛି। ଭ୍ରମଣ ଆକାଂକ୍ଷୀଙ୍କ ଠାରୁ ନେଇ ବାରମ୍ବାର ବିମାନ ଯାତ୍ରା କରୁଥିବା ଏବଂ ଭ୍ରମଣ ପ୍ରତି ଆଗ୍ରହ ରଖୁଥିବା ସମସ୍ତ ପ୍ରକାର ଭ୍ରମଣକାରୀଙ୍କୁ ପୂର୍ଣ୍ଣାଙ୍ଗ ଭ୍ରମଣ ଫାଇଦା ଆଣିଦେବା ଏହି କାର୍ଡର ଲକ୍ଷ୍ୟ ରହିଛି। ଏସବିଆଇ କାର୍ଡ ମାଇଲସ ଅନେକ ପ୍ରଭାବୀ ବୈଶିଷ୍ଟ୍ୟ ଯୋଗାଇ ଦେଉଛି ଯେଉଁଥିରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ଟ୍ରାଭେଲ କ୍ରେଡିଟଗୁଡିକୁ ଏୟାର ମାଇଲସ ଏବଂ ହୋଟେଲ ପଏରେ ରୂପାନ୍ତରଣ, ପ୍ରତ୍ୟେକ ଭ୍ରମଣ ବୁକିଂ ଉପରେ ତ୍ୱରିତ ରିୱାର୍ଡ ଏବଂ ବିମାନବନ୍ଦର ଲାଉଞ୍ଜ ପ୍ରବେଶ ସୁଯୋଗ ଆଦି ରହିଛି। ବିନିଯୋଗ (ଭଙ୍ଗାଣ)ର ପୂର୍ଣ୍ଣ ପସନ୍ଦ ପ୍ରଦାନକରି କାର୍ଡଧାରୀଙ୍କୁ ସଶକ୍ତ କରୁଥିବା ଏହି କାର୍ଡ ଏୟାର ଭିସ୍ତାରା, ଏୟାର ଇଣ୍ଡିଆ, ସ୍ପାଇସଜେଟ୍, ଏୟାର ଫ୍ରାନ୍ସ-କେଏଲଏମ, ଏତିହାଦ ଏୟାରୱେଜ, ଏୟାର କାନାଡା, ଥାଇ ଏୟାରୱେଜ, କ୍ୱାାସ ଏୟାରୱେଜ, ଆଇଟିସି ହୋଟେଲସ, ଆଇଏଚ୍‌ଜି ହୋଟେଲସ ଆଣ୍ଡ ରିସର୍ଟସ ଏବଂ




ଆକର ଆଦି ୨୦ଟି ବିମାନ ଚଳାଚଳ ସଂସ୍ଥା ଏବଂ ହୋଟେଲ ବ୍ରାଣ୍ଡଗୁଡିକ ସହିତ ସହଯୋଗୀତା କରିଛି ।

# ଓଡ଼ିଆ ଅସ୍ମିତା ଏବେ ସଙ୍କଟରେ: ମୋଦି



ନୂଆଦିଲ୍ଲୀ: ଦେଶ ଓ ରାଜ୍ୟରେ ଏବେ ନିର୍ବାଚନ ଋତୁ ଚାଲିଛି । ୨୦୨୪ ମହାସଂଗ୍ରାମ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ସମ୍ପର୍କରେ ବଡ଼ ବୟାନ ଦେଇଛନ୍ତି ।

ସେ କହିଛନ୍ତି ଯେ ଓଡ଼ଆ ଅସ୍ମିତା ଏବେ ସଙ୍କଟରେ ରହିଛି । ରାଜ୍ୟ ବିଜେପି କ୍ଷମତାସୀନ ବିଜେଡି ବିରୋଧରେ ଲଢ଼ିବାକୁ ଓଡ଼ିଆ ଅସ୍ମିତାକୁ ମୁଖ୍ୟ ପ୍ରସଙ୍ଗ କରିଛି । ସେହିପରି ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ବିଜେଡିକୁ ଟାର୍ଗେଟ କରିବା ବେଳେ ବାହାର ଲୋକଙ୍କୁ ଓଡ଼ିଶା ସରକାର ପ୍ରଶ୍ରୟ ଦେଉଛନ୍ତି ବୋଲି କହିଥିଲେ । ଏହାକୁ ନେଇ ବିଜେଡି ବ୍ୟାକଫୁଟରେ ଥିବା ବେଳେ ମୋଦି ଓଡ଼ିଆ ଅସ୍ମିତା ପ୍ରସଙ୍ଗକୁ ଆହୁରି ତୀବ୍ର କରିଛନ୍ତି ।

ଗୋଟିଏ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଓଡ଼ିଶା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦି ବଡ଼ ମନ୍ତବ୍ୟ ଦେଇଛନ୍ତି । ଓଡ଼ିଶା ସଂକ୍ରାନ୍ତ ପ୍ରଶ୍ନରେ ମୋଦି କହିଛନ୍ତି, ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା ଏବେ ବିପଦରେ ଅଛି । ବିଜୁ ଜନତା ଦଳ ଆମକୁ ପ୍ରସଙ୍ଗ ଭିତ୍ତିରେ ସମର୍ଥନ ଦେଉଥିଲା । ଏଭଳି ଅନେକ ଦଳ ଆମକୁ ପ୍ରସଙ୍ଗ ଭିତ୍ତିକ ସମର୍ଥନ କରିଛନ୍ତି । ବିଜେଡି ସହ ଆମର ସଂପର୍କ ରାଜ୍ୟରେ ପୂରା ଅଲଗା । ଓଡ଼ିଶାର ପୂରା ଅସ୍ମିତା ଏବେ ଶେଷ ହେବାକୁ ବସିଛି । ଓଡ଼ିଆ ଭାଷା ଓ ଅସ୍ମିତା ଏବେ ସଂକଟରେ ରହିଛି । ଓଡ଼ିଶାବାସୀ ଏହାକୁ ଆଉ ବରଦାସ୍ତ କରିବେ ବୋଲି ଭାବୁନି ।

ପ୍ରାକୃତିକ ସଂପଦରେ ଭରପୂର ରହିଛି ଓଡ଼ିଶା । ଏତେ ସଂପଦରେ ପରିପୂର୍ଣ୍ଣ ଓଡ଼ିଶା ୧ ନମ୍ବର ଧନୀ ରାଜ୍ୟ ହେବା କଥା । କିନ୍ତୁ ଓଡ଼ିଶାର ସ୍ଥିତି ଏବେ କଣ ଆପଣ ଦେଖୁଥିବେ । ଏଭଳି ସ୍ଥିତିରେ ଆମକୁ ଓଡ଼ିଶାର ସେବା ପାଇଁ ସୁଯୋଗ ମିଳିବା ଦରକାର । ଆମକୁ ସୁଯୋଗ ମିଳିଲେ, ଆମେ ଓଡ଼ିଶାକୁ ନୂଆ ଶିଖରକୁ ନେବୁ । ଏହାବାଦ ମୋଦି ଉକ୍ତ ସାକ୍ଷାତକାରରେ କଂଗ୍ରେସ ସମ୍ପର୍କରେ ମଧ ରଖି ଦଳକୁ ତୀବ୍ର ସମାଲୋଚନା କରିଛନ୍ତି । ଏଥିସହ ୨୦୪୭ ବିକଶିତ ଭାରତ କଥା ଦୋହରାଇଛନ୍ତି ।

# ଜୁଲାଇରୁ ବନ୍ଦେ ଭାରତ ମେଟ୍ରୋ ସେବା




ନୂଆଦିଲ୍ଲୀ : ଭାରତରେ ସେମି ହାଇସ୍ପିଡ୍ ବନ୍ଦେ ଭାରତ ଟ୍ରେନକୁ ସଫଳତା ମିଳିବା ପରେ ଏବେ ଦେଶରେ ବନ୍ଦେ ମେଟ୍ରୋ ଯୋଜନା ଆରମ୍ଭ ହେବାକୁ ଯାଉଛି । ରେଳବାଇର ଏହି ଯୋଜନା ସହ ଜଡିତ ଏକ ବରିଷ୍ଠ ଅଧିକାରୀଙ୍କ କହିବା ଅନୁସାରେ, ୨୦୨୪ ଜୁଲାଇ ମାସ ସୁଦ୍ଧା ଏହାର ଟ୍ରାଏଲ ରନ୍ ଆରମ୍ଭ କରିବା ପାଇଁ ସମସ୍ତ ପ୍ରସ୍ତୁତି ଚାଲିଛି । ଖୁବ୍ ଶୀଘ୍ର ମେଟ୍ରୋ ସେବା ଯୋଗାଇ ଦେବା ପାଇଁ ଯୋଜନା ରହିଛି ।

ବନ୍ଦେ ଭାରତ ମେଟ୍ରୋ ସେବା ଆରମ୍ଭ ହେଲା ଯାତ୍ରୀଙ୍କୁ ଅନେକ ସୁବିଧା ମିଳିବ । ମେଟ୍ରୋ ସେବା ଆରମ୍ଭ ହେବା ଦ୍ୱାରା ଖୁବ କମ ସମୟରେ ଲୋକେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତାୟତ କରିପାରିବେ । ମେଟ୍ରୋରେ ସ୍ୱୟଂଚାଳିତ କବାଟ, ଶୀତତାପ ନିୟନ୍ତ୍ରଣ, ଉଚ୍ଚ ଆରାମ ସାଙ୍ଗକୁ ଏଥିରେ ଅନେକ ଫିଚର୍ସ ମିଳିବ ଯାହା ବର୍ତ୍ତମାନ ଚାଲୁଥିବା ମେଟ୍ରୋ ଟ୍ରେନରେ ଉପଲବ୍ଧ ନାହିଁ । ଏହାର ବେଗ ଘଣ୍ଟା ପ୍ରତି ୧୩୦ କିଲୋମିଟର ରହିବ । ଏହି ଟ୍ରେନରେ ୧୨ଟି କୋଚ୍ ରହିବ । ସର୍ବାଧିକ ୧୬ଟି କୋଚ୍ ରହିପାରିବ । ଏହି ଟ୍ରେନ୍ ସେହିମାନଙ୍କ ପାଇଁ ବେଶି ସହାୟକ ହେବ ଯେଉଁମାନେ ପ୍ରତିଦିନ ଗୋଟିଏ ସହରରୁ ଅନ୍ୟ ଏକ ସହରକୁ ଯାତ୍ରା କରିଥାନ୍ତି । ତେବେ ମିଳିଥିବା ସୂଚନା ଅନୁସାରେ, ମେଟ୍ରୋ ଟ୍ରେନ୍ ୧୨୪ଟି ସହରକୁ ସଂଯୋଗ କରିବ । ଯେଉଁଥିରେ- ଲକ୍ଷ୍ନୌ-କାନପୁର, ଆଗ୍ରା-ମଥୁରା । ଦିଲ୍ଲୀ-ରେଓ୍ୱାରୀ, ଭୁବନେଶ୍ୱର-ବାଲେଶ୍ୱର, ଏବଂ ତିରୁପତି-ଚେନ୍ନାଇ ଅନ୍ତର୍ଭୁକ୍ତ ରହିଛି ।

# ନିର୍ବାଚନ ଡ୍ୟୁଟିରେ ଯାଉଥିଲେ ଦୁର୍ଘଟଣାରେ ୩ ଯବାନ ସହିଦ

ପାଟଣା: ନିର୍ବାଚନ ଡ୍ୟୁଟିରେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହେଲା ସୁରକ୍ଷାକର୍ମୀଙ୍କ ବସ୍ । ଗୋଟିଏ ପରେ ଗୋଟିଏ ସୁରକ୍ଷାକର୍ମୀଙ୍କ ୩ଟି ବସକୁ ପଛ ପଟୁ ଧକ୍କା ଦେଲା କଣ୍ଟେନର୍ । ଏଥିରେ ଡ୍ରାଇଭରଙ୍କ ସମେତ ୩ ଜଣ ଯବାନ ସହିଦ ହୋଇଛନ୍ତି । ବିହାରର ଗୋପାଳଗଞ୍ଜରେ ଘଟିଛି ଏଭଳି କିଛି ଦୁର୍ଘଟଣା ।

ସୂଚନା ମୁତାବକ, ନିର୍ବାଚନ ଡ୍ୟୁଟିରେ ବିହାର ଗୋପାଳଗଞ୍ଜରୁ ୨୪୨ ଜଣ ପୁଲିସ କର୍ମୀ ଓ ଯବାନ ତିନୋଟି ବସରେ ସୁପୋଲା ଯାଉଥିଲେ । ତେବେ ସିଦ୍ଧୱାଲିଆ ପୁଲିସ ଷ୍ଟେସନ ପରିସରର ବାରହିମା ଟର୍ନ ନିକଟରେ ବସକୁ ଅଟକାଇ ସମସ୍ତେ ଜଳଖିଆ ଖାଉଥିଲେ । ଏହି ସମୟରେ ଦ୍ରୁତ ଗତିରେ ଏକ କଣ୍ଟେନର ଆସି ସୁରକ୍ଷାକର୍ମୀଙ୍କ ବସ୍‌କୁ ପଛପଟୁ ଧକ୍କା ଦେଇଥିଲା । ତେବେ ଘଟଣାସ୍ଥଳରେ ଅଶୋକ ଉରାମ୍ନ ନାମକ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ପବନ ମହତୋ ଓ ଦିଗବିଜୟଙ୍କ ମୃତ୍ୟୁ ହୋଇଛି । ସେହିରପି ୧୨ରୁ ଅଧିକ ପୁଲିସକର୍ମୀ ଗୁରୁତର ହୋଇଛନ୍ତି । ପାଞ୍ଚଟି ଆମ୍ବୁଲାନ୍ସ ଏବଂ ଡାକ୍ତରଙ୍କ ଏକ ଟିମ୍ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘଟଣାସ୍ଥଳକୁ ପଠାଯାଇ ସମସ୍ତ ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଦୁଇଟି ବସ୍ ମଧରେ ଅନେକ ପୁଲିସ ଯବାନ ଫଶି ଯାଇଥିଲେ । ତାଙ୍କୁ ଉଦ୍ଧାର କରିବା ପାଇଁ ଘଣ୍ଟା ଘଣ୍ଟା ଧରି ଉଦ୍ୟମ ଚାଲିଥିଲା । ସେପଟେ ଏସ୍ପି ସ୍ୱର୍ଣ୍ଣ ପ୍ରଭାତ ଓ ଡିଏମ୍ ମହମ୍ମଦ ମକସୁଦ ଆଲମ ହସ୍ପିଟାଲ ପହଞ୍ଚି ଆହତ ସୁରକ୍ଷାକର୍ମୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଛନ୍ତି ।

# ଆମେରିକାରେ ଇସ୍ରାଏଲ ବିରୋଧୀ ଆନ୍ଦୋଳନ ଗିରଫ ହେଲେଣି ୫୫୦ରୁ ଅଧିକ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ: ଆମେରିକାରେ ଦିନକୁ ଦିନ ତୀବ୍ର ହେଉଛି ଇସ୍ରାଏଲ୍ ବିରୋଧୀ ଆନ୍ଦୋଳନ । ଅଧିକାଂଶ ୟୁନିଭରସିଟିରେ ଆନ୍ଦୋଳକୁ ଓହ୍ଲାଇଛନ୍ତି ହଜାର ହଜାର ଛାତ୍ରଛାତ୍ରୀ । ଏହାରି ମଧରେ କଲମ୍ବିଆ ୟୁନିଭରସିଟି ଇସ୍ରାଏଲ ବିରୋଧୀ ଆନ୍ଦୋଳନର ନେତାଙ୍କୁ କ୍ୟାମ୍ପସ ପ୍ରବେଶ ଉପରେ କଟକଣା ଲଗାଯାଇଛି ।

ଏକ ଭିଡିଓରେ ସେ 'ଜିଓନିଷ୍ଟମାନେ ବଞ୍ଚିବା ପାଇଁ ଯୋଗ୍ୟ ନୁହଁନ୍ତି, ସେମାନଙ୍କୁ ହତ୍ୟା କରାଯିବା ଉଚିତ' ବୋଲି କହୁଥିବା ଶୁଣିବାକୁ ମିଳୁଛି । ୟୁନିଭରସିଟି କର୍ତ୍ତୃପକ୍ଷଙ୍କ ନିକଟରେ ଏହି ଭିଡିଓ ପହଞ୍ଚିବା ପରେ ସେମାନେ ତାଙ୍କ କ୍ୟାମ୍ପସ ପ୍ରବେଶ ଉପରେ କଟକଣା ଲଗାଇଛନ୍ତି । ଅନ୍ୟପଟେ ଏହି ମାମଲାରେ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟରୁ ୫୫୦ରୁ ଅଧିକ ଛାତ୍ରଛାତ୍ରୀ ଗିରଫ ହୋଇ ସାରିଲେଣି ।

ଛାତ୍ରଛାତ୍ରୀ ଆନ୍ଦୋଳନକୁ ଓହ୍ଲାଇବାର କାରଣ ହେଉଛି, ସେମାନଙ୍କ କହିବା କଥା ଇସ୍ରାଏଲ-ହମାସ ଯୁଦ୍ଧ ପାଇଁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ସହ ଦିନକୁ ଦିନ ମାନବିକ ସଙ୍କଟ ବଢୁଛି । ତେଣୁ ବିଶ୍ୱବିଦ୍ୟାଳୟଗୁଡିକ ଇସ୍ରାଏଲ ସହ ଆର୍ଥିକ ସମ୍ପର୍କ ବନ୍ଦ କରନ୍ତୁ ଏବଂ କମ୍ପାନୀଗୁଡିକ ଏହି ବିବାଦରୁ ଦୂରେଇ ରୁହନ୍ତି । ଯଦି ଦାବି ପୂରଣ ନହୁଏ, ତେବେ ଆଗକୁ ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

ପ୍ରକାଶ ଥାଉକି, କିଛିଦିନ ହେବ ଆମେରିକାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ଏହି ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ବର୍ତ୍ତମାନ ସୁଦ୍ଧା ୫୫୦ରୁ ଅଧିକ ଛାତ୍ରଛାତ୍ରୀ ଗିରଫ ହୋଇଥିବା ବେଳେ ସେମାନଙ୍କ ମଧରେ ଜଣେ ଭାରତୀୟ ବଂଶୋଭ ବ ଅଛନ୍ତି । ତେବେ ଆଗକୁ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ କେଉଁ ମୋଡ଼ ନେଉଛି, ତା' ଉପରେ ମସସ୍ତଙ୍କ ନଜର ।

# ନିର୍ବାଚନ ଆୟୋଗକୁ ଅସ୍ତ୍ର କରୁଛି ବିଜେପି : ଆତିଶୀ




ନୂଆଦିଲ୍ଲୀ: ଆମ୍ ଆଦମୀ ପାର୍ଟି ନେତା ତଥା ଦିଲ୍ଲୀ ସରକାରୀ ମନ୍ତ୍ରୀ ଆତିଶୀ ନିର୍ବାଚନ ଆୟୋଗକୁ ବିଜେପିର ଅସ୍ତ୍ର ବୋଲି କହିଛନ୍ତି । ସେ କହିଛନ୍ତି ଯେ ଏକଛତ୍ରବାଦୀ ଶାସନରେ ବିରୋଧୀ ଦଳମାନଙ୍କୁ ପ୍ରଚାର କରିବାକୁ ବାରଣ କରାଯାଇଛି । ଆଜି ଏହାହିଁ ଘଟିଛି । ଏକ ଚିଠି ମାଧ୍ୟମରେ ନିର୍ବାଚନ ଆୟୋଗ ଆମ୍ ଆଦମୀ ପାର୍ଟିର ପ୍ରଚାର ଗୀତ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ପ୍ରତ୍ୟେକ ଦିନ ବିଜେପି ଦ୍ୱାରା ଆଚରଣ ବିଧି ଉଲ୍ଲଂଘନ ହେଉଛି ତାହା ନିର୍ବାଚନ ଆୟୋଗ ନଜରକୁ ଆସୁନାହିଁ, କିନ୍ତୁ ଯେତେବେଳେ ବି ଆମ୍ ଆଦମୀ ପାର୍ଟିର ନେତାମାନେ ପ୍ରଚାର ଆରମ୍ଭ କରନ୍ତି, ସେତେବେଳେ ଇସିଆଇ ପକ୍ଷରୁ ନୋଟିସ୍ ଆସେ ।

ଆତିଶୀ କହିଛନ୍ତି ଯେ ଯେତେବେଳେ ଆଚରଣ ବିଧି ସତ୍ତ୍ୱେ ବିଜେପି ନେତାମାନେ ଇଡି ଏବଂ ସିବିଆଇର ବ୍ୟବହାର କରନ୍ତି, ସେତେବେଳେ ନିର୍ବାଚନ ଆୟୋଗର କୌଣସି ଅସୁବିଧା ହୁଏ ନାହିଁ । କିନ୍ତୁ ଯେତେବେଳେ ଆମ୍ ଆଦମୀ ପାର୍ଟି ଏହି ଗୀତରେ ସମାନ କଥା ଲେଖିଥିଲେ, ସେତେବେଳେ ନିର୍ବାଚନ ଆୟୋଗର ଆପତ୍ତି ହୁଏ । ସେ କହିଛନ୍ତି ଯେ ଯେତେବେଳେ ଲୋକମାନେ ବିଜେପିରେ ଯୋଗ ଦିଅନ୍ତି, ସେତେବେଳେ ସେମାନଙ୍କର ମାମଲା ବନ୍ଦ ହୋଇଯାଏ କିନ୍ତୁ ଯେତେବେଳେ ଆମେ ଥିମ୍ ଗୀତରେ ଲେଖିଥିଲୁ ଯେ ଜେଲର ଉତ୍ତର ଭୋଟ୍ ମାଧରେ ଦିଆଯିବା ଉଚିତ, ନିର୍ବାଚନ ଆୟୋଗର ସମସ୍ୟା ଆରମ୍ଭ ହୋଇଗଲା । ଗୀତର କୌଣସି ସ୍ଥାନରେ ବିଜେପିର ନାମ ନିଆଯାଇନଥିବା ବେଳେ ନିର୍ବାଚନ ଆୟୋଗ ନିଜେ ସ୍ୱୀକାର କରିଛନ୍ତି ଯେ ଗୀତରେ ବିଜେପି ଏବଂ ପ୍ରଧାନମନ୍ତ୍ରୀ ଏକଛତ୍ରବାଦୀ ଶାସନ ବ୍ୟବହାର ହୋଇଛି ।

ଆତିଶୀ କହିଛନ୍ତି ଯେ ଆଜି ପୁଣି ଥରେ ବିଜେପି ନିଜର ଏକଛତ୍ରବାଦୀ ଶାସନର ପ୍ରମାଣ ଦେଶ ସାମ୍ନାରେ ରଖିଛି । ଅରବିନ୍ଦ କେଜ୍ରିୱାଲଙ୍କୁ ଭୟ କରୁଥିବା ବିଜେପି ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କର ପ୍ରମାଣ ଦେଶ ସମ୍ମୁଖରେ ରଖାଯାଇଛି । ସର୍ବପ୍ରଥମେ ଅରବିନ୍ଦ କେଜ୍ରିୱାଲଙ୍କୁ ଲୋକସଭା ନିର୍ବାଚନରେ ପ୍ରଚାର ନକରିବା ପାଇଁ ତାଙ୍କୁ ଏକ ନକଲି ମାମଲାରେ ଗିରଫ କରାଯାଇ ଜେଲରେ ରଖାଯାଇଛି । ଏକଛତ୍ରବାଦୀ ଶାସନର ଗୁଣ ହେଉଛି ଯେ ସେ ବିରୋଧୀଙ୍କୁ ପ୍ରଚାରରୁ ନିବୃତ୍ତ କରନ୍ତି । ଆଜି ସମାନ ଘଟଣା ଘଟିଛି ।

ବିଜେପିର ଅନ୍ୟ ଏକ ଅସ୍ତ୍ର ନିର୍ବାଚନ ଆୟୋଗ ଆମ୍ ଆଦମୀ ପାର୍ଟିର ପ୍ରଚାର ଗୀତକୁ ନିଷିଦ୍ଧ କରିଛି । ଆତିଶୀ ଆହୁରି କହିଛନ୍ତି ଯେ ଆମ୍ ଆଦମୀ ପାର୍ଟି ଏବଂ ବିରୋଧୀଙ୍କୁ ଯେପରି ରୋକାଯାଉଛି, ଏହା ଏକଛତ୍ରବାଦୀ ଶାସନ କିପରି ଚାଲିଛି ତାହା ସ୍ପଷ୍ଟ ଭାବେ ଦର୍ଶାଉଛି । ଥିମ୍ ଗୀତ ସମ୍ବନ୍ଧରେ ଆମେ ଶୀଘ୍ର ନିର୍ବାଚନ ଆୟୋଗରେ ଏକ ଉତ୍ତର ଦାଖଲ କରିବୁ । ଆମେ ଭିଡିଓରେ କେବଳ ବାସ୍ତବ ଜିନିଷ ଏବଂ ଭିଡିଓ ଦେଖାଇଛୁ ବୋଲି ଆତିଶୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଦିଲ୍ଲୀରେ କଂଗ୍ରେସକୁ ଲାଗିଛି ବଡ ଝଟକା ଦଳ ଛାଡିଲେ ରାଜ୍ୟ ସଭାପତି ଅରବିନ୍ଦ ସିଂ ଲଭଲି

ନୂଆଦିଲ୍ଲୀ: ଲୋକସଭା ନିର୍ବାଚନ ପୂର୍ବରୁ ଦିଲ୍ଲୀରେ କଂଗ୍ରେସକୁ ଲାଗିଛି ବଡ ଝଟକା । ଦଳର ରାଜ୍ୟ ସଭାପତି ଅରବିନ୍ଦର ସିଂ ଲଭଲି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ସେ ତାଙ୍କ ଇସ୍ତଫା କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ ଚିଠି ଲେଖି ପଠାଇଛନ୍ତି । କୁହାଯାଉଛି ଯେ ଅରବିନ୍ଦର ସିଂ ଲଭଲି ଆମ୍ ଆଦମୀ ପାର୍ଟି ସହ ମେଣ୍ଟ ବିରୁଦ୍ଧରେ ଥିଲେ । ସେ ଚିଠିରେ ଲେଖିଛନ୍ତି ଯେ କଂଗ୍ରେସ ବିରୋଧରେ ମିଥ୍ୟା ଓ ଦୁର୍ନୀତି ଅଭିଯୋଗ ଆଣିବାର ଏକମାତ୍ର ଆଧାରରେ ଗଠିତ ହୋଇଥିବା ଦଳ ସହିତ ଦିଲ୍ଲୀ କଂଗ୍ରେସ ବିରୋଧୀ ଥିଲା । ଏହାପରେ ମଧ ଦଳ ଦିଲ୍ଲୀରେ ଆପ୍ ସହିତ ଏକ ମେଣ୍ଟ ଗଠନ କରିବାକୁ ନିଷ୍ପତ୍ତି ନେଇଛି । ଦିଲ୍ଲୀରେ କଂଗ୍ରେସ ଯେଉଁ ଦଳର ବିରେଧୀ ଥିଲା, ଲୋକସଭା ନିର୍ବାଚନ ଅବସରରେ ସେହି ଦଳ ସହ ହାତ ମିଳାଇଛି ।



ଅରବିନ୍ଦର ଲଭଲି ଇସ୍ତଫା ପତ୍ରରେ ଲେଖିଛନ୍ତି ଯେ ବିଭିନ୍ନ କାରଣରୁ ସେ ନିଜକୁ ଅକ୍ଷମ ବୋଲି ଅନୁଭବ କରୁଛନ୍ତି ଏବଂ ନିଜକୁ ଦିଲ୍ଲୀ ପ୍ରଦେଶର ସଭାପତି ଭାବରେ ମଧ କାର୍ଯ୍ୟ କରିବାକୁ ଯୋଗ୍ୟ ନୁହଁନ୍ତି ବୋଲି ବିବେଚନା କରିଛନ୍ତି । ଅଗଷ୍ଟ ୩୧ ତାରିଖ ୨୦୨୩ ରେ ଦିଲ୍ଲୀ କଂଗ୍ରେସର ସଭାପତି ଭାବରେ ମତେ ନିଯୁକ୍ତ କରାଯାଇଥିଲା, ଯେଉଁଥିପାଇଁ ମୁଁ ଦଳକୁ ହୃଦୟରୁ କୃତଜ୍ଞତା ଜଣାଉଛି ବୋଲି ଏହି ଚିଠିରେ ସେ ଲେଖିଛନ୍ତି । ଲଭଲି ଆହୁରି ଲେଖିଛନ୍ତି ଯେ ମୋତେ ଦାୟିତ୍ୱ ଦିଆଯିବା ପରେ ଗତ ୭-୮ ମାସ ମଧରେ ଦିଲ୍ଲୀରେ ଦଳକୁ ପୁନଃ ପ୍ରତିଷ୍ଠା କରିବା ପାଇଁ ବହୁ ପ୍ରକାର ଚେଷ୍ଟା କରିଛି । ଦିଲ୍ଲୀର ସ୍ଥିତି ସମସ୍ତେ ଜାଣନ୍ତି । ମୁଁ ଦଳରେ ଅନେକ କର୍ମୀ ଏବଂ ସ୍ଥାନୀୟ ନେତାଙ୍କୁ ପୁନର୍ବାର ଅନ୍ତର୍ଭୁକ୍ତ କରିଥିଲି, ଯେଉଁମାନେ ଦଳ ଛାଡିଥିଲେ କିମ୍ବା ଦଳ ଠାରୁ ଦୂରେଇ ରହିଥିଲେ । ଲଭଲି କହିଛନ୍ତି ଦିଲ୍ଲୀରେ କଂଗ୍ରେସକୁ ମାତ୍ର ତିନୋଟି ସିଟ୍ ଦିଆଯାଇଛି । ଏହି ତିନୋଟି ସିଟରୁ ଦୁଇଟି ବାହାର ଲୋକଙ୍କୁ ଦିଆଯାଇଥିବାରୁ ଲଭଲି ମଧ ଅସନ୍ତୁଷ୍ଟ ଥିଲେ ବୋଲି କୁହାଯାଉଛି ।

# ଟାଇଟାନିକ ଜାହାଜରେ ଯାତ୍ରା କରିଥିବା ବ୍ୟକ୍ତିଙ୍କ ଘଣ୍ଟା ନିଲାମ

ଲଣ୍ଡନ: ଐତିହାସିକ ଟାଇଟାନିକ ଜାହଜରେ ଯାତ୍ରା କରିଥିବା ଜଣେ ଯାତ୍ରୀଙ୍କ ଘଂଟା ରେକର୍ଡ ଟଙ୍କାରେ ନିଲାମ ହୋଇଛି । ବିବିସି ନ୍ୟୁଜରେ ପ୍ରକାଶିତ ଖବର ଅନୁସାରେ ବ୍ୟବସାୟୀ ଜନ ଜ୍ୟାକବ ଏଷ୍ଟରଙ୍କ ଘଂଟା ୧୨ କୋଟିରେ ନିଲାମ ହୋଇଛି । ଏହା ବିଶ୍ୱ ରେକର୍ଡ ବୋଲି ନିଲାମୀ ସହିଜ ଜଡିତ ଆଣ୍ଡ୍ର୍ୟୁ ଏଲ୍ଡ୍ରିଜ କହିଛନ୍ତି । ଆମେରିକାର ଜଣେ ପ୍ରାଇଭେଟ କଲେକ୍ଟର ହେନରୀ ଏଲଡ୍ରିଜ ଆଣ୍ଡ ସନ୍ସ ଏହାକୁ କିଣିଛନ୍ତି ।



ଏହା ପୂର୍ବରୁ ଟାଇଟାନିକ ଜାହଜ ବୁଡିବା ବେଳେ ଯାତ୍ରୀଙ୍କୁ ଶାନ୍ତ କରିବା ପାଇଁ ଯେଉଁ ଭାଓଲିନ ବଜା ଯାଇଥିଲା ତାହା ୨୦୧୩ରେ ୯ କୋଟି ଟଙ୍କାରେ ନିଲାମ ହୋଇଥିଲା । ୧୧୨ ବର୍ଷ ତଳେ ଏହି ବିଶାଳକାୟ ଐତିହାସିକ ଜାହଜ ସମୁଦ୍ରରେ ବୁଡି ଯାଇଥିଲା ।

ଏଥିରେ ୨୨୦୦ ଲୋକଙ୍କ କାହାଣୀ ଏଥିସହ ଜଡିତ । ଏତେ ଦିନ ପରେ ବି ଏଥିପ୍ରତି ଲୋକଙ୍କ ଉତ୍କଣ୍ଠା ରହିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ବୋଲି ନିଲାମ ଆୟୋଜନ କରିଥିବା କମ୍ପାନୀ କହିଛନ୍ତି । ଟାଇଟାନିକ ବୁଡିବାର ସପ୍ତାହ ପରେ ଜନଙ୍କ ଶବ ମିଳିଥିଲା । ସେ ଜାହଜରେ ଯାତ୍ରା କରୁଥିବା ସବୁଠାରୁ ଧନୀ ବ୍ୟକ୍ତି ଥିଲେ ।

# ନିଆଁ ମୁହଁରେ ଉତ୍ତରାଖଣ୍ଡର ନୈନିତାଲ ଜଙ୍ଗଲ



ନୂଆଦିଲ୍ଲୀ: ହୁ ହୁ ହୋଇ ଜଳୁଛି ଜଙ୍ଗଲ । ତ୍ରାହୀ ତ୍ରାହୀ ଡାକୁଛି ଜନଜୀବନ । କିଛି ଘଂଟା ଭିତରେ ହିଁ ଜଙ୍ଗଲର ୪୦ରୁ ଅଧିକ ପ୍ରତିଶତ ଜମି ଜଳିପୋଡି ପାଉଁଶ ହେଲାଣି । ଆଖପାଖରେ ରହୁଥିବା ଲୋକମାନେ ଜୀବନ ବିକଳରେ ଘରଦ୍ୱାର ଛାଡି ଚାଲିଯାଉଛନ୍ତି । କିନ୍ତୁ କ'ଣ ବା କରିବେ ନିରୀହ ଜୀବଜନ୍ତୁ । ନିଆଁ ଗ୍ରାସରେ ଜଳି ଯାଉଛନ୍ତି ବନ୍ୟପ୍ରାଣୀ । ଏହି ଦୃଶ୍ୟ ହେଉଛି ଉତ୍ତରାଖଣ୍ଡର ନୈନିତାଲ ଜଙ୍ଗଲର । ପବନ ଯୋଗୁଁ ଅଗ୍ନିକାଣ୍ଡ ଜଙ୍ଗଲର ଆଖପାଖ ଅଂଚଳକୁ ମାଡି ଚାଲିଛି । ସୂଚନା ଅନୁସାରେ ନୈନିତାଲ ହାଇକୋର୍ଟ ଓ ବସଷ୍ଟପ ନିକଟକୁ ମାଡି ଆସିଲାଣି ନିଆଁ ।

ଅଗ୍ନିକାଣ୍ଡକୁ କାବୁ କରିବାକୁ ରାଜ୍ୟ ସରକାର ସେନାର ସହାୟତା ଲୋଡିଛନ୍ତି । ହେଲିକପ୍ଟର ଜରିଆରେ ଜଙ୍ଗଲ ଉପରେ ଲଗାତାର ପାଣି ଢାଳାଯାଉଛି । ସେନାର ୫ଟି ହେଲିକପ୍ଟରକୁଙ୍କ ନିଆଁ ଲିଭା କାମରେ ନିୟୋଜିତ କରାଯାଇଛି । ସ୍ଥିତିକୁ ଦୃଷ୍ଟିରେ ରଖି ନୈନିତାଲକୁ ପର୍ଯ୍ୟଟକଙ୍କ ଆଗମନକୁ ରୋକାଯିବା ସହ ସମସ୍ତ ଜଳକ୍ରୀଡାକ ବନ୍ଦ ରଖାଯାଇଛି । ନୈନିତାଲ ହଲଦ୍ୱାନୀରେ ପହଁଚି ସ୍ଥିତି ସମୀକ୍ଷା କରିଛନ୍ତି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ । ଉତ୍ତରାଖଣ୍ଡର ବନ ବିଭାଗର ରିପୋର୍ଟ ଅନୁସାରେ ୩୬ ଘଣ୍ଟା ମଧରେ ନୈନିତାଲ ସମେତ ଛୋଟବଡ ୩୧ଟି ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଛି । ମୋଟ ୩୩.୩୪ ହେକ୍ଟର ଜମି ପ୍ରଭାବିତ ହୋଇଛି ।

# ମସଲାରୁ କ୍ୟାନ୍ସର କାରକ ମିଳୁଥିବା ଅଭିଯୋଗକୁ ଖଣ୍ଡନ

ନୂଆଦିଲ୍ଲୀ: ମସଲାରେ କ୍ୟାନ୍ସର ଭଳି ଗମ୍ଭୀର ରୋଗ ପାଇଁ ଦାୟୀ କୀଟନାଶକ ମିଳିବା ଖବର ପାଇବା ପରେ ମସଲାକୁ ନେଇ ଦେଖାଦେଇଛି ବିବାଦ । ଚାଲିଥିବା ବିବାଦ ମଧରେ ଗ୍ରାହକଙ୍କୁ ଆଶ୍ୱାସନା ଦେବାକୁ ଚେଷ୍ଟା କରିଛି ବିବାଦରେ ଥିବା ପ୍ରମୁଖ ମସଲା ବ୍ରାଣ୍ଡ ଏମଡିଏଚ । ଏମଡିଏଚ କହିଛି ଯେ, ଏହାର ମସଲା ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ସୁରକ୍ଷିତ । ତାଙ୍କ ମସଲାରେ କୀଟନାଶକ ମିଳିବା ଅଭିଯୋଗକୁ ମଧ ସେ ଅସ୍ୱୀକାର କରିଛନ୍ତି ।

ଏ ବାବଦରେ ଏମଡିଏଚ ଏକ ବିବୃତ୍ତି ଜାରି କରି କହିଛି ଯେ, ଏପର୍ଯ୍ୟନ୍ତ ତା'କୁ ହଂକଂ କିମ୍ବା ସିଙ୍ଗାପୁରର ଖାଦ୍ୟ ନିରାପତ୍ତା ଆୟୋଗଙ୍କଠାରୁ କୌଣସି କମ୍ୟୁନିକେଶନ ମିଳିନାହିଁ । ଉଭୟ ଦେଶର ରେଗୁଲେଟର୍ସମାନେ ସ୍ପାଇସ୍ ବୋର୍ଡ ଅଫ୍ ଇଣ୍ଡିଆ କିମ୍ବା ଘରୋଇ ନିୟାମକ ଏଫଏସଏସଏଆଇକୁ କୌଣସି ଟେଷ୍ଟ ରିପୋର୍ଟ କିମ୍ବା କମ୍ୟୁନିକେଶନ ପଠାଇ ନାହାଁନ୍ତି । ଏହାର ଉତ୍ପାଦରେ କ୍ଷତିକାରକ କୀଟନାଶକ ମିଳୁଥିବା ଅଭିଯୋଗ ସମ୍ପର୍କରେ କମ୍ପାନୀ କହିଛି ଯେ, ଏହା ସତ୍ୟ ନୁହେଁ । ଏପରି ଅଭିଯୋଗର କୌଣସି ପ୍ରମାଣ ମଧ ନାହିଁ ।

ସୂଚନା ଅନୁସାରେ, ଦେଶର ଘରେ ଘରେ ପରିଚିତ ମସଲା କମ୍ପାନୀ ଏମଡିଏଚ ଏବଂ ଏଭରେଷ୍ଟ ମସଲାରେ କ୍ୟାନସର ଭଳି ଘାତକ ରୋଗର କାରକ ରହିଛି ବୋଲି କହିଥିଲା ହଂକଂସ୍ଥିତ ସେଣ୍ଟର ଫର୍ ଫୁଡ୍ ସେଫ୍ଟି (ସିଏଫ୍ଏସ୍) । ଏହି ୨ଟି ମସଲା ଉତ୍ପାଦ ଉପରେ ପ୍ରତିବନ୍ଧକ ମଧ ଜାରି କରାଯାଇଥିଲା । ନିଷିଦ୍ଧ ଦ୍ରବ୍ୟ ମଧରେ ଏମଡିଏଚର ମାଡ୍ରାସ କରୀ ପାଉଡର, ମିକ୍ସ ମସଲା ପାଉଡର ଏବଂ ସମ୍ବର ମସଲା ସହିତ ଏଭରେଷ୍ଟର ମାଛ ତରକାରୀ ମସଲା ଅନ୍ତର୍ଭୁକ୍ତ । ସିଏଫଏସର ନିୟମିତ ନିରୀକ୍ଷଣ ଏହି ଉତ୍ପାଦଗୁଡ଼ିକରେ ଏକ କୀଟନାଶକ ଏବଂ ଜଣାଶୁଣା କାର୍ସିନୋଜେନ ଇଥିଲିନ୍ ଅକ୍ସାଇଡ୍ ଚିହ୍ନଟ କରିଥିଲା । ଇଥିଲିନ୍ ଅକ୍ସାଇଡ୍ ମାନବ ବ୍ୟବହାର ପାଇଁ ଅନୁମୋଦିତ ନୁହେଁ, ଏବଂ ଖାଦ୍ୟରେ ଏହାର ଉପସ୍ଥିତି ହଂକଂର ସୁରକ୍ଷା ନିୟମକୁ ଉଲ୍ଲଂଘନ କରେ ବୋଲି କହିଥିଲା ଆୟୋଗ ।

# କଂଗ୍ରେସରେ କନ୍ଦଳ, କହ୍ନୈୟା କୁମାରଙ୍କ ପ୍ରାର୍ଥୀତ୍ୱକୁ ବିରୋଧ



ନୂଆଦିଲ୍ଲୀ: ସାମ୍ନାକୁ ଆସିଲା କଂଗ୍ରେସର କନ୍ଦଳଛ କହ୍ନୈୟା କୁମାରଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କଲେ କର୍ମୀ । ଉତ୍ତର ପୂର୍ବ ଦିଲ୍ଲୀରୁ ଲୋକସଭା ନିର୍ବାଚନ ଲଢୁଥିବା ଯୁବ ନେତା କହ୍ନୈୟା କୁମାରଙ୍କୁ ନିଜ ଦଳର କର୍ମୀମାନେ ହିଁ ବିରୋଧ କରିଛନ୍ତି ।

ଦିଲ୍ଲୀର ମୌଜପୁର ମେଟ୍ରୋ ଷ୍ଟେସନ ନିକଟରେ କହ୍ନୈୟାଙ୍କ ନାମାଙ୍କନକୁ ବିରୋଧ କରି ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଜଣେ ସ୍ଥାନୀୟ ନେତାଙ୍କୁ ପ୍ରାର୍ଥୀ କରିବାର ଆବଶ୍ୟକତା ଅଛି । କୌଣସି ବାହାର ତଥା ଆଉଟ୍ ସାଇଡର୍ ଲୋକଙ୍କୁ ପ୍ରାର୍ଥୀ ହେବା ଉଚିତ ନୁହେଁ ବୋଲି କାର୍ଯ୍ୟକର୍ତ୍ତାମାନେ କହିଛନ୍ତି ।

ରବିବାର ସକାଳୁ ଦିଲ୍ଲୀ କଂଗ୍ରେସ ଅଧ୍ୟକ୍ଷ ଅରବିନ୍ଦର ସିଂହ ଲଭଲି ନିଜ ପଦରୁ ଇସ୍ତଫା ଦେଇଥିଲେ । ଏଥିସହି ସେ କହ୍ନୈୟାଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରିଥିଲେ । ସିଧାସଳଖ ତାଙ୍କ ନାମ ନେଇନଥିଲେ ବି, ତାଙ୍କୁ ଆଉଟ୍ ସାଇଡର୍ କହି ତେରେଛା ବାଣ ମାରିଥିଲେ । ତାଙ୍କ ସ୍ଥାନରେ ଜଣେ ସ୍ଥାନୀୟ ଲୋକଙ୍କୁ ଟିକେଟ୍ ଦେବାକୁ ସେ ଦାବି କରିଥିଲେ ।

କଂଗ୍ରେସ ସୂତ୍ର ଅନୁଯାୟୀ ଦୀପକ ବାବରିଆ ପାର୍ଟି ହାଇକମାଣ୍ଡଙ୍କ ସହ ଏନେଇ ଆଲୋଚନା କରୁଛନ୍ତି । ଡିପିସିସିରେ ହୋଇଥିବା ସଙ୍କଟ ସମ୍ପର୍କରେ ସେ ପାର୍ଟି ଲାଇନରେ ମଲ୍ଲିକାର୍ଜୁନ ଖଡଗେଙ୍କ ସହ ପରାମର୍ଶ କରିବେ ବୋଲି କୁହାଯାଇଛି ।

ସୂଚନାଯୋଗ୍ୟ ଯେ, କହ୍ନୈୟା କୁମାରଙ୍କୁ କଂଗ୍ରେସ ଉତ୍ତର ପୂର୍ବ ଦିଲ୍ଲୀରୁ ପ୍ରାର୍ଥୀ କରିଛି । ନିକଟରେ କଂଗ୍ରେସ ନିଜର ନିର୍ବାଚନୀ କାର୍ଯ୍ୟାଳୟର ଉଦଘାଟନ୍ କରିଥିଲା । ଏଥିରେ କେବଳ ରାହୁଲ ଗାନ୍ଧି, କେଜ୍ରିୱାଲଙ୍କ ସହିତ କହ୍ନୈୟାଙ୍କ ଫଟୋ ଲାଗିଥିବା ଦେଖିବାକୁ ମିଳିଥିଲା । ଏହାବାଦ୍ ଅନ୍ୟ କୌଣସି ବରିଷ୍ଠ ନେତାଙ୍କୁ ଏହି ପୋଷ୍ଟରରେ ସ୍ଥାନ ଦିଆଯାଇ ନଥିଲା । ଯାହାକୁ ନେଇ ମଧ ଦଳରେ ବିବାଦ ଉପୁଜିଛି ।

# ବେଙ୍ଗାଲୁରୁକୁ ଜିତାଇଲେ କୋହଲି, ଜ୍ୟାକ୍ସ

## ଆଇପିଏଲ୍ ମହାସମର

ଅହମ୍ମଦାବାଦ, ୨୮।୪ (ଏଜେନ୍ସି) : ଚଳିତ ଆଇପିଏଲ୍‌ରେ ଭଲ ଖେଳିଥିଲେ ବି ପ୍ରଶଂସକଙ୍କୁ ନିରାଶ କରିଥିବା ରୟାଲ୍ସ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଶେଷରେ ବିଜୟଧାରାକୁ ଫେରିଛି । ରବିବାର ଗୁଜରାଟ ଟାଇଟନ୍ସ ବିପକ୍ଷ ହାଇସ୍କୋରିଂ ମ୍ୟାଚ୍‌ରେ ବେଙ୍ଗାଲୁରୁ ବିରାଟ କୋହଲିଙ୍କ ୭୦ ଓ ୱିଲ୍ ଜ୍ୟାକ୍ସଙ୍କ ୧୦୦ ରନର ଜମାଣିଆ ଇନିଂସ ବଳରେ ୨୪ ବଲ ପୂର୍ବରୁ ୯ ୱିକେଟରେ ଗୁଜରାଟ ଟାଇଟନ୍ସକୁ ହରାଇଛି । ତେଣୁ ଚଳିତ ସିଜନରେ ୧୦ ମ୍ୟାଚରୁ ତୃତୀୟ ବିଜୟ ହାସଲ କରିଛି ବେଙ୍ଗାଲୁରୁ । ପରାଜିତ ଗୁଜରାଟ ଟାଇଟନ୍ସ ୧୦ ମ୍ୟାଚ୍‌ରୁ ୮ପଏଣ୍ଟ ସହ ଟେବୁଲର ୭ମ ସ୍ଥାନରେ ରହିଛି ।

ଏକ ପ୍ରକାର ପ୍ଲେ-ଅଫ୍ସ ଦୌଡ଼ରୁ ଢେର ପଛକୁ ଚାଲି ଯାଇଥିବା ବେଙ୍ଗାଲୁରୁ ଅହମ୍ମଦାବାଦ ମ୍ୟାଚ୍‌ରେ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ତେଣୁ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଟାଇଟନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୨୦୦ ରନ କରିଥିଲା । ଏହାର ଜବାବରେ ରୟାଲ୍ସ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୬ ଓଭରରେ ଗୋଟିଏ ୱିକେଟ ହରାଇ ୨୦୬ ରନ କରି ଜିତିଥିଲା । ୪୧ ବଲରୁ ବିସ୍ଫୋରକ ୧୦୦ ରନର ଅପରାଜିତ ଇନିଂସ ଖେଳିଥିବା ୱିଲ୍ ଜ୍ୟାକ୍ସଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ଗୁଜରାଟର ଦୁଇ ଓପନର ଋଦ୍ଧିମାନ ଶାହା ଓ ଅଧିନାୟକ ଶୁଭମନ ଗିଲ୍ ପାଳି ଆରମ୍ଭ କରିଥିଲେ । ପ୍ରଥମ ଓଭରରେ ହିଁ ଋଦ୍ଧିମାନଙ୍କ ୱିକେଟ ହରାଇଥିଲା ଗୁଜରାଟ । ସେ ୪ ବଲରୁ ୫ ରନ କରି ସ୍ୱପ୍ନିଲ ସିଂହଙ୍କ ଶିକାର ହୋଇଥିଲେ । ପରେପରେ ଗିଲ୍ ୧୯ ବଲରୁ ୧୬ ରନ କରି ମ୍ୟାକ୍ସୱେଲଙ୍କ ବଲରେ କାମେରନ ଗ୍ରିନଙ୍କ ହାତରେ ଧରାପଡ଼ିଥିଲେ । ୪୫ ରନରେ ୨ ୱିକେଟ ହରାଇଥିବା ଗୁଜରାଟର ବ୍ୟାଟିଂ ମଙ୍ଗ ଧରିଥିଲେ ସାଇ ସୁଦର୍ଶନ ଓ ଶାହରୁଖ ଖାନ । ତୃତୀୟ ୱିକେଟ ପାଇଁ ଉଭୟଙ୍କ ମଧ୍ୟରେ ୮୬ ରନର ପାର୍ଟନରସିପ୍ ହୋଇଥିଲା ।

ଶାହରୁଖ ୩୦ଟି ବଲରୁ ୩ଟି ଚୌକା ଓ ୫ଟି ଛକା ସହାୟତାରେ ୫୮ ରନ କରିଥିଲେ । ସାଇ ସୁଦର୍ଶନ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୮ଟି ଚୌକା ଓ ୪ଟି ଛକା ସହାୟତାରେ ୪୯ ବଲରୁ ୮୪ ରନ କରିଥିଲେ । ଡେଭିଡ ମିଲର ୧୯ ବଲରୁ ୨୬ ରନ କରିବାରୁ ଦଳୀୟ ସ୍କୋର ୨୦୦ରେ ପହଞ୍ଚିଥିଲା । ବେଙ୍ଗାଲୁରୁର ସ୍ୱପ୍ନିଲ ସିଂହ, ମହମ୍ମଦ ସିରାଜ ଓ ଗ୍ଲେନ ମାକ୍ସୱେଲ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ସଫଳତା ହାସଲ କରିଥିଲେ ।



୨୦୧ ରନର ବିଜୟଲକ୍ଷ୍ୟକୁ ପିଛା କରିଥିଲା ବେଙ୍ଗାଲୁରୁ । ଆରମ୍ଭରୁ ବିରାଟ କୋହଲି ଓ ଫାଫ ଡୁ ପ୍ଲେସିସ୍ ଦଳକୁ ବିସ୍ଫୋରକ ଆରମ୍ଭ ଦେଇଥିଲେ । ଏପରିକି ଦଳୀୟ ସ୍କୋର ୩.୫ ଓଭରରେ ବେଳେ ୪୦ ରନ ଥିବାବେଳେ ଡୁପ୍ଲେସିସ୍ ୧୨ ବଲରୁ ୨୪ ରନ କରି ଆଉଟ ହୋଇଥିଲେ । ଏହି ଗୋଟିଏ ୱିକେଟ ପତନ ପରେ ଆଉ ୱିକେଟ ଝଡ଼ିବାକୁ ଦେଇ ନଥିଲେ କୋହଲି ତଥା ୱିଲ୍ ଜ୍ୟାକ୍ସ । ଦୁହେଁ ଦଳୀୟ ସ୍କୋରକୁ ୨୦୬/୧ରେ ପହଞ୍ଚାଇଥିଲେ ।

କୋହଲିଙ୍କ ଅପେକ୍ଷା ଅଧିକ ଆକ୍ରାମକ ଖେଳିଥିଲେ ୱିଲ୍ ଜ୍ୟାକ୍ସ । ସେ ୫ଟି ଚୌକା ଓ ୧୦ଟି ଛକା ସହାୟତାରେ ୪୧ ବଲରୁ ଅପରାଜିତ ୧୦୦ ରନ କରିଥିଲେ । କୋହଲି ୪୪ ବଲର ସମ୍ମୁଖୀନ ହୋଇ ୬ଟି ଚୌକା ଓ ୩ ଛକା ସହାୟତାରେ ୭୦ ରନ କରିଥିଲେ । ତେଣୁ ବେଙ୍ଗାଲୁରୁ ନିର୍ଦ୍ଧାରିତ କୋଟାର ୪ ଓଭର ବାକି ଥାଇ ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଇଥିଲା ।

### ଆଜିର ମ୍ୟାଚ

କୋଲକାତା- ଦିଲ୍ଲୀ
ସମୟ: ରାତି ୭.୩୦
ସ୍ଥାନ: ଇଡେନ୍
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

## ସୁପର କିଙ୍ଗ୍ସର ସୁପର ବିଜୟ

ଚେନ୍ନାଇ, ୨୮।୪ (ଏଜେନ୍ସି) : ୫ ଥର ଟାଇଟଲ ବିଜେତା ଚେନ୍ନାଇ ସୁପର କିଙ୍ଗ୍ସ ରବିବାର ନିଜ ଗଡ଼ରେ ସନରାଇଜର୍ସ ହାଇଦ୍ରାବାଦକୁ ଧରାଶାୟୀ କରିଛି । ହାଇସ୍କୋରିଂ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୩ ୱିକେଟ ହରାଇ ୨୧୨ ରନ କରିଥିଲା । ଜବାବରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୧୮.୫ ଓଭରରେ ୧୩୪ ରନ କରିବାକୁ ସକ୍ଷମ ହୋଇଥିଲା । ଚଳିତ ସଂସ୍କରଣରେ ଏହା ଚେନ୍ନାଇ ସୁପରକିଙ୍ଗସ୍‌ର ୫ମ ବିଜୟ ହୋଇଥିବାବେଳେ ସନରାଇଜର୍ସ ହାଇଦ୍ରାବାଦର ୪ର୍ଥ ପରାଜୟ ।

ନିଶ୍ଚିତ ବିଜୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ପକ୍ଷରୁ ଅଧିନାୟକ ଋତୁରାଜ ଗାଇକ୍ୱାଡ୍ ୯୮, ଡାର୍ଲି ମିଚେଲ ୫୨, ଶିବମ ଦୁବେ ୩୯, ଆଜିଙ୍କ୍ୟ ରାହାଣେ ୯ ଓ ଧୋନୀଙ୍କ ୫ ରନ ସହାୟତାରେ ଚେନ୍ନାଇ ୨୦ ଓଭରରେ ୩ ୱିକେଟ ହରାଇ ୨୧୨ ରନ କରିଥିଲା । ଜବାବରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୨୧୩ ରନକୁ ପିଛା କରି ୧୩୪ ରନ କରିବାକୁ ସକ୍ଷମ ହୋଇଥିଲା । ବିଗତ ମ୍ୟାଚଗୁଡ଼ିକରେ ବିଧ୍ୱଂସୀ ପ୍ରଦର୍ଶନ ଦେଖାଇଥିବା ସନରାଇଜର୍ସ ରବିବାର ମ୍ୟାଚରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କଲାଭଳି ଖେଳିଥିଲା । ଓପନର ଟ୍ରେଭିସ ହେଡ୍ ୧୩, ଅଭିଶେକ ଶର୍ମା ୧୫, ଆଦିନ ମାର୍କ୍ରାମ ୩୨, ନୀତୀଶ କୁମାର ୧୫, ହେନରିଚ କ୍ଲାସେନ ୨୦ ଓ ଅବଦୁଲ ସମଦ ୧୯ ରନ କରିଥିଲେ । ଚେନ୍ନାଇର ଦେଶପାଣ୍ଡେ ସର୍ବାଧିକ ୪ଟି, ମାଥିସା ପଥିରାନା ଓ ମୁସ୍ତାଫିଜ ରହମାନ ୨ଟି କରି ତଥା ରବୀନ୍ଦ୍ର ଜାଡେଜା ଓ ସାର୍ଦ୍ଦୁଲ ଠାକୁର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
| --- | --- | --- | --- | --- |
| ରାଜସ୍ଥାନ | ୯ | ୮ | ୧ | ୧୬ |
| କୋଲକାତା | ୮ | ୫ | ୩ | ୧୦ |
| ଚେନ୍ନାଇ | ୯ | ୫ | ୪ | ୧୦ |
| ସନ୍‌ରାଇଜର୍ସ | ୯ | ୫ | ୪ | ୧୦ |
| ଲକ୍ଷ୍ନୌ | ୯ | ୫ | ୪ | ୧୦ |
| ଦିଲ୍ଲୀ | ୧୦ | ୫ | ୫ | ୧୦ |
| ଗୁଜରାଟ | ୧୦ | ୪ | ୬ | ୮ |
| ପଞ୍ଜାବ | ୯ | ୩ | ୬ | ୬ |
| ମୁମ୍ବାଇ | ୯ | ୩ | ୬ | ୬ |
| ବେଙ୍ଗାଲୁରୁ | ୧୦ | ୩ | ୭ | ୬ |

## ଜାତୀୟସ୍ତରୀୟ ରେଫରୀ ଉତ୍କଳମଣିଙ୍କୁ ସମ୍ବର୍ଦ୍ଧନା

ପାଞ୍ଚପୀଢ, ୨୮।୪ (ସବ୍ୟୁ) : ଭାରତୀୟ ଫୁଟବଲ ଫେଡରେସନ୍ ଆନୁକୂଲ୍ୟରେ ମଧ୍ୟପ୍ରଦେଶ ଗ୍ୱାଲିଅରଠାରେ ଅନୁଷ୍ଠିତ ଜାତୀୟ ରେଫେରୀ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ସାରଙ୍ଗଗଡ଼ ପଞ୍ଚାୟତର ସୁନାମଧନ୍ୟ ରେଫାରୀ ଉତ୍କଳମଣି ବେହେରା କୃତକାର୍ଯ୍ୟ ହୋଇ ଏହି ଅଞ୍ଚଳ ପାଇଁ ଗୌରବ ଆଣି ଆଣିଛନ୍ତି ।

ଏହି ଉପଲକ୍ଷେ ରବି ବାର ଦିନ ଖରର କରଞ୍ଜିଆ କ୍ରୀଡା ସଂସଦ ଗୃହ ରେ ଉପ ସଭାପତି ଡ଼ା: ଜନାର୍ଦ୍ଦନ ଚୌଧୁରୀଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ସମାରୋହ ଅନୁଷ୍ଠିତ ହୋଇଥିଲା । ଶ୍ରୀ ବେହେରା ୨୦୧୫ ମସିହାରେ ଜିଲ୍ଲାସ୍ତରୀୟ ,୨୦୧୭ ମସିହାରେ ରାଜ୍ୟ ସ୍ତରୀୟ ଓ ୨୦୨୪ ମସିହାରେ ଜାତୀୟ ସ୍ତରୀୟ ରେଫେରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ବର୍ତ୍ତମାନ ସେ ମୟୂରଭଞ୍ଜ ରେଫାରୀ ସଂଘ ର ସାଧାରଣ ସମ୍ପାଦକ ଥିବା ସହିତ କେନ୍ଦୁଝର ଜିଲ୍ଲା ବଡ଼ବିଲ ଜିନ୍ଦଲ ଷ୍ଟିଲ ସ୍ପୋର୍ଟସ ହଷ୍ଟେଲ ରେ ପ୍ରଶିକ୍ଷକ ଭାବରେ କାର୍ଯ୍ୟରତ । ତାଙ୍କ ସଫଳତା ବିଷୟରେ ସଂସଦର ଆଜୀବନ ସଭ୍ୟ ଗଜେନ୍ଦ୍ର ନାଥ ସାହୁ, ଗୌରୀ ଶଙ୍କର ସିହ୍ନା, ଅଭିମନ୍ୟୁ ତ୍ରିପାଠୀ, କାବୁଲୁ ଚନ୍ଦ୍ର ରାଉଳ, ସନ୍ତୋଷ କୁମାର ଦାସ, ମନମୋହନ ସାମଲ, ନଳିନୀ ଚନ୍ଦ୍ର ଘଣା, ଶ୍ରୀକାନ୍ତ ପରିଡ଼ା, ସୁବାସ ଚନ୍ଦ୍ର ମହାନ୍ତି, ଦୀପକ କୁମାର ଦାସ ଅଧିକାରୀ ପ୍ରମୁଖ ବିଶ୍ଲେଷଣ କରିଥିଲେ । ତାଙ୍କୁ ଆସୋସିଏସନ୍ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ ସହ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା । ଶେଷରେ ସଂସଦ ସମ୍ପାଦକ ପ୍ରଭାକର ବାଗ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ ସେ ଜଣେ ରାଜ୍ୟ ସ୍ତରୀୟ ଫୁଟବଲ ଖେଳାଳୀ ଭାବେ ଜଣାଶୁଣା ଥିବା ସହ ଜିଲ୍ଲାକୁ ବହୁ ପ୍ରତିଯୋଗୀତାରେ ପ୍ରତିନିଧି କରି ଅଞ୍ଚଳର ଗୌରବ ବଢାଇ ପାରିଛନ୍ତି ।

## ହ୍ୱିଲ ଚେୟାର ଫେନ୍ସିଂ ଏସିଆନ ଚାମ୍ପିଅନସିପ: ରାଖାଲଙ୍କୁ ବ୍ରୋଞ୍ଜ

ଭଣ୍ଡାରିପୋଖରୀ, ୨୮।୪ (ସବ୍ୟୁ) : ଥାଇଲ୍ୟାଣ୍ଡ ରାଜଧାନୀ ବ୍ୟାଙ୍କକରେ ଅନୁଷ୍ଠିତ ହ୍ୱିଲ ଚେୟାର ଫେନ୍ସିଂ ଏସିଆନ ଚାମ୍ପିଅନସିପରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି । ଭଣ୍ଡାରିପୋଖରର ସନ୍ତାନ ରାଖାଲ ସେଠୀ ଭାରତୀୟ ଦଳର ଅଧିନାୟକ ଭାବେ ଏହି ପଦକ ହାସଲ କରିଛନ୍ତି । ପ୍ରତି ୪ ବର୍ଷରେ ଅନୁଷ୍ଠିତ ଏହି ଚାମ୍ପଅନସିପର କ୍ୱାଟର ଫାଇନାଲ ମ୍ୟାଚରେ ଭାରତୀୟ ଦଳ ହଂକଂକୁ ୪୫/୪୮ ସେଟରେ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଥିଲା । ସେମିଫାଇନାଲରେ ଲଢୁଆ ଖେଳ ପ୍ରଦର୍ଶନ କରି ଶକ୍ତିଶାଳୀ ଇରାକ ଦଳ ଠାରୁ ୩୫/୪୫ ସେଟରେ ପରାଜିତ ହୋଇଥିଲେ । ତୃତୀୟ ସ୍ଥାନ ହାସଲ ପାଇଁ ଜାପାନ ସହ ଦଳଗତ ମୁକାବିଲାରେ ଭାରତୀୟ ଦଳ ୪୫/୪୨ ସେଟରେ ବିଜୟ ହାସଲ କରି ବ୍ରୋଞ୍ଜ ପଦକ ଜିଣିଥିଲା । ଏହି ସଫଳତା ପାଇଁ ରାଖାଲଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଅଭିନନ୍ଦନ ଜଣାଇଛନ୍ତି ।




SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

## ୨୦ ବର୍ଷରୁ କମ ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍
## କିଟ୍ ଛାତ୍ରଛାତ୍ରୀଙ୍କ ସଫଳତା



ଭୁବନେଶ୍ୱର, ୨୮।୪ (ସବ୍ୟୁ) : ଦୁବାଇରେ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୨୧ତମ ଏସିଆନ ୨୦ ବର୍ଷରୁ କମ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ କିଟ୍/କିସ୍ ଛାତ୍ରଛାତ୍ରୀଙ୍କୁ ପଦକ ସଫଳତା ମିଳିଛି । ଡିଏମ୍ ଜୟରାମ ଓ ମହେନ୍ଦ୍ର ସନ୍ତ ୪ଗୁଣା ୧୦୦ ମିଟର ରିଲେ ଦଳରେ ଅଂଶ ଗ୍ରହଣ କରି ବ୍ରୋଞ୍ଜ ପଦକ ସଫଳତା ହାସଲ କରିଛନ୍ତି । ଭାରତୀୟ ଦଳ ଫିନିସିଂ ଲାଇନକୁ ୪୦.୦୧ ସେକେଣ୍ଡ ସମୟରେ ଅତିକ୍ରମ କରି ତୃତୀୟ ସ୍ଥାନ ଅଧିକାର କରିଥିଲା । ପୂର୍ବରୁ ୪୦.୫୬ ସେକେଣ୍ଡ ଜାତୀୟ ଜୁନିଅର ରେକର୍ଡ଼ ଥିଲା । ଏହି ରେକର୍ଡ଼କୁ ଭଙ୍ଗ କରିଛି ଭାରତୀୟ ରିଲେ ଦଳ । ଅନ୍ୟତମ କିସ୍ ଛାତ୍ରୀ ସବିତା ଟପ୍ପୋ ୧୦୦ ମିଟର ହର୍ଡଲ୍ସରେ ଜୁନିଅର ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ ଯୋଗ୍ୟତା ହାସଲ କରିଛନ୍ତି । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତା ଚଳିତ ବର୍ଷ ଅଗଷ୍ଟରେ ପେରୁରେ ଆୟୋଜିତ ହେବ । କିଟ୍ ଛାତ୍ର ସିଦ୍ଧାର୍ଥ ଚୌଧୁରୀ ପୁରୁଷ ସଟ୍‌ପୁଟ୍‌ରେ ୧୯.୦୨ ମିଟର ଫିଙ୍ଗି ବ୍ରୋଞ୍ଜ ପଦକ ଜିତିଛନ୍ତି । ଜୟରାମ, ମହେନ୍ଦ୍ର ଓ ସବିତା ଅଧୁନା ଓଡ଼ିଶା ରିଲାଏନ୍ସ ହାଇ ପରଫର୍ମାନ୍ସ ସେଣ୍ଟରରେ କୋଚ ରୋହିତ ମାନେ ଓ ଟ୍ରେନର ସିଦ୍ଧାର୍ଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଛନ୍ତି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପଦକ ସଫଳତା ପାଇଁ ଶୁଭକାମନା ଜଣାଇଛନ୍ତି ।

## ଆର୍ଚେରୀ ବିଶ୍ୱକପ: ଭାରତକୁ ୭ ପଦକ

ନୂଆଦିଲ୍ଲୀ, ୨୮।୪ (ଏଜେନ୍ସି) : ଆର୍ଚେରୀ ବିଶ୍ୱକପରେ ଭାରତୀୟ ଦଳ ସାଂଘାଇରେ ଇତିହାସ ରଚିଛି । ବିଶ୍ୱକପ ଷ୍ଟେଜ-୧ ପ୍ରତିଯୋଗିତାରେ ଭାରତ ମୋଟ ୭ଟି ପଦକ ଜିତିଛି । ଏଥିରୁ ୫ଟି ସ୍ୱର୍ଣ୍ଣ ପଦକ । ଭାରତୀୟ ପୁରୁଷ ରିକର୍ଭ ଦଳ ଦକ୍ଷିଣକୋରିଆକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ସହ ଇତିହାସ ରଚିଛି । ଦ.କୋରିଆ ବିପକ୍ଷ ମୁକାବିଲାରେ ଭାରତ ୫-୧ ବ୍ୟବଧାନରେ ଜମାଣିଆ ବିଜୟ ହାସଲ କରିଥିଲା । ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଭାରତୀୟ ଆର୍ଚେରୀ ଦଳର ପ୍ରଦର୍ଶନ ଉଚ୍ଚକୋଟିର ରହିଛି ।

ମିକ୍ସଡ୍ ରିକର୍ଭରେ ଭାରତୀୟ ପ୍ରତିଯୋଗୀ ଅଙ୍କିତା ଭକତ ଓ ଧୀରଜ ବ୍ରୋଞ୍ଜ ପଦକ ଜିତିଛନ୍ତି । ସେହିଭଳି କମ୍ପାଉଣ୍ଡ ବ୍ୟକ୍ତିଗତ ବର୍ଗରେ ଜ୍ୟୋତି ସୁରେଖା ଭେନମ ସ୍ୱର୍ଣ୍ଣ ପଦକ ଓ ପୁରୁଷ ବର୍ଗରେ ପ୍ରିୟାସ ରୌପ୍ୟ ପଦକ ହାତେଇଛନ୍ତି । କମ୍ପାଉଣ୍ଡ ବର୍ଗରେ ଭାରତ ୩ଟି ସ୍ୱର୍ଣ୍ଣ ପଦକ ଜିତିଛି । ପୁରୁଷ ଟିମ୍ ସ୍ୱର୍ଣ୍ଣ ମୁକାବିଲାରେ ନେଦରଲାଣ୍ଡସ୍‌କୁ, ମହିଳା ଟିମ୍ ପ୍ରତିପକ୍ଷ ଇଟାଲି ଏବଂ ମିକ୍ସଡ୍ ଟିମ୍ (ଜ୍ୟୋତି - ଅଭିଶେକ) ଇସ୍ତୋନିଆକୁ ହରାଇ ସ୍ୱର୍ଣ୍ଣ ଜିତିଛି ।

AT KURANGA PHULNAKHARA
Meera's COURTYARD
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

## ଭୁବନେଶ୍ୱର ସ୍କୁଲ ଚେସ୍ ଚାମ୍ପିଅନସିପ୍ : ତ୍ରିଦେବ ବିଜେତା

ଭୁବନେଶ୍ୱର, ୨୮।୪ (ସବ୍ୟୁ) : ଭୁବନେଶ୍ୱର ଚେସ ଆସୋସିଏସନ ଆନୁକୂଲ୍ୟରେ କେଶୁରା ସ୍ଥିତ ରୟାଲ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ୩୭ତମ ଭୁବନେଶ୍ୱର ସ୍କୁଲ ଚେସ୍ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି । ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ର ତ୍ରିଦେବ ତୀର୍ଥଙ୍କର ଚାମ୍ପିଅନ ହୋଇଛନ୍ତି । ସେହିଭଳି ନମସ୍ୟା ନଳିନୀ ଦ୍ୱିତୀୟ, ସାଇରଞ୍ଜନ ମିଶ୍ର ତୃତୀୟ, ସାଇ ବିଦ୍ୟାଶ୍ରୀ, ସାଇ କ୍ରିଷ୍ଣା ସାମଲ, ଦେବସ୍ମିତା ପାଣି, ଉଦୟ ପରିଡ଼ା, ଅନୁଭବ ଦାସ, ଆର୍ଯ୍ୟନ୍ସ ମିଶ୍ର ଓ ସାତ୍ତ୍ୱିକ ପଟ୍ଟନାୟକ ଯଥାକ୍ରମେ ୪ଥରୁ ୧୦ମ ସ୍ଥାନ ମଧ୍ୟରେ ରହିଛନ୍ତି । ୮, ୧୦, ୧୨, ୧୪ ଓ ବାଳିକା ବର୍ଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅନିରୁଦ୍ଧ ପଥୀ, ରେୟନ୍ସ ମହାନ୍ତି, ଆର୍ଯ୍ୟନ ତ୍ରିପାଠୀ, ସୌମ୍ୟଜିତ ପଟ୍ଟନାୟକ, ଶିବହରି ସନ୍ଥ, ରୋହିତ ଦାସ ଓ ସମର୍ଥ ପ୍ରତୀକ ପାଢଶାଣୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଲୁଇସ ରୋଡ଼ ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଧିକାରୀ ବାସୁଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।

## ରାଜ୍ୟ କରାଟେ ସଂଘ ନିର୍ବାଚନ
## ହରି ପଟ୍ଟନାୟକ ସଭାପତି, ଗୌରୀ ମହାନ୍ତି ସମ୍ପାଦକ




ଭୁବନେଶ୍ୱର, ୨୮।୪ (ସବ୍ୟୁ) : ଓଡ଼ିଶା ରାଜ୍ୟ କରାଟେ ଡୋ' ସଂଘର ନିର୍ବାଚନ ଓ ବାର୍ଷିକ ଅଧିବେଶନ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଭବିଷ୍ୟତରେ କରାଟେ କ୍ରୀଡ଼ାର ପ୍ରଚାର ଓ ପ୍ରସାର ତଥା ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଉନ୍ନତ ପ୍ରଦର୍ଶନ କରିବା ନିମନ୍ତେ ଆଲୋଚନା ଓ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

୨୦୨୪ରୁ ୨୦୨୭ ପର୍ଯ୍ୟନ୍ତ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ହରିପ୍ରସାଦ ପଟ୍ଟନାୟକ ସଭାପତି ଓ ଗୌରୀ ମହାନ୍ତି ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ସୌର୍ଯ୍ୟ ରଞ୍ଜନ ସାସ୍ମଲ, ପ୍ରଶାନ୍ତ ଧଳ, ପ୍ରଦୀପ କୁମାର ସରକାର ଉପସଭାପତି, ଖାରବେଳ ମଲ୍ଲିକ କୋଷାଧକ୍ଷ ଓ ଅରବିନ୍ଦ ପଟ୍ଟନାୟକ, ଦୀପକ କୁମାର ସାମନ୍ତରା, ଜୟଦେବ ପଟ୍ଟନାୟକ, ରାଜୀବ କୁମାର ସିଂହ, ସନ୍ତୋଷ କୁମାର ମହାରଣା, ଚିତ୍ତରଞ୍ଜନ ସ୍ୱାଇଁ, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ ।

ସଂଘର ନିର୍ବାଚନକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଡ୍‌ଭୋକେଟ ଶୁଭାଶିଷ ମହାପାତ୍ର ଇଲେକ୍ସନ ଅଫିସର ଭାବେ ସମ୍ପାଦନ କରିଥିଲେ । ସୌର୍ଯ୍ୟରଞ୍ଜନ ପରିଜା ଓଡ଼ିଶା ଅଲିମ୍ପିକ ସଂଘ ତରଫରୁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି